

ଇସ୍ତଫା ଦେଲେ ବ୍ରିଟେନର ଉପ ପ୍ରଧାନମନ୍ତ୍ରୀ ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 166 | ଭାଗ ୩୩ | ସଂଖ୍ୟା ୧୬୬ | Saturday 6 September 2025 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୬ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ପୁଣି ମୁମ୍ବାଇକୁ ମିଛ ଆତଙ୍କବାଦୀ ଧମକ



- ପୂରା ମହାନଗରୀରେ ହାଇ ଆଲର୍ଟ
- ୧୪ ଆତଙ୍କୀ ପ୍ରବେଶ ନେଇ ଦାବି
- ପାଖରେ ଅଛି ୩୪ ବୋମା ଓ ୪ କ୍ୱିଣ୍ଟାଲ୍ ଆର୍‌ଡିଏକ୍ସ

**ମୁମ୍ବାଇ,୫।୯:** ବାଣିଜ୍ୟ ନଗରୀ ମୁମ୍ବାଇକୁ ପୁଣିଥରେ ଆତଙ୍କୀମାନେ ଟାର୍ଗେଟ୍ କରିଛନ୍ତି। ଇତିମଧ୍ୟରେ ସହରରେ ୧୪ ଜଣ ଆତଙ୍କୀ ପ୍ରବେଶ କରିଥିବା ନେଇ ମୁମ୍ବାଇ ଟ୍ରାଫିକ ପୁଲିସକୁ ଆସିଥିବା ଏକ ଧମକପୂର୍ଣ୍ଣ ମେସେଜ୍‌ରେ ଦାବି କରାଯାଇଛି। ଏହି ମେସେଜ୍ କଣ୍ଟ୍ରୋଲ ରୁମକୁ ଆସିଥିବା ବେଳେ ଏଥିରେ ମୁମ୍ବାଇରେ ପ୍ରବେଶ କରିଥିବା ଆତଙ୍କୀଙ୍କ ପାଖରେ ୪ କ୍ୱିଣ୍ଟାଲ୍ ଆର୍‌ଡିଏକ୍ସ ମଧ୍ୟ ରହିଥିବା କୁହାଯାଇଛି। ସେମାନେ ସମସ୍ତେ ପାକିସ୍ତାନର ନାଗରିକ ହୋଇଥିବା ବେଳେ ସେମାନଙ୍କ ପାଖରେ ପୃଷ୍ଠା-୬

### ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

# ଛାତ୍ରଛାତ୍ରୀଙ୍କ ମେଣ୍ଟର ହୁଅନ୍ତୁ ଶିକ୍ଷକ: ମୁଖ୍ୟମନ୍ତ୍ରୀ

- ଝାରସୁଗୁଡା ଶ୍ରେଷ୍ଠ, ୨ରେ ଖୋର୍ଦ୍ଧା ଓ ୩ରେ ଜଗତସିଂହପୁର
- ୭୦ ମାଧ୍ୟମିକ ଶିକ୍ଷକ ପୁରସ୍କୃତ
- ପଢ଼ିବା, ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ



**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ଆଜିକାଲି ବିଭିନ୍ନ କ୍ଷେତ୍ରରେ ସୁଯୋଗ ଅସିମୀତ। ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରିବା ସହ ସେମାନଙ୍କୁ ନିଜ ଇଚ୍ଛାରେ ଉଡ଼ିବାକୁ ଦିଅନ୍ତୁ। ସ୍ୱପ୍ନ ଦେଖିବାକୁ ସୁଯୋଗ ଦିଅନ୍ତୁ ଓ ସ୍ୱପ୍ନକୁ ପୂରଣ କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ ଶିକ୍ଷକମାନେ କାମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏଠାରେ ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଯୋଗଦେଇ ମତ ବ୍ୟକ୍ତ କରିଛନ୍ତି।

ଏହି ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମହାନ ରାଷ୍ଟ୍ରନୀତିଜ୍ଞ, ଆଦର୍ଶ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ଡଃ ରାଧାକ୍ରିଷ୍ଣନ ପ୍ରତ୍ୟେକ ବିଦ୍ୟାର୍ଥୀ ତଥା ପ୍ରତ୍ୟେକ ଶିକ୍ଷକଶିକ୍ଷୟିତ୍ରୀଙ୍କ ପାଇଁ ଆଦର୍ଶ। ସେ କେବଳ ଜଣେ ବିଶିଷ୍ଟ ଶିକ୍ଷାବିତ, ଦାର୍ଶନିକ କିମ୍ବା ରାଷ୍ଟ୍ରନୀତିଜ୍ଞ ନଥିଲେ, ବରଂ ଭାରତବର୍ଷର ଜଣେ ଶ୍ରେଷ୍ଠ ଗୁରୁ ଭାବେ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଥିଲେ। ଆଜିର ଶିକ୍ଷା ପଦ୍ଧତିରେ ଆମ ପାଇଁ ୨ଟି ବଡ଼ ଆହ୍ୱାନ ରହିଛି। ପ୍ରଥମଟି ଡ୍ରପଆଉଟ୍ ହାରକୁ ରୋକିବା ଓ ଦ୍ୱିତୀୟଟି ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ବ୍ୟବସ୍ଥା। ଡ୍ରପ ଆଉଟ୍ ହାରକୁ ରୋକିବା ପାଇଁ ମିଡ୍ ଡେ ମିଲ ବା ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଏକ ସଫଳ ପଦକ୍ଷେପ ସାବ୍ୟସ୍ତ ହୋଇଛି। ବର୍ତ୍ତମାନ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି ଓ ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଜନଜାତି ବର୍ଗର ପିଲାମାନଙ୍କୁ ମଧ୍ୟ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଜରିଆରେ ସହାୟତା ପ୍ରଦାନ କରାଯାଉଛି। ଏହିସବୁ ଯୋଜନା ଆଗାମୀ ଦିନରେ ଡ୍ରପଆଉଟ୍ ହାର କମ୍ ପୃଷ୍ଠା-୬

### ନିଯୁକ୍ତ ହେବେ ୪୪,୪୩୩ ଶିକ୍ଷକ

ଆଗାମୀ ଦିନରେ ରାଜ୍ୟ ସରକାର ୪୪ ହଜାର ୪୩୩ ଶିକ୍ଷକ ନିଯୁକ୍ତି ଦେବେ। ସେହିପରି ପ୍ରତିବର୍ଷ ୧୫ ହଜାର ଶିକ୍ଷକ ନିଯୁକ୍ତି କରିବା ପାଇଁ ବି ନିଷ୍ପତ୍ତି ହୋଇଛି। ଶିକ୍ଷକ ଅଭାବ ସମସ୍ୟାର ସମାଧାନ ହେବ। ଭତ୍ତା ପାଇବା ପାଇଁ ବୟସ ଜାଲିଆତି କରୁଥିବା ଲୋକଙ୍କ ଉପରେ ଖୁବଶୀଘ୍ର ନିଆଯିବ କାର୍ଯ୍ୟାନୁଷ୍ଠାନ। ଯେଉଁମାନେ ୩୫୦୦ ଟଙ୍କା ପାଇବା ପାଇଁ ବୟସ ଜାଲିଆତି କରୁଛନ୍ତି, ବିଭାଗ ପକ୍ଷରୁ ତା'ର ତର୍ଜମା କରାଯାଇଛି। ସବୁଗୁଡ଼ିକୁ ତନ୍ନ ତନ୍ନ କରି ଯାଞ୍ଚ କରିବା ସକାଶେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଯିଏ ପାଇବାକୁ ଯୋଗ୍ୟ ସେମାନଙ୍କୁ ଚିହ୍ନଟ କରାଯାଇ ଭତ୍ତା ଦିଆଯିବ ବୋଲି ଆଜି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ଏଥିସହ ସେ ଭତ୍ତା ପାଇବା ପାଇଁ ବୟସ ଜାଲିଆତି କରୁଥିବା ଲୋକମାନଙ୍କୁ ଚେତାବନୀ ଦେଇଛନ୍ତି। ସେମାନଙ୍କ ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସାଢ଼େ ୩ ହଜାର ଟଙ୍କା ଭତ୍ତା ପାଇଁ ବୟସ ଜାଲିଆତି ହୋଇଥିବା ଜଣାପଡ଼ିଥିବା ବେଳେ ଏହି ମାମଲାର ତଦନ୍ତ ଜାରି ରହିଛି ବୋଲି ଶ୍ରୀ ଗଣ୍ଡ କହିଛନ୍ତି।

## ଉତ୍ତର ଓଡ଼ିଶା ପିଛା ଛାଡୁନି ବନ୍ୟା

- ଫୁଲୁଛି ବୈତରଣୀ ଓ ସୁବର୍ଣ୍ଣରେଖା
- ଯାଜପୁର-ଆରଡି ରାସ୍ତାରେ ବନ୍ୟା ପାଣି
- ସମ୍ବଲପୁର-ସୁବର୍ଣ୍ଣପୁର ଯୋଗାଯୋଗ ବିଚ୍ଛିନ୍ନ



**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଯୋଗୁ ପୁଣି ଥରେ ବୈତରଣୀ, ସୁବର୍ଣ୍ଣରେଖା ଓ ଏହାର ଶାଖା ନଦୀଗୁଡିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସେପଟେ ହୀରାକୁଦର ୨୪ଟି ଗେଟ୍ ଖୋଲିବାରୁ ଗୁଣ୍ଡେରପୁର ବ୍ରିଜ ଉପରେ ପାଣି। ସମ୍ବଲପୁର-ସୁବର୍ଣ୍ଣପୁର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ। ଉପରମୁଣ୍ଡରେ ବର୍ଷା ଜାରି ରହିଲେ ମହାନଦୀରେ ମଧ୍ୟ ବନ୍ୟା ପରିସ୍ଥିତି ଉପୁଜିପାରେ। କାରଣ ଆସନ୍ତା ୧୦ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଉତ୍ତର ଓଡ଼ିଶାରେ ବୈତରଣୀ, ସାଳନ୍ଦୀ, ଜଳକା ଫୁଲୁଛନ୍ତି। ତେଣୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଦେଖା ଦେଇଛି ବନ୍ୟା ପରିସ୍ଥିତି। ଜଳବନ୍ଦୀ ଜୀବନ ବିତାଉଛନ୍ତି ବହୁ ଲୋକ। ହଜାର ହଜାର ହେକ୍ଟର ଚାଷ ଜମି ବୁଡ଼ିଛି ପାଣିରେ। ବୈତରଣୀ ଓ ସାଳନ୍ଦୀର ପାଣି ପୃଷ୍ଠା-୬

### ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

## ଗୁରୁ ଅଭିନବ ଶୈଳୀ ପ୍ରେରଣାଦାୟୀ: ଧର୍ମେନ୍ଦ୍ର

- ଶିକ୍ଷକ ସମାଜକୁ ମାର୍ଗଦର୍ଶନ ଦେଇଥିବାରୁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଲେ
- ଡଃ ରାଧାକ୍ରିଷ୍ଣନଙ୍କୁ ଦେଲେ ଶ୍ରଦ୍ଧାଞ୍ଜଳି
- ଓଡ଼ିଶାର ବସନ୍ତ ରଣା ଓ ତରୁଣ ଦାଶ ସମ୍ମାନିତ




**ନୂଆଦିଲ୍ଲୀ,୫।୯:** ପବିତ୍ର 'ଗୁରୁ ଦିବସ'ରେ ଶୁକ୍ରବାର ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ସମେତ ଦେଶର ୮୧ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ସମ୍ମାନଜନକ 'ଜାତୀୟ ଶିକ୍ଷକ ପୁରସ୍କାର- ୨୦୨୫' ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗର ୪୫ ଜଣ, ଉଚ୍ଚ ଶିକ୍ଷା ବିଭାଗର ୨୧ ଜଣ ଗୁରୁ ଏବଂ ଅନ୍ୟ ବିଭାଗର ଶିକ୍ଷକମାନେ ଏହି ସମ୍ମାନ ପାଇଛନ୍ତି। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ପ୍ରତିଭାବାନ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷା ପୁରସ୍କାରରେ ସମ୍ମାନିତ କରିବା ସହ ଆଶୀର୍ବାଦ ଓ ମାର୍ଗଦର୍ଶନ ଦେଇଥିବାରୁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସେ 'ଗୁରୁ ଦିବସ'ର ଶୁଭେଚ୍ଛା ଜଣାଇବା ସହ ସମ୍ମାନିତ ଶିକ୍ଷାବିତମାନଙ୍କୁ ପୃଷ୍ଠା-୬

### ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ

- ଖରାପ ପାଗ ପାଇଁ କୋଲ୍‌କାତାରେ ଲ୍ୟାଣ୍ଡ୍ କରିଥିଲା ବିମାନ

**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** କିଛିଦିନ ହେଲା ଦିଲ୍ଲୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ଫେରିଛନ୍ତି। ତେବେ ଆଜି ପୂର୍ବାହ୍ନରେ ଶ୍ରୀ ମାଝୀ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲେ ହେଁ ଖରାପ ପାଗ ଏଥିରେ ବାଧକ ସାଜିଥିଲା। ଦିଲ୍ଲୀରୁ ମୁଖ୍ୟମନ୍ତ୍ରୀ ଫେରୁଥିବା ସମୟରେ ଏୟାର୍ ଇଣ୍ଡିଆର ୪୭୩ ବିମାନଟି ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିପାରିନଥିଲା। ଫଳସ୍ୱରୂପ ଏହା କୋଲକାତାରେ ଲ୍ୟାଣ୍ଡ୍ କରିଥିଲା। ପରେ ପାଗରେ ସୁଧାର ଆସିବାରୁ ମୁଖ୍ୟମନ୍ତ୍ରୀ କୋଲକାତାରୁ ବିମାନ ଯୋଗେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ଏଠାକାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି ଯେ ଦିଲ୍ଲୀରେ ଜିଏସଟି କାଉନସିଲ ବୈଠକରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ପୃଷ୍ଠା-୬

### ରାଜ୍ୟକୁ ଆସିବ ୬୦୦ ଇ-ବସ୍

**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ଖୁବ୍‌ଶୀଘ୍ର ଓଡ଼ିଶାକୁ ଆସିବ ୬୦୦ ଇ-ବସ୍। ରାଜ୍ୟରେ ପାଖାପାଖି ୧ ହଜାର ଇ-ବସ୍‌ର ଆବଶ୍ୟକତା ଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ୬୦୦ ଇ-ବସ୍ ଚଳାଚଳ କରିବ। ଅତି ନିକଟରେ ରାଜ୍ୟକୁ ୨୫ଟି ଓ-ବସ୍ ମିଳିବ, ଯାହା ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ସମ୍ବଲପୁରରେ ଚଳାଚଳ କରିବ ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର। ସେ କହିଛନ୍ତି ଯେ ପରିବେଶ ସୁରକ୍ଷା ପାଇଁ ଇ-ବସ ଅଧିକ ପରିମାଣର ଚଳାଚଳ କରିବା ସକାଶେ ରାଜ୍ୟ ସରକାର ଯୋଜନା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ମଧ୍ୟ ଓଡ଼ିଶାକୁ ୪୦୦ଟି ଇ-ବସ ପ୍ରଦାନ କରିବେ ବୋଲି କହିସାରିଛନ୍ତି। ଏଥି ମଧ୍ୟରୁ ମୋଟ ୬୦୦ଟି ଇ-ବସ ଜନସାଧାରଣଙ୍କ ସେବାରେ ଲାଗିବ। ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାକୁ ମଧ୍ୟ ଇ-ବସ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଆଗାମୀ ପୃଷ୍ଠା-୬

### ପାରାଦୀପ ବନ୍ଦରରେ ଅଘଟଣ

## ଜାହାଜରୁ ଖସିପଡ଼ିଲେ ଚୀନ୍ ନାବିକ

- ବଞ୍ଚାଇବାକୁ ଯାଇ ବାଂଲା ନାବିକ ବର୍ତ୍ତିଗଲେ
- ନିଖୋଜ ନାବିକଙ୍କ ପତ୍ତା ମିଳିପାରିନାହିଁ



**ପାରାଦୀପ,୫।୯(ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦର ୫ ନଂ ଗେଟ୍ ପାଖରେ ବିଓଟି (ବିଲ୍ଡ ଅପରେଟ ଟ୍ରାନ୍ସପୋର୍ଟ) ବେସିସରେ କ୍ଲିନ କାର୍ଗୋ ବର୍ଥ ପରିଚାଳନା କରୁଥିବା ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ) ବର୍ଥରେ ଆଜି ସକାଳେ ଏକ ଅଘଟଣ ଘଟିଛି। ପାନାମା ଜାତୀୟ ପତାକା ଲଗାଇ ଆସିଥିବା ପଣ୍ୟବାହୀ ଜାହାଜ ଏମଭି ଲକି ଡ୍ରାଗନରୁ ଖସିପଡ଼ି ଜଣେ ଚୀନ୍ ନାବିକ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ତାଙ୍କ ନାମ ଝାଙ୍ଗ ତାଇ ହୋଇଥିବା ବେଳେ ଆଉ ଜଣେ ବାଂଲାଦେଶୀ ନାବିକ ମଧ୍ୟ ପାଣିରେ ବୁଡ଼ିଯାଉଥିବା ବେଳେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ତାଙ୍କର ପରିଚୟ ମିଳିନଥିବା ବେଳେ ତାଙ୍କୁ ପିଆଇସିଟି କର୍ତ୍ତୃପକ୍ଷ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ୍‌କୁ ଭର୍ତ୍ତି କରିଥିବା ଜଣାପଡିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଉକ୍ତ ଜାହାଜ ଏମଏସ ରଶ୍ମି ସିମେଣ୍ଟ ଲିମିଟେଡ୍ କମ୍ପାନୀର ପିଗ ଆଇରନ ବୋଝେଇ କରି ଆଜି ସକାଳେ ବର୍ଥ ଛାଡିବା ପାଇଁ ପ୍ରସ୍ତୁତ ପୃଷ୍ଠା-୬

## ଟ୍ରମ୍ପ ଟାରିଫକୁ ନେଇ ଚିନ୍ତାରେ ବ୍ୟବସାୟୀ ଓ କାରୀଗର

- ସି'ଫୁଡ ସହ ହସ୍ତଶିଳ୍ପ ଓ ବୟନ୍ତ ଶିଳ୍ପ ବି ପ୍ରଭାବିତ ହେବ
- ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ଚିଠି ଲେଖିଲା ଶିଳ୍ପ ସଂଘ

UTKAL CHAMBER OF COMMERCE & INDUSTRY (UCCI)

**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ଓଡ଼ିଶାରୁ ବର୍ଷକୁ ପ୍ରାୟ ୫ ହଜାର କୋଟି ଟଙ୍କାର ମେରାଇନ ପ୍ରଡକ୍ଟ ଆମେରିକାକୁ ରପ୍ତାନୀ ହେଉଛି। ଭାରତୀୟ ଦ୍ରବ୍ୟ ଉପରେ ଟ୍ରମ୍ପ ଟାରିଫ ୫୦ ପ୍ରତିଶତ ଲାଗିବା ପରେ ଚିନ୍ତାରେ ସି' ଫୁଡ଼ ଇଣ୍ଡଷ୍ଟ୍ରି। କେବଳ କମ୍ପାନୀ ମାଲିକ ନୁହଁନ୍ତି, ଏହାଦ୍ୱାରା ଚିଙ୍ଗୁଡ଼ି ଚାଷୀ, ଶ୍ରମିକ, ବରଫ କଳ, ମତ୍ସ୍ୟଜୀବୀ ସମସ୍ତେ ପ୍ରଭାବିତ ହେବେ। ଏବେ ଏହାର ବିକଳ୍ପ ଚିନ୍ତା ଚାଲିଛି। କେବଳ ସି ଫୁଡ୍ ନୁହେଁ, ହସ୍ତଶିଳ୍ପ ଓ ବୟନ ଶିଳ୍ପ କ୍ଷେତ୍ର ବି ପ୍ରଭାବିତ ହେବ। ଟ୍ରମ୍ପ ଟାରିଫରୁ ମୁକୁଳିବା ପାଇଁ ବିଶ୍ୱସ୍ତରରେ ଆଲୋଚନା ଚାଲିଥିବା ବେଳେ, ତିନି ପ୍ରମୁଖ ଶକ୍ତି ଭାରତ, ଚୀନ ଓ ରୁଷ ଏକାଠି ହେବା ଏକ ଶୁଭ ସଙ୍କେତ ଦେଉଛି।

ଆମେରିକା ଓ ଭାରତର ବ୍ୟବସାୟିକ ସମ୍ପର୍କ ଖୁବ୍ ପୁରୁଣା। ଏବେ ଟ୍ରମ୍ପଙ୍କ ଟାରିଫ ଯୋଗୁଁ ଭୟଙ୍କର ଭାବେ ହେଲାଣି ପ୍ରଭାବିତ। ଓଡ଼ିଶା ମଧ୍ୟ ଟାରିଫ ପୃଷ୍ଠା-୬



### କାନ ଡେରିଥା

ଗୁରୁବ୍ରହ୍ମା ଆଉ ଗୁରୁବିଷ୍ଣୁ ପରା
ଗୁରୁ ଦେବ ମହେଶ୍ୱର
ଭଲ ଛାତ୍ରଛାତ୍ରୀ ମାନନ୍ତି ଗୁରୁଙ୍କୁ
ସାକ୍ଷାତ ପରମେଶ୍ୱର
ଆଉ କିଛି ଭୟଙ୍କର...
ଗୁରୁ ଚାଲିଗଲେ ଗାଳି
ଯେ ଦିଅନ୍ତି
ଓଡ଼ିଆ ଭାଷା ଆମର ।

■ ଦେବାଶିଷ

# ପ୍ରହାର ପୂର୍ବରୁ ଜୋରଦାର ପ୍ରଚାର




**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ନିଶା ବେପାରୀଙ୍କୁ ଧରିବା ପାଇଁ ପୁଲିସ୍ ପ୍ରହାର ଅଭିଯାନ ଯେଭଳି ପ୍ରଚାର ଚଳାଇଲା ତାହା ନିଶା କାରବାରଙ୍କୁ ବେଶ୍ ସୁହାଇଛି। ଆଗୁଆ ଖବର ପାଇ ନିଶା ସାମ୍ରାଜ୍ୟର ବଡ ମାଛମାନେ ଚମ୍ପଟ ମାରିଥିବାବେଳେ ଛୋଟଙ୍କୁ ଧରି ଏବେ ପୁଲିସ୍ ବାବୁମାନେ ଫଟୋ ଉଠାଇ ବାହାବା ନେବାରେ ଲାଗିଛନ୍ତି।

ରାଜ୍ୟରେ ଅବାଧ ନିଶା କାରବାର ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ପ୍ରଥମେ ଅବକାରୀ ମନ୍ତ୍ରୀ ବ୍ୟାପକ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଇଲା ପରେ ପୁଲିସ୍ ତତ୍ପର ହୋଇ ଉଠିବା ସହିତ 'ପ୍ରହାର' ସଂକ୍ରାନ୍ତରେ ଘୋଷଣା କରିଥିଲା। ଏପରିକି ପୁଲିସ୍‌ର ପ୍ରହାର କେବେଠାରୁ ଆରମ୍ଭ ହେବ ଓ କିଭଳି ହେବ, ତା'ର ଜୋର୍‌ଦାର ପ୍ରଚାର ଗଣମାଧ୍ୟମରେ କରାଗଲା।

ବ୍ୟାପକ ପ୍ରଚାର ପରେ ପୁଲିସ୍ ଦଳବଳ ସହ ମଇଦାନକୁ ଓହ୍ଲାଇଲା ବେଳକୁ ଆଗୁଆ ସୂଚନା ପାଇ ନିଶା ବେପାରୀମାନେ ପାର୍ ହୋଇଗଲେ। କାଳେ ପୁଲିସ୍ ହାତରେ କିଛି ବେପାରୀ ଧରାପଡ଼ିଲେ ପୁଲିସ୍ ରାଗରେ ଚଢ଼ାଉ ଜୋରଦାର କରିବ, ସେଥିପାଇଁ ଛୋଟ ଛୋଟ ନିଶା ବେପାରୀଙ୍କୁ ପୁଲିସ୍ ହାତରେ ଧରାଇଦେଲେ। କେଉଁଠି ଦୁଇ କିଲୋ ଗଞ୍ଜେଇ ଧରି ପୁଲିସ୍ ଖୁସି ତ ଆଉ କେଉଁଠି ପୁଳାଏ ଗଞ୍ଜେଇ ସିଗାରେଟ ପାଇ ଅଧିକାରୀ ଓ କର୍ମଚାରୀ ଖୁସିରେ ଫାଟି ପଡୁଛନ୍ତି। କେତେକ ସ୍ଥାନରେ ଅପରେସନ ପ୍ରହାରରେ ପୁଲିସ୍ ଗୁଟ୍‌ଖା, ତମାଖୁ ଆଦି ଧରି ବି ବାହାବା ନେଉଥିବା ଦେଖିବାକୁ ମିଳୁଛି।

ତେବେ ଯେଉଁ ବେଆଇନ୍ ନିଶା କାରବାରୀଙ୍କୁ ସାବାଡ଼ କରିବା ପାଇଁ ପୁଲିସ୍ ଏଭଳି ଅଭିଯାନ ଚଳାଇଲା, ତାହାକୁ ଗୁପ୍ତ ରଖିବା ବଦଳରେ କାହିଁକି ପ୍ରଚାର କରାଇଲା, ତାହାକ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୁଖା ପୁଲିସ୍ କର୍ମଚାରୀଙ୍କ କହିବା କଥା ଯେ ପୁଲିସ୍ ଯେଉଁଠାରେ ବି ଅପରାଧୀଙ୍କୁ ଧରିବାକୁ ଅଭିଯାନ ଚଳାଏ, ତାହାକୁ ଅତ୍ୟନ୍ତ ଗୋପନ ରଖାଯାଇଥାଏ। କାରଣ ଚଢ଼ାଉ ନେଇ ସାମାନ୍ୟ ସୁରାକ ପାଇଲେ ଅପରାଧୀମାନେ ଚମ୍ପଟ ମାରିବା ଥୟ। ସେହିଭଳି ଅବକାରୀ ପୁଲିସ୍ ଯେଉଁଠାରେ ବି ନିଶା ବେପାରୀଙ୍କ ଉପରେ ଚଢ଼ାଉ କରିଥାଏ, ତାହାକୁ ବି ଅତ୍ୟନ୍ତ ଗୋପନୀୟ ରଖିଥାଏ।

ଚଳିତ ଥର ନିଶା ବେକାରୀଙ୍କ ବିରୁଦ୍ଧରେ ଯେଉଁ ପ୍ରହାର ଆରମ୍ଭ ହୋଇଛି, ସେଥିରେ ଅବକାରୀ ବାବୁମାନଙ୍କୁ ସେଭଳି ଦେଖିବାକୁ ମିଳୁନାହିଁ। ନିଶା ବେପାର ସଂକ୍ରାନ୍ତରେ ସେମାନଙ୍କ ପାଖରେ ବିସ୍ତୃତ ଖବର ଥିବା ବେଳେ ଏବେ ଶ୍ରେୟ ପ୍ରତିଯୋଗିତାକୁ ନେଇ ପୃଷ୍ଠା-୬

### ଆଗୁଆ ସୂଚନା ପାଇ ଖସିଲେ ବଡ଼ ଛୋଟଙ୍କୁ ଧରି ପୁଲିସ୍ ଖୁସ୍

# ଅନୁପମାଙ୍କୁ ଭେଟି ସହାୟତା ଯୋଗାଇଲେ ପିକେ ଶତପଥୀ



**ମହାକାଳପଡ଼ା,୫।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତ ଓ଼ପର ଗ୍ରାମର ଚନ୍ଦ୍ରମଣି ଦାସଙ୍କ ଶରୀରଗତ ଭିନ୍ନକ୍ଷମ ଅବିବାହିତ ଝିଅ ୩୫ ବର୍ଷୀୟ ଅନୁପମା ଦାସଙ୍କ ଆଧାର କାର୍ଡ ନଥିବାରୁ ସେ ସରକାରୀ ସହାୟତାରୁ ବଞ୍ଚିତ ଅଛନ୍ତି। ରାସନ୍ ଚାଉଳ ମିଳୁ ନଥିବା ସହିତ ୟୁଡ଼ିଆଇଡି କାର୍ଡ ନଥିବାରୁ ଭତ୍ତା ଟଙ୍କା ମଧ୍ୟ ବନ୍ଦ ରହିଛି। ଏ ଘଟଣା ଖବରକାଗଜରେ ପ୍ରକାଶିତ ହେବା ପରେ ଆଜି ସମାଜସେବୀ ପ୍ରଦୀପ କୁମାର ଶତପଥୀ ଅନୁପମା ଙ୍କୁ ଭେଟି ବ୍ୟକ୍ତିଗତ ସହାୟତା ପ୍ରଦାନ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରତାପ ରଞ୍ଜନ ତ୍ରିପାଠୀ, ସାଇଦତ ସାହାଣୀ, ହିମାଂଶୁ ଦାସ, ଅଚ୍ୟୁତାନନ୍ଦ ବେଉରା, ପ୍ରହ୍ଲାଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ପରିବାରକୁ ସହାୟତା



**ମହାକାଳପଡ଼ା,୫।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବାରଣାଙ୍ଗ ପଞ୍ଚାୟତ ବଡମଠ ଗ୍ରାମର ସନ୍ଧ୍ୟାରାଣୀ ସେଠୀଙ୍କ ଲଗାଣ ବର୍ଷାରେ ମାଟି ଘର କାନ୍ଥ ଭୁଷୁଡ଼ି ପଡ଼ିଛି। ସନ୍ଧ୍ୟାରାଣୀ ଦୁଇ ନାବାଳିକା ଝିଅଙ୍କୁ ନେଇ ପଡୋଶୀ ଘରେ ରହୁଛନ୍ତି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ସଦା ଶିବ ହେଲ୍ଥ ଫାଉଣ୍ଡେସନ, ଭିତର ଶୋଳିକା ତରଫରୁ ସଦସ୍ୟମାନେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ବିଜେପି ନେତାଙ୍କ ଗଣେଶ ପୂଜା ମଣ୍ଡପ ପରିଦର୍ଶନ

**ସାଲେପୁର,୫।୯(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ପଞ୍ଚାୟତର ସଦନପୁର ଗ୍ରାମର କଣ୍ଡାସାହି ସ୍ଥିତ ଗଣେଶପୂଜା କମିଟି ପକ୍ଷରୁ ମହାଆଡ଼ମ୍ବର ସହକାରେ ଆୟୋଜିତ ହୋଇଥିବା ଗଣେଶ ପୂଜା ମଣ୍ଡପ ବୁଲି ଦେଖିଲେ ସାଲେପୁର ବିଜେପି ନେତା ତଥା ଲୋକସେବା ଫାଉଣ୍ଡେସନ୍ର ଅଧ୍ୟକ୍ଷ ହିମାଂଶୁ ମହାନ୍ତି। ମଣ୍ଡପ ବୁଲିବା ସହ ପ୍ରଭୁ ଶ୍ରୀଗଣେଶଙ୍କ କୃପା ଲାଭ କରିବା ମୋ ପାଇଁ ପରମ ସୌଭାଗ୍ୟ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ। ଏଭଳି ଭବ୍ୟ ଆୟୋଜନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଭକ୍ତିଭାବ ଜାଗ୍ରତ ହେବା ସହ ସଦଭାବନା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥାଏ। ଅଗ୍ରପୂଜ୍ୟ ବିଘ୍ନ ବିନାଶକ ଭଗବାନ ଶ୍ରୀଗଣେଶଙ୍କ ଆଶୀର୍ବାଦ ସଭିଙ୍କ ଉପରେ ରହିଥାଉ ବୋଲି ସେ କାମନା କରିଥିଲେ।

# ପଟ୍ଟାମୁଣ୍ଡାଇରେ ଇଦ-ମିଲାଦୁନ ନବି ପାଳିତ



**ପଟ୍ଟାମୁଣ୍ଡାଇ,୫।୯(ସଂଚାର ବ୍ୟୁରୋ):** ଇସଲାମ ଧର୍ମ ଗୁରୁ ପ୍ରଫେଟ ମହମ୍ମଦଙ୍କ ୧୫୦୦ତମ ଜନ୍ମ ଦିବସକୁ ପଟ୍ଟାମୁଣ୍ଡାଇ ଅଂଚଳର ମୁସଲମାନମାନେ ଇଦ ମିଲାଦୁନ ନବି ଭାବେ ପାଳନ କରିଛନ୍ତି । ଏହି ଉପଲକ୍ଷେ ମୁସଲମାନ ଭାଇମାନେ ବିଭିନ୍ନ ସ୍ଲୋଗାନ ଦେଇ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ମଦ୍ରାସା ଠାରେ ପହଂଚି ଥିଲା । ଇମାମ ଇସ୍ରା ଫିଲ ଅହମଦ, ମୌଲାନା ୱାସୀମ କାଦିର, ହାପିଜ ସଲ୍ଲାଉଦିନ ପ୍ରମୁଖ ଇସଲାମ୍ ଧର୍ମ ଉପରେ ଆଲୋଚନା କରିଥିଲେ । ଏଥିରେ ପଟ୍ଟାମୁଣ୍ଡାଇ ମୁସଲମାନବସ୍ତି ସର୍ଦାର ସେକ ଅବଦୁଲ ବାରୀ, ସେକ ମୋଇଉଦ୍ଦିନ, ସେକ ସରାତୁଲ୍ଲା, ସେକ ଇସ୍ମାଇଲ, ସେକ ମୁସ୍ତାର ଅଲ୍ଲୀ, ସେକ ଜାକିର ହୁସେନ, ମିର୍ଜା ହେଦାଦ ବେଗ, ଅଧାପକ ସେକ ଇମଦାଦ ଅଲ୍ଲୀ, ସେକ ସୁଜାତ ଅଲ୍ଲୀ, ବରକତ ଅଲ୍ଲୀଖାଁ, ଅଫସର ଅଲ୍ଲୀ ଖାଁ, ସେକ ମଦାନୀ, ସମସେର ଖାଁ,ସେକ ଅମରୁଲ, ଜମାଲ ଖାଁ, ସେକ ଜୈନୁଲ ହକ ପ୍ରମୁଖ ଯୋଗଦେଇ ଇସଲାମ ଧର୍ମ ଉପରେ ଆଲୋଚନା କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାରେ କେନ୍ଦ୍ରାପଡ଼ା ଉପ ଜିଲ୍ଲାପାଳ ଅରୁଣ ନାୟକ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ ନାୟକ, ଏସ ଡି ପି ଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ପୋଲିସ ଫୋର୍ସ ସହିତ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଏହି ଶୋଭାଯାତ୍ରା କୁ ଅମୀର ଖାଁ, ସେକ ଇବ୍ରାହିମ, ମିର୍ଜା ଇବ୍ରାର ବେଗ, କେ କେ ବାବୁ ପ୍ରମୁଖ ପରିଚାଳନା କରିଥିଲେ ।

# କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା

**ରାଜନଗର,୫।୯(ସଂଚାର ବ୍ୟୁରୋ):** ପବିତ୍ର ଗୁରୁଦିବସରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ତରଫରୁ ଜରିମୂଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ବିଞ୍ଝାରପୁର ମଣ୍ଡଳ ଶିକ୍ଷାଧିକାରୀ ସୁବାଷ ଚନ୍ଦ୍ର ବିଶ୍ୱାଳଙ୍କୁ "ବାରଗାଁ ଗୌରବ ସମ୍ମାନ" ଓ ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ରାଜନଗର ଥାନା ଏଏସଆଇ ସଞ୍ଜିତ କୁମାର ନାୟକଙ୍କୁ "ଓଡ଼ିଶୀ ନୃତ୍ୟଶିଳ୍ପୀ ସମ୍ମାନ" ପ୍ରଦାନ କରାଯାଇଛି। ସାହିତ୍ୟ ସଂସଦ ର ସଭାପତି ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିଜୟ କୁମାର ରାଉତ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୀତାକାନ୍ତ ରାଉଳ, ବରେଣ୍ୟ ଅତିଥି ଭାବେ ସାମ୍ବାଦିକ ଜଗନ୍ନାଥ ଦାସ ଉପସ୍ଥିତ ରହି ଦୁଇ ପ୍ରତିଭାଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ଯେଉଁ ଉଦ୍ୟମ ଜାରି ରଖୁଛି ତାକୁ ସାବାସି ଦେବା ସହିତ ଦୁଇ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



# ଶିକ୍ଷକଙ୍କର ପ୍ରଭାବ ଅନନ୍ତକାଳ ପାଇଁ ଥାଏ: ଶିକ୍ଷାମନ୍ତ୍ରୀ

## ବ୍ଲକସ୍ତରୀୟ ଗୁରୁଦିବସ ପାଳିତ




**ମହାକାଳପଡ଼ା, ୫।୯ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଚଣ୍ଡିଆପଲ୍ଲୀ ୟୁ ଜି ୟୁପି ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ଓ ଶିକ୍ଷକଙ୍କ ପାଇଁ ସମାଜରେ ସଂସ୍କାର ଆସିବା ସହିତ ଶିକ୍ଷକଙ୍କ ପ୍ରଭାବ ଅନନ୍ତକାଳ ପାଇଁ ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ସ୍ଥାନୀୟ ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ଯୋଗ ଦେଇ କହିଥିଲେ ଯେ ଶିକ୍ଷକମାନଙ୍କର ମାନଦଣ୍ଡ ବୃଦ୍ଧି ପାଇଛି, ଶିକ୍ଷକ ମାନେ ସଦାସର୍ବଦା ସମ୍ମାନସ୍ପଦ। ଶିକ୍ଷା ର ବିକାଶ ହେଲେ ଦେଶ ର ବିକାଶ ହୋଇ ପାରିବ। ଶିକ୍ଷକ ମାନଙ୍କ ସହଯୋଗ ମିଳିଲେ ସମାଜରେ ମେଧାବୀ ଛାତ୍ର ଛାତ୍ରୀ ସୃଷ୍ଟି ହେବା ସହ ବିକଶିତ ସମାଜ ର ଅବଲୋକନ ହୋଇ ପାରିବ ବୋଲି କହିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ମନ୍ତ୍ରୀ ଓ ବିଧାୟକ ବିଦ୍ୟାଳୟ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ କରିବା ସହ ପ୍ରାୟ ୧୮ ଲକ୍ଷ ଟଙ୍କା ବ୍ୟୟ ରେ ଅତିରିକ୍ତ ଶ୍ରେଣୀ ଗୃହର ଶୁଭ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪୭ ଜଣ ଅବସରପ୍ରାପ୍ତ ଶିକ୍ଷକ /ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁପୂଜା ପରିଷଦର ସଭାପତି ଅଶୋକ କୁମାର ମହାପାତ୍ରଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବିଶ୍ୱପ୍ରକାଶ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୋଡାଲ ଶିକ୍ଷକ ରଘୁନାଥ ଦାସ ସ୍ୱାଗତ ଭାଷଣ ଦେଇ ଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ରବୀନ୍ଦ୍ର କୁମାର ମଲ୍ଲିକ,ମହାକାଳପଡ଼ା ବ୍ଲକ ଅଧକ୍ଷା ମୀରାରାଣୀ ମହାନ୍ତି, ଗୀତାଞ୍ଜଳି ସେଠି, ଶଶାଙ୍କ ଶେଖର ସେଠି, କିଶୋର ପଣ୍ଡା, ଲଳିତ କୁମାର ବେହେରା,ସଞ୍ଜୟ ରଥ, ସରୋଜକାନ୍ତ ସାହୁ, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର କୁମାର ବାରିକ, ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ ପ୍ରମୁଖ ମଞ୍ଚାସୀନ ଥିଲେ।

## ମହଙ୍ଗା ପଡ଼ିଲା କର୍ତ୍ତବ୍ୟରେ ଅବହେଳା ଓ ଛାତ୍ରୀଙ୍କୁ ଅସଦ ବ୍ୟବହାର

# ନିଲମ୍ବିତ ହେଲେ ଶିକ୍ଷକ

**ମାର୍ଶାଘାଇ,୫।୯(ସଂଚାର ବ୍ୟୁରୋ):** ଅନୁଶାସନ ହୀନତା, କର୍ତ୍ତବ୍ୟରେ ଅବହେଳା, ଛାତ୍ରୀ ମାନଙ୍କ ପ୍ରତି ଅସଦ ବ୍ୟବହାର ପାଇଁ ବିଲ ବଳରାମପୁର ୟୁଜିୟୁପି ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଙ୍କୁ ନିଲମ୍ବନ କରାଯାଇଛି। ଗ୍ରାମବାସୀ ଏବଂ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟମାନେ ଶିକ୍ଷକଙ୍କ ବିରୋଧରେ ଦାୟିତ୍ୱ ହୀନତା, କାର୍ଯ୍ୟରେ ଅବହେଳା ଓ ଛାତ୍ରୀ ମାନଙ୍କୁ ଅସଦ ବ୍ୟବହାର କରିବା ନେଇ ଅଭିଯୋଗ କରିବା ପରେ ଅଭିଯୋଗ ଆଧାରରେ ସହ ମଣ୍ଡଳ ଶିକ୍ଷାଧିକାରୀ ସୁଶାନ୍ତ କୁମାର ବେଉରାଙ୍କ ଅଧକ୍ଷତାରେ ଗଠିତ ଏକ ତଦନ୍ତକାରୀ ଦଳ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ତଦନ୍ତ ରିପୋର୍ଟ ଆଧାରରେ ବିଦ୍ୟାଳୟର ଏଲ-ଆଇଭି ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ଓସିଏ ( ସିସିଏ ନିୟମ ୧୬) ଅନୁଯାୟୀ ତତକ୍ଷଣାତ୍ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ସମୟ ମଧରେ ସେ ଏନ୍ ଜେ ନୋଡାଲ ଉଚ୍ଚ ବିଦ୍ୟାଳୟ, ମାଣିକପୁରରେ ଅବସ୍ଥାପିତ ହେବେ ବୋଲି ମାର୍ଶାଘାଇ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶ ରହିଛି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ପ୍ରଫୁଲ୍ଲ କୁମାର ସାହୁ



**ଆଳି,୫।୯(ସଂଚାର ବ୍ୟୁରୋ):** ଆଳି ବ୍ଲକ ମାହାରାକୁଳ ଠାରେ ଥିବା ସାଧୁଚରଣ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି । ଶୁକ୍ରବାର ଦିନ ପବିତ୍ର ଗୁରୁଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ନିମନ୍ତେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ଯୋଗଦେଇ ସାଧୁଚରଣ ହାଇସ୍କୁଲର କ୍ରୀଡା ଶିକ୍ଷକ ପ୍ରଫୁଲ କୁମାର ସାହୁଙ୍କୁ ଉତ୍ତରୀୟ, ମାନପତ୍ର,ଟ୍ରଫି,ପୁଷ୍ପଗୁଚ୍ଛ ଓ ଅର୍ଥ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ମାନରେ ସମ୍ବର୍ଦ୍ଧିତ ହେବା ପରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସହିତ ପୁରାତନ ଛାତ୍ରଛାତ୍ରୀ ମାନେ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ



**କେନ୍ଦ୍ରାପଡ଼ା,୫।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଜିଲ୍ଲାପାଳ ରଘୁରାମ ଆର.ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜଣେ ଜଣେ ଆଦର୍ଶ ଶିକ୍ଷକ ହେବାକୁ ଆହ୍ୱାନ ଦେଇଥିଲେ। ଆଜି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଉଥିବା ପ୍ରତ୍ୟେକ ଶିକ୍ଷକ ଅନ୍ତତ ୫ଜଣ ଶିକ୍ଷକଙ୍କୁ ଆଗାମୀ ବର୍ଷ ଏହି ପୁରସ୍କାର ପାଇବା ପାଇଁ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ଯୋଗଦେଇ କହିଲେ ଯେ ଶିକ୍ଷକଟିଏ ସେତେବେଳେ ଆନନ୍ଦିତ ହୁଏ ଯେତେବେଳେ ତା'ର ଛାତ୍ରଟି ତାକୁ ଟପି ଅଧିକ ସଫଳତା ହାସଲ କରିଥାଏ। ସମ୍ମାନିତ ଅତିଥି ଭାବେ ବାଲିଆ ସ୍ଥିତଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ସୁଲୋଚନା ଦେହୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭସ୍ମିତା ତ୍ରିପାଠୀ ଓ ଦିପ୍ତିମୟୀ ନାୟକ, ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଣାପାଣୀ ଦାଶ, କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ରାଜନଗର ମଣ୍ଡଳ ଶିକ୍ଷାଅଧିକାରୀ ମନୋରଞ୍ଜନ ସେଠୀ, କେନ୍ଦ୍ରାପଡା ସହମଣ୍ଡଳ ଶିକ୍ଷା ଅଧିକାରୀ ବଳଦେବ ପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ଗୁରୁଦିବସ ପାଳନର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

ଏହି ଅବସରରେ ଜିଲ୍ଲାର ୮ଜଣ ପ୍ରାଥମିକ ଶିକ୍ଷକ, ଶିକ୍ଷୟିତ୍ରୀ, ୨୮ଜଣ ମାଧମିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଜଣେ ସି.ଆର.ସି.ସି.ଙ୍କୁ ଏହି ସମାରୋହରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସ୍ୱରୂପ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଜିଲ୍ଲାପାଳ ପ୍ରଦାନ କରିଥିଲେ।

# ନୂତନ ଆଦର୍ଶ ବିଦ୍ୟାଳୟ ଉଦଘାଟିତ

## ଯୋଗଦେଲେ ସାଂସଦ, ବିଧାୟକ ଓ ଜିଲ୍ଲାପାଳ



**ଗରଦପୁର,୫।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଗରଦପୁର, ବ୍ଲକ ପରକଣା ଠାରେ ଆଦର୍ଶ ବିଦ୍ୟାଳୟର ଗୃହ ପ୍ରବେଶ ଓ ନୂତନ ଗୃହର ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ରେ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ, କେନ୍ଦ୍ରାପଡା ସାଂସଦ ବୈଜନ୍ତ ପଣ୍ଡା ଓ ସ୍ଥାନୀୟ ବିଧାୟକ ଅରବିନ୍ଦ ମହାପାତ୍ର ପହଞ୍ଚିଲା ପରେ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇଥିଲା। ଶିକ୍ଷ୍ୟା କ୍ଷେତ୍ରରେ ଏହି ଅନୁଷ୍ଠାନକୁ ଲୋକଲୋଚନକୁ ଆଣିବାକୁ ହେବ। କେନ୍ଦ୍ରାପଡାକୁ ଶିକ୍ଷାର ବିକାଶ କ୍ଷେତ୍ରରେ କେନ୍ଦ୍ରୀୟ ବିଦ୍ୟାଳୟକୁ ଆଣିବାକୁ ଦିଲ୍ଲୀ ଦରବାର ଲଢେଇ କରିବାକୁ ପଡ଼ିଥିଲା ବୋଲି ସାଂସଦ କହିଥିଲେ।

କେନ୍ଦ୍ରାପଡାରେ ତିନୋଟି କ୍ଷେତ୍ରରେ ଗୁରୁତ୍ୱ ଦିଆଯାଇ ଥିଲା ଶିକ୍ଷ୍ୟା, କ୍ରୀଡା ଏବଂ ପାନୀୟ ଜଳ ଉପରେ । ଶିକ୍ଷ୍ୟା, ଭିତ୍ତିଭୂମି, ଓ ପୁଞ୍ଜିନିବେଶ ଉପରେ ସମସ୍ତେ ମିଳିମିଶି ଗୁରୁତ୍ୱ ଦେବା ଦରକାର। ଏହି ଅଞ୍ଚଳର ଛାତ୍ରଛାତ୍ରୀମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରନ୍ତୁ ବୋଲି ବିଧାୟକ କହିଥିଲେ।ଏହି କାର୍ଯ୍ୟ କ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟର,ଗରଦପୁର ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜ, ଜିଲ୍ଲାପରିଷଦ ସଦସ୍ୟା ଡଳିରାଣୀ ଶତପଥୀ ଜିଲ୍ଲା ଶିକ୍ଷଧିକାରୀ ବିଦ୍ୟାଳୟ ଅଧକ୍ଷ, ସ୍ଥାନୀୟ ବ୍ଲକସ୍ତରୀୟ ଓ ଜିଲ୍ଲାସ୍ତରୀୟ ନେତାଙ୍କ ସହିତ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ।

# ଗ୍ରାମ୍ୟ ସ୍ୱରାଜ ପକ୍ଷରୁ ଗୁରୁଦିବସ ପାଳିତ




**ମାର୍ଶାଘାଇ,୫।୯(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକର ସ୍ୱେଚ୍ଛାସେବୀ ସଙ୍ଗଠନ 'ଗ୍ରାମ୍ୟ ସ୍ୱରାଜ 'ପକ୍ଷରୁ ଅଙ୍ଗୁଳାଇ ସ୍ଥିତ ଆଲଫା ମଣ୍ଡପ ଠାରେ ଗୁରୁପୂଜା ସମାରୋହ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅମୀୟ କୁମାର ନାୟକଙ୍କ ଅଧକ୍ଷତାରେ ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ ତଥା ସାମାଜିକ ଉଦ୍ୟୋଗୀ ଡକ୍ଟର ସୌଭାଗ୍ୟ କୁମାର ପରିଡା, ବିଶିଷ୍ଟ ଶିକ୍ଷାବିତ ନିହାର ରଞ୍ଜନ ମଲ୍ଲିକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ, ସୂର୍ଯ୍ୟ କାନ୍ତ ଦାଶ, ସାମ୍ବାଦିକ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ପ୍ରାୟ ୧୨୮ ଜଣ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଶ୍ରୀ ପରିଡା କହିଥିଲେ ଯେ ଶିକ୍ଷକମାନେ ହେଉଛନ୍ତି ଏ ଜାତିର ପଥ ପ୍ରଦର୍ଶକ। ତେଣୁ ଶିକ୍ଷକ ମାନେ ସମାଜରେ ସଦାସର୍ବଦା ନମସ୍ୟ ଅଟନ୍ତି । ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିହାର ରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିକ୍ଷକତା ଏକ ବୃତ୍ତି ନୁହେଁ ବରଂ ଏକ ବ୍ରତ ବୋଲି କହିବା ସହିତ ପ୍ରଶାସନିକ ସେବାରେ ଯୋଗଦେବା ପୂର୍ବରୁ ନିଜର ପ୍ରାରମ୍ଭିକ ଶିକ୍ଷକତା ଜୀବନର ଅନୁଭୂତି ସମ୍ପର୍କରେ କହିଥିଲେ ।

# ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ ଶେଷ

**ପାରାଦୀପ,୫।୯(ସଂଚାର ବ୍ୟୁରୋ):** ପାରାଦ୍ୱୀପରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆସନ୍ତା ୧୭ରୁ ଆରମ୍ଭ ହେବ। ଏନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି। ପାରାଦ୍ୱୀପ ଆଦର୍ଶ ଥାନାରେ ବିଶ୍ୱକର୍ମା ପୂଜା ପାଇଁ ବୈଠକ ଆୟୋଜିତ ହୋଇଯାଇଛି। ବିଶ୍ୱକର୍ମା ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବାକୁ ଆଲୋଚନା ହୋଇଥିଲା। ପୂଜା ଆସନ୍ତା ୧୭ରୁ ଆରମ୍ଭ ହୋଇ ୨୪ରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଭସାଣିରେ ଡିଜେ ସାଉଣ୍ଡ ବାଜିବ ନାହିଁ, ସେହିପରି ସହରରେ ସମସ୍ତ ଷ୍ଟ୍ରିଟ ଲାଇଟ ମରାମତି କରାଯିବା, ପାଣି ଜମୁଥିବା ସ୍ଥାନକୁ ପୋତାଯିବା, ଜନଗହଳିକୁ ଦୃଷ୍ଟିରେ ରଖି ଲୋକଙ୍କ ସୁରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରିବା ପାଇଁ ଏବଂ ଚେକିଂକୁ କଡାକଡି କରିବାକୁ ଏହି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବନ୍ଦର ଇଷ୍ଟେଟ ଅଫିସର ବିଶ୍ୱଜିତ ମିଶ୍ର, ଥାନା ଅଧିକାରୀ କାବୁଲି ବାରିକ ଙ୍କ ସମେତ ସବୁ ପୂଜା କମିଟି ର ସଦସ୍ୟ ଉପସ୍ଥିତ ଥିଲେ!

# ରାସ୍ତାରେ ହୁତୁହୁତୁ ହୋଇ ଜଳିଗଲା କାର

**ପାରାଦୀପ,୫।୯(ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତିରେ ହାତୀଟାଙ୍କି ନିକଟରେ ମାରୁତି ଏଟିଗା କାରଟି ନିଆଁ ଲାଗି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି। ଖବର ପାଇ କୁଜଙ୍ଗ ଅଗ୍ନିଶମ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଘଟଣାଟି ଘଟିଛି ପାରାଦୀପ ହାତୀତେଲ ଟାଙ୍କି ଠାକୁରଡିଆ ନିକଟରେ। କାର ଭିତରେ ଥିବା ଚାଳକ ନିଆଁ ଲାଗିବା ଦେଖି କାରକୁ ରାସ୍ତା କଡ଼କୁ ସାଇଡ କରି କାର ଭିତରୁ ଓହ୍ଲେଇ ପଡ଼ିଥିଲେ। ନିଆଁ ଏତେ ପ୍ରଖର ଭାବେ ଲାଗିଯାଇଥିଲା ଯେ କାରଟି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି। ନିଆଁ କେମିତି ଲାଗିଲା କାରଣ ଅସ୍ପଷ୍ଟ ରହିଥିବା ବେଳେ କାହାର କୌଣସି କ୍ଷତି ଘଟି ନଥିବା ଜଣାପଡିଛି। ବଡ଼ ଦୁର୍ଘଟଣାରୁ କାର ଚାଳକ ବଞ୍ଚିଗଲେ ବୋଲି ସାଧାରଣରେ ଆଲୋଚନା ହେଉଛି।



# ଲୋକସେବା ଫାଉଣ୍ଡେସନର ଗୁରୁ ସମ୍ମାନ କାର୍ଯ୍ୟକ୍ରମ



**ସାଲେପୁର,୫।୯(ସଂଚାର ବ୍ୟୁରୋ):** ଆଜି ଲୋକସେବା ଫାଉଣ୍ଡେସନ, ସାଲେପୁର ତରଫରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକସ୍ତରୀୟ ଗୁରୁ ସମ୍ମାନ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଛନ୍ତି ଟାଙ୍ଗୀ-ସାଲେପୁର ବିଜେପି ନେତା ତଥା ଲୋକସେବା ଫାଉଣ୍ଡେସନ୍ର ଅଧକ୍ଷ ଶ୍ରୀ ହିମାଂଶୁ ମହାନ୍ତି। ଏହି କାର୍ଯ୍ୟକ୍ରମରେ ଅନେକ ମହାନ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିବା ଅବସରରେ ଶ୍ରୀ ମହାନ୍ତି ନିଜ ଉଦବୋଧନରେ ଗୁରୁଙ୍କ ତ୍ୟାଗ, ଦେଶ ଓ ସମାଜ ଗଠନରେ ଅମୂଲ୍ୟ ବୋଲି ପ୍ରକାଶ କରିବା ସହ ସମସ୍ତଙ୍କୁ ଗୁରୁଙ୍କ ପ୍ରତି ସଦା କୃତଜ୍ଞ ଓ ଶ୍ରଦ୍ଧାଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଟାଙ୍ଗୀ-ଚୌଦ୍ୱାର ଶିକ୍ଷାମଣ୍ଡଳ ଅଧିକାରୀ ଚନ୍ଦ୍ରଶେଖର ଦାସ, ସରୋଜିନୀ ସାହୁ ଏବଂ ଅନେକ ସିଆରସିସି ଏବଂ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ଶିକ୍ଷୟୀତ୍ରୀମାନେ ଯୋଗଦେଇଥିଲେ ।

# ଓକିଲ ସଙ୍ଘ ପକ୍ଷରୁ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ପାଳିତ

**ପଟ୍ଟାମୁଣ୍ଡାଇ,୫।୯(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ସର୍ବପଲ୍ଲୀ ଡ଼ ରାଧାକ୍ରିଷ୍ଣନଙ୍କ ୧୩୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଓକିଲ ସଂଘ ପୂର୍ବତନ ସଭାପତିତପନ କୁମାର ମିଶ୍ର, ଉପସଭାପତି ସୁରେଶ କୁମାର ନରେନ୍ଦ୍ର, ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ଯୁଗ୍ମ ସମ୍ପାଦକ ମନୋଜ କୁମାର ନାୟକ,ବରିଷ୍ଠ ଆଡ଼ଭୋକେଟ ହୃଦାନନ୍ଦ ମହାନ୍ତି. ଗୋପୀନାଥ ତ୍ରିପାଠୀ. ଭବାନୀ ଶଙ୍କର ପଣ୍ଡା,ପ୍ରମୋଦ ସାହୁ, ସୌମ୍ୟରଞ୍ଜନ ଧଳ,ବିଜ୍ଞାନ ଜେନା ସୁଶୀଲ ଦାଶ, ପ୍ରତାପ ପୃଷ୍ଟି, ରିତାଞ୍ଜଳୀ ଦାଶ, ଅଶ୍ୱିନୀ ଚୌଧୁରୀ ପ୍ରମୁଖ ଯୋଗ ଦେଇ ସର୍ବପଲ୍ଲୀ ଡ଼ ରାଧାକ୍ରିଷ୍ଣନ ଉପରେ ଆଲୋଚନା କରିବା ସହିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ପୁରସ୍କାର ଉତ୍ସବ ଅନୁଷ୍ଠିତ



**ଯାଜପୁର,୫।୯(ସଂଚାର ବ୍ୟୁରୋ):** ଯାଜପୁର ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଯାଜପୁର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ନାରାୟଣ ମହାଲିକଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ମହେଶ୍ୱର ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉକ୍ତ ସମାରୋହରେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସାହୁ କହିଲେ ଆଜିର ଦିନଟି ଆମ ପାଇଁ ଅତ୍ୟନ୍ତ ଗୌରବ ଓ ଗର୍ବର ଦିନ। ଶିକ୍ଷକ ଦିବସରେ, ଆମେ ସେହି ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସ୍ମରଣ କରୁଛୁ ଯେଉଁମାନେ ନିଜର ଜ୍ଞାନ, ପରିଶ୍ରମ ଓ ତ୍ୟାଗରେ ସମାଜର ଭବିଷ୍ୟତ ଗଢ଼ି ତୋଳୁଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫ ଦ୍ୱାରା କୃତୀ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଛି। ମୁଁ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଶିକ୍ଷକ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ, ଆଗାମୀ ଦିନରେ ଆହୁରି ଉତ୍କୃଷ୍ଟ ଶିକ୍ଷା ପ୍ରଦାନ କରିବା ପାଇଁ ନବ ଉଦ୍ୟମ ଓ ପ୍ରେରଣାର ଶୁଭେଚ୍ଛା ଜଣାଉଛି।

ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁରମା ମହାପାତ୍ର, ସବିତା ସାହୁ, ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ନିବେଦିତା ଗୁରୁ, ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସୁକିନ୍ଦା, ଦାନଗଦି ଓ କୋରେଇର ମଣ୍ଡଳ ଶିକ୍ଷାଧିକାରୀମାନେ ଯୋଗଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କୁ ମନେପକାଇବା ସହ ଗୁରୁ ଦିବସର ମାହାତ୍ମ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଜିଲ୍ଲାର ୪୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପଟ୍ଟାମୁଣ୍ଡାଇରେ ଗୁରୁ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ,୫।୯(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କଲେଜ, ମହିଳା କଲେଜ, ମଦନପୁର କଲେଜ, ଦାଣ୍ଡିସାହି ବ୍ରାହ୍ମଣୀ କଲେଜ, ଏମଏନ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, କଷଣଅଣ୍ଟା ହାଇସ୍କୁଲ ଦାଣ୍ଡିସାହି ହାଇସ୍କୁଲ, ନିମପୁର ଶାସନ ହାଇସ୍କୁଲ, ମଦନପୁର ହାଇସ୍କୁଲ, ବାଲିପାଟଣା ହାଇସ୍କୁଲ, ଚନ୍ଦନନଗର ହାଇସ୍କୁଲ, ବିଲିକଣା ହାଇସ୍କୁଲ, ଗଙ୍ଗାରାମପୁର ହାଇସ୍କୁଲ ସମେତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲରେ ଛାତ୍ରଛାତ୍ରୀମାନେ ବିଦ୍ୟାଦାତା ଗୁରୁମାନଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଗୁରୁ ଦିବସ ପାଇଁ ଆଜି ବିଭିନ୍ନ ଶିକ୍ଷାନୁଷ୍ଠାନ ଚଳଚଞ୍ଚଳ ହୋଇ ପଡିଥିଲା ।

## ରବିବାର ଚନ୍ଦ୍ରଗ୍ରହଣ

# ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ



**ଭୁବନେଶ୍ୱର,୫।୯ (ସଂଚାର ବ୍ୟୁରୋ) :** ଆସନ୍ତା ରବିବାର ଚନ୍ଦ୍ର ଗ୍ରହଣ। ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି। ଚୁଡାନ୍ତ ନୀତି ନିର୍ଘଣ୍ଟ ମୁତାବକ ଶନିବାର ରାତି ୨ଟାରେ ଶ୍ରୀମନ୍ଦିରର ଦ୍ୱାର ଫିଟା ନୀତି ଅନୁଷ୍ଠିତ ହେବ । ରବିବାର ଦିନ ୧୨ଟା ୫୭ ମିନିଟରେ ପାକତ୍ୟାଗ ଥିବାରୁ ଏହା ପୂର୍ବରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଶେଷ କରାଯିବ। ଗ୍ରହଣ ସ୍ପର୍ଶ ହେବା ପରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ଗ୍ରହଣ ମହାସ୍ନାନ ନୀତି ହୋଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ । ଶ୍ରୀମନ୍ଦିରରେ ଚନ୍ଦ୍ରଗ୍ରହଣ ଦିନ ପାକତ୍ୟାଗ ସମୟ ଠାରୁ ଗ୍ରହଣ ସ୍ପର୍ଶ ହେବା ପର୍ଯ୍ୟନ୍ତ ଏହି ସମୟରେ ମହାପ୍ରଭୁଙ୍କୁ ଭକ୍ତମାନେ ଦର୍ଶନ କରିପାରିବେ । ଆସନ୍ତା ରବିବାର ୭ ତାରିଖରେ ପଡୁଛି ଚନ୍ଦ୍ର ଗ୍ରହଣ। ଏଥପାଇଁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି। ରବିବାର ଚନ୍ଦ୍ରଗ୍ରହଣ ପାଇଁ ଶନିବାର ରାତି ୨ଟାରେ ଶ୍ରୀମନ୍ଦିରର ଦ୍ୱାର ଫିଟା ନୀତି ଅନୁଷ୍ଠିତ ହେବ । ପରେ ମଙ୍ଗଳ ଆଳତି ସହିତ ଅନ୍ୟାନ୍ୟ ନୀତିକାନ୍ତି କରାଯାଇ ରବିବାର ଦିନ ୧୨ଟା ୫୭ ମିନିଟ୍ ପୂର୍ବରୁ ଅର୍ଥାତ୍ ପାକତ୍ୟାଗ ପୂର୍ବରୁ ଶ୍ରୀମନ୍ଦିରରେ ସମସ୍ତ ପ୍ରକାର ଦେବନୀତି ସମ୍ପନ୍ନ କରାଯିବ। ଏହାପରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହେବ । ଭକ୍ତମାନେ ଭିତରକାଠ ପର୍ଯ୍ୟନ୍ତ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇପାରିବେ। ରବିବାର ରାତି ୯ଟା ୫୭ ମିନିଟ୍ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହେବ । ଏହା ପରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତି ଗ୍ରହଣ ମହାସ୍ନାନ, ଗ୍ରହଣ ଭୋଗ ଆଦି ନୀତି ଅନୁଷ୍ଠିତ ହେବ । ତେବେ ଚନ୍ଦ୍ରଗ୍ରହଣ ଏବଂ ସୂର୍ଯ୍ୟ ପରାଗରେ ପାକତ୍ୟାଗ ଠାରୁ ଗ୍ରହଣ ସର୍ବମୋକ୍ଷ ପର୍ଯ୍ୟନ୍ତ ଦେବନୀତି ସମ୍ପୂର୍ଣ୍ଣ ନିଷିଦ୍ଧ ଥିବା ବେଳେ ଶ୍ରୀମନ୍ଦିରର ପରମ୍ପରା କିନ୍ତୁ ଭିନ୍ନ । ଗ୍ରହଣ ସ୍ପର୍ଶ ହେବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତି ଗ୍ରହଣ ମହାସ୍ନାନ ଓ ଭୋଗ ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥାଏ। ଚନ୍ଦ୍ରଗ୍ରହଣ ଯୋଗୁଁ ବିଧି ଅନୁଯାୟୀ ଗ୍ରହଣ ସ୍ପର୍ଶ ର ୯ ଘଣ୍ଟା ପୂର୍ବରୁ ଅର୍ଥାତ୍ ରବିବାର ଦିନ ୧୨ ଟା ୫୭ ମିନିଟ୍ ଠାରୁ ପାକତ୍ୟାଗ ସହିତ ଅନ୍ନ ଗ୍ରହଣ ଏବଂ ଦେବନୀତି ନିଷିଦ୍ଧ ।ଗ୍ରହଣ ସର୍ବମୋକ୍ଷ ପର୍ଯ୍ୟନ୍ତ ଅର୍ଥାତ୍ ରବିବାର ରାତି ୧ଟା ୨୭ ମିନିଟ୍ ଗ୍ରହଣ ସର୍ବମୋକ୍ଷ ପରେ ବ୍ରାହ୍ମ ମୁହୁର୍ତ୍ତରେ ଲୋକମାନେ ସ୍ନାନ ସାରି ଠାକୁର ପୂଜା କରିବାର ବିଧି ରହିଛି । କିନ୍ତୁ ବାଳକ, ବୃଦ୍ଧ ଓ ରୋଗୀଙ୍କ ପାଇଁ ଏହି ନିୟମ ଲାଗୁ ହେବ ନାହିଁ। କୌଣସି ଗର୍ଭବତୀ ମହିଳା ଗ୍ରହଣ ନ ଦେଖିବାକୁ ବିଧି ରହିଛି ।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ଛତିଶା ନିଯୋଗ ଅନୁମୋଦନ କରିଥିବା ବେଳେ ଏହାକୁ ଶ୍ରୀମନ୍ଦିର ପରିଚାଳନା କମିଟି ପାରିତ କରିଛି । ଚନ୍ଦ୍ରଗ୍ରହଣ ଦିନ ସମସ୍ତ ନୀତିକାନ୍ତି ଯେଭଳି ଶୃଙ୍ଖଳିତ ଭାବେ ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ବିଶେଷ ଗୁରୁତ୍ୱ ଦେଇଛି।

## ଉପମୁଖ୍ୟମନ୍ତ୍ରୀ ଓ ପୂର୍ତ୍ତମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ

# ପିପିଲି-କୋଣାର୍କକୁ ଯୋଡ଼ିବ ନୂଆ ଗ୍ରୀନ-ଫିଲ୍ଡ କରିଡର

- ୧୦୦ କିମି ବେଗରେ ଗଡ଼ିବ ଯାନବାହାନ
- ଦେଢ଼ ଘଣ୍ଟାରୁ ୩୦ ମିନଟକୁ କମିବ ଯାତ୍ରା ଅବଧି
- ପୁରୁଣା ପିପିଲି-କୋଣାର୍କ ରାସ୍ତା ହେବ ପ୍ରଶସ୍ତ
- ଚାରିଛକଠାରୁ ଅସ୍ତରଙ୍ଗ ରାସ୍ତା ହେବ ୪ ଲେନ



**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲା ରୋଡ୍ ନେଟୱର୍କ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୁଣା ପିପିଲି-କୋଣାର୍କ ରାସ୍ତାକୁ ୭ ମିଟରରୁ ୧୦ ମିଟର ପର୍ଯ୍ୟନ୍ତ ଅଧିକ ପ୍ରଶସ୍ତ କରିବା ସହ ନୂତନ ଭାବେ ପିପିଲି-କୋଣାର୍କକୁ ନୂଆ ଗ୍ରୀନ ଫିଲଡ୍ କରିଡର ସହ ସଂଯୋଗ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହିତ ପୁରୀ ସହର ଭିତରେ ଥିବା ବିଭିନ୍ନ ରାସ୍ତା ପ୍ରଶସ୍ତି କରଣ, ନିମାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାରିଛକ ଠାରୁ ଅସ୍ତରଙ୍ଗ ଏବଂ ଜଳାରପୁରଠାରୁ ଚାରିଛକ ପର୍ଯ୍ୟନ୍ତ ୪ଲେନ ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ବର୍ତ୍ତମାନ ସାରା ରାଜ୍ୟର ରୋଡ୍ ନେଟୱାର୍କର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ ଭୁବନେଶ୍ୱର -ପୁରୀ - କୋଣାର୍କକୁ ଏକ ସୁଦୃଢ଼ ରୋଡ୍ କରିଡରରେ ଯୋଡିବା ନେଇ ଥିବା ପ୍ରସ୍ତାବକୁ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଓ ଅବକାରୀ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଛନ୍ତି ।

ପିପିଲି-କୋଣାର୍କକୁ ସଂଯୋଗ କରିବାକୁ ଥିବା ନୂଆ ଗ୍ରୀନ ଫିଲଡ୍ କରିଡର ବହୁ ଗୁରୁତ୍ୱ ବହନ କରୁଛି । ଯାହାର ଲମ୍ବ ରହିବ ୪୦ କିଲୋମିଟର। ୨୦୦ ଫୁଟ ଚଉଡା ୪ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ହେଲେ ଯାନବାହନ ଗୁଡ଼ିକ ୧୦୦ କିମି ବେଗରେ ଗତି କରିପାରିବ। ଫଳରେ ପିପିଲି ରୁ କୋଣାର୍କ ଯିବାକୁ ସମୟ ଅବଧି ଦେଢ଼ ଘଣ୍ଟା ରୁ ୩୦ ମିନିଟ କୁ ହ୍ରାସ ପାଇବ। ଏହି ରାସ୍ତାର ନକ୍ସା ପ୍ରସ୍ତୁତ ସହ ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ବିଷୟ ଉପରେ ଧ୍ୟାନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଆଜିର ବୈଠକରେ ପୁରୀ ସହର ତାଜ ଇଣ୍ଟରନ୍ୟାସନାଲଠାରୁ ସିଟି ରୋଡ଼ ଦେଇ ଜଗନ୍ନାଥ ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହ ଶ୍ରୀ ଚୈତନ୍ୟ ରୋଡ଼ଠାରୁ ବାଲିସାହି ଦେଇ ଶ୍ରୀଜଗନ୍ନାଥ ମନ୍ଦିର ରାସ୍ତା, ଦୋଳମଣ୍ଡପ ସାହି ରାସ୍ତା ଏବଂ ଝଡ଼େଶ୍ୱରୀ କ୍ଲବଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ନେଇ ସର୍ଭେ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମୁଖ୍ୟଯନ୍ତ୍ରୀ ରୋଡ଼-୧ ଧ୍ୟାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ ରୋଡ଼-୨ ଶିବବ୍ରତ ତରିଆ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ (ଖୋର୍ଦ୍ଧା) ରାମଚନ୍ଦ୍ର ସେଠୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ ଓ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ ।

# କେନାଲକୁ ଖସିଲା କାର, ଜଣେ ମୃତ

**ବିକିଲା,୫।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ଅନ୍ତର୍ଗତ ପଣ୍ଡକିଟାଲ ସାହାଜବାହାଲ ନିକଟ ବଡ଼ କେନାଲ ଭିତରକୁ ପଶିଗଲା କାର । ଫଳରେ ଜଣଙ୍କର ମୃତ୍ୟୁ ହୋଇଛି । କୌଣସି କାରଣବଶତଃ ଭାରସାମ୍ୟ ହରାଇ ଗୋଟିଏ ନାଳି ରଙ୍ଗର ସୁଇଫ୍ଟ ଡିଜାର (ରେଜିଷ୍ଟ୍ରେସନ ନମ୍ବର ଓଡି ୧୧ସି ୭୧୯୪) କାରଟି ସିଧା ସଳଖ କେନାଲ ଭିତରକୁ ପଶି ଯାଇଥିଲା। ସ୍ଥାନୀୟ ଲୋକେ ସେଠାରେ ଜମା ହୋଇ ରାମପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଆସି କେନାଲରୁ ଜଣେ ଯୁବକଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିବା ଜଣାଯାଇଛି। ମୃତକ ହେଲେ ମୟୁରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା କେନ୍ଦୁଆ ଗ୍ରାମର ରୋହିଦାସ ସିଂ ।

# ବିଶ୍ୱ ପ୍ରବାସୀ ଶ୍ରମିକ ସମ୍ମିଳନୀରେ ଡ. ଖୁଣ୍ଟିଆଙ୍କ ଯୋଗଦାନ



**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ବିଶ୍ୱରେ ପଞ୍ଚଦଶ ବିଶ୍ୱ ପ୍ରବାସୀ ଶ୍ରମିକ ସମ୍ମିଳନୀ ହେଉଥିବା ବେଳେ ଏବଂ ପ୍ରତିସଂଘ ଦ୍ୱାରା ବିଶ୍ୱ ପ୍ରବାସୀ ଶ୍ରମିକଙ୍କ ପାଇଁ ଗ୍ଲୋବାଲ କମ୍ପାକ୍ଟ ଅନ୍ ମାଇଗ୍ରେସନ ପ୍ରସ୍ତୁତି ହୋଇଥିଲେ ହେଁ ପ୍ରବାସୀ ଶ୍ରମିକ ମାନଙ୍କର ଦୁଃଖ ଲାଘବ ହୋଇନାହିଁ। ବିଶ୍ୱରେ ୩୦ କୋଟି ୪୦ ଲକ୍ଷ ୨୧ ହଜାର ୮୧୩ ପ୍ରବାସୀ ଶ୍ରମିକ ଥିବାବେଳେ ଭାରତରେ ୧୩ କୋଟି ୯୦ ଲକ୍ଷ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଓ ୩ କୋଟି ଅନ୍ତରାଷ୍ଟ୍ରୀୟ ପ୍ରବାସୀ ଶ୍ରମିକ ଅଛନ୍ତି। ଓଡ଼ିଶାରୁ ୧ କୋଟି ଶ୍ରମିକ ପ୍ରବାସୀ ଶ୍ରମିକ ଭାବେ କାମ କରିବାକୁ ଯାଉଛନ୍ତି ବୋଲି ସରକାରୀ ଭାବେ କୁହାଯାଇଛି। ଦେଶରେ ପ୍ରାକୃତିକ ବିପର୍ଯ୍ୟୟ, ଗୃହ ଯୁଦ୍ଧ, ଶୋଷଣ ଓ ବେରୋଜଗାରୀ ପାଇଁ ପ୍ରବାସୀ ପାଇଁ ଶ୍ରମିକମାନେ ବାହାରକୁ ଯାଇଛନ୍ତି। ପ୍ରବାସୀ ଶ୍ରମିକମାନେ ଦେଶରେ ହେଉଥିବା ସମସ୍ତ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବାବେଳେ ଅଧିକାଂଶ ଶ୍ରମିକ ଦୁର୍ଘଟଣା ଶିକାର ହୋଇ ମରିଥାନ୍ତି ଓ ଅକର୍ମଣ୍ୟ ହୋଇଥାନ୍ତି। ୨୦୧୯ରେ କୋଟି କୋଟି ପ୍ରବାସୀ ଶ୍ରମିକ ସେମାନଙ୍କ ଜୀବନଜୀବିକା ହରାଇବା ସହ ବକେୟା ମଜୁରୀ ହରାଇଛନ୍ତି। ବିଶ୍ୱରେ ପ୍ରବାସୀ ଶ୍ରମିକମାନେ ପ୍ରାୟ ୮୦୦ ମିଲିୟନ ଆମେରିକା ଡଲାର ଉପାର୍ଜନ କରି ନିଜ ଦେଶକୁ ପଠାଉଛନ୍ତି। ଭାରତକୁ ସର୍ବାଧିକ ୧୩୯ ବିଲିୟନ ଡଲାର ୨୦୨୪ରେ ଆସିଛି। ଅନ୍ୟପକ୍ଷରେ ମୁକ୍ତ ବଜାର ଅର୍ଥନୀତି, କୋହଳ ଶ୍ରମ ଆଇନ ପରେ ମଧ୍ୟ ବିଦେଶୀ ପୁଞ୍ଜି ନିବେଶ ୫୦ ବିଲିୟନ ଡଲାରରୁ କମ୍ ରହିଛି। ଭାରତର ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ବାହାର ଦେଶରେ ଜେଲରେ ଅଛନ୍ତି। ଏଣୁ ଭାରତ ସମେତ ପ୍ରତ୍ୟେକ ଦେଶ ପ୍ରବାସୀ ଶ୍ରମିକ ମାନଙ୍କ ମଜୁରୀ, ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା ସମସ୍ତଙ୍କର ବାଧ୍ୟତାମୂଳକ ସ୍ୱାସ୍ଥ୍ୟ ବୀମା କରିବା ଆବଶ୍ୟକ ବୋଲି କଲମ୍ବିଆର ରହାଚୋରେ ଅନୁଷ୍ଠିତ ପଞ୍ଚଦଶ ବିଶ୍ୱ ପ୍ରବାସୀ ଶ୍ରମିକ ସମ୍ମିଳନୀରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ତଥା ବିଶ୍ୱ ପ୍ରବାସୀ ଶ୍ରମିକ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ ଭାଗ ନେଇ କହିଛନ୍ତି। ସମ୍ମିଳନୀକୁ ଲାଟିନ୍ ଆମେରିକାର କଲମ୍ବିଆ ରାଷ୍ଟ୍ରପତି ଉଦ୍‌ଘାଟନ କରିଥିବା ବେଳେ ପ୍ରାୟ ୩୯ଟି ଦେଶରୁ ସରକାରୀ ପ୍ରତିନିଧି, ଶ୍ରମିକ ପ୍ରତିନିଧି, ବେସରକାରୀ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ● ପାର୍ବଣ ପୂର୍ବରୁ ଅବକାରୀ ବିଭାଗର କଡ଼ା କାର୍ଯ୍ୟାନୁଷ୍ଠାନ

# ୪ ଦିନରେ ୫୧୧ ଗିରଫ, ୯୦୨ ମାମଲା ରୁଜୁ



**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ପାର୍ବଣ ପୂର୍ବରୁ ଅବକାରୀ ବିଭାଗର କଠୋର କାର୍ଯ୍ୟାନୁଷ୍ଠାନ ଫଳସ୍ୱରୂପ ଗତ ୪ ଦିନ ଭିତରେ ୫୧୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମୋଟ ୯୦୨ଟି ମାମଲା ରୁଜୁ କରାଯାଇଛି। ଏହି ଗିରଫ ୫୧୧ ଜଣଙ୍କଠାରୁ ୩ କୋଟି ୯୧ ଲକ୍ଷ ଟଙ୍କାର ଜବତ କରାଯାଇଛି। ଡ୍ରଗ୍ସ ନେଟୱର୍କକୁ ମୂଳପୋଛ କରିବା ସହକାରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛି ଅବକାରୀ ବିଭାଗ। ଏହି ଅନୁସାରେ ଓଡ଼ିଶା ଅବକାରୀ ବିଭାଗ ନିଶାଦ୍ରବ୍ୟ ଉପରେ ରାଜ୍ୟବ୍ୟାପୀ ଏକ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଗତ ୧ରୁ ୪ ତାରିଖ ମଧ୍ୟରେ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଅଭିଯାନରେ ୨୯ଟି ଏନ୍‌ଡିପିଏସ୍ ମାମଲା ଅନ୍ତର୍ଭୁକ୍ତ ରହିଛି। ଏହାଛଡ଼ା ୩୨୦ କିଗ୍ରା ଗଞ୍ଜେଇ ଓ ୫୬୦ ଗ୍ରାମ ବ୍ରାଉନସୁଗର ମଧ୍ୟ ଜବତ ହୋଇଛି। କେବଳ ଗତକାଲି ଦିନକ ଭିତରେ ୨୫୪ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୪୮ ଜଣଙ୍କୁ ଗିରଫ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡ଼ା ୧ କୋଟି ୩୯ ଲକ୍ଷ ଟଙ୍କାର ମଦ ଓ ଡ୍ରଗ୍ସ ଜବତ ହୋଇଛି। ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଏହି ଚଢ଼ାଉ କରାଯାଇଥିବା ବେଳେ ଗୋଟିଏ ଅପରେସନରେ ୨୦ ଲକ୍ଷ ୪ ହଜାର ଟଙ୍କାର ୧୯୪ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଥିବା ଜଣାପଡ଼ିଛି।

# ୭ରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ସାଇକ୍ଲୋଥନ୍-୨୦୨୫

**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଆନ୍ଦୋଳନ ସହ ସମନ୍ୱୟ ରଖି ଭାରତୀୟ ରେଳବାଇର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ 'ସାଇକେଲ୍ ଉପରେ ରବିବାର' ବା 'ସଣ୍ଡେ ଅନ ସାଇକେଲ୍' ବ୍ୟାନରରେ




ଏକ ସ୍ୱତନ୍ତ୍ର ସାଇକ୍ଲୋଥନ୍-୨୦୨୫ ଆୟୋଜନ କରୁଛି। ରେଳ କର୍ମଚାରୀ ଏବଂ ସମାଜ ମଧ୍ୟରେ ଶାରୀରିକ ଓ ମାନସିକ ସୁସ୍ଥତା ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ବ୍ୟାପକ ପ୍ରୟାସ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଆସନ୍ତା ୭ ତାରିଖ ରବିବାର ପ୍ରାତଃ ସାଢ଼େ ୭ଟା ସମୟରେ ଏହା ଆୟୋଜିତ ହେବ। ଏହା ରେଳବାଇ ଷ୍ଟାଡିୟମରୁ ଆରମ୍ଭ ହୋଇ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରର ପ୍ରବେଶ ଫାଟକ ପର୍ଯ୍ୟନ୍ତ ପାଖାପାଖି ୧୦ କିମି ଦୂରତା ଅତିକ୍ରମ କରି ପୁନର୍ବାର ସେଠାରୁ ପ୍ରତ୍ୟାବର୍ତ୍ତନ କରିବ। 'ଫିଟ୍‌ନେସ୍ କୀ ଡୋଜ୍, ଆଧା ଘଣ୍ଟା ରୋଜ୍' ଅଭିଯାନ ସ୍ଲୋଗାନ୍ ଅଧୀନରେ ଆୟୋଜିତ ଫିଟ୍ ଇଣ୍ଡିଆ ଆନ୍ଦୋଳନ କାର୍ଯ୍ୟକ୍ରମ ନିୟମିତ ଶାରୀରିକ କାର୍ଯ୍ୟକଳାପକୁ ଆମ ଦିନଚର୍ଯ୍ୟାରେ ସାମିଲ କରିବାର ଗୁରୁତ୍ୱକୁ ଉଜ୍ଜ୍ୱଳ କରିବା ସହ ଏହାକୁ କ୍ରମାଗତ ଭାବେ ଅଭ୍ୟାସ କରିବା ପାଇଁ ପ୍ରୋତ୍ସାହିତ କରିଥାଏ। ସାଇକେଲିଂ ଏକ ସରଳ, କିନ୍ତୁ ଶକ୍ତିଶାଳୀ ବ୍ୟାୟାମ ହୋଇଥିବା ବେଳେ ଏହା ହୃଦ୍‌ରୋଗ ସୁସ୍ଥତା ବୃଦ୍ଧି, ଉନ୍ନତ ଆସନ ଏବଂ ସମନ୍ୱୟ, ମାଂସପେଶୀ ଶକ୍ତି ଏବଂ ନମନୀୟତା ବୃଦ୍ଧି, ହାଡ଼ ଏବଂ ସନ୍ଧି ଗତିଶୀଳତାକୁ ସୁଦୃଢ଼ କରିବା, ଶରୀରର ଚର୍ବି ଏବଂ ଚାପ ସ୍ତର ହ୍ରାସ ଏବଂ ଜୀବନଶୈଳୀ ରୋଗର ପ୍ରତିରୋଧ ଏବଂ ପରିଚାଳନା ଭଳି ବହୁବିଧ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରିଥାଏ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ସମସ୍ତ ଶାଖା ଅଧିକାରୀ, କର୍ମଚାରୀ ଏବଂ କ୍ରୀଡାବିତ ଓ କ୍ରୀଡା କର୍ମଚାରୀମାନଙ୍କୁ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରାଯାଉଛି। ସମସ୍ତ ନିକଟବର୍ତ୍ତୀ ଷ୍ଟେସନରେ ରେଳ କର୍ମଚାରୀମାନଙ୍କୁ ସେମାନଙ୍କ ପରିବାର ସହ ଏହି ସ୍ୱାସ୍ଥ୍ୟ ପଦକ୍ଷେପରେ ଯୋଗଦେବା ଏବଂ ଏହି ଅଭିଯାନକୁ ସମର୍ଥନ କରିବା ପାଇଁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ବିଶେଷ ପ୍ରୟାସ କରାଯାଉଛି। 'ସଣ୍ଡେଜ୍ ଅନ୍ ସାଇକେଲ' କାର୍ଯ୍ୟକ୍ରମ ଏକ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହ ଭାରତୀୟ ରେଳବାଇର ସ୍ଥାୟିତ୍ୱ ଓ ସମୁଦାୟିକ କଲ୍ୟାଣର ବ୍ୟାପକ ଲକ୍ଷ୍ୟ ସହ ସମନ୍ୱୟ ରଖି ପରିବେଶଗତ ଚେତନାର ଏକ ଦୃଢ଼ ବାର୍ତ୍ତା ମଧ୍ୟ ଦେଉଛି।

# ଗୋଡ଼ାଇ ଗୋଡ଼ାଇ ଚଳନ୍ତା କାରରୁ ଗଞ୍ଜେଇ ଜବତକଲା ପୁଲିସ

**ବଲାଙ୍ଗୀର,୫।୯ (ସଂଚାର ବ୍ୟୁରୋ) :** କନ୍ଧମାଳ ବୌଦ୍ଧରୁ ତୁଷୁରା ନାଇକେନ ଶିରା ଛକଦେଇ ବଲାଙ୍ଗୀରକୁ କାରରେ ଗଞ୍ଜେଇ ଆସୁଥିଲା । ଏକ ସୁଇଫ୍ଟ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ପୁଲିସକୁ ଆଗରୁ ସୂଚନା ମିଳିଥିଲା। ପୂର୍ବ ପ୍ରସ୍ତୁତି ଅନୁଯାୟୀ କାରକୁ ଗୋଡ଼ାଇ ଗୋଡ଼ାଇ ଗଞ୍ଜେଇ ଗାଡ଼ିକୁ ଧରି ପୁଲିସ ସିଜ କରିଥିଲା। ପୁଲିସ ଡ୍ରାଇଭର ସହିତ ଛତିଶଗଡର ଦୁଇଜଣ ପ୍ରବୀଣ କୁମାର ମହାପାତ୍ର ଓ ପରମେଶ୍ୱର ଦାସଙ୍କୁ ଗିରଫ କରିଛି। ୩୦ କେଜି ୮୩୦ଗ୍ରାମ ଗଞ୍ଜେଇ ଜବତ ହୋଇଛି।

## ● ସଂଗଠନ ସୃଜନ ଅଭିଯାନ

# ନାଗରିକ ସମାଜର ସମ୍ପୃକ୍ତି ଲୋଡ଼ିଲା କଂଗ୍ରେସ

**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ଓଡିଶାରେ କଂଗ୍ରେସର ସମସ୍ତ ୩୫ ଗୋଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଚୟନ ପାଇଁ ଆରମ୍ଭ ହୋଇଥିବା ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ସୃଷ୍ଟି କରିଛି। ଦେଶର ବିଭିନ୍ନ ପ୍ରାନ୍ତରରୁ ବଛାବଛା ୩୫ ଜଣ ବରିଷ୍ଠ, ଅଭିଜ୍ଞ ଓ ଜଣାଶୁଣା କଂଗ୍ରେସ ନେତାଙ୍କୁ ଏଆଇସିସି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଓଡିଶା ପଠାଇଛି। ପ୍ରତ୍ୟେକ ଜିଲ୍ଲାରେ ସମ୍ପୃକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ସାହାଯ୍ୟ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ସଂପୃକ୍ତ ଜିଲ୍ଲାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଅନ୍ୟୁନ ୭ ଦିନ ଅବସ୍ଥାନ କରିବା ଭିତରେ ଦଳୀୟ କର୍ମୀ ଓ ନେତାଙ୍କ ମତାମତ ନେଇ ସବୁ ବର୍ଗର ପ୍ରତିନିଧିତ୍ୱ କରୁଥିବା ମୋଟ ୬ ଜଣ ଯୋଗ୍ୟ ଓ ଦକ୍ଷ ସଂଗଠକଙ୍କ ତାଲିକା ପ୍ରସ୍ତୁତ କରି ଏଆଇସିସି ଦ୍ୱାରା ଚୂଡାନ୍ତ ଚୟନ ନିମନ୍ତେ ଏହା ନିକଟରେ ଆସନ୍ତା ୧୪ ତାରିଖ ସୁଦ୍ଧା ଦାଖଲ କରିବେ। ଏହି ପ୍ରସଙ୍ଗରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ ଏକ ଶକ୍ତିଶାଳୀ ବିରୋଧୀ ଦଳ ସମୃଦ୍ଧ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ। ଦେଶରେ ବିଶେଷ କରି ଓଡିଶାରେ ସାଂପ୍ରତିକ ରାଜନୈତିକ ସ୍ଥିତି ଦୃଷ୍ଟିରୁ କଂଗ୍ରେସ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହେବାର ଆବଶ୍ୟକତା ରହିଛି। ତେଣୁ ତୃଣମୂଳ ସ୍ତରରେ ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ ଅଭିପ୍ରେତ ସୃଜନ କାର୍ଯ୍ୟକ୍ରମରେ ନାଗରିକ ସମାଜର ସଂପୃକ୍ତି ଲୋଡା ବୋଲି ଶ୍ରୀ ଗାନ୍ଧି ମତପ୍ରକାଶ କରିଛନ୍ତି। ରାହୁଲଜୀଙ୍କ ଆହ୍ୱାନକୁ କାର୍ଯ୍ୟକାରୀ କରିବା ପାଇଁ ଆଗେଇ ଆସିବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଓଡିଶାର ନାଗରିକ ସମାଜକୁ ନିବେଦନ କରିଛନ୍ତି। ନିଜନିଜ ଜିଲ୍ଲାରେ ଜଣେ ଲେଖାଏଁ ଦକ୍ଷ ଓ ଯୋଗ୍ୟ କଂଗ୍ରେସ ନେତାଙ୍କୁ ଡିସିସି ସଭାପତି ଚୟନ କରାଇବା ସମଭାବାପନ୍ନ ନାଗରିକ ସମାଜଗୁଡିକର ମଧ୍ୟ କର୍ତ୍ତବ୍ୟ ବୋଲି ଶ୍ରୀ ଦାସ କହିଛନ୍ତି। ଡିସିସି ସଂଯୋଜକମାନେ ନିଜ ନିଜ ଜିଲ୍ଲାର ବିଭିନ୍ନ ଅଗ୍ରଣୀ ସାମାଜିକ ସଂଗଠନ ଓ ନାଗରିକ ସମାଜର ଦାୟିତ୍ୱବାନ ଓ ଗ୍ରହଣୀୟ ପ୍ରତିନିଧିମାନଙ୍କୁ ନେଇ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ନିକଟରେ ଆଲୋଚନା ପାଇଁ ପହଞ୍ଚାଇବାରେ ସହଯୋଗ କରିବାକୁ ଶ୍ରୀ ଦାସ ଆହ୍ୱାନ କରିଛନ୍ତି।

## ଘରୋଇ ବ୍ୟାଙ୍କ ମ୍ୟାନେଜରଙ୍କ ଦବଙ୍ଗଗିରି

# ଗାର୍ଡ ସହ ଗ୍ରାହକଙ୍କୁ ନିସ୍ତୁକ ପିଟିଲେ




**କଟକ,୫।୯(ସଂଚାର ବ୍ୟୁରୋ):** ଘରୋଇ ବ୍ୟାଙ୍କ କର୍ମଚାରୀଙ୍କ ଦବଙ୍ଗ ଗିରି। ମ୍ୟାନେଜର ଚାମ୍ବରରେ ଜଣେ ଗ୍ରାହକ ଙ୍କୁ ନିସ୍ତୁକ ପିଟିଲେ ବ୍ୟାଙ୍କ ମ୍ୟାନେଜର। କଟକ ମହତାବ ରୋଡରେ ଏକ ଘରୋଇ ବ୍ୟାଙ୍କରେ ଗ୍ରାହକଙ୍କୁ ଗୋଡେଇ ଗୋଡେଇ ନିସ୍ତୁକ ପିଟିଲେ ବ୍ୟାଙ୍କ ମ୍ୟାନେଜର ଓ ଗାର୍ଡ। ଗ୍ରାହକ ଜଣଙ୍କ ହେଲେ କଟକର ପ୍ରଦୀପ କୁମାର ଜୈନ। ସେ ଏ ଡି କୋଡ ପାଇଁ ବ୍ୟାଙ୍କକୁ ବାରମ୍ବାର ଦୌଡୁ ଥିବା ବେଳେ ତାଙ୍କୁ ବାରମ୍ବାର ବ୍ୟାଙ୍କ ମ୍ୟାନେଜର ଦୁର୍ବ୍ୟବହାର କରୁଥିଲେ। ଶେଷରେ ଗତ ୩ ତାରିଖ ଦିନ ଯେତେବେଳେ ବ୍ୟାଙ୍କ ଯାଇଥିଲେ ସେତେବେଳେ କାହିଁକି ଏ ଡି କୋଡ ପାଇଁ ଡେରି କରୁଛନ୍ତି ବୋଲି ପଚାରିବାରୁ ହଠାତ ଉତ୍ତକ୍ଷୀପ୍ତ ହୋଇ ପଡ଼ିଥିଲେ ବ୍ରାଞ୍ଚ ମ୍ୟାନେଜର। ସାଙ୍ଗେସାଙ୍ଗେ ବିଧା ଗୋଇଠା ମାରିବା ସହ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ସୁରକ୍ଷା ଗାର୍ଡକୁ ମଧ୍ୟ କହିଥିଲେ ମାରିବା ପାଇଁ । ଏହା ପରେ ବ୍ୟାଙ୍କ କର୍ମଚାରୀ ଓ ଗାର୍ଡ ମିଶି ଅତି ଅମାନୁଷିକ ଭାବେ ମାଡ଼ ମାରିଥିଲେ।

ଏହି ଘଟଣା ପରେ ପ୍ରଦୀପ କଟକ ବାଦାମ ବାଡ଼ି ଥାନାରେ ଏକ ଏତେଲା ଦେବା ପରେ ପୋଲିସ ବ୍ୟାଙ୍କ୍ ଯାଇ ଘଟଣାର ତଦନ୍ତ କରୁଛି। ସିସି କ୍ୟାମେରାରେ ମାଡ଼ ମରାଯାଉଥିବା ଘଟଣା କଏଦ ହୋଇଛି। ତେବେ ଦେଖିବାକୁ ବାକି ରହିଲା ପୋଲିସ ଉକ୍ତ ବ୍ୟାଙ୍କ ମ୍ୟାନେଜର ଏବଂ ଗାର୍ଡଙ୍କୁ ଗିରଫ କରୁଛି ନା ନାହିଁ।

# ନିଷ୍ପେସିତ ମହିଳାଙ୍କ ସ୍ୱର ହେବ ବିଏମ୍‌ଜେଡି




**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ବିଜୁ ମହିଳା ଜନତା ଦଳ (ବିଏମ୍‌ଜେଡି)ର ସଭାନେତ୍ରୀ ଭାବେ ନିଯୁକ୍ତି ପାଇବା ପରେ ସ୍ନେହାଙ୍ଗିନୀ ଛୁରିଆ ଆଜି ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନରେ ରାଜ୍ୟ ବିଜେପି ସରକାର ବିଫଳ ହୋଇଛନ୍ତି ବୋଲି କହିଛନ୍ତି। ରାଜ୍ୟରେ ମହିଳାମାନଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଉଥିବା ବେଳେ ବିଏମ୍‌ଜେଡି ରାଜ୍ୟର ଅବହେଳିତ ଓ ନିଷ୍ପେସିତ ମହିଳାଙ୍କ ସ୍ୱର ହେବ ବୋଲି ସେ କହିଛନ୍ତି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ ପ୍ରଥମେ ତାଙ୍କୁ ପୁଣିଥରେ ଦଳର ମହିଳା ସଭାନେତ୍ରୀ ଭାବେ ଦାୟିତ୍ୱ ଦେଇଥିବାରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଗତ ୧୫ ମାସର ବିଜେପି ଶାସନରେ ରାଜ୍ୟର ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି ଓ ମହିଳାଙ୍କ ସମ୍ମାନ କ୍ଷୁଣ୍ଣ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଇଥିଲା। ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିବା ସହ ସମାଜରେ ନିଜର ପ୍ରତିଷ୍ଠା ହାସଲ କରିବାରେ ସକ୍ଷମ ହୋଇଥିଲେ। ବିଜେପି ସରକାରଙ୍କ ୧୫ ମାସର ଶାସନ ସମୟରେ, ମହିଳାମାନଙ୍କୁ ସମାଜରେ ପ୍ରତିଷ୍ଠା ଓ ସମ୍ମାନ ଦେଉଥିବା କାର୍ଯ୍ୟକ୍ରମ ମିଶନ ଶକ୍ତି ଏବେ ବନ୍ଦ ହେବାକୁ ବସିଲାଣି। ଏହାଛଡା, ପ୍ରାୟ ୪ ହଜାର ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି ଓ ରାଜ୍ୟରେ ପ୍ରାୟ ୧୫ ଜଣ ମହିଳା ପ୍ରତିଦିନ ଦୁଷ୍କର୍ମର ଶିକାର ହେଉଛନ୍ତି। ଧର୍ମକୁ ଆଖିଠାର ସଦୃଶ ଅପରାଧୀମାନଙ୍କୁ ଗିରଫ କରାଯାଉଛି, କିନ୍ତୁ ସେପରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଅପରାଧୀମାନଙ୍କ ମନୋବଳ ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମହିଳା ବ୍ୟାପାର ଦାୟିତ୍ୱ ପ୍ରଦାନ କରାଯାଇଥିବା ନେତ୍ରୀ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦିକା ସୁଲତା ଦେଓ, ମେୟର ତଥା ସାଧାରଣ ସମ୍ପାଦିକା ସୁଲୋଚନା ଦାସ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ସାଧାରଣ ସମ୍ପାଦିକା ଲୋପାମୁଦ୍ରା ବକ୍ସିପାତ୍ର, ସାଧାରଣ ସମ୍ପାଦିକା ମିନତୀ ବେହେରା, ସାଧାରଣ ସମ୍ପାଦିକା ଗୀତାଞ୍ଜଳି ବସ୍ତିଆ ଉପସ୍ଥିତ ଥିଲେ।

# ପୂଜା ଛୁଟି ପୂର୍ବରୁ ହୋଇପାରେ ଛାତ୍ର ସଂସଦ ନିର୍ବାଚନ



**ଭୁବନେଶ୍ୱର,୫।୯:** ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଏଯାବତ୍ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏ ସଂକ୍ରାନ୍ତୀୟ ପ୍ରସ୍ତାବ ସରକାରଙ୍କର ସକ୍ରିୟ ବିଚାରାଧୀନ ଥିବାରୁ ଯଦି ସକାରାତ୍ମକ ନିଷ୍ପତ୍ତି ହୁଏ ତେବେ ଚଳିତ ମାସରେ ଯେ କୌଣସି ସମୟରେ ଏ ସଂକ୍ରାନ୍ତୀୟ ଘୋଷଣା ପ୍ରକାଶ ପାଇବାର ସମ୍ଭାବନା ଥିବାରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଶାୟୀ ପ୍ରାର୍ଥୀ ଏବଂ ରାଜନୈତିକ ଦଳଗୁଡ଼ିକର ଛାତ୍ର ସଂଗଠନମାନେ ବିଶେଷ ତତ୍ପରତା ପ୍ରକାଶ କରୁଛନ୍ତି।

ଦୁର୍ଗା ପୂଜା ପାଇଁ ଚଳିତ ମାସର ଶେଷ ଆଡକୁ ଛୁଟି ହୋଇଯିବ। ତେଣୁ ଦୁର୍ଗା ପୂଜା ଛୁଟି ହେବା ଆଗରୁ ଛାତ୍ର ସଂସଦ ନିର୍ବାଚନ କରାଯିବାର ସମ୍ଭାବନା ରହିଛି। ଏଥିପାଇଁ କଲେଜ୍‌ଗୁଡ଼ିକୁ ପ୍ରସ୍ତୁତ ଲାଗି ଅନ୍ତତଃପକ୍ଷେ ୧୦ଦିନ ସମୟ ଦରକାର। ତାହାରି ଭିତରେ କଲେଜ୍‌ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଦିନରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରି ସେଥିରେ ପ୍ରାର୍ଥୀପତ୍ର ଦାଖଲ, ଯାଞ୍ଚ, ପ୍ରତ୍ୟାହାର, ପ୍ରାର୍ଥୀମାନଙ୍କ ବକ୍ତବ୍ୟ ପ୍ରଦାନ, ଭୋଟ ଗ୍ରହଣ, ଭୋଟ ଗଣନା, ଫଳାଫଳ ଘୋଷଣା ଏବଂ ନିର୍ବାଚିତ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମର ସମୟ ସାରଣୀ ଘୋଷଣା କରିବେ। ଅବଶ୍ୟ ରାଜ୍ୟ ସରକାର ଯେଉଁ ସମୟ ନିର୍ଘଣ୍ଟ ସ୍ଥିର କରିବେ ତଦନୁଯାୟୀ କଲେଜ କର୍ତ୍ତୃପକ୍ଷ ନିଜ ନିଜ ଶିକ୍ଷାନୁଷ୍ଠାନରେ ବିଜ୍ଞପ୍ତି ଜାରି କରିବେ।

ବିଭିନ୍ନ ପ୍ରସଙ୍ଗକୁ ନେଇ ଏବେ ବହୁ ଶିକ୍ଷାନୁଷ୍ଠାନରେ ସରଗରମ ପରିସ୍ଥିତି ରହିଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି କଲେଜ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟକ ଶିକ୍ଷକ ନାହାନ୍ତି ଏବଂ ଅଧିକାଂଶ କଲେଜ୍‌ରେ ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀରେ ନିୟମିତ ନିଯୁକ୍ତି ହୋଇନଥିବାରୁ ଭାରପ୍ରାପ୍ତ ବ୍ୟବସ୍ଥାରେ ଚାଲିଛି। ନିୟମିତ ଶିକ୍ଷକମାନଙ୍କୁ ଛାତ୍ର ସଂସଦ ନିର୍ବାଚନର ବିଭିନ୍ନ ଦାୟିତ୍ୱରେ ରଖାଯିବ। ତେବେ ଅତିଥି ଅଧ୍ୟାପକମାନେ ଏହି ବ୍ୟାପାରରେ ମୁଣ୍ଡ ଖେଳାଇବେ ନାହିଁ। ଏ ପରିପ୍ରେକ୍ଷୀରେ ଆଗୁଆ ତାରିଖ ଘୋଷଣା କରାନଗଲେ ତାହା କଲେଜ୍ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇପାରେ ବୋଲି ଅନେକ ଅଭିଜ୍ଞ ଅଧ୍ୟାପକ କହୁଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ପଞ୍ଚାୟତ, ପୌର, ସମବାୟ, ବିଧାନସଭା ଓ ସଂସଦ ପାଇଁ ନିର୍ବାଚନ ହେଉଥିବା ବେଳେ ବର୍ଷବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ହେଉନାହିଁ। ଯୁବକ ସଂଘ, ମହିଳା ସମିତି, କର୍ମଚାରୀ ଓ ଶ୍ରମିକ ସଂଘ ଆଦିରେ ନିର୍ବାଚନ ହୋଇପାରୁଥିବା ବେଳେ ଛାତ୍ର ସଂସଦ ନିର୍ବାଚନକୁ କିନ୍ତୁ ବିଭିନ୍ନ ଆଳ ଦେଖାଇ କରାଇ ଦିଆଯାଉ ନାହିଁ। ବିଜେଡି ସରକାର ସମୟରେ ପ୍ରାୟ ୫ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିବାବେଳେ ୨୦୨୪ ଜୁନ୍ ମାସରେ ଓଡ଼ିଶାରେ ବିଜେପି ସରକାର ଗଢ଼ାଯାଇଥିଲେ ମଧ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବିବୃତି ସତ୍ତ୍ୱେ ଗତବର୍ଷ ନିର୍ବାଚନ ହୋଇନଥିଲା। ଏବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ ହେବ ବୋଲି କୁହାଯାଉଥିଲେ ବି ଏଯାବତ୍ ସରକାରୀ ସ୍ତରରେ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇ ନାହିଁ। ତେବେ ଉଚ୍ଚଶିକ୍ଷା ବିଭାଗ ନିର୍ବାଚନ ସପକ୍ଷରେ ମତ ଦେଇଥିବା ଜଣାପଡିଛି।

କ୍ଷମତାକୁ ଆସିବା ପରେ ବିଜେପି ସରକାର ଅମଳରେ ଛାତ୍ର ସଂସଦଗୁଡ଼ିକରେ କେଉଁ ଦଳର ଅଧିକ ପତିଆରା ରହିବ ତାହାକୁ ନେଇ ରାଜ୍ୟ ରାଜଧାନୀରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସରଗରମ ରାଜନୀତି ଚାଲିଛି। ସଂଖ୍ୟାଧିକ କ୍ଷେତ୍ରରେ ଛାତ୍ର ସଂସଦ ଦଖଲ କରିବା ବିଜେପି ପାଇଁ ମର୍ଯ୍ୟାଦାର ପ୍ରଶ୍ନ ହୋଇଥିବା ବେଳେ ବିଜେଡି, କଂଗ୍ରେସ ଓ ବାମପନ୍ଥୀ ଦଳ ସମର୍ଥିତ ଛାତ୍ର ସଂଗଠନଗୁଡ଼ିକ ବି ନିଜ ନିଜର ଲୋକପ୍ରିୟତା ପ୍ରମାଣିତ କରିବା ପାଇଁ ପୂରା ଦମ୍‌ରେ ଲାଗିଛନ୍ତି। ଗ୍ରୀଷ୍ମାବକାଶ ପରେ କଲେଜ୍‌ଗୁଡ଼ିକ ଖୋଲିବା ଓ ତାହା ପରେ ପରେ ନବାଗତ ଛାତ୍ରଛାତ୍ରୀଙ୍କ ନାମାଙ୍କନ ସମୟରୁ ପିଲାମାନଙ୍କୁ ନିଜ ପକ୍ଷକୁ ଟାଣିବା ପାଇଁ ଛାତ୍ର ସଂଗଠନଗୁଡ଼ିକ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ବେଳେ ସମସ୍ତଙ୍କ ନଜର ଏ ସଂକ୍ରାନ୍ତୀୟ ସରକାରୀ ନିଷ୍ପତ୍ତି ଉପରେ ରହିଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



ଶନିବାର ୬ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Saturday 6 September 2025, Bhubaneswar

# ନୂତନ ଶିକ୍ଷା ନୀତି-୨୦୨୦ ଏକ ବିପ୍ଲବୀ ପରିବର୍ତ୍ତନ

ଭାରତର ଶିକ୍ଷା ବ୍ୟବସ୍ଥା ଦୀର୍ଘ ଦିନରୁ ଉପନିବେଶବାଦୀ ମନୋଭାବରେ ଆବଦ୍ଧ ରହିଥିଲା। ଏହା ରୋଟ୍ ଲର୍ଣ୍ଣିଂ ଉପରେ ଆଧାରିତ ଥିଲା, ଯାହା ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତା ଓ ବ୍ୟବହାରିକ ଜ୍ଞାନକୁ ଅବହେଳା କରୁଥିଲା। କିନ୍ତୁ ୨୦୨୦ ରେ ପ୍ରବର୍ତ୍ତିତ ନୂତନ ଶିକ୍ଷା ନୀତି (ଏନ୍ଇପି) ଏହି ପୁରାତନ ବ୍ୟବସ୍ଥାକୁ ମୂଳରୁ ବଦଳାଇବାର ପ୍ରତିଶ୍ରୁତି ଦେଇଛି। ଏହା ଭାରତୀୟ ଶିକ୍ଷାକୁ ଏକ ଗେମ୍ ଚେଞ୍ଜର୍ ଭାବରେ ପରିଣତ କରିବ, ଯାହା ଦେଶର ଯୁବଗୋଷ୍ଠୀକୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସକ୍ଷମ କରିବ। ଏହି ନୀତି ପ୍ରବେଶ, ସମତା, ଗୁଣବତ୍ତା, ସୁଲଭତା ଓ ଉତ୍ତରଦାୟିତ୍ୱ ଉପରେ ଆଧାରିତ, ଯାହା ଭାରତକୁ ଏକ ଜ୍ଞାନଭିତ୍ତିକ ସମାଜରେ ପରିଣତ କରିବ।

ଏନ୍ଇପିର ସବୁଠାରୁ ବଡ଼ ପରିବର୍ତ୍ତନ ହେଉଛି ବିଦ୍ୟାଳୟ ବ୍ୟବସ୍ଥାର ନୂତନ ଗଠନ: ୫+୩+୩+୪ ମଡେଲ୍। ପୁରାତନ ୧୦+୨ ବ୍ୟବସ୍ଥାକୁ ବଦଳାଇ ଏହା ବାଲ୍ୟକାଳରୁ ଆରମ୍ଭ କରି ଆଧାରଭୂତ ଶିକ୍ଷା (୫ ବର୍ଷ: ୩ ବର୍ଷ ପ୍ରାକ୍-ପ୍ରାଥମିକ + ୨ ବର୍ଷ ପ୍ରାଥମିକ), ପ୍ରସ୍ତୁତି ପର୍ଯ୍ୟାୟ (୩ ବର୍ଷ: କ୍ଲାସ୍ ୩-୫), ମଧ୍ୟବର୍ତ୍ତୀ ପର୍ଯ୍ୟାୟ (୩ ବର୍ଷ: କ୍ଲାସ୍ ୬-୮) ଓ ମାଧ୍ୟମିକ ପର୍ଯ୍ୟାୟ (୪ ବର୍ଷ: କ୍ଲାସ୍ ୯-୧୨) ରେ ବିଭକ୍ତ। ଏହା ବାଲ୍ୟକାଳର ବିକାଶକୁ ଗୁରୁତ୍ୱ ଦେଇଥାଏ, ଯାହା ପୂର୍ବରୁ ଅବହେଳିତ ଥିଲା। ଫଳରେ, ବିଦ୍ୟାଳୟରେ ୧୦୦% ନାମଲେଖା ହାର (ଜିଇଆର୍) କୁ ୨୦୩୦ ସୁଦ୍ଧା ହାସଲ କରିବାର ଲକ୍ଷ୍ୟ ରହିଛି। ଭାଷା ନୀତି ମଧ୍ୟ ଏକ ବିପ୍ଳବୀ ପଦକ୍ଷେପ। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷା ବା ସ୍ଥାନୀୟ ଭାଷାରେ ଶିକ୍ଷାଦାନ କରିବାକୁ ଉତ୍ସାହିତ କରାଯାଇଛି। ଏହା ବିଶେଷକରି ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଲାଭ ଦେବ, ଯେଉଁମାନେ ଇଂରାଜୀ ମାଧ୍ୟମରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏହା ସାଂସ୍କୃତିକ ବିବିଧତାକୁ ସଂରକ୍ଷଣ କରିବ ଏବଂ



ଶିକ୍ଷାକୁ ଅଧିକ ସମାବେଶୀ କରିବ। ଏହା ବ୍ୟତୀତ, ନୀତି ବ୍ୟବହାରିକ ଶିକ୍ଷାକୁ ପ୍ରୋତ୍ସାହନ ଦେଇଛି। ଷଷ୍ଠ ଶ୍ରେଣୀରୁ ବୃତ୍ତିଗତ ଶିକ୍ଷା ଆରମ୍ଭ ହେବ, ଯାହା ଛାତ୍ରଛାତ୍ରୀମାନଙ୍କୁ କୌଶଳଭିତ୍ତିକ କରିବ ଏବଂ ବେରୋଜଗାରୀ ସମସ୍ୟାକୁ ହ୍ରାସ କରିବ।

ମୂଲ୍ୟାୟନ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଆସିଛି। ରୋଟ୍ ଲର୍ଣ୍ଣିଂ ବଦଳରେ ସମର୍ଥନଭିତ୍ତିକ ମୂଲ୍ୟାୟନ ହେବ, ଯାହା ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ବିକାଶ, ସମସ୍ୟା ସମାଧାନ କ୍ଷମତା ଓ ସୃଜନଶୀଳତାକୁ ପରୀକ୍ଷା କରିବ। ଏହା ପରୀକ୍ଷାର ଚାପ ହ୍ରାସ କରିବ ଏବଂ ଶିକ୍ଷାକୁ ଅଧିକ ଆନନ୍ଦଦାୟକ କରିବ। ଉଚ୍ଚଶିକ୍ଷାରେ ବହୁବିଧ ବିଷୟଭିତ୍ତିକ ଶିକ୍ଷା, ବହୁପ୍ରବେଶ/ବାହାର ବ୍ୟବସ୍ଥା ଓ କ୍ରେଡିଟ୍ ସିଷ୍ଟମ୍ ଆରମ୍ଭ ହେବ। ଏହା ଛାତ୍ରଛାତ୍ରୀମାନଙ୍କୁ ନମନୀୟତା ପ୍ରଦାନ କରିବ ଏବଂ ଉଚ୍ଚଶିକ୍ଷାରେ ଜିଇଆର୍‌କୁ ୫୦% କୁ ବୃଦ୍ଧି କରିବାର ଲକ୍ଷ୍ୟ ରହିଛି।

ଟେକ୍ନୋଲୋଜିର ସଂଯୋଜନ ଏନ୍ଇପିର ଆଉ ଏକ ମୁଖ୍ୟ ବିଶେଷତ୍ୱ। ଡିଜିଟାଲ୍ ଶିକ୍ଷା, ଇ-ଲର୍ଣ୍ଣିଂ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାର ଶିକ୍ଷାକୁ ସୁଲଭ କରିବ। କୋଭିଡ୍ ମହାମାରୀ ପରେ ଏହାର ଆବଶ୍ୟକତା ଅଧିକ ଅନୁଭୂତ ହୋଇଛି। ଶିକ୍ଷକ ପ୍ରଶିକ୍ଷଣରେ ମଧ୍ୟ ଉନ୍ନତି ଆସିବ, ଯାହା ଗୁଣବତ୍ତାଯୁକ୍ତ ଶିକ୍ଷା ନିଶ୍ଚିତ କରିବ। ସମତା ଓ ସମାବେଶ ଉପରେ ଗୁରୁତ୍ୱ ଦେଇ ଏହା ଦୁର୍ବଳ ବର୍ଗକୁ ସଶକ୍ତ କରିବ, ଯାହା ସାମାଜିକ ନ୍ୟାୟର ଦିଗରେ ଏକ ପଦକ୍ଷେପ।

ଏନ୍ଇପି ଭାରତୀୟ ଶିକ୍ଷାକୁ ଭାରତୀୟ ମୂଲ୍ୟବୋଧରେ ଆଧାରିତ କରି ବିଶ୍ୱସ୍ତରୀୟ ମାନକରେ ଉନ୍ନୀତ କରିବ। ଏହାର କାର୍ଯ୍ୟାନ୍ୱୟନ ଚ୍ୟାଲେଞ୍ଜ୍ ପୂର୍ଣ୍ଣ ହୋଇପାରେ, କିନ୍ତୁ ଏହା ଦେଶର ଅର୍ଥନୀତି, ସମାଜ ଓ ସଂସ୍କୃତିକୁ ବଦଳାଇବ। ଏହା ଏକ ଗେମ୍ ଚେଞ୍ଜର୍, ଯାହା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବ।

# ଜେଲଗୁଡିକର ଦୟନୀୟ ସ୍ଥିତି

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ଦେଶରେ ଥିବା ଜେଲଗୁଡିକରେ ବ୍ୟାପକ ସଂସ୍କାର ତଥା କଏଦୀଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରସରକାର ଏବଂ ସୁପ୍ରିମକୋର୍ଟ ବହୁବିଧ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରିଥିବାବେଳେ କାରାଗାରଗୁଡିକରେ କଏଦୀଙ୍କ ସ୍ଥିତି ନେଇ ଦି ଇଣ୍ଡିଆ ଜଷ୍ଟିସ ରିପୋର୍ଟ ୨୦୨୫ରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଜେଲଗୁଡିକର ଦୟନୀୟ ଅବସ୍ଥାକୁ ପ୍ରଦର୍ଶିତ କରିଛି ବୋଲି କୁହାଯାଇପାରିବ। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଥିବା ମୋଟ ୧୩୦୨ଟି ଜେଲରେ ୪ଲକ୍ଷ ୩୬ହଜାର ରହିବା ପାଇଁ ବ୍ୟବସ୍ଥା ଥିବାବେଳେ ୨୦୨୨ ମସିହା ସୁଦ୍ଧା ୫ଲକ୍ଷ ୭୩ ହଜାରରୁ ଅଧିକ କଏଦୀ ବନ୍ଦୀ ଥିଲେ, ଯାହାକି ନିର୍ଦ୍ଧାରିତ ସଂଖ୍ୟାଠାରୁ ୧୩୧ ପ୍ରତିଶତ ଅଧିକ କଏଦୀ ବନ୍ଦୀ ଥିଲେ, ଯାହାକି ନିର୍ଦ୍ଧାରିତ ସଂଖ୍ୟା ଠାରୁ ୧୩୧ ପ୍ରତିଶତ ଅଧିକ। ଇତି ମଧ୍ୟରେ କଏଦୀଙ୍କ ସଂଖ୍ୟା ଆହୁରି ଅଧିକ ବୃଦ୍ଧି ପାଇବା ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ। ରିପୋର୍ଟରେ କୁହାଯାଇଛି ଯେ, ଅଧାରୁ ଅଧିକ କାରାଗାରଗୁଡିକରେ କ୍ଷମତା ଠାରୁ ଅଧିକ କଏଦୀ ଥିବାବେଳେ କେତେକରେ ୪ଗୁଣାରୁ ଅଧିକ କଏଦୀ ରହିଅଛନ୍ତି। ରାଜଧାନୀ ଦିଲ୍ଲୀରେ ଚର୍ଚ୍ଚିତ ତିହାର ଜେଲରେ କ୍ଷମତାଠାରୁ ୮ଗୁଣ ଅଧିକ ତଥା ୪୦୦ ପ୍ରତିଶତରୁ ଅଧିକ କଏଦୀ ରହିଥିବାବେଳେ ୧୭୬ଟି କାରାଗାରରେ ଏବେ ଧାର୍ଯ୍ୟ ସଂଖ୍ୟା ଠାରୁ ୪ଗୁଣ ଅଧିକ ତଥା ୨୦୦ ପ୍ରତିଶତ କଏଦୀ ଅଧିକ ରହିଛନ୍ତି। ଏଥିରୁ କଏଦୀମାନେ କେତେ ସୁଖ ସ୍ୱାଚ୍ଛନ୍ଦ୍ୟରେ ବନ୍ଦୀ ଜୀବନଯାପନ କରୁଛନ୍ତି, ତାହା ସ୍ପଷ୍ଟ ଅନୁମେୟ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ବିଚାରଧୀନ ଏବଂ ସେମାନଙ୍କର ଦୀର୍ଘ ଅବସ୍ଥାନ ଯୋଗୁଁ କାରାଗାରଗୁଡିକରେ ଗହଳି ବଢ଼ିବାରେ ଲାଗିଛି। ଏପରିକି ମାମଲା ବିଚାର ହୋଇପାରୁନଥିବାରୁ ଦୀର୍ଘ ବର୍ଷ ବର୍ଷ ଧରି ବିଚାରାଧୀନମାନେ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। କାରାଗାରଗୁଡିକର ଅବସ୍ଥା ଏପରି ହୋଇଛି ଯେ, ଅନ୍ତେବାସୀମାନେ ଭିଡ ବା ଗହଳି ଯୋଗୁଁ ଅଣ ନିଶ୍ୱାସୀ ହୋଇପଡ଼ିଲେଣି। ଆହୁରି ମଧ୍ୟ ଏନେଇ କାରାଗାର ସଂସ୍କାର କମିଟି ଯେଉଁ ରିପୋର୍ଟ ଦେଇଛି, ତାହା ମଧ୍ୟ ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ଜେଲରେ ଗହଳି ଯୋଗୁଁ ୬୮ ପ୍ରତିଶତ କଏଦୀ ଭଲରେ ହୋଇପାରୁଥିବାବେଳେ ସ୍ଥାନଭାବ ଯୋଗୁଁ ୩୨ପ୍ରତିଶତ କଏଦୀଙ୍କୁ ରାତ୍ରି ଅନିଦ୍ରା ହେବାକୁ ପଡୁଛି। ତେବେ ଏବେ ଜେଲଗୁଡିକରେ କଏଦୀଙ୍କ ସଂଖ୍ୟା ଯେପରି ବଢ଼ିଚାଲିଛି, ୨୦୩୦ ମସିହା ସୁଦ୍ଧା ସେମାନଙ୍କ ସଂଖ୍ୟା ୬ଲକ୍ଷ ୮୦ହଜାରକୁ ବୃଦ୍ଧି ପାଇବ। ଯାହାକି କାରାଗାରଗୁଡିକର ସାମର୍ଥ୍ୟ ୫ଲକ୍ଷ ୧୫ହଜାର ଠାରୁ ଢେର ଅଧିକ। ଏହା ନିସନ୍ଦେହ ଯେ, ବ୍ୟାପକ ଜେଲ ସଂସ୍କାର ସତ୍ତ୍ୱେ କାରାଗାରଗୁଡିକରେ କେବଳ ସ୍ଥାନାଭାବ ନୁହେଁ, ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ସମେତ ବିଭିନ୍ନ ସମସ୍ୟା ଗୁରୁତର ହେବାରେ ଲାଗିଛି। ଏହା ହେଉଛି ମାନବିକ ଅଧିକାର ଜରୁରୀ ପରିସ୍ଥିତି। ଜେଲରେ ଦୀର୍ଘ ବନ୍ଦୀ ଯୋଗୁଁ କଏଦୀଙ୍କ ମଧ୍ୟରେ ମାନସିକ ରୋଗ ବଢ଼ିଚାଲିଛି। ଏକ ରିପୋର୍ଟ ଅନୁଯାୟୀ, ୨୦୧୨ ମସିହା ପରେ ମାନସିକ ରୋଗ ଦ୍ୱିଗୁଣିତ ହୋଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିଚାରାଧୀନ କଏଦୀ। ଯେଉଁମାନଙ୍କ ଅପରାଧ ନିର୍ଦ୍ଧାରିତ ହୋଇନାହିଁ ସେମାନେ ଏବେ ମାନସିକ ଯନ୍ତ୍ରଣରେ ଜର୍ଜରିତ। ଗୋଟିଏ ପଟେ ଜେଲରେ ଅନ୍ତେବାସୀଙ୍କ ମଧ୍ୟରେ ମାନସିକ ରୋଗ ବଢ଼ିଚାଲିଥିବାବେଳେ ଅନ୍ୟପଟେ ଦେଶରେ ସମସ୍ତ କଏଦୀଙ୍କ ପାଇଁ ମାତ୍ର ୨୫ ଜଣ ମନୋଚକିତ୍ସକ ଅଛନ୍ତି। ଯାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଇପାରେ। ସେହିପରି ଜେଲରେ ଚିକିତ୍ସା ସମସ୍ୟା ମଧ୍ୟ କିଛି କମ୍ ନୁହେଁ। ଦେଶବ୍ୟାପୀ ୪୩ପ୍ରତିଶତରୁ ଅଧିକ ଡାକ୍ତର ପଦବୀ ଖାଲି ପଡ଼ିଛି। ଚିକିତ୍ସା ଅଭାବରୁ କଏଦୀମାନେ ଉଭୟ ଶାରୀରିକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କୁହାଯାଏ। ଜାତୀୟ ରାଜଧାନୀ ଦିଲ୍ଲୀରେ ଥିବା ଜେଲ ଗୁଡିକରେ ୨୦୬ ଜଣ କଏଦୀଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଥିବା ଜଣାଯାଏ। ଏହା ନିସନ୍ଦେହ ଯେ, ଜେଲରେ କଏଦୀଙ୍କ ପ୍ରତି ଉଭୟ ସରକାର ଓ ବିଚାର ପ୍ରକ୍ରିୟାର ଅବହେଳା ନୂଆ ନୁହେଁ। ବିଚାର ପ୍ରକ୍ରିୟାରେ ମନ୍ଥରତା ଯୋଗୁଁ ବିଚାରଧୀନଙ୍କ ବନ୍ଦୀ ଜୀବନ ବଢ଼ିଚାଲିଥିବାବେଳେ ସରକାର ପ୍ରଶାସନର ଉଦାସୀନତା ସଂକଟକୁ ଦ୍ୱିଗୁଣିତ କରିଛି। ଜେଲଗୁଡିକରେ ସୁଧାର କାର୍ଯ୍ୟକ୍ରମ ପାଇଁ ମଞ୍ଜୁରୀ ପ୍ରାପ୍ତ ପଦବୀଗୁଡିକ ମଧ୍ୟରୁ ୬୦ପ୍ରତିଶତ ପଦବୀ ଖାଲି ପଡ଼ିଛି। କର୍ମଚାରୀ ଅଭାବରୁ ସୁଧାରମୂଳକ କାର୍ଯ୍ୟକ୍ରମ ଆଗେଇ ପାରୁନାହିଁ। ସେହିପରି ସର୍ବୋଚ୍ଚ ଅଦାଲତ ବାରମ୍ବାର ଦୀର୍ଘକାଳୀନ ଜେଲ ଯୋଜନାର ଅବାଶ୍ୟକତା ଉପରେ ଗୁରୁତ୍ୱ ଦେଇ ଆସୁଥିବା ସତ୍ତ୍ୱେ ଶାସନ-ପ୍ରଶାସନର ଉଦାସୀନତା ଯୋଗୁଁ କୌଣସି କାର୍ଯ୍ୟ ଆଗେଇ ପାରୁନାହିଁ। ଯାହାର ପରିଣତିସ୍ୱରୁପ ଜେଲ ସଂକଟ ବଢ଼ିବାରେ ଲାଗିଛି। ଏହି ସଂକଟର ସମାଧାନ ପାଇଁ ରାଜନୈତିକ ଇଚ୍ଛାଶକ୍ତି ଜରୁରୀ। ଫାଷ୍ଟଟ୍ରାକ କୋର୍ଟ ଏବଂ ବିକଳ୍ପ ବିବାଦ ସମାଧାନର ପନ୍ଥା ବିଚାରଧୀନ କଏଦୀଙ୍କ ସଂଖ୍ୟା ହ୍ରାସ କରିପାରିବ। ଆହୁରି ମଧ୍ୟ କଏଦୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଭିତିଭୂମି ନିର୍ମାଣ, ଡାକ୍ତର, ମନୋଚିକିତ୍ସା ଓ କର୍ମଚାରୀ ନିଯୁକ୍ତିର ଜରୁରୀ ଆବଶ୍ୟକତା ରହିଛି। ଗରିବଙ୍କ ପାଇଁ ଆଇନଗତ ସହାୟତାକୁ ତ୍ୱରିତ କରିବା ସହ ବିଚାରଧୀନଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଏହା ସତ୍ୟ ଯେ, କଏଦୀଙ୍କୁ ସମ୍ମାନ ଓ ଯତ୍ନ ଆମ ଗଣତନ୍ତ୍ର ଶକ୍ତିକୁ ପ୍ରତିଫଳିତ କରେ, ଏହା ଏକ ଅନୁକମ୍ପା ନୁହେଁ, ସାମ୍ବିଧାନିକ କର୍ତବ୍ୟ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ଗୁପ୍ତ ଚିଠି

କିଶୋର ଚନ୍ଦ୍ର ବେହେରା



ଏବେ ଡିଜିଟାଲର ଯୁଗ। ଆଖି ପିଛୁଳାକେ ପୃଥିବୀର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଖବର ପଠାଯାଇ ପାରୁଛି। ଇଣ୍ଟରନେଟ ଖବର ଆଦାନ ପ୍ରଦାନର ଯୋଗାଯୋଗ ମାଧ୍ୟମକୁ ଅଧିକ ସହଜ ଓ ନିକଟତର କରିଛି। ଅତ୍ୟାଧୁନିକ ଯୁଗରେ ସମସ୍ତ ଯୋଗାଯୋଗ ସରଳ ହେଲେ ମଧ୍ୟ ଚିଠିର ଗୁରୁତ୍ୱ ଆଜିବି ରହିଛି। ବର୍ତ୍ତମାନ ମାତ୍ରାଧିକ ସାଧାରଣ ଜନତା ଠାରୁ ଆରମ୍ଭ କରି ରାଷ୍ଟ୍ରର ସର୍ବୋଚ୍ଚ ରାଜନେତା ଚିଠିରେ ଭାବର ଆଦାନ ପ୍ରଦାନ କରିଥାନ୍ତି। ଚିଠିଟିଏ ସାଥିରେ ଧରିଆସେ ଅନେକ ବାର୍ତ୍ତା। କିଛି ଦୁଃଖ ଓ ସୁଖର ଅନେକ ଅନୁଭୂତି। ତେବେ ଏହି ଚିଠିର ଇତିହାସ ପୃଷ୍ଠାଟି ବହୁତ ପୁରୁଣା। କେଉଁ ରାଜରାଜୁଡା ଅମଳରୁ ଦୂତମାନେ ଗୁପ୍ତ ଚିଠି ଧରି ଆସିବାର ଅନେକ ପୁରାଣ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଥିବାର ନଜିର ଅଛି। ଏହି ଗୁପ୍ତ ଚିଠି ଶତ୍ରୁରାଜ୍ୟକୁ ମିତ୍ରରେ ଓ ଆଉ ମିତ୍ରକୁ ଶତ୍ରୁରେ ପରିଣତ କରିଛି। ଏହି ଚିଠିଟି ପାଇଁ କେଉଁଠି ରକ୍ତର ନଦୀ ବୋହିଯାଇଛି ତ, କେଉଁଠି ଖୁସିର ଢେଉ ନାଚି ଉଠିଛି। ଚିଠିର ତାତ୍ପର୍ଯ୍ୟତାକୁ ଦୃଷ୍ଟିରେ ରଖି ଅନେକ କବି, ଗାଳ୍ପିକ ଓ ପ୍ରାବନ୍ଧିକ ଋଦ୍ଧିମନ୍ତ କରିଛନ୍ତି ନିଜର ଲେଖନୀ ଚାଳନାରେ। ଏଠି ଯୁବ ପିଢ଼ୀଙ୍କ ଭୂମିକା ନିଆରା, ପ୍ରେମ ସମ୍ପର୍କରେ ଚିଠିର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରମାଣିତ ହୋଇଛି। ସେ ଚିଠିରେ ଅନ୍ତର ତଳର ମରମ କଥାଗୁଡିକ, ଯାହା ଓଠ କହିବାକୁ ସାହସ କରିପାରିନି, ଚିଠି ନିଜ ଛାତି ଉପରେ ବହନକରି ନେଇଯାଇଛି। ଚିଠିଟିକୁ ପାଇ ପ୍ରେମିକାର ମନରେ ଉଠିଛି ପ୍ରେମର ଜୁଆର। ଚିଠିକୁ ନେଇ ସର୍ବଭାରତୀୟ ସ୍ତରରେ ହିନ୍ଦୀ ଚଳଚ୍ଚିତ୍ର ଠାରୁ ଆରମ୍ଭ କରି ପ୍ରାଦେଶିକ ଭାଷାରେ ଅନେକ ଚଳଚ୍ଚିତ୍ର, ମଞ୍ଚ ନାଟକ ଓ ଯାତ୍ରା ମଞ୍ଚରେ ପରିବେଷଣ ହୋଇଛି। ଏହା ଦର୍ଶକମାନଙ୍କ ନିକଟତର ହୋଇଥିଲା ବେଳେ ଅନେକଙ୍କୁ ନିରାଶ ହେବାକୁ ପଡ଼ିଛି। ରାମାୟଣ ଅରଣ୍ୟ କାଣ୍ଡରେ ରାମଚନ୍ଦ୍ର ଲକ୍ଷ୍ମଣଙ୍କ ଉଦ୍ଦେଶ୍ୟରେ ଶୂପଣାଖା ହାତରେ ଚିଠି ଟିଏ ଦେଇ ପଠାଇଛନ୍ତି ଓ ସେଥିରେ ଲେଖିଛନ୍ତି "ବାବୁ ନାକଶିରୀ ଦାନ ଯୋଗ୍ୟ ଯୋଷାକୁ, ବିହର କାନନ କର ଆଲିଙ୍ଗନକୁ"। ଓଡ଼ିଆ ଭାଷା, ସାହିତ୍ୟ ଜଗତର ସମ୍ରାଟ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜ୍ଞାନ ଚାତୁରୀ ତଥା ଶବ୍ଦ ଜ୍ଞାନ ଯେ କେଡ଼େ ଗଭୀର ତାହା ତାଙ୍କ କାବ୍ୟ କବିତାରୁ ଜଣା ପଡ଼େ। ସେହିଭଳି ମଥୁରା ନରେଶ ତ୍ରିଭୁବନ ବିଜୟୀ କଂସ ମିଛ ପ୍ରଲୋଭନ ଧନୁଯାତ୍ରା ଆୟୋଜନ କରି ଭଣଜା ଶ୍ରୀକୃଷ୍ଣଙ୍କୁ ଓ ବଳରାମଙ୍କୁ ଅକ୍ରୁର ମାଧ୍ୟମରେ ଚିଠି ଓ ନିମନ୍ତ୍ରଣ ଦେଇ ଡକାଇ ପଠାଇବା।

ଦୁନିଆରେ ପ୍ରଥମ ଥର ପାଇଁ ଚିଠି ଲେଖିବାର କୌଣସି ଲିଖିତ ପ୍ରମାଣ ନାହିଁ, କିନ୍ତୁ ପ୍ରାଚୀନ ଐତିହାସିକ ହେଲେନିକସଙ୍କ ଅନୁଯାୟୀ ବିଶ୍ୱର ପ୍ରଥମ ଚିଠି ଖ୍ରୀଷ୍ଟପୂର୍ବ ୫୦୦ ମସିହାରେ ଲେଖାଯାଇଥିଲା। ଯାହାକୁ ୨୮ ବର୍ଷୀୟ ପାରସ୍ୟ ରାଣୀ ଆଟୋନିସା ପଠାଇଥିଲେ। ସେ ପ୍ରଥମ ଥର ପାଇଁ ଚିଠି ପଠାଇବା ପରେ, ବାର୍ତ୍ତା ପଠାଇବାର ଏହି ପଦ୍ଧତିର ଲୋକପ୍ରିୟତା ବହୁତ ମାତ୍ରାରେ ବୃଦ୍ଧି ପାଇଲା। ଚିଠି ମାନଙ୍କ ମଧ୍ୟରେ ଗୁପ୍ତ ଚିଠିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଆବଶ୍ୟକ ସ୍ଥଳେ ରାଷ୍ଟ୍ର ରାଷ୍ଟ୍ର ଭିତରେ ସୁସଂପର୍କ ସୃଷ୍ଟି କରିପାରେ ଏବଂ ଚିଠିର ଗାମ୍ଭିର୍ଯ୍ୟତା ଶତ୍ରୁତାରେ ପରିଣତ ହୋଇଥାଏ। ମାର୍ଚ୍ଚ ୨୦୨୨ ମସିହାରେ ଗୋଟିଏ ଚିଠି ହଜାଇ ଦେଇଥିଲା ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ନିଦ। ଯେଉଁ ଚିଠି କଥା ଇମ୍ରାନ୍ ମାର୍ଚ୍ଚ ୨୭ରେ ଇସଲାମାବାଦର ଏକ ରାଲିରେ କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଇମ୍ରାନଙ୍କ ହାତରୁ କ୍ଷମତା ଚାଲିଯାଇଥିଲା। ଏପରିକି ଏହି ଚିଠି ପାକିସ୍ତାନୀ କୂଟନୀତିଜ୍ଞ, ବୈଦେଶିକ ଅଧିକାରୀଙ୍କୁ ଲେଖିଥିବା କୁହାଯାଉଛି। ଯେଉଁଥିରେ ଲେଖାଯାଇଛି 'ଇମ୍ରାନଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ବିଫଳ ହେଲେ ପାକିସ୍ତାନର ସମସ୍ୟା ବଢ଼ିଯିବ। ଆମେ ଇମ୍ରାନଙ୍କ ଉପରେ ଖୁସି ନାହୁଁ। ଯେତେବେଳେ ଅନାସ୍ଥା ପ୍ରସ୍ତାବ ପାରିତ ହୋଇଯିବ ତ ପାକିସ୍ତାନରେ ସବୁକିଛି ଠିକ୍ ହୋଇଯିବ।'




ଏପରିକି ଇମ୍ରାନଙ୍କ ଋଷ ଗସ୍ତକୁ ନେଇ ମଧ୍ୟ ଚିଠିରେ ଚିନ୍ତାପ୍ରକଟ କରାଯାଇଥିଲା। ଆମେରିକାର ଆଲାସ୍କାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବୈଠକର ସବୁଠାରୁ ହୃଦୟସ୍ପର୍ଶୀ ମୁହୂର୍ତ୍ତ ଥିଲା ଟ୍ରମ୍ପଙ୍କ ପତ୍ନୀ ମେଲାନିଆ ଟ୍ରମ୍ପଙ୍କ ପୁଟିନଙ୍କୁ ଏକ 'ଶାନ୍ତି ପତ୍ର'। ସ୍ଲୋଭେନିଆରେ ଜନ୍ମଗ୍ରହଣ କରିଥିବା ମେଲାନିଆ ଏହି ଅନୁପସ୍ଥିତ ଥିଲେ ମଧ୍ୟ ଚିଠିରେ ପୁଟିନଙ୍କୁ ନିବେଦନ କରିଥିଲେ ଯେ ଏବେ ପିଲା ଏବଂ ଭବିଷ୍ୟତ ପିଢ଼ିକୁ ସୁରକ୍ଷା ଦେବାର ସମୟ ଆସିଛି। ପ୍ରକୃତରେ ଏହି ଚିଠି ୟୁକ୍ରେନର ଅଭିଯୋଗ ପରେ ଲେଖାଯାଇଥିଲା, ଯାହା ଅନୁଯାୟୀ ୧୯,୫୦୦ରୁ ଅଧିକ ୟୁକ୍ରେନୀୟ ଶିଶୁଙ୍କୁ ଅପହରଣ କରାଯାଇଛି। ଚିଠିର ଆରମ୍ଭରେ ସେ ଲେଖିଛନ୍ତି, 'ପ୍ରିୟ ରାଷ୍ଟ୍ରପତି ପୁଟିନ, ପ୍ରତ୍ୟେକ ପିଲା ତାଙ୍କ ହୃଦୟରେ ସମାନ ସ୍ୱପ୍ନକୁ ପୋଷଣ କରେ, ସେ ଗାଁରେ ଜନ୍ମ ହେଉ କିମ୍ବା ସହରର ଚମକରେ। ସେମାନେ ପ୍ରେମ, ସମ୍ଭାବନା ଏବଂ ବିପଦରୁ ସୁରକ୍ଷାର ସ୍ୱପ୍ନ ଦେଖନ୍ତି।' ମେଲାନିଆ ମାତାପିତା ଏବଂ ନେତାଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ, 'ମାତାପିତା ଭାବରେ, ଆମକୁ ପରବର୍ତ୍ତୀ ପିଢ଼ିର ଆଶା ପୋଷଣ କରିବାକୁ ପଡିବ।' ନେତା ଭାବରେ, ଆମର ଦାୟିତ୍ୱ କିଛି ଲୋକଙ୍କ ସୁବିଧାଠାରୁ ଅଧିକ। ଆମକୁ ଏକ ସମ୍ମାନଜନକ ବିଶ୍ୱ ସୃଷ୍ଟି କରିବାକୁ ପଡିବ, ଯେଉଁଠାରେ ସମସ୍ତେ ଶାନ୍ତିରେ ଜାଗ୍ରତ ହେବେ ଏବଂ ଭବିଷ୍ୟତ ସୁରକ୍ଷିତ ହେବ।'

ଆମେରିକା ଓ ଇରାନର ପରମାଣୁ ଆଲୋଚନା ପୂର୍ବରୁ୧୮ ଫେବୃଆରୀ ୨୦୨୫ରେ ପୁଟିନଙ୍କୁ ଗୁପ୍ତରେ ଚିଠି ପଠାଇଲେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲି ଖାମନେଇ। ପରମାଣୁ ପରୀକ୍ଷଣ ନେଇ ଆମେରିକା ଓ ଇରାନ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଥିଲା। ପରମାଣୁ ଶକ୍ତି ହାତେଇବା ପାଇଁ ଇରାନ କଳ ବଳ ଲଗାଇ ଦେଇଥିଲା। କିନ୍ତୁ ଆମେରିକା ଏହାକୁ ରୋକିବା ପାଇଁ ଇରାନକୁ ଯୁଦ୍ଧ ଧମକ ଦେଉଥିଲା। ଏହାରି ଭିତରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲି ଖାମନେଇ ରୁଷିଆ ସହ ହାତ ମିଳାଇବା ପ୍ରକ୍ରିୟା ଆରମ୍ଭ କରିଦେଇଥିଲେ। ଏନେଇ ଖାମନେଇ ନିଜ ଗୁପ୍ତଚର ଅଧିକାରୀଙ୍କୁ ମସ୍କୋ ପଠାଇ ପୁଟିନଙ୍କ ଉଦ୍ଦେଶ୍ୟରେ ଏକ ଗୁପ୍ତ ଚିଠି ମଧ୍ୟ ପଠାଇଥିଲେ। ଚିଠିରେ କଣ ଅଛା ତାହା ଜଣାପଡିନାହିଁ। କିନ୍ତୁ ଆମେରିକା ବିରୋଧରେ କିଛି ନୂଆ ଚାଲ୍ ଇରାନ ଆରମ୍ଭ କରିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ଇରାନର ପରମାଣୁ ଯୋଜନାକୁ ନେଇ ଆମେରିକା ଏବଂ ସାଉଦି ଆରବ ଚିନ୍ତାରେ ପଡ଼ିଯାଇଛନ୍ତି। ଇରାନ ଦୀର୍ଘ ସମୟ ଧରି ପରମାଣୁ ଅସ୍ତ୍ର ତିଆରି କରିବା ଲାଗି ଉଦ୍ୟମ ଚଳାଇଛି। କିନ୍ତୁ ଆମେରିକାର ଧମକ ଏବଂ ପ୍ରତିବନ୍ଧକ ଯୋଗୁ ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଗଲୱାନ ସଂଘର୍ଷ ପରେ ଭାରତ-ଚୀନ୍ ସମ୍ବନ୍ଧ ଖରାପ ହେବାରେ ଲାଗିଥିଲା। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରାୟତଃ ଛିନ୍ନ ହୋଇ ଯାଇଥିଲା। 'ଅପରେସନ ସିନ୍ଦୂର'ରେ ପାକିସ୍ତାନକୁ ଚୀନ୍‌ର ସହାୟତା ଏହାକୁ ଅଧିକ ଜଟିଳ କରିଦେଇଥିଲା। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ସ୍ଥିତିକୁ ବଦଳାଇ ଦେଇଥିଲା। ଜବାବୀ ଶୁଳ୍କ ଭାରତ-ଚୀନ୍ ସମ୍ବନ୍ଧକୁ ନୂଆ ଦିଗ ଦେଇଥିଲା। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ସାତ ବର୍ଷ ପରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ଏହି ଘଟଣାକ୍ରମ ପଛରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଗୁପ୍ତ ଚିଠିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସେ ଲେଖିଥିବା ଏହି ଚିଠିରେ ଆମେରିକା-ଭାରତ ବ୍ୟବସାୟରେ ଚୀନ୍‌ର ହେଉଥିବା କ୍ଷତି ବିଷୟରେ ଚିନ୍ତା ପ୍ରକଟ କରିଥିଲେ। ଚୀନ୍ ବିରୋଧରେ ଆମେରିକା ରାଷ୍ଟ୍ରପତି ଶୁଳ୍କ ଯୁଦ୍ଧ ଜୋରଦାର କରିବା ସମୟରେ ଏହି ଚିଠି ଆସିଥିଲା। ଏହି ସମୟରେ ଭାରତ ସହ ସମ୍ପର୍କ ସୁଧାରିବା ପାଇଁ ଚୀନ୍ ପ୍ରୟାସ କରିଥିଲା। ଗୁପ୍ତ ଭାବେ ଭାରତ ସହ ଯୋଗାଯୋଗ କରିବା ଆରମ୍ଭ କରିଥିଲା। ଜିନପିଙ୍ଗ ଚିଠି ମାଧ୍ୟମରେ ଦୁଇ ଦେଶର ସମ୍ପର୍କ ସୁଧାରିବାର ସମ୍ଭାବନା ବିଷୟରେ ଉଲ୍ଲେଖ କରିଥିଲେ। ଏହା ପରେ ହିଁ ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହେବାରେ ଲାଗିଛି।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ଧ୍ୱଂସାଭିମୁଖୀ ଗୁରୁ-ଶିଷ୍ୟ ପରମ୍ପରା

ଡ଼ଃ ବିଜ୍ଞାନ ମହାନ୍ତି



**"ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର**
**ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରୁବେନମଃ"**
**ଭାଗବତରେ ଅଛି "ଗୁରୁଙ୍କୁ ନ ମଣିବ ନର**
**ଗୁରୁ ହିଁ ସାକ୍ଷାତ ଈଶ୍ୱର"**

ଏହି ମର୍ମରେ ଗୁରୁକୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହ ତୁଳନା କରାଯାଇଛି। ଗୁରୁ ଏହି ତିନି ଦେବତାଙ୍କ ଠାରୁ ଶ୍ରେଷ୍ଠ। ପୁରାଣ ଯୁଗରେ ଗୁରୁଶିଷ୍ୟଙ୍କ ପରଂପରା ଅତି ନିଆରା। ଭଗବାନ ଶ୍ରୀକୃଷ୍ଣ ଓ ବଳରାମ ସନ୍ଦିପନୀ ଋଷିଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ। ସନ୍ଦିପନୀ ଋଷି ସେମାନଙ୍କୁ ଚାରି ବେଦ ଓ ଉପନିଷଦ ବିଷୟରେ, ଚିତ୍ରକଳା, ଜ୍ୟୋତିଷଶାସ୍ତ୍ର, ଗାନ୍ଧର୍ବ ବେଦ, ଔଷଧୀୟ ବିଦ୍ୟା ସହ ଅଶ୍ୱାରୋହଣ, ହସ୍ତୀଚାଳନ ଏବଂ ଧନୁର୍ବିଦ୍ୟା ଶିକ୍ଷା ଦେଇଥିଲେ। ବିଦ୍ୟା ଶେଷରେ ଗୁରୁ ଦକ୍ଷିଣା ହିସାବରେ ଶ୍ରୀକୃଷ୍ଣ ଓ ବଳରାମ ଗୁରୁଙ୍କ ନିର୍ଦ୍ଦେଶ ମତେ ତାଙ୍କ ପୁଅ ମଧୁମଙ୍ଗଳକୁ ସମୁଦ୍ରରୁ ଉଦ୍ଧାର କରିଆଣିଥିଲେ। ତା' ସହିତ ଶଙ୍ଖାସୁର ଅସୁରକୁ ବଧ କରି ପଞ୍ଚଜ୍ୟନ ଶଙ୍ଖ ସମୁଦ୍ରରୁ ପାଇଥିଲେ। ଯାହାକୁ ଶ୍ରୀକୃଷ୍ଣ ସଦାବେଳେ ନିଜ ପାଖରେ ରଖିଥିଲେ। ଏ ହେଉଛି ଦ୍ୱାପର ଯୁଗର କଥା। ସେତେବେଳେ ମଧ୍ୟ ଗୁରୁ ଶିଷ୍ୟ ପରମ୍ପରା ମହାନ ଥିଲା। ଏମିତି ଅନେକ ପୌରାଣିକ ଓ ଐତିହାସିକ କଥାବସ୍ତୁ ଗୁରୁଶିଷ୍ୟଙ୍କ ସମ୍ପର୍କ ଉପରେ ଦେଖିବାକୁ ମିଳେ। ଯେମିତି ଏକଲବ୍ୟ ଦ୍ରୋଣାଚାର୍ଯ୍ୟ, ପର୍ଶୁରାମ ଓ କର୍ଣ୍ଣ, ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ଇତ୍ୟାଦି।

ଆମ ଜେଜେ ଓ ବାପାଙ୍କ ଅମଳରେ ମଧ୍ୟ ଗୁରୁ ଶିଷ୍ୟଙ୍କ ସମ୍ପର୍କ ମଧୁର ଓ ଚିରସ୍ମରଣୀୟ। ଏହି ବିଷୟରେ ଗୋଟେ ନିରାଟ ଅଙ୍ଗେଲିଭାଇବା କଥା ମୋର ମନେ ପଡ଼ିଯାଏ। ମୁଁ ସ୍କୁଲରେ ପଢୁଥିଲି। ଆମେ ସମସ୍ତେ ଭୁବନେଶ୍ୱରରେ ରହୁଥିଲୁ କାରଣ ବାପା ଭୁବନେଶ୍ୱରରେ ଚାକିରୀ କରିଥିଲେ। ଏକଦା ସକାଳ ୮ଟାରୁ ୮.୩୦ ଭିତରର କଥା, ସେଦିନ ଥିଲା ରବିବାର। ଆମ ଘର ଗେଟ ପାଖରେ ଜଣେ ବୃଦ୍ଧ ମଳିମୁଣ୍ଡିଆ ଏବଂ ଗୋଦର ଗୋଡ଼ ଲୋକଟିଏ ଠିଆହୋଇ ବାପାଙ୍କ ନାଆଁ ଧରି ଡ଼ାକୁଥାନ୍ତି। ହଠାତ୍, ବାପା ଘର ଭିତରୁ ଦୌଡି ଆସି ଗେଟ୍ ଖୋଲି ସେହି ବୃଦ୍ଧ ଜଣଙ୍କୁ ଦଣ୍ଡବତ ହେଲେ ଏବଂ ତାଙ୍କୁ ଧରି ଘର ଭିତରକୁ ଆଣି ଦାଣ୍ଡରେ ପଡ଼ିଥିବା ଚଉକିରେ ବସାଇଲେ। ତା'ପରେ ବୋଉକୁ ଡ଼ାକି କହିଲେ, ସାର୍ ଆସିଛନ୍ତି ପାଣି ଢାଳେ ଆଣ ତାଙ୍କ ଗୋଡ଼ ଧୋଇଦେବି। ଏକଥା ଶୁଣି ଆମେ ସମସ୍ତେ ଆସି ସେହି ବୃଦ୍ଧ ଜଣଙ୍କୁ ଦଣ୍ଡବତ ହେଲୁ। କିନ୍ତୁ ଆମେ ଆଶ୍ଚର୍ଯ୍ୟ ହୋଇ ବାପା ଏବଂ ତା'ଙ୍କ ସାରଙ୍କୁ ଦେଖୁଥାଉ। ବାପା ତାଙ୍କ ସାରଙ୍କ ଗୋଡ଼ ଧୋଇଦେଇ ତଉଲିଆରେ ଗୋଡ଼ ପୋଛିଦେଲେ। ଗୋଡ଼ ପାଖରେ ବସି ପଚାରିଲେ, ସାର୍ ! ଆପଣ କଷ୍ଟକରି କାହିଁକି ଏତେବାଟ ଆସିଲେ। କେମିତି ମୋ ଘର ଆପଣ ପାଇଲେ। ଏ କଥା କହୁ କହୁ ବାପାଙ୍କ ଆଖିରେ ଲୁହ ଜକେଇ ଯାଇଥାଏ। ସେ ଉତ୍ତରରେ କହିଲେ, ତୋତେ ଦେଖିବାକୁ ଇଚ୍ଛା ହେଲା। ତୋ ଠିକଣା ଗାଁରୁ ବୁଝି ଆସି ପହଞ୍ଚିଲି। ସେଦିନ ଏକଥା ଶୁଣି ବାପାଙ୍କ ମନ ଖୁସିରେ ନାଚି ପଡୁଥାଏ। ସାଙ୍ଗେସାଙ୍ଗେ ବୋଉକୁ କହିଲେ ସାର୍‌ଙ୍କୁ ଜଳଖିଆ ଦେଉଥାଅ, ମୁଁ ବଜାରକୁ ଯାଉଛି ଟିକେ ମାଛ ନେଇ ଆସୁଛି। ମାଛ, ସାର ଭାରି ଭଲପାଆନ୍ତି। ବାପା ମାଛ କିଣିଆଣିଲେ। ବୋଉ ରନ୍ଧାରନ୍ଧା କରି ସାର୍‌ଙ୍କୁ ଖାଇବାକୁ ଦେଲା। ସେଦିନ ଆଉ ସାର୍ ଗାଁକୁ ଫେରିନପାରି ଆମ ଘରେ ରାତିରେ ରହିଲେ। ମୁଁ ବାପାଙ୍କୁ ପଚାରିଲି-ବାପା ! ସେ ତମକୁ କେବେ ପାଠ ପଢାଇଥିଲେ। ବାପା କହିଲେ ସେ ମୋତେ ଚାଟଶାଳୀରେ ପଢାଇଥିଲେ। ଏକଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଚାଟଶାଳୀମାନେ ବାପାଙ୍କୁ ସେତେବେଳେ ୪-୫ ବର୍ଷ ହୋଇଥିବ। ଏବେ ବାପାଙ୍କୁ ୪୦-୪୫ ବର୍ଷ ହେବ। ଏତେ ବର୍ଷ ପରେ ସାର୍‌ଙ୍କୁ ଦେଖି ବାପା ତାଙ୍କୁ ଚିହ୍ନି ପାରିଲେ, ସେ ମଧ୍ୟ ବାପାଙ୍କୁ ଚିହ୍ନିପାରିଲେ ସେଇଟା ବଡ଼କଥା। ଏଥିଲା ଆମ ବାପାଙ୍କ ପୀଢ଼ିର ଗୁରୁ ଶିଷ୍ୟ ପରମ୍ପରା। ଏଥିରେ ଥିଲା ଆତ୍ମୀୟତା ଭାବ।

ଏବେ ମଧ୍ୟ ଆମକୁ ପାଠ ପଢାଇଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନେ ଆମ ମାନଙ୍କୁ ମନେରଖିଛନ୍ତି। ମଝିରେ ମଝିରେ ଆମମାନଙ୍କ ସହ କଥାବାର୍ତ୍ତା ହେଉଛନ୍ତି। ଆମ ଭଲମନ୍ଦ ପଚାରି ବୁଝୁଛନ୍ତି। ଆମେ ମଧ୍ୟ ଗୁରୁଜୀ ଓ ଗୁରୁ ମାଆଙ୍କ ଖବର ବୁଝୁଥାଉ। ଆମମାନଙ୍କୁ ଦେଖିଦେଲେ ସେମାନଙ୍କ ମନ ଆନନ୍ଦରେ ନାଚି ଉଠେ। ଆମେ ତ ସବୁ ୬୦ ବର୍ଷ ପାଖାପାଖି ହେଲୁଣି। ତେଣୁ ଆମ ଗରୁମାନେ ନିହାତି କମରେ ୮୦-୮୨ ବର୍ଷରୁ କମ୍ ହେବେନି। ଏତେ ବୟସରେ ମଧ୍ୟ ସେମାନଙ୍କର ଆମ ମାନଙ୍କ ପ୍ରତି ଭଲପାଇବା ସେମିତି ଅଛି। ଦେଖିଦେଲେ ଆଖି ଜକେଇଯାଏ, ଛାଏଁ ଛାଏଁ ମୁଣ୍ଡିଆ ମାରିପକାଉ। ସେ ତା'ଙ୍କ ହାତ ଉଠାଇ ଆମ ଉପରେ ଆଶୀର୍ବାଦ ଓଜାଡ଼ି ପକାନ୍ତି। ଆମ ବେଳର ମୋର ଜଣେ ସାର୍‌ଙ୍କ ବିଷୟରେ କହୁଛି। ଏ ହେଉଛି ପ୍ରାୟ ୧୦-୧୨ ବର୍ଷ ତଳର କଥା। ମୁଁ ଅଫିସରେ ବସିଥାଏ, ହଠାତ୍ ମୋ ଡ଼ାକ ନାଆକୁ ଧରି ଜଣେ ବୁଢାଲୋକ ମୋ ପିଅନକୁ ପଚାରୁଥାନ୍ତି ମୁଁ ଅଛିକି ନାହିଁବୋଲି। ତାଙ୍କ କଣ୍ଠସ୍ୱର ମୋର ଚିହ୍ନିଲା ଚିହ୍ନିଲା ପରି ଲାଗିଲା। ହଠାତ୍ ଉଠିଯାଇ ଦେଖେତ ମୋ ସାର୍ ଆସିଛନ୍ତି। ମୁଁ ଦଉଡ଼ିଯାଇ ସାର୍‌ଙ୍କୁ ପ୍ରଣାମ କରି ମୋ ରୁମ୍‌କୁ ନେଇଆସିଲି। ମୋତେ ଦେଖିଦେଇ ତାଙ୍କ ଓଠରୁ ଆଉ ହସଲିଭୁନଥାଏ। ଖାଲି ହସୁଥାଆନ୍ତି। ମୁଁ ପଚାରିଲି ସାର୍ କ'ଣ ଖାଇବେ ? ସେ କହିଲେ – ଭାତ ଖାଇ ଆସିଛି। ଯଦି ଟିକେ ଚା' ମଗାଇବୁ ପିଇବି, ବିନା ଚିନିରେ, ମୋତେ ପରା ଡ଼ାଇବେଟିସ୍ ହୋଇଛି। ଚା' କପେ ମଗାଇଲି ସାର୍‌ଙ୍କ ପାଇଁ। ସାର୍ ତାକୁ ମନଭରି ପିଉଥାଆନ୍ତି। ମୁଁ ତାଙ୍କ ମୁହଁକୁ ସେମିତି ବଲବଲ ହୋଇ ଚାହିଁରହିଥାଏ। ତା'ପରେ ମୁଁ ସାର୍‌ଙ୍କୁ ପଚାରିଲି – ସାର୍, ଏତେ କଷ୍ଟ କରି କ'ଣ ପାଇଁ ଆପଣ ଆସିଛନ୍ତି? କ'ଣ କିଛି କାମ ଥିଲା ମୋ ପାଖରେ। ସାର୍ କହିଲେ, ନାଇଁରେ, ମୁଁ ଡି.ପି.ଆଇ ଅଫିସ ଆସିଥିଲି। ଭାବିଲି ତୁ ତ ଏଠାରେ ଅଛୁ, ତେଣୁ ତତେ ଟିକେ ଦେଖିଦେଇଯିବି। ମୋ ମନରେ କୌତୁହଳ ହେଲା - ଚାକିରୀରୁ ଅବସର ତ ସାର୍ ବହୁବର୍ଷ ହେଲା ନେଲେଣି, ପୁଣି ଡି.ପି.ଆଇ ଅଫିସରେ କ'ଣ କାମ ପଡ଼ିଲା ଯେ ସାର୍ ଆସିଛନ୍ତି। ମୁଁ ପଚାରିଲି, ସାର୍ ! କ'ଣ କାମ ଥିଲା କି ? ସେ ମୋ କଥା ଶୁଣି ଗୁମ୍ ହୋଇ ବସିପଡ଼ି ମୋତେ ବଲବଲ ହୋଇ ଚାହୁଁଚାହୁଁ ଆଖିରୁ ଦୁଇଧାର ଲୁହ ଗଡ଼ିପଡୁଥିଲା। ସେଇ କୋହଭରା କଣ୍ଠରେ ସାର୍ କହିଲେ, ମୋର କ'ଣ ଏ ପର୍ଯ୍ୟନ୍ତ ପେନସନ୍ ହେଲାଣି? ମୋର ଅନ୍ୟାନ୍ୟ ପେନସନାଲ୍ ବେନିଫିଟ୍ କିଛି ପାଇନି ? ମୁଁ କହିଲି – ସାର୍, ତେବେ ଆପଣ କେମିତି ଚଳୁଛନ୍ତି ? ସେ ଏକଥାଶୁଣି ଭୋ ଭୋ ହୋଇ କାନ୍ଦି ପକାଇଲେ। ମୁଁ ସେଥିରୁ ସବୁକଥା ବୁଝିଗଲି ? ସାର୍ କହିଲେ, ମୁଁ ସରକାରୀ ଘର ଏ ପର୍ଯ୍ୟନ୍ତ ଛାଡିନି ତ, ତେଣୁ ମୋର ପେନସନ ହୋଇନି, ମୁଁ ଖାଲି ପ୍ରୋଭିଜିନାଲ୍ ପେନସନ୍ ପାଉଛି। ତେଣୁ ମୋର ଟିକେ ରେଣ୍ଟଣ୍ଟ ଅଫିସରେ କାମ ଅଛି।

ଏକଥା ଶୁଣି ସାର୍‌ଙ୍କୁ ନେଇ ରେଣ୍ଟଣ୍ଟ ଅଫିସରଙ୍କ ପାଖକୁ ଗଲି। ତାଙ୍କର ପରିଚୟ ରେଂଟ୍ ଅଫିସରଙ୍କୁ ଦେଲି। କହିଲି, ବୁଝିଲେ ଆଜ୍ଞା, ଏ ସାର୍ ମୋତେ ଟ.ଚ ସ୍କୁଲରେ ପାଠ ପଢାଇଥିଲେ। କିନ୍ତୁ ସେ ମୋର କେତେ ଜଣ ସାଙ୍ଗଙ୍କୁ ଭାରି ଭଲପାଆନ୍ତି। ଦୁଃଖ ସୁଖରେ ଫୋନ୍ କରିବୁଝନ୍ତି। କିନ୍ତୁ ସାର୍‌ଙ୍କର ଏ ଅସୁବିଧା କଥା କେବେ ମୁଁ ଜାଣିନଥିଲି। ଦୟାକରି ଟିକେ ସାର୍‌ଙ୍କ କେସ୍‌ଟା ଦେଖିବେ। ସାର୍ କହିଲେ ଆଜ୍ଞା, ମୋତେ ଆଉ ମାତ୍ର ୬ ମାସ ସମୟ ଦିଅନ୍ତୁ, ମୁଁ ଗାଁକୁ ପଳାଇବି। ଏକଥା ଶୁଣି ରେଣ୍ଟ ଅଫିସର ହଁ ଭରିଲେ, କହିଲେ - ଯାହା ହୋଇପାରିବ ମୁଁ କରିବି ସାର୍। ତା'ପରେ ସାର୍ ଘରକୁ ଗଲେ ଏକ ଅଟୋରେ।

ଏ ବିଷୟରେ ଏତେ ବଖାଣିବାର କଥା ହେଲା, ଆମପୀଢ଼ିରେ ମଧ୍ୟ ଗୁରୁଶିଷ୍ୟଙ୍କ ପରମ୍ପରା ଏକ ନିଆରା ପରମ୍ପରା। ଏଥିରେ ଖାଲି ସ୍ନେହ, ଶ୍ରଦ୍ଧା ଓ ଭକ୍ତି ଭରିରହିଛି। କିଛି ଆବିଳତା ନାହିଁକି ଆଶ ନାହିଁ। ଏତେ ବର୍ଷର ବ୍ୟବଧାନ ପରେ ମଧ୍ୟ ସାର୍‌ଙ୍କର ମୋ କଥା ମନେଅଛି। ଏ ପରମ୍ପରା ପବିତ୍ର ଓ ଶାଶ୍ୱତ। ଏହା ଅନ୍ତରର ସମ୍ପର୍କ। ଏ ସମ୍ପର୍କ ଯୁଗଯୁଗ ମଲା ପର୍ଯ୍ୟନ୍ତ ରହିବ, ରହିଥିବ।

କିନ୍ତୁ ଏବେକାର ଗୁରୁଶିଷ୍ୟଙ୍କ ସମ୍ପର୍କ କହିଲେ କୂଳ କୁଟୁମ୍ବକୁ ଲାଜ, ନକହିଲେ କୂଳ ଭାସିଯାଉଛି। ଦେଖୁନାହାନ୍ତି, କେମିତି ବାଲେଶ୍ୱରର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଜଣକ ମୃତ୍ୟୁସହ ସଂଗ୍ରାମ କରୁଛି। ସେହି ମହାବିଦ୍ୟାଳୟର ଗୁରୁଙ୍କ ପାଇଁ ଏ ହେଉଛି ଏହି ପୀଢ଼ିର କଥା। ଗୁରୁଙ୍କ ବ୍ୟବହାର ଏମିତି ଅସହ୍ୟ ହେଲାଯେ ଶେଷରେ ଛାତ୍ରୀ ଜଣକ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିଲା। ଅଧା ପୋଡ଼ା ଦେହରେ ଇଓଓଗଝ ରେ ମୃତ୍ୟୁ ସହ ଲଢେଇ କରି ମୃତ୍ୟୁବରଣ କଲା ଟିକିଏ ନ୍ୟାୟ ପାଇଁ। ଏ କି ପ୍ରକାର ସମ୍ପର୍କ ? ଇଏତ ପୁରୁଣା ଯୁଗର ଗୁରୁଶିଷ୍ୟ ସମ୍ପର୍କ ନୁହେଁ ଯେଉଁଠି ଖାଲି ଆତ୍ମୀୟତା ଥିଲା, ଆର୍ଶୀବାଦ ଓ ସ୍ନେହ ଭରିରହିଥିଲା। ଏବେ ତ ଗୁରୁଙ୍କ ବେଶରେ ରାକ୍ଷସ ଗୋଟେଗୋଟେ। କେତେ କାକୁସ୍ଥି ମିନତୀ ହୋଇ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭକରି ପ୍ରଶାସନ, ରାଜନୈତିକ ନେତା ଓ ମନ୍ତ୍ରୀଙ୍କ ପାଖକୁ ମଧ୍ୟ ତା'ର କଷ୍ଟ ସେ ଜଣାଇଥିଲା। କିନ୍ତୁ ମିଳିଲା କ'ଣ? ନ୍ୟାୟ ତ ପାଇଲାନି, ପାଇଲା ମୃତ୍ୟୁବତ୍ ଦଣ୍ଡ। ଜୀବନ ଯୁଦ୍ଧରେ ହାରିଗଲା ସିଏ। ନ୍ୟାୟ ପାଇଁ ଲଢ଼େଇ କରି ଅନ୍ଧ ସମାଜ ଆଗରେ ଆତ୍ମହୁତି ଦେଇଦେଲା ସେ। ଏ ହେଉଛି ଏ କାଳର ଗୁରୁଶିଷ୍ୟଙ୍କ ସମ୍ପର୍କ। ଯେଉଁଠି କାମନା, ବାସନା ଓ ପାଶବିକ ମନବୃତ୍ତି ଭର୍ତ୍ତି ହୋଇଛି। କୋମଳମତୀ ଛାତ୍ରୀମାନଙ୍କୁ ଧମକାଇ ଚମକାଇ, କ୍ୟାରିୟର ନଷ୍ଟ କରିଦେବୁ କହି ତା'ଙ୍କ ସହ ଦୁଃବ୍ୟବହାର କରୁଛନ୍ତି ଶିକ୍ଷକମାନେ। ଏହା ଶିକ୍ଷକ ସମାଜ ପାଇଁ କଳଙ୍କ। ଯିଏ ସହିପାରିଲା ସେ ନମ୍ବର ପାଇଲା ଓ କ୍ୟାରିୟର ଗଢିଲା, ଯିଏ ନିଜ ଇଜତ୍‌କୁ ବାଜି ଲଗାଇଲାନି ସେ ଏପରି ଆତ୍ମହତ୍ୟାର ପନ୍ଥା ବାଛିନେଲା। ଏହା ଗୁରୁଶିଷ୍ୟଙ୍କ ସମ୍ପର୍କରେ ଏ କଳଙ୍କିତ ଅଧ୍ୟାୟ ହୋଇରହିଗଲା ଯୁଗଯୁଗ ପାଇଁ। ଏତେ କାମ ପିଶାଚ ମାନେ ଜନ୍ମ ହୋଇଛନ୍ତି ଏ ଦୁନିଆଁରେ। ଖାଲି କାମନା ଓ ବାସନା। ଆଉ କିଛି ନାହିଁ। ଧର୍ମ କ'ଣ ସଂସାରରୁ ମରିଯାଇଛି ? ଓଃ ! ଏ ପରା କଳି ଯୁଗ। କଳିଯୁଗରେ ପରା ସବୁ ଅଧର୍ମର ଜୟ। ଏଠି ପିଶାଚମାନେ କୁଢକୁଢ ଜନ୍ମ ନେବେ, ବର୍ଣ୍ଣଶଙ୍କର ମାନେ ରାଜୁତି କରିବେ। ଏଠାରେ ଧର୍ମ ଓ ଧର୍ମକୁ ଜାବୁଡ଼ି ଧରିଥିବା ଲୋକଙ୍କର ସ୍ଥାନ ନାହିଁ। ସେ ଝିଅଟିର ପରିବାର ଲୋକଙ୍କର ମନ କ'ଣ ହେଉଥିବ ? ବାପା ମାଆ କେମିତି ଭାଙ୍ଗିପଡୁଥିବେ। ଏଇଟା କ'ଣ ସେଇ କାମୁକ ଗୁରୁଟିକୁ ଦେଖାଯାଉନି କି ସେ କିଛି ଅନୁଭବ କରିପାରୁନି? ଭାବୁଥିଲା, ବିଲେଇ ଆଖି ବୁଜି ଖିର ପିଉଛି କିଏ ଦେଖିପାରୁନାହାନ୍ତି। ସବୁପରା ଉପରବାଲା ଦେଖୁଚି। ସୁବିଧାଦେଖି ଉପରବାଲା ଲୋକଲୋଚନକୁ ନେଇଆସିଲା। ଏଥିରୁ କିଛି ଶିକ୍ଷା ପାଇ ପାରୁନାହାଁନ୍ତି। ଭାବୁଛନ୍ତି, ଏଇଟା ବୋଧେ ଶେଷକଥା। ଏମିତି ଆଉ ଭବିଷ୍ୟତରେ ଘଟିବ ନାହିଁ। କିଏ କହିଲା ଘଟିବନି ଯେ ପର୍ଯ୍ୟନ୍ତ ଏ ମଣିଷ ସମାଜର ପରିବର୍ତ୍ତନ ହୋଇନି ସେ ପର୍ଯ୍ୟନ୍ତ ଏମିତି ଚାଲିଥିବ। ତୁମେ ଯେତେ ଚେଷ୍ଟାକଲେବି ବନ୍ଦ କରିପାରିବନି। ଯଦି ପୃଥିବୀ ଧ୍ୱଂସ ପାଇବ ତା'ହେଲେ କିଛି ପରିବର୍ତ୍ତନର ଆଶା କରାଯାଇପାରେ। ଏକ ନୂତନ ସଭ୍ୟତାର ସୃଷ୍ଟି ହୋଇପାରେ। ଯେଉଁଟା ରାମରାଜ୍ୟ ହୋଇପାରେ। ଗୁରୁଶିଷ୍ୟ ପରମ୍ପରାରେ ନିବିଡ଼ତା, ଆତ୍ମୀୟତା ସୃଷ୍ଟି ହୋଇପାରେ। ଶିଷ୍ୟମାନେ ଗୁରୁଙ୍କୁ ପୂର୍ବପରି ଈଶ୍ୱର ସଦୃଶ୍ୟ ଭାବନ୍ତେ ଓ ଭକ୍ତି କରନ୍ତେ। ଏହି ଘଟଣା ପାଇଁ ଯେଉଁମାନେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଦାୟୀ, ସେମାନେ ଉପଯୁକ୍ତ ଦଣ୍ଡ ପାଇବା ଦରକାର। ନଚେତ୍ ସମାଜରେ କୌଣସି ପ୍ରଭାବ ପଡ଼ିବନାହିଁ। ଯାହା ଚାଲିଛି ସେଇଆ ହିଁ ଚାଲୁଥିବ। ପରିବର୍ତ୍ତନର ଆଶା ମୌଳିଯିବ। ସରକାର ସେଥିପ୍ରତି ସଚେତନ ହେବା ଜରୁରୀ। ଏହା ସରକାରଙ୍କ ପାଇଁ ଏବଂ ଜନସାଧାରଣଙ୍କ ପାଇଁ ଏକ ଉପଯୁକ୍ତ ଶିକ୍ଷା। ସମସ୍ତେ ଖୁସିରେ, ଆନନ୍ଦରେ ନିର୍ଭୟରେ ରାତି ଅଧରେ ମଧ୍ୟ ଏକାକୀ ବିଚରାସ୍ତାରେ ବୁଲିପାରିବେ। ଏ ଯୁଗ କେବେ ଆସିବ ସେହି ଭଗବାନ ଜାଣନ୍ତି।

**ମୋବାଇଲ୍: ୯୮୬୧୨୫୭୨୭୦**

# କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଦଶହରା ଉପହାର




**ନୂଆଦିଲ୍ଲୀ, ୫।୯:** ଦୀପାବଳି ପୂର୍ବରୁ କେନ୍ଦ୍ର ସରକାର ସରକାରୀ କର୍ମଚାରୀମାନଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। କେନ୍ଦ୍ର ସରକାରଙ୍କ କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ ମନ୍ତ୍ରଣାଳୟ ଏକୀକୃତ ପେନସନ ଯୋଜନା ସହିତ ଜଡିତ ନିୟମଗୁଡ଼ିକୁ ଅଧିସୂଚିତ କରିଛି। ଏହି ନିୟମଗୁଡ଼ିକ ପେନସନ ଏବଂ ଅବସର ଲାଭ ସହିତ ଜଡିତ। ନୂତନ ନିୟମ ଅନୁଯାୟୀ, ଏବେ ୟୁପିଏସ୍ ଅଧୀନରେ ୨୦ ବର୍ଷ ସେବା ପରେ ମଧ୍ୟ ପୂର୍ଣ୍ଣ ପେନସନ ଦିଆଯିବ।

ନୂତନ ଯୋଜନା ଅନୁଯାୟୀ, ବର୍ତ୍ତମାନ କର୍ମଚାରୀମାନେ କେବଳ ୨୦ ବର୍ଷ ନିୟମିତ ସେବା ପୂରଣ କରିବା ପରେ ମଧ୍ୟ ଅବସରର ଲାଭ ପାଇବେ। ସେମାନଙ୍କୁ ପେନସନର ଲାଭ ମିଳିବ। ପୂର୍ବରୁ ଏହି ସୀମା ୨୫ ବର୍ଷ ଥିଲା, ଯାହାକୁ କର୍ମଚାରୀମାନେ ଦୀର୍ଘ ସମୟ ଧରି ହ୍ରାସ କରିବାକୁ ଦାବି କରି ଆସୁଛନ୍ତି। ଏବେ ସରକାର ଏଥିପ୍ରତି ଧ୍ୟାନ ଦେଇଛନ୍ତି ଏବଂ ଦୀପାବଳି ପୂର୍ବରୁ ସରକାରୀ କର୍ମଚାରୀମାନଙ୍କୁ ଏକ ମହାନ ଉପହାର ଦେଇଛନ୍ତି। ଏହା ବ୍ୟତୀତ, ୟୁପିଏସ୍ ବାଛିଥିବା କର୍ମଚାରୀମାନେ ପେନସନ ବ୍ୟତୀତ ଅନେକ ସୁବିଧା ପାଇବେ। ଉଦାହରଣ ସ୍ୱରୂପ, ଯଦି କୌଣସି କର୍ମଚାରୀ ସେବା ସମୟରେ ଅକ୍ଷମ ହୋଇଯାଆନ୍ତି କିମ୍ବା କୌଣସି କାରଣରୁ ମୃତ୍ୟୁବରଣ କରନ୍ତି। ତେଣୁ ଅକ୍ଷମତା କ୍ଷେତ୍ରରେ, କର୍ମଚାରୀ ଏବଂ ମୃତ୍ୟୁ ପରେ ତାଙ୍କ ପରିବାରକୁ ସିସିଏସ୍ ପେନସନ ନିୟମ କିମ୍ବା ୟୁପିଏସ୍ ନିୟମ ଅନୁଯାୟୀ ବିକଳ୍ପ ବାଛିବାର ଅଧିକାର ରହିବ। ଏହା ପରିବାରକୁ ସୁରକ୍ଷିତ ପେନସନର ଲାଭ ପାଇପାରିବ। କେନ୍ଦ୍ର ସରକାର ଜାତୀୟ ପେନସନ ଯୋଜନାର ବିକଳ୍ପ ଭାବରେ ୧ ଏପ୍ରିଲ ୨୦୨୫ ରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିଲେ। କର୍ମଚାରୀ ଏବଂ ସରକାର ଉଭୟ ଏହି ଯୋଜନାରେ ଅବଦାନ ଦିଅନ୍ତି। ପଞ୍ଜିକରଣ କିମ୍ବା ଅବଦାନର କ୍ରେଡିଟ ବିଳମ୍ବ ହେଲେ, ସରକାର କର୍ମଚାରୀମାନଙ୍କୁ କ୍ଷତିପୂରଣ ମଧ୍ୟ ଦେବେ। ଏହା ସହିତ, ସମ୍ପ୍ରତି ଅର୍ଥ ମନ୍ତ୍ରଣାଳୟ ଏକ ବିବୃତ୍ତି ଜାରି କରି କହିଛି ଯେ ୟୁପିଏସ୍ ଅଧୀନରେ ଯୋଗ୍ୟ କର୍ମଚାରୀମାନେ ଥରେ ଗୋଟିଏ ଉପାୟରେ ଏନ୍‌ପିଏସ୍ କୁ ପରିବର୍ତ୍ତନ କରିପାରିବେ। କର୍ମଚାରୀମାନେ ଅବସର ନେବାର ଗୋଟିଏ ବର୍ଷ ପୂର୍ବରୁ କିମ୍ବା ଭିଆର୍‌ଏସ୍ ନେବାର ତିନି ମାସ ପୂର୍ବରୁ ଏହି ଯୋଜନାକୁ ବାଛିପାରିବେ। ତଥାପି, ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଯେଉଁ କର୍ମଚାରୀମାନଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କିମ୍ବା ସେମାନଙ୍କ ବିରୁଦ୍ଧରେ ଏପରି କୌଣସି ତଦନ୍ତ ଚାଲିଥିବା ଯୋଗୁଁ ସେମାନଙ୍କ ପଦବୀରୁ ହଟାଇ ଦିଆଯାଇଛି। ଏପରି ପରିସ୍ଥିତିରେ, ସେହି କର୍ମଚାରୀମାନେ ୟୁପିଏସ୍‌କୁ ଏନ୍‌ପିଏସ୍‌କୁ ପରିବର୍ତ୍ତନ କରିପାରିବେ ନାହିଁ। ଏଥିପାଇଁ, ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଏକ ତାରିଖ ସ୍ଥିର କରାଯାଇଛି।

# ପଞ୍ଜାବ ବନ୍ୟାରେ ୪୩ ଜଣଙ୍କ ମୃତ୍ୟୁ





**ପଞ୍ଜାବ, ୫।୯:** ପଞ୍ଜାବରେ ବନ୍ୟା ପ୍ରଭାବରେ ବହୁତ କ୍ଷୟକ୍ଷତି ହୋଇଛି । ଏପର୍ଯ୍ୟନ୍ତ ବନ୍ୟା ଯୋଗୁଁ ୪୩ ଜଣଙ୍କର ମୃତ୍ୟୁ ହୋଇଛି । ୨୩ଟି ଜିଲ୍ଲାର ୧୯୦୨ ରୁ ଅଧିକ ଗାଁ ପାଣି ଦ୍ୱାରା ପ୍ରଭାବିତ ହୋଇଛି । ଗାଁ ଗୁଡ଼ିକରେ ବନ୍ୟା

**ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଶିବରାଜ ସିଂହ ଚୌହାନ ଓ କେଜରିୱାଲ**

ପ୍ରଭାବିତ ଲୋକଙ୍କ ଏବଂ ପ୍ରଶାସନ ମଧ୍ୟରେ ସିଧାସଳଖ ଯୋଗାଯୋଗ ସ୍ଥାପନ କରିବା ପାଇଁ, ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ପ୍ରତ୍ୟେକ ପ୍ରଭାବିତ ଗାଁରେ ଜଣେ ଗେଜେଟେଡ୍ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ଆମ ଆଦମୀ ପାର୍ଟି (ଆପ) ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ଶିବରାଜ ସିଂହ ଚୌହାନ ବନ୍ୟା ପ୍ରଭାବିତ ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ କେନ୍ଦ୍ର ସେମାନଙ୍କ ସହିତ ଠିଆ ହୋଇଛି ଏବଂ ସେମାନଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇ ଦିଆଯିବ । ଭାକ୍ରା ଡ୍ୟାମର ଜଳସ୍ତର ଏହାର ସର୍ବାଧିକ ୧୬୮୦ ଫୁଟ କ୍ଷମତାଠାରୁ ମାତ୍ର ଗୋଟିଏ ଫୁଟ କମ୍ । ଅଧିକ ପାଣି ଛାଡ଼ିବା ଯୋଗୁଁ, ରୂପନଗର ଜିଲ୍ଲା ପ୍ରଶାସନ ତଳିଆ ଅଞ୍ଚଳ ଏବଂ ସତଲେଜ ନଦୀ କୂଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଛି । ପାଟରାନର ଘଗ୍ଗର ନଦୀ ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ପଟିଆଲା ଜିଲ୍ଲା ପ୍ରଶାସନ ମଧ୍ୟ ବାସିନ୍ଦାଙ୍କ ପାଇଁ ସତର୍କ ସୂଚନା ଜାରି କରିଛି । ଉଦ୍ଧାର ଏବଂ ରିଲିଫ କାର୍ଯ୍ୟକୁ ପ୍ରଭାବଶାଳୀ ଭାବରେ ତଦାରଖ କରିବା ପାଇଁ ପଞ୍ଜାବ ସରକାର ପ୍ରତ୍ୟେକ ବନ୍ୟା ପ୍ରଭାବିତ ଗାଁରେ ଗେଜେଟେଡ୍ ଅଧିକାରୀଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ କହିଛନ୍ତି ଯେ ବନ୍ୟା ପ୍ରଭାବିତ ଅଞ୍ଚଳରେ ବଡ଼ ଧରଣର ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ କରାଯାଉଛି ଯାହା ଦ୍ୱାରା ଲୋକଙ୍କୁ କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ । ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ପାଇଁ ସରକାର ସ୍ୱତନ୍ତ୍ର ଗିର୍ଦ୍ଦାୱାରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଶିବରାଜ ଚୌହାନ ଫସଲର କ୍ଷୟକ୍ଷତିର ସମୀକ୍ଷା କରି ଏହାକୁ ଜଳ ପ୍ରଳୟ ପରିସ୍ଥିତି ବୋଲି ବର୍ଣ୍ଣନା କରିଛନ୍ତି । ପଞ୍ଜାବରେ ବନ୍ୟାରୁ ୨୦୯୭୨ ଜଣଙ୍କୁ ଉଦ୍ଧାର କରାଯାଇଛି। ୪.୨୪ ଲକ୍ଷ ଏକର ଫସଲ ନଷ୍ଟ ଏନଡିଆରଏଫର ୩୧ଟି ଦଳ ଏବଂ ସେନା ଏବଂ ଅର୍ଦ୍ଧସାମରିକ ବାହିନୀର ୨୯ଟି ଦଳ ରିଲିଫ କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

# ଏଣିକି ୟୁପି ଶିକ୍ଷକଙ୍କୁ ମିଳିବ କ୍ୟାଶଲେସ ଚିକିତ୍ସା



**ଲକ୍ଷ୍ନୌ,୫।୯:** ଏଣିକି ଉତ୍ତର ପ୍ରଦେଶର ସମସ୍ତ ସରକାରୀ ଶିକ୍ଷକ କ୍ୟାଶଲେସ ଚିକିତ୍ସାର ସୁବିଧା ପାଇବେ। ଏହି ଯୋଜନାର ଲାଭ ଶିକ୍ଷାମିତ୍ର ଏବଂ ଅନୁଦେଶକମାନଙ୍କୁ ମଧ୍ୟ ମିଳିବ। ପୂର୍ବ ରାଷ୍ଟ୍ରପତି, ମହାନ ଶିକ୍ଷାବିଦ ତଥା 'ଭାରତ ରତ୍ନ' ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜୟନ୍ତୀ ତଥା 'ଗୁରୁ ଦିବସ' ଅବସରରେ ଲକ୍ଷ୍ନୌରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ବଡ଼ ଘୋଷଣା କରିଛନ୍ତି।

ଲକ୍ଷ୍ନୌର ଲୋକ ଭବନରେ ଆୟୋଜିତ ସମ୍ମାନ ସମାରୋହରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଏବେ ସମସ୍ତ ଶିକ୍ଷକଙ୍କୁ କ୍ୟାଶଲେସ ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ଏହି ଯୋଜନାର ଲାଭ ଶିକ୍ଷାମିତ୍ର ଏବଂ ଅନୁଦେଶକମାନଙ୍କୁ ମଧ୍ୟ ମିଳିବ। କେବଳ ଏତିକି ନୁହେଁ, ଶିକ୍ଷାମିତ୍ର ଓ ଅନୁଦେଶକମାନଙ୍କ ମାନଦେୟ ମଧ୍ୟ ବୃଦ୍ଧି କରାଯିବ। ଏଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟିର ରିପୋର୍ଟ ଶୀଘ୍ର ଆସିବ, ଯାହା ପରେ ସେମାନଙ୍କ ମାନଦେୟ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି।

# ମହିଳା ଆଇପିଏସ୍‌ଙ୍କୁ ଧମକ ଦେଇ ବିବାଦରେ ଅଜିତ୍ ପାୱାର



**ନୂଆଦିଲ୍ଲୀ, ୫।୯:** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ସହ ଜଡ଼ିତ ଏକ ଭିଡିଓ ଭାଇରାଲ୍ ହେବା ପରେ ବିବାଦ ବଢ଼ିବାରେ ଲାଗିଛି । ଏନସିପି ମୁଖ୍ୟ ଅଜିତ୍ ପାୱାରଙ୍କ ଏକ ଭିଡିଓ ସାମନାକୁ ଆସିଛି, ଯେଉଁଥିରେ ସେ ଜଣେ ମହିଳା ଆଇପିଏସ୍ ଅଧିକାରୀଙ୍କ ସହ କଥା ହେଉଛନ୍ତି । ଭିଡିଓରେ ସେ ଅଧିକାରୀଙ୍କୁ ନମ୍ବର ମାଗି ଭିଡିଓ କଲରେ କଥା ହେବାକୁ କହୁଥିବା ଶୁଣିବାକୁ ମିଳୁଛି। ଆଇପିଏସ୍ ଅଧିକାରୀ ବେଆଇନ ମାଟି ଖନନ ବନ୍ଦ କରିବା ପାଇଁ ଯାଇଥିଲେ, କିନ୍ତୁ ଅଜିତ୍ ପାୱାର କାର୍ଯ୍ୟାନୁଷ୍ଠାନ ନନେବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ।

ବିବାଦ ବଢ଼ିବା ପରେ ଅଜିତ୍ ପାୱାର ଏକ୍ସରେ ସ୍ପଷ୍ଟୀକରଣ ଦେଇଛନ୍ତି। ସେ ଲେଖିଛନ୍ତି, 'ସୋଲାପୁରରେ ପୋଲିସ ଅଧିକାରୀଙ୍କ ସହ ମୋର କଥାବର୍ତ୍ତାର କିଛି ଭିଡିଓ ମୋର ନଜରକୁ ଆସିଛି । ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ଆଇନ ପ୍ରକ୍ରିୟାରେ ହସ୍ତକ୍ଷେପ କରିବାର ମୋର କୌଣସି ଉଦ୍ଦେଶ୍ୟ ନଥିଲା, ବରଂ ତୃଣମୂଳ ସ୍ତରରେ ଶାନ୍ତି ସୁନିଶ୍ଚିତ କରିବା ଓ ସ୍ଥିତି ଯେପରି ନଗିବିଡ଼ି ତାହା ଲକ୍ଷ୍ୟ ଥିଲା ।'

ଅଜିତ୍ ପାୱାର ଲେଖିଛନ୍ତି, 'ମୁଁ ପୋଲିସ ଫୋର୍ସ ଓ ଏହାର ଅଧିକାରୀ, ଯେଉଁଥିରେ ମହିଳା ଅଧିକାରୀ ମଧ୍ୟ ଅଛନ୍ତି, ସମସ୍ତଙ୍କୁ ସମ୍ମାନ କରୁଛି। ମୁଁ ଆଇନର ଶାସନକୁ ସବୁଠୁ ଉପରେ ରଖୁଛି । ବାଲି ଚାଲାଣ ଓ ଅବୈଧ ଗତିବିଧି ବିରୋଧରେ ଆଇନ ଅନୁସାରେ କଠୋରତା ସହ କାର୍ଯ୍ୟାନୁଷ୍ଠାନ ପାଇଁ ମୁଁ ଦୃଢ଼ତାର ସହ ପ୍ରତିବଦ୍ଧ ଅଟେ ।' ଭାଇରାଲ ଭିଡିଓରେ, ଅଜିତ୍ ପାୱାର ମହିଳା ଆଇପିଏସ ଅଧିକାରୀ ଅଞ୍ଜନା କୃଷ୍ଣଙ୍କୁ ଫୋନରେ ପାଟି କରୁଥିବା ନଜର ଆସୁଛନ୍ତି। ଏହି ଫୋନ୍ କଲ୍ ଜଣେ ଏନସିପି କର୍ମୀଙ୍କ ଫୋନରୁ କରାଯାଇଥିଲା । ଆଇପିଏସ ଅଧିକାରୀ ପ୍ରଥମେ ପାୱାରଙ୍କ ସ୍ୱରକୁ ଚିହ୍ନି ପାରୁ ନାହାନ୍ତି, ଏହା ପରେ ଉପମୁଖ୍ୟମନ୍ତ୍ରୀ ଏକ ଭିଡିଓ କଲ୍ କରି ଆକ୍ସନ ବନ୍ଦ କରିବାକୁ କୁହନ୍ତି । ସେ ତାଙ୍କୁ ଚିହ୍ନିଛନ୍ତି କି ନାହିଁ ବୋଲି ଅଧିକାରୀଙ୍କୁ କଡ଼ା ସ୍ୱରରେ ପ୍ରଶ୍ନ କରୁଛନ୍ତି ।

## ସୋନିଆଙ୍କ ଭୋଟର ଆଇଡି ବିବାଦ

# ତଦନ୍ତ ଦାବିରେ କୋର୍ଟରେ ପିଟିସନ୍, ଆସନ୍ତା ୧୦ରେ ଶୁଣାଣି



**ନୂଆଦିଲ୍ଲୀ,୫।୯:** ଭାରତର ନାଗରିକ ହେବାର ୩ ବର୍ଷ ପୂର୍ବରୁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ନାମ ଭୋଟର ତାଲିକାରେ ସାମିଲ ହୋଇଥିଲା ବୋଲି ଅଭିଯୋଗ ହୋଇଛି । ତେଣୁ ସୋନିଆଙ୍କ ବିରୋଧରେ ଏଫଆଇଆର ରୁଜୁ ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବିରେ ଦିଲ୍ଲୀ ଏକ କୋର୍ଟରେ ପିଟିସନ ଦାଖଲ କରାଯାଇଛି । ରାଉଜ ଆଭେନ୍ୟୁ କୋର୍ଟର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏହି ମାମଲାକୁ ଗ୍ରହଣ କରିବା ସହ ଆସନ୍ତା ୧୦ ତାରିଖରେ ଶୁଣାଣି କରିବାକୁ କହିଛନ୍ତି । କିନ୍ତୁ ସୋନିଆ କିମ୍ବା ଦିଲ୍ଲୀ ପୁଲିସକୁ କୌଣସି ନୋଟିସ୍ ଜାରି କରାଯାଇନାହିଁ । ବିକାଶ ତ୍ରିପାଠୀ ନାମକ ଜଣେ ବ୍ୟକ୍ତି ଏହି ପିଟିସନ ଫାଇଲ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ ସୋନିଆ ୧୯୮୩ରେ ଭାରତର ନାଗରିକ ହୋଇଥିଲେ । କିନ୍ତୁ ଏହାର ୩ ବର୍ଷ ପୂର୍ବରୁ ଅର୍ଥାତ ୧୯୮୦ରେ ତାଙ୍କ ନାମ ନୂଆଦିଲ୍ଲୀ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ସାମିଲ କରାଯାଇଥିଲା। ସେ ଏକଥା ମଧ୍ୟ କହିଛନ୍ତି ଯେ ଭୋଟର ତାଲିକାରେ ସୋନିଆଙ୍କ ନାମ ୧୯୮୦ରେ ସାମିଲ ହୋଇଥିଲା ଏବଂ ୧୯୮୨ରେ କାଟି ଦିଆଯାଇଥିଲା। ପରେ ୧୯୮୩ରେ ପୁଣି ନାମ ଯୋଡାଯାଇଥିଲା । ତେଣୁ ନକଲି ଦସ୍ତାବିଜ ଜରିଆରେ ୧୯୮୦ରେ ସୋନିଆଙ୍କ ନାମ ଭୋଟର ଲିଷ୍ଟରେ ସାମିଲ କରାଯାଇଥିଲା। ଜାଣିଶୁଣି ଏସବୁ କରାଯାଇଛି । ତେଣୁ ସୋନିଆଙ୍କ ବିରୋଧରେ ଏଫଆଇଆର ରୁଜୁ କରିବାକୁ ନିର୍ଦ୍ଦେଶ ଦେବାକୁ ସେ ପିଟିସନରେ ଅନୁରୋଧ କରିଛନ୍ତି।

# ବନ୍ୟାରେ ଧୋଇଗଲା ୩୦ କିଲୋମିଟର ବାଡ଼



**ନୂଆଦିଲ୍ଲୀ,୫।୯:** ଚଳିତ ବର୍ଷର ବନ୍ୟା ପଞ୍ଜାବରେ ତାଣ୍ଡବ ରଚିଛି। ଏହି ସମୟରେ, ପଞ୍ଜାବର ଫିରୋଜପୁର ଜିଲ୍ଲାରେ ଭାରତ-ପାକିସ୍ତାନ ସୀମାରେ ଥିବା ଆରାଜି ଆଡଭାନ୍ସ ବନ୍ଧ ଧୋଇ ହୋଇଯାଇଛି। ଏହାକୁ ରକ୍ଷା କରିବା ପାଇଁ ଗ୍ରାମବାସୀ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ଜିଲାରୁ ଯୁବକମାନେ ଟ୍ରଲିରେ ମାଟି ଆଣି ବନ୍ଧକୁ ସୁଦୃଢ଼ କରିବା ପାଇଁ ମାଟି ବସ୍ତା ପୂରଣ କରୁଛନ୍ତି।

ସୂଚନାଯୋଗ୍ୟ, ସତଲେଜ ଏବଂ ରବି ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁ, ବିଏସଏଫ ବାଡ଼ର ଏକ ବଡ଼ ଅଂଶ ପାଣିରେ ବୁଡ଼ି ଯାଇଛି। ଏହା ଯୋଗୁ, ବିଏସଏଫ ଯବାନମାନଙ୍କୁ ଡଜନ ଡଜନ ଚେକପୋଷ୍ଟ ଖାଲି କରିବାକୁ ପଡିଛି। ସୀମାର ଅନ୍ୟ ପାର୍ଶ୍ୱରେ, ପାକିସ୍ତାନୀ ପୋଷ୍ଟଗୁଡ଼ିକ ମଧ୍ୟ ନଦୀର ପ୍ରକୋପର ସମ୍ମୁଖୀନ ହେଉଛନ୍ତି। ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ, ଗୁରୁଦାସପୁର, ଅମୃତସର ଏବଂ ପଠାଣକୋଟରେ ଅତି କମରେ ୫୦ ଟି ସ୍ଥାନରେ ସୁରକ୍ଷା ବନ୍ଧ ଭାଙ୍ଗିବା ରିପୋର୍ଟ ମିଳିଛି। ଡ୍ରଗ୍ସ ଚୋରାଚାଲାଣକାରୀମାନେ ମଧ୍ୟ ଏହି ଫାଙ୍କରୁ ଫାଇଦା ନେବାକୁ ଚେଷ୍ଟା କରିଥିଲେ, କିନ୍ତୁ ଅଧିକାରୀମାନେ ସୂଚନା

**ଭାରତ-ପାକିସ୍ତାନ ସୀମା ବିବାଦରେ ଆଶ୍ୱସ୍ତି**

ଦେଇଛନ୍ତି ଯେ ବିଏସଏଫର ସତର୍କତା ଯୋଗୁ ସେମାନେ ତୁରନ୍ତ ଧରାପଡ଼ିଛନ୍ତି।

ବିଏସଏଫ ପଞ୍ଜାବ ଫ୍ରଣ୍ଟିୟରର ଡିଆଇଜି ଇଣ୍ଡିଆନ ଏକ୍ସପ୍ରେସ ସହିତ କଥାବାର୍ତ୍ତା କରିବା ସମୟରେ ନିଶ୍ଚିତ କରିଛନ୍ତି ଯେ ଗୁରୁଦାସପୁରରେ ପ୍ରାୟ ୩୦-୪୦ ସୀମାନ୍ତ ପୋଷ୍ଟ ବୁଡ଼ି ଯାଇଛି। ସୈନିକମାନଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଛି ଏବଂ କୌଣସି ଜୀବନହାନିର ରିପୋର୍ଟ ନାହିଁ।

ଜଣେ ଅଧିକାରୀ ସୂଚନା ଦେଇଛନ୍ତି ଯେ ଜିରୋ ଲାଇନର ଉଭୟ ପାର୍ଶ୍ୱରେ ରାବି ନଦୀ ଭୟଙ୍କର ରୂପ ନେଇଛି। ପାକିସ୍ତାନ ରେଞ୍ଜର୍ସଙ୍କୁ ମଧ୍ୟ ସେମାନଙ୍କର ପୋଷ୍ଟ ଛାଡିବାକୁ ପଡିଛି। ସେ କହିଛନ୍ତି ଯେ ସତଲେଜର ବନ୍ୟାରେ ବିଏସଏଫ ସୈନିକମାନେ ଲଢ଼ିବାକୁ ସକ୍ଷମ। ସେ କହିଛନ୍ତି ଯେ ବହୁ ବର୍ଷ ମଧ୍ୟରେ ଏହା ପ୍ରଥମ ଥର ଯେ ଗୁରୁଦାସପୁର ଏବଂ ଅମୃତସରରେ ରାବି ନଦୀ ଏତେ ଭୟଙ୍କର ରୂପ ନେଇଛି। ଗୁଦାସପୁର ଡ୍ରେନେଜ ବିଭାଗ ନିଶ୍ଚିତ କରିଛି ଯେ ଜିଲାରେ ରାବି ନଦୀ ଉପରେ ନିର୍ମିତ ବନ୍ଧ ୨୮ଟି ସ୍ଥାନରେ କ୍ଷତିଗ୍ରସ୍ତ ହୋଇଛି। ଅମୃତସରରେ ୧୦-୧୨ ଟି ଏବଂ ପଠାଣକୋଟରେ ଗୋଟିଏ ବଡ଼ କ୍ଷତି ହୋଇଛି। ଏଠାରେ, ପ୍ରାୟ ୨ କିଲୋମିଟର ଲମ୍ବା ବନ୍ଧ ସମ୍ପୂର୍ଣ୍ଣ ଭାବରେ ଧୋଇ ଯାଇଛି।

# ଆଲୋଚନା ପାଇଁ ୟୁକ୍ରେନ ରାଷ୍ଟ୍ରପତିଙ୍କୁ ମସ୍କୋ ନିମନ୍ତ୍ରଣ କଲେ ପୁଟିନ୍



**ମସ୍କୋ,୫।୯:** ଥମିବ କି ରୁଷ- ୟୁକ୍ରେନ ଯୁଦ୍ଧ ? ଯୁଦ୍ଧରେ ଅନ୍ତ ଘଟାଇବାକୁ ଆଗଭର କି ପୁଟିନ ? ଶାନ୍ତି କଥାବାର୍ତ୍ତା ପାଇଁ ଜେଲେନସ୍କିଙ୍କୁ ରୁଷ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ । ରୁଷ- ୟୁକ୍ରେନ ଯୁଦ୍ଧ ସଂପର୍କରେ ସିଧାସଳଖ କଥାବାର୍ତ୍ତା ପାଇଁ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କୁ ନିମନ୍ତ୍ରଣ କଲେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । କଥାବାର୍ତ୍ତା ପାଇଁ ମସ୍କୋକୁ ଆସିବାକୁ ନିମନ୍ତ୍ରଣ କରିଛନ୍ତି । ଏହା ସହ ଜେଲେନସ୍କିଙ୍କ ସୁରକ୍ଷା ନେଇ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି କ୍ରେମଲିନ ବସ। ଯଦି ୟୁକ୍ରେନ ସତରେ କଥାବାର୍ତ୍ତା ପାଇଁ ଆଗ୍ରହୀ ତେବେ ଏକାଠି ବୈଠକ ପାଇଁ ଜେଲେନସ୍କି ମସ୍କୋ ଆସନ୍ତୁ । ତାଙ୍କ ସୁରକ୍ଷା ନେଇ ସେ ବ୍ୟକ୍ତିଗତ ଗ୍ୟାରେଣ୍ଟି ଦେଉଥିବା କହିଛନ୍ତି ପୁଟିନ। ଦ୍ୱିତୀୟ ଥର ପାଇଁ ସର୍ବସାଧାରଣରେ ଜେଲେନସ୍କିଙ୍କୁ ଆଲୋଚନା ପାଇଁ ଡାକିଛନ୍ତି । ଉଚ୍ଚସ୍ତରୀୟ କଥାବାର୍ତ୍ତା ପାଇଁ ଏହା ବଡ଼ ସୁଯୋଗ ବୋଲି ସେ କହିଛନ୍ତି । ଏହା ସହ ୟୁରୋପୀୟ ରାଷ୍ଟ୍ରଙ୍କୁ ଚେତାବନୀ ଦେଇଛନ୍ତି । ଯଦି ସାମରିକ କାର୍ଯ୍ୟକଳାପରେ ୟୁକ୍ରେନରେ ୟୁରୋପର କୌଣସି ରାଷ୍ଟ୍ର ସୈନ୍ୟ ମୁତୟନ କରେ, ତେବେ ରୁଷ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେବୁନାହିଁ ବୋଲି କହିଛନ୍ତି ପୁଟିନ । ଦୀର୍ଘ ସ୍ଥାୟୀ ଶାନ୍ତି ହାସଲର ବ୍ୟବସ୍ଥା ହେଲେ ୟୁକ୍ରେନରେ ସୈନ୍ୟ ମୁତୟନ କରିବାର ଆବଶ୍ୟକତା ନାହିଁ ବୋଲି ଦାବି କରିଛନ୍ତି । ଉଚ୍ଚସ୍ତରୀୟ କଥାବାର୍ତ୍ତା ପାଇଁ ଏହା ବଡ଼ ସୁଯୋଗ ବୋଲି ସେ କହିଛନ୍ତି । ଏହା ସହ ୟୁରୋପୀୟ ରାଷ୍ଟ୍ରଙ୍କୁ ଚେତାବନୀ ଦେଇଛନ୍ତି। ଯଦି ସାମରିକ କାର୍ଯ୍ୟକଳାପରେ ୟୁକ୍ରେନରେ ୟୁରୋପର କୌଣସି ରାଷ୍ଟ୍ର ସୈନ୍ୟ ମୁତୟନ କରେ, ତେବେ ରୁଷ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେବୁନାହିଁ ବୋଲି କହିଛନ୍ତି ପୁଟିନ । ଦୀର୍ଘ ସ୍ଥାୟୀ ଶାନ୍ତି ହାସଲର ବ୍ୟବସ୍ଥା ହେଲେ ୟୁକ୍ରେନରେ ସୈନ୍ୟ ମୁତୟନ କରିବାର ଆବଶ୍ୟକତା ନାହିଁ ବୋଲି ଦାବି କରିଛନ୍ତି ।

## ଆମେରିକାକୁ ଝଟକା

# ନେପାଳରେ ୨୬ ସୋସିଆଲ ମିଡିଆ ଆପ୍ ବ୍ୟାନ

**ନୂଆଦିଲ୍ଲୀ,୫।୯:** ନେପାଳ ସରକାର ଏକ ବଡ଼ ପଦକ୍ଷେପ ନେଇ ଫେସବୁକ୍, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଓ ଏକ୍ସ ସମେତ ୨୬ଟି ସୋସିଆଲ ମିଡିଆ ଆପ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ନେପାଳର ଜନତା ଏଗୁଡ଼ିକୁ ବ୍ୟବହାର କରିପାରିବେ ନାହିଁ। ସରକାର ଏହି କମ୍ପାନୀମାନଙ୍କୁ ନେପାଳରେ ନିଜକୁ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପଞ୍ଜୀକରଣ ନ କରିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ରାଜଧାନୀ ଦିଲ୍ଲୀର ଅନେକ ତଳିଆ ଅଞ୍ଚଳ ଜଳମଗ୍ନ



**ନୂଆଦିଲ୍ଲୀ, ୫।୯:** ବନ୍ୟା ଘେରରେ ରାଜଧାନୀ ଦିଲ୍ଲୀ । ବୁଡ଼ିଛି ଘରଦ୍ୱାର ରାସ୍ତାଘାଟ । ଅନେକ ଅଞ୍ଚଳ ରହିଛି ଜଳମଗ୍ନ । ଲଗାଣ ବର୍ଷା ଯୋଗୁଁ ହାଥନିକୁଣ୍ଡ ବ୍ୟାରେଜରୁ ପାଣି ଛଡ଼ାଯିବା ପରେ ବଢୁଛି ଯମୁନା ନଦୀର ଜଳସ୍ତର। ଫଳରେ ଦିଲ୍ଲୀର ଅନେକ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି । ଆଣ୍ଠୁଏ ଆଣ୍ଠୁଏ ପାଣିରେ ଯାତାୟତ କରୁଛନ୍ତି ଲୋକେ । ହଜାର ହଜାର ଲୋକ ଜଳବନ୍ଦୀରେ ଅଛନ୍ତି । ବନ୍ୟା ପ୍ଳାବିତ ଅଞ୍ଚଳରେ ଲୋକଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯାଉଛି । ପ୍ରାୟ ୧୪ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଦିଲ୍ଲୀର ମୟୂର ବିହାର, ଯମୁନା ବଜାର, ରିଙ୍ଗ ରୋଡ୍ , ସିଭିଲ୍ ଲାଇନ୍ସ, ସୋନିଆ ବିହାର, କାଶ୍ମୀର ଗେଟ୍, ବାୱାନା, ମୁକୁନ୍ଦପୁର, ସରିତା ବିହାର ଏବଂ ଜନକପୁରୀ ଅଞ୍ଚଳ ଜଳମଗ୍ନ ହୋଇଛି। ବହୁ ସ୍ଥାନରେ ପ୍ରଶାସନ ପକ୍ଷରୁ ଯାତାୟତ ବନ୍ଦ କରାଯାଇଛି । ଜିଲ୍ଲା ପ୍ରଶାସନ କହିଛି ଯେ ବର୍ତ୍ତମାନ ପାଖାପାଖି ୪୩ ରୁ ଅଧିକ ଗାଁ ବନ୍ୟା ପାଣି ଦ୍ୱାରା ପ୍ରଭାବିତ ହୋଇଛି। ଅନେକ ତଳିଆ ଅଞ୍ଚଳରେ ପାଣି ଜମି ରହିଥିବାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଶାସନିକ ଦଳ ପ୍ରଭାବିତ ଅଞ୍ଚଳରେ ନିରନ୍ତର ମୁତୟନ ଅଛନ୍ତି ।

# ଇସ୍ତଫା ଦେଲେ ବ୍ରିଟେନର ଉପପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୫।୯:** ବ୍ରିଟେନର ଉପ ପ୍ରଧାନମନ୍ତ୍ରୀ ଆଞ୍ଜେଲା ରେନର୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ବିରୋଧରେ ଘର କ୍ରୟ ଉପରେ କମ୍ ଟିକସ ଦେବା ମାମଲାରେ ଏକ ନୈତିକ ତଦନ୍ତ ହୋଇଥିଲା, ଏହା ପରେ ଆଞ୍ଜେଲା ଇସ୍ତଫା ଦେଇଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ, ଏହି ଗ୍ରୀଷ୍ମ ଋତୁର ଆରମ୍ଭରେ ଇଂଲଣ୍ଡର ଦକ୍ଷିଣ ଉପକୂଳରେ ହୋଭରେ ଏକ ଆପାର୍ଟମେଣ୍ଟ ସେ କିଣିଛନ୍ତି। ଆଉ ଏହି ସମୟରେ ସେ, ସଠିକ୍ ଟିକସ ଭରଣ ନଥିଲେ। ବ୍ରିଟେନ ପ୍ରଧାନମନ୍ତ୍ରୀ କୀର୍ ଷ୍ଟାରମରଙ୍କୁ ସେ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି, ଏଥିରେ ସେ କହିଛନ୍ତି ଯେ,"ମୁଁ ଏହି ଭୁଲ ପାଇଁ ସମ୍ପୂର୍ଣ୍ଣ ଦାୟୀ"। ତେବେ ଜବାବରେ, ଷ୍ଟାରମର ଦୁଃଖ ପ୍ରକାଶ କରିଛନ୍ତି, ଆଉ କହିଛନ୍ତି ଯେ, ରେନର୍ ସଠିକ୍ ନିଷ୍ପତ୍ତି ନେଇଛନ୍ତି। ଷ୍ଟାରମର ଲେଖିଛନ୍ତି କି, "ରାଜନୀତିରେ ଆପଣଙ୍କ ସଫଳତା ପାଇଁ ମୋର କେବଳ ପ୍ରଶଂସା ଏବଂ ଗଭୀର ସମ୍ମାନ ଅଛି। ସୂଚନାଥାଉକି, ବ୍ରିଟେନରେ, ସମ୍ପତ୍ତି କ୍ରୟ ଉପରେ କର ଲାଗୁ ହୁଏ। ମହଙ୍ଗା ଘର ଉପରେ କର ଅଧିକ ଲାଗିଥାଏ। ରିପୋର୍ଟରୁ ଜଣାପଡିଛି ଯେ ରେନର୍ ତାଙ୍କ କ୍ରୟ ଉପରେ ଷ୍ଟାମ୍ପ ଡ୍ୟୁଟି ଉପରେ ଉପଯୁକ୍ତ ଟିକସ ନ ଦେଇ ଅର୍ଥରାଶି ସଞ୍ଚୟ କରିଛନ୍ତି। ଲେବର ସରକାରରେ ଗୃହ ନିର୍ମାଣ ଦାୟିତ୍ୱରେ ଥିବା ରେନର୍ ପ୍ରାୟତଃ ସେମାନଙ୍କ ବିରୁଦ୍ଧରେ କହିଛନ୍ତି, ଯେଉଁମାନେ ଜାଣିଶୁଣି କମ୍ ଟିକସ ଦିଅନ୍ତି।

# ୧୦ ବର୍ଷରେ ୩୭.୫% କମିଛି ଶିଶୁ ମୃତ୍ୟୁହାର



**ନୂଆଦିଲ୍ଲୀ,୫।୯(ପି.ଟି.):** ଦେଶରେ ଶିଶୁ ମୃତ୍ୟୁ ହାର (ଆଇଏମ୍‌ଆର୍) ୨୦୧୩ରେ ୪୦ ଥିବାବେଳେ ଏବେ ତାହା ୨୫କୁ ହ୍ରାସ ପାଇଛି। ଅର୍ଥାତ୍ ୧୦ ବର୍ଷ ମଧ୍ୟରେ ମୃତ୍ୟୁହାର ୩୭.୫% କମିଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆଙ୍କ ଦ୍ୱାରା ଜାରି ୨୦୨୩ର ନମୁନା ପଞ୍ଜୀକରଣ ସିଷ୍ଟମ (ଏସ୍‌ଆର୍‌ଏସ୍) ରିପୋର୍ଟରୁ ଏହା ଜଣାପଡ଼ିଛି। ଆଇଏମ୍‌ଆର୍ ହେଉଛି ୧ ବର୍ଷରୁ କମ୍ ବୟସ ମଧ୍ୟରେ ପ୍ରତି ହଜାରେ ଜନ୍ମିତ ଶିଶୁରେ ମୃତ୍ୟୁମୁଖରେ ପଡୁଥିବା ଶିଶୁ ସଂଖ୍ୟା। ଏହି ସଂଖ୍ୟା କମିବା ଅର୍ଥ ଉନ୍ନତ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉଛି।

୨୦୨୩ର ତଥ୍ୟ ଆଧାରରେ ଏସ୍‌ଆର୍‌ଏସ୍ ରିପୋର୍ଟ ପ୍ରକାଶିତ ହୋଇଛି। ୧୯୭୧ରେ ପ୍ରତି ୧୦୦୦ ପିଲାଙ୍କ ମଧ୍ୟରୁ ୧୨୯ ଜଣଙ୍କ ମୃତ୍ୟୁ ଘଟୁଥିବାବେଳେ ସେଥିରେ ୮୦ ପ୍ରତିଶତ ହ୍ରାସ ଘଟିଛି। ଅନ୍ୟପକ୍ଷରେ ରାଜ୍ୟୱାରି ଦେଖିଲେ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତରପ୍ରଦେଶରେ ଆଇଏମ୍‌ଆର୍ ସର୍ବାଧିକ ୩୭ ରହିଥିବାବେଳେ ମଣିପୁରରେ ସର୍ବନିମ୍ନ ୩ ଏବଂ କେରଳରେ ୫ ରହିଛି। ଗତ ୧୦ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ଆଇଏମ୍‌ଆର୍ ୪୪ରୁ ୨୮କୁ ଖସିଥିବାବେଳେ ସହରାଞ୍ଚଳରେ ୨୭ରୁ ୧୮କୁ ହ୍ରାସ ପାଇଛି। ଅର୍ଥାତ୍ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଶିଶୁ ମୃତ୍ୟୁ ହାରରେ ଯଥାକ୍ରମେ ୩୬ ଓ ୩୩ ପ୍ରତିଶତ ହ୍ରାସ ଘଟିଛି।

ସର୍ବଭାରତୀୟ ସ୍ତରରେ ଜନ୍ମହାର ଗତ ୫ ଦଶନ୍ଧି ମଧ୍ୟରେ ଯଥେଷ୍ଟ ହ୍ରାସ ପାଇଛି। ୧୯୭୧ରେ ପିଲା ଜନ୍ମହାର ୩୬.୯ ଥିବାବେଳେ ୨୦୨୩ରେ ତାହା ୧୮.୪କୁ ଖସିଛି। ଏହି ସମୟ ମଧ୍ୟରେ ଗ୍ରାମାଞ୍ଚଳ-ସହରାଞ୍ଚଳ ଜନ୍ମହାରରେ ପାର୍ଥକ୍ୟ ମଧ୍ୟ କମିଛି। ତେବେ ଗ୍ରାମାଞ୍ଚଳରେ ଜନ୍ମହାର ସହରାଞ୍ଚଳଠାରୁ ଅଧିକ ରହିଆସିଛି। ୨୦୧୩ରେ ଦେଶରେ ଜନ୍ମହାର ୨୧.୩ ଥିବାବେଳେ ୨୦୨୩ରେ ତାହା ୧୮.୪ ହୋଇଛି, ଅର୍ଥାତ୍ ୧୦ ବର୍ଷରେ ୧୪ ପ୍ରତିଶତ କମିଛି। ଏହି ସମୟ ମଧ୍ୟରେ ଗ୍ରାମାଞ୍ଚଳ ଜନ୍ମହାର ୨୨.୯ରୁ ୨୦.୩କୁ (୧୧%) କମିଥିବାବେଳେ ସହରାଞ୍ଚଳରେ ୧୭.୩ରୁ ୧୪.୯କୁ ଅର୍ଥାତ୍ ୧୪ ପ୍ରତିଶତ ହ୍ରାସ ପାଇଛି। ୨୦୨୩ରେ ବିହାରରେ ଜନ୍ମହାର ସର୍ବାଧିକ ୨୫.୮ ରହିଥିବାବେଳେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ସର୍ବନିମ୍ନ ୧୦.୧ ରହିଛି। ମୃତ୍ୟୁହାର ମଧ୍ୟ ଗତ ୫ ଦଶନ୍ଧି ମଧ୍ୟରେ କ୍ରମାଗତ ହ୍ରାସ ପାଇଛି। ୧୯୭୧ରେ ମୃତ୍ୟୁହାର ୧୪.୯ ଥିବାବେଳେ ୨୦୨୩ରେ ତାହା ୬.୪କୁ ଖସିଛି। ଗ୍ରାମାଞ୍ଚଳରେ ମୃତ୍ୟୁହାର ୨୦୨୨ରେ ୭.୨ ଥିବାବେଳେ ୨୦୨୩ରେ ୬.୮କୁ ହ୍ରାସ ପାଇଛି। ସହରାଞ୍ଚଳରେ ଏହି ସମୟ ମଧ୍ୟରେ ମୃତ୍ୟୁହାର ୬.୦ରୁ ୫.୭କୁ ହ୍ରାସ ପାଇଥିବା ଦେଖାଯାଇଛି।

# ଆଫଗାନିସ୍ତାନ, ୨୪ ଘଣ୍ଟାରେ ତୃତୀୟ ଥର ଭୂମିକମ୍ପ



**ନୂଆଦିଲ୍ଲୀ ୫।୯:** ଆଫଗାନିସ୍ତାନରେ ପୁଣି ଥରେ ଭୂକମ୍ପ ହୋଇଛି । ଏହାର ତୀବ୍ରତା ୪.୮ ରେକର୍ଡ କରାଯାଇଥିଲା। ଏହା ପୂର୍ବରୁ ଗୁରୁବାର ରାତିରେ ୫.୮ ତୀବ୍ରତାର ଏକ ଭୂକମ୍ପ ଆସିଥିଲା। ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି ଅନୁଯାୟୀ, ସକାଳ ପ୍ରାୟ ୭.୪୬ ସମୟରେ ଭୂମିକମ୍ପ ହୋଇଥିଲା। ଅଗଷ୍ଟ ୩୧ରେ ଆଫଗାନିସ୍ତାନରେ ହୋଇଥିବା ଭୂମିକମ୍ପ ପରେ ଲୋକଙ୍କ ଜୀବନ ସ୍ୱାଭାବିକ ହେବାକୁ ଲାଗିଥିଲା, କିନ୍ତୁ ଏବେ ପୁଣି ଆତଙ୍କ ଖେଳିଯାଇଛି। ଭୂକମ୍ପରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ୧,୪୫୭ରେ ପହଞ୍ଚିଛି। ଏହା ସହିତ ୩,୩୯୪ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସ୍ଥାନୀୟ ମିଡିଆ ରିପୋର୍ଟ ଅନୁଯାୟୀ, ୬,୭୦୦ରୁ ଅଧିକ ଘର ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଛି ଏବଂ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଏଜେନ୍ସିଗୁଡ଼ିକ ଏବେ ମଧ୍ୟ ଦୁର୍ଗମ ଅଞ୍ଚଳରେ ଫସିଥିବା ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ଉଦ୍ଧାରକାରୀ ମାଟିଆ ତଳୁ ଶବ ବାହାର କରିବାରେ ଲାଗିଛନ୍ତି। କିନ୍ତୁ ଅଧିକାରୀମାନେ କହୁଛନ୍ତି ଯେ ଉଦ୍ଧାର କାର୍ଯ୍ୟ ଏବେ ମଧ୍ୟ ଅସମ୍ପୂର୍ଣ୍ଣ ରହିଛି। ଭୂକମ୍ପ ପୀଡ଼ିତମାନେ ପାଣି, ଖାଦ୍ୟ ଏବଂ ଚିକିତ୍ସା ସୁବିଧା ପାଉନାହାନ୍ତି। ତାଲିବାନ ପ୍ରଶାସନ ଦାବି କରିଛି ଯେ ଅନେକ ପରିବାରଙ୍କୁ ମାନବୀୟ ସହାୟତା ପହଞ୍ଚାଯାଇଛି ଏବଂ ଦୁର୍ଗମ ଅଞ୍ଚଳର ରାସ୍ତାଗୁଡ଼ିକ ଖୋଲାଯାଇଛି।

## ଟ୍ରମ୍ପଙ୍କ ଧମକ: ଚୀନକୁ ସମର୍ଥନ କଲେ ଆମେରିକାରେ ପ୍ରବେଶ ମନା




**ୱାଶିଂଟନ,୫।୯:** ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଗୁରୁବାର ଘୋଷଣା କରିଛନ୍ତି ଯେ କିଛି ମଧ୍ୟ ଆମେରିକୀୟ ନାଗରିକଙ୍କ ଉପରେ ନୂତନ ଭିସା କଟକଣା ଲାଗୁ କରାଯାଉଛି । ସେମାନଙ୍କ ଉପରେ ଜାଣିଶୁଣି ଚୀନ୍ କମ୍ୟୁନିଷ୍ଟ ପାର୍ଟି (ସିସିପି) ପାଇଁ କାମ କରିବା ଏବଂ ଏହି ଅଞ୍ଚଳରେ ଆଇନର ଶାସନକୁ ଦୁର୍ବଳ କରିବାର ଅଭିଯୋଗ ରହିଛି । ବୈଦେଶିକ ବିଭାଗ ଦ୍ୱାରା ଜାରି ବିବୃତ୍ତିରେ କୌଣସି ନାମ କିମ୍ବା ପ୍ରଭାବିତ ଦେଶ ବିଷୟରେ ଉଲ୍ଲେଖ କରାଯାଇ ନାହିଁ । କିନ୍ତୁ ରୁବିଓ କହିଛନ୍ତି ଯେ ଯେଉଁମାନେ ଏହି ନିୟମ ପାଳନ କରୁଛନ୍ତି, ସେମାନଙ୍କ ପରିବାର ସମେତ, ସେମାନଙ୍କୁ ଆଉ ଆମେରିକାରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ । ରୁବିଓ କହିଛନ୍ତି ଯେ, 'ମଧ୍ୟ ଆମେରିକାରେ ଚୀନର ଦୁର୍ନୀତିଗ୍ରସ୍ତ ପ୍ରଭାବକୁ ରୋକିବା, ଆଇନକୁ ଦୁର୍ବଳ କରିବା ଏବଂ ଏହାର ପ୍ରୟାସକୁ ବିଫଳ କରିବା ପାଇଁ ଆମେରିକା ପ୍ରତିବନ୍ଧ ଲଗାଇଛି । ସେଥିପାଇଁ ଏପରି ବ୍ୟକ୍ତି ଏବଂ ସେମାନଙ୍କ ପରିବାରକୁ ଏବେ ଆମେରିକାରେ ପ୍ରବେଶ କରିବାକୁ ମନା କରାଯିବ ।' ପ୍ରବାସ ଏବଂ ଜାତୀୟତା ଆଇନର ଧାରା ୨୧୨ (ଏ) (୩) (ସି) ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି। ଏହା ଅଧୀନରେ, ଯେଉଁମାନେ ଜାଣିଶୁଣି ଏପରି କାର୍ଯ୍ୟକଳାପ କରୁଛନ୍ତି ଯାହା ଏହି ଅଞ୍ଚଳରେ ଗଣତାନ୍ତ୍ରିକ ଢାଞ୍ଚାକୁ ଦୁର୍ବଳ କରେ ସେମାନଙ୍କ ଉପରେ ପ୍ରତିବନ୍ଧକ ଲଗାଯିବ । ଏଥିସହ ଆପଣମାନେ ଜାଣିରଖନ୍ତୁ ଯେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୁପ୍ରିମକୋର୍ଟକୁ ଶୁଳ୍କ ଉପରେ ଶୀଘ୍ର ଏବଂ ନିଷ୍ପତ୍ତି ନେବାକୁ ଅନୁରୋଧ କରିଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଆମେରିକାର ପ୍ରତିଦ୍ୱନ୍ଦ୍ୱୀ ଏବଂ ସହଯୋଗୀମାନଙ୍କ ଉପରେ ସେ ଯେଉଁ ଆମଦାନୀ ଶୁଳ୍କ ଲଗାଇଛନ୍ତି ତାହା ବିନା ଦେଶ 'ଅର୍ଥନୈତିକ ବିନାଶର ଦ୍ୱାର'ରେ ପହଞ୍ଚିବ । ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଦଲିଲରେ ଟ୍ରମ୍ପ ପ୍ରଶାସନ ଯେଭଳି ଭାବରେ ଅର୍ଥନୈତିକ ବିନାଶ ଭଳି ଶବ୍ଦ ବ୍ୟବହାର କରିଛି ତାହା ଅତ୍ୟନ୍ତ ଅସାଧାରଣ । ବୁଧବାର ବିଳମ୍ବିତ ରାତିରେ, ଏହା ବିଚାରପତିମାନଙ୍କୁ ହସ୍ତକ୍ଷେପ କରିବାକୁ ଏବଂ ଏକ ଆପିଲ୍ କୋର୍ଟର ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲା ଯେ ଟ୍ରମ୍ପଙ୍କ ଅଧିକାଂଶ ଶୁଳ୍କ ଜରୁରୀକାଳୀନ କ୍ଷମତା ସମ୍ବଳିତ ଆଇନର ଅବୈଧ ବ୍ୟବହାର । ବର୍ତ୍ତମାନ ପାଇଁ, ଏହି ଶୁଳ୍କ ଲାଗୁ ରହିବ ।

## ସର୍ବକାଳୀନ ରେକର୍ଡ ଭାଙ୍ଗି ତଳମୁହାଁ ହେଲା ଟଙ୍କା

**ମୁମ୍ବାଇ,୫।୯:** ଭାରତୀୟ ଟଙ୍କା ଶୁକ୍ରବାର ଦିନ ଆମେରିକୀୟ ଡଲାର ବିପକ୍ଷରେ ନୂତନ ରେକର୍ଡ ସ୍ଥାପନ କରି ନିମ୍ନସ୍ତର ୮୮.୨୭କୁ ଖସିଛି। ଯାହା ଗୁରୁବାରର ୮୮.୧୫ ତୁଳନାରେ ୧୨ ପଇସା କମ୍ ରହିଛି। ଏହି ହ୍ରାସର ମୁଖ୍ୟ କାରଣ ହେଉଛି ବିଦେଶୀ ପୁଞ୍ଜି ଉଠାଣ ଏବଂ ଆମେରିକାର ଭାରତୀୟ ପଣ୍ୟ ଉପରେ ଲାଗୁ କରାଯାଇଥିବା ନୂତନ ଶୁଳ୍କ ସମ୍ପର୍କରେ ବିଶ୍ୱ ବଜାରରେ ଉଦ୍ଭବ ହୋଇଥିବା ଚିନ୍ତା। ଏହା ସତ୍ତ୍ୱେ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ଜିଏସଟି ସଂସ୍କାର ଯାହା ଚାରୋଟି ସ୍ଲାବକୁ ଦୁଇଟି (୫% ଏବଂ ୧୮%) ଏବଂ ବିଳାସପୂର୍ଣ୍ଣ ଓ କ୍ଷତିକାରକ ପଣ୍ୟ ଉପରେ ୪୦% ଶୁଳ୍କ ଲାଗୁ କରିଛି, ତାହା ଟଙ୍କାର ପତନକୁ ରୋକିବାରେ ସଫଳ ହୋଇପାରିନାହିଁ। ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା, ଆମେରିକାରେ ନିମ୍ନମୁଖୀ ଶ୍ରମ ବଜାର ତଥ୍ୟ ଏବଂ ଆମେରିକୀୟ ଫେଡେରାଲ ରିଜର୍ଭର ସମ୍ଭାବ୍ୟ ସୁଧ ହାର ହ୍ରାସ ଆଶା ହେତୁ ଡଲାରର ଚାହିଦା ବୃଦ୍ଧି ପାଇଛି। ମେକ୍ଲାଇ ଫାଇନାନସିଆଲ ସର୍ଭିସେସର ଉପ-ମୁଖ୍ୟ କାର୍ଯ୍ୟନିର୍ବାହୀ ରିତେଶ ଭଂଶାଲୀ କହିଛନ୍ତି, "ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପଙ୍କ ନୂତନ ଶୁଳ୍କ ହେତୁ ବାଣିଜ୍ୟ ସମ୍ଭାବନା ଅନିଶ୍ଚିତ ହୋଇପଡ଼ିଛି, ଯାହା ଟଙ୍କାକୁ ଆହୁରି ଅଧିକ ଦୁର୍ବଳ କରିଦେଇଛି।" ଏହା ସହିତ, ବିଦେଶୀ ସଂସ୍ଥାଗତ ନିବେଶକମାନେ ଭାରତୀୟ ଇକ୍ୟୁଟି ବଜାରରୁ ନିରନ୍ତର ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି। ଯାହା ଟଙ୍କା ଉପରେ ଅଧିକ ଚାପ ସୃଷ୍ଟି କରିଛି। ବିଶେଷଜ୍ଞମାନେ ଆଶା କରୁଛନ୍ତି ଯେ ବିଶ୍ୱ ବାଣିଜ୍ୟ ଏବଂ ମୁଦ୍ରା ନୀତି ସ୍ପଷ୍ଟ ନହେବା ପର୍ଯ୍ୟନ୍ତ ଟଙ୍କାର ଅସ୍ଥିରତା ଜାରି ରହିବ। ତଥାପି, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଟଙ୍କାକୁ ସ୍ଥିର ରଖିବା ପାଇଁ ବିଦେଶୀ ମୁଦ୍ରା ବଜାରରେ ହସ୍ତକ୍ଷେପ କରୁଛି। ବିଶେଷଜ୍ଞମାନେ କହୁଛନ୍ତି ଯେ ଯଦି ଆମେରିକୀୟ ଶୁଳ୍କ ନୀତିରେ କିଛି ସହଜୀକରଣ ହୁଏ କିମ୍ବା ବିଶ୍ୱ ବଜାରରେ ଅନ୍ୟ ସକାରାତ୍ମକ ପରିବର୍ତ୍ତନ ଦେଖାଦିଏ, ତେବେ ଟଙ୍କା କିଛି ପରିମାଣରେ ସୁଧୁରିପାରେ।

# ବିଡ଼ମ୍ବନା: ଶିଳ୍ପ ସମୃଦ୍ଧ ଜିଲ୍ଲାରେ ବେକାରୀ ସମସ୍ୟା ଉଦ୍‌ବେଗଜନକ




**ଯାଜପୁର,୫।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଶିଳ୍ପ କେନ୍ଦ୍ର ଭାବେ ଆମ ରାଜ୍ୟ ତଥା ଦେଶରେ ବେଶ୍ ପରିଚିତ। ୧୯୯୫ ପରଠାରୁ କ୍ଷୀପ୍ରଗତିରେ ଶିଳ୍ପ ସମୃଦ୍ଧ ହୋଇଉଠିଛି ଏହି ଜିଲ୍ଲା। ଦାନଗଦୀ ଓ ଡୁବୁରୀ ଅଞ୍ଚଳରେ ଗଢ଼ିଉଠିଛି ଅନେକ ଷ୍ଟିଲ ପ୍ଲାଣ୍ଟ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଯେଉଁ ହାରରେ ଶିଳ୍ପାୟନ ହୋଇଛି, ସେହି ହାରରେ ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିପାରିନାହିଁ। ଫଳତଃ ଜିଲ୍ଲାରେ ବେକାରୀ ସମସ୍ୟା ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଦ୍ରୁତ ଔଦ୍ୟୋଗିକୀକରଣ ଯୋଗୁଁ ଶିକ୍ଷିତ ଯୁବକଯୁବତୀ ଚାକିରି କରି ଯେଉଁ ହାରରେ ଆର୍ଥିକ ସ୍ଥିତି ସୁଧାରିବା କଥା, ତାହା ଏଠାରେ ପରିଲକ୍ଷିତ ହେଉନାହିଁ। ଫଳସ୍ୱରୂପ ଯୁବକଯୁବତୀମାନେ ସେମାନଙ୍କ ସାମାଜିକ, ଆର୍ଥିକ ଓ ମାନସିକ ସ୍ଥିତିରେ ସୁଧାର ଆଣିପାରୁନାହାନ୍ତି। ବରଂ ସେମାନେ ନିରାଶା, ଅସ୍ଥିରତା ଓ ହତାଶାଭାବ ଦେଇ ଗତି କରୁଛନ୍ତି। କଳିଙ୍ଗନଗର ଶିଳ୍ପ ସଂସ୍ଥାରେ ସ୍ଥାନୀୟ ମେଧାବୀ ଛାତ୍ରଛାତ୍ରୀ ନିଯୁକ୍ତି ପାଉନଥିବାରୁ ବାଧ ହୋଇ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ଜିଲ୍ଲାର ବିଭିନ୍ନ କଳକାରଖାନାରେ ସ୍ଥାନୀୟ ଯୁବକଯୁବତୀଙ୍କ ପରିବର୍ତ୍ତେ ବାହାର ରାଜ୍ୟର ପିଲାଙ୍କୁ ପ୍ରାଥମିକତା ଦିଆଯାଉଥିବାରୁ ଯୁବଗୋଷ୍ଠୀ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଠାକାର ଶିଳ୍ପ ସଂସ୍ଥାଗୁଡିକ ଯାଜପୁରରେ ଲାଭବାନ ହେଉଥିଲେ ମଧ ଯାଜପୁରର ସର୍ବାଙ୍ଗୀନ ଉନ୍ନତି କରିବା ପରିବର୍ତ୍ତେ ଅସ୍ୱାସ୍ଥ୍ୟକର ପରିବେଶ ଓ ବିଭିନ୍ନ ରୋଗ ସୃଷ୍ଟି କରିଚାଲିଛନ୍ତି। ଫଳରେ ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ଶ୍ୱାସ ଓ ମୂତ୍ରାଶୟଜନିତ ଗମ୍ଭୀର ସମସ୍ୟା ଦେଇ ଗତି କରୁଛନ୍ତି। ପ୍ରକାଶ ଯେ ଶିଳ୍ପ ସମୃଦ୍ଧ କଳିଙ୍ଗନଗରେ ଛୋଟ ବଡ଼ ୨୫ରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥା କାର୍ଯ୍ୟ କରୁଛି। ବିଶେଷକରି ସୁକିନ୍ଦା ବ୍ଲକ୍‌ରେ ଭରପୂର ଖଣିଜ ସମ୍ପଦ ଓ କଞ୍ଚାମାଲ ଗଚ୍ଛିତ ଥିବାରୁ ଦାନଗଦୀ ବ୍ଲକରେ ଅଧିକାଂଶ ଶିଳ୍ପାଞ୍ଚଳ ଗଢ଼ିଉଠିଛି। ସୁକିନ୍ଦା ବ୍ଲକର କାଳିଆପାଣି ଅଞ୍ଚଳରେ ପ୍ରଚୁର ମାତ୍ରାରେ କ୍ରୋମାଇଟ୍, ଆଇରନ ଓର, କ୍ୱାର୍ଜାଇଟ୍ ସହ ପାରୋକ୍ସିନାଇଟ୍ ଓ ନିକେଲ ଓର ମହଜୁଦ ଥିବାରୁ ଦାନଗଦୀ ବ୍ଲକର ଡୁବୁରୀ, ଯଖପୁରା, ଖୁରୁଣ୍ଟି ଓ କଳିଙ୍ଗନଗର ଅଞ୍ଚଳରେ ୧୯୯୫ ପରଠାରୁ ଦ୍ରୁତଗତିରେ ଗଢ଼ିଉଠିଛି ଅନେକ ଷ୍ଟିଲ ପ୍ଲାଣ୍ଟ। କଳିଙ୍ଗନଗରରେ ଟାଟା ଷ୍ଟିଲ, ଜିନ୍ଦଲ ଇଣ୍ଡଷ୍ଟ୍ରିଜ୍ ଓ ଦୀନବନ୍ଧୁ ଷ୍ଟିଲ ଆଣ୍ଡ ପାୱାରରେ ଷ୍ଟେନଲେସ୍ ଷ୍ଟିଲ, ନୀଳାଞ୍ଚଳ ଇସ୍ପାତ ନିଗମ ଲିଃ, ମେସ୍କୋ, ମୈଥାନ ଇସ୍ପାତ ଲିଃ, କେଜେ ଇସ୍ପାତ ଲିଃ ଓ ଭିସା ପ୍ଲାଣ୍ଟରେ ସ୍ପଞ୍ଜ ଆଇରନ ବା ପିଗ୍ ଆଇରନ, ରୋହିତ ଫେରୋଟେକ୍ ଲିଃରେ ଫେରୋ ଆଲଏଜ୍ ଆଦି ଉତ୍ପାଦନ କରି କମ୍ପାନୀମାନେ ଦେଶବିଦେଶକୁ ରପ୍ତାନୀ କରୁଛନ୍ତି। ସେହିପରି ଇମାମି, ସାଗର ଓ ଜେଏସଡବ୍ଲ୍ୟୁ ଭଳି କେତେକ ବଡ଼ ସିମେଣ୍ଟ ପ୍ଲାଣ୍ଟ ଗଢ଼ିଉଠିଥିଲେ ମଧ ସ୍ଥାନୀୟ ଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ପରିବର୍ତ୍ତେ ଠିକାଦାରଙ୍କ ଅଧୀନରେ ଯଥେଷ୍ଟ କମ୍ ପାଉଣାରେ ନିଯୁକ୍ତି ଦିଆଯାଉଛି। ତେଣୁ ଜିଲ୍ଲା ଧନୀ ହେଉଥିବା ବେଳେ ସ୍ଥାନୀୟ ଲୋକେ କିନ୍ତୁ ସେପରି ଉନ୍ନତି କରିପାରୁନାହାନ୍ତି। ବିଶେଷକରି ଯୁବପିଢ଼ି ବ୍ୟାପକ ଅବହେଳାର ଶିକାର ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ବିକାଶ ସହ ସେମାନେ ତାଳ ଦେଇ ଆଗକୁ ଯାଇପାରୁନାହାନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ଯୁବକଯୁବତୀଙ୍କୁ କଳିଙ୍ଗନଗର ଶିଳ୍ପ ସଂସ୍ଥାରେ ନିଯୁକ୍ତି ଦେବା ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଅଭିଯୋଗ, ୩ ଅଭିଯୁକ୍ତ ଅଟକ

**ହିଞ୍ଜିଳିକାଟୁ,୫।୯(ସଂଚାର ବ୍ୟୁରୋ):** ଗଞ୍ଜାମ ଶେରଗଡ଼ ଥାନା ଡେଙ୍ଗାପଦର ଗାଁରେ ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ହୋଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ଉକ୍ତ ଗାଁର ହରେକୃଷ୍ଣ ପାଣିଗ୍ରାହୀ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପଡୋଶୀ ରୋହିତ ପାଣିଗ୍ରାହୀଙ୍କ ସହ ହରେକୃଷ୍ଣଙ୍କର ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ରୋହିତ ଓ ତାଙ୍କ ଦୁଇ ପୁଅ ହରେକୃଷ୍ଣଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳତଃ ଘଟଣାସ୍ଥଳରେ ହିଁ ହରେକୃଷ୍ଣଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେପଟେ ମାମଲାରେ ଅଭିଯୁକ୍ତ ରୋହିତ ଓ ତାଙ୍କ ଦୁଇ ପୁଅକୁ ଅଟକ ରଖି ପଚରାଉଚରା କରୁଛି ପୋଲିସ।

## ବିଲରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ବାରିପଦା,୫।୯(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ସିମାନ୍ତ ଜାମଦା ଥାନାଠାରୁ ମାତ୍ର ୧ କିମି ଦୂର ବାନ୍ଦଦୁମା ଗ୍ରାମ ରାସ୍ତାକଡ ବିଲରୁ ଏକ ଅଜଣା ଯୁବକର ମୃତଦେହ କୁ ପୋଲିସ ଉଦ୍ଧାର କରିଅଛି।ସୂଚନାଯୋଗ୍ୟ ବାନ୍ଦଦୁମା ଗ୍ରାମର ଜଣେ ଚାଷୀ ଆଜି ଶୁକ୍ରବାର ସକାଳୁ ନିଜ ବିଲକୁ ଚାଷ କାମରେ ଯାଇଥିବାବେଳେ ଏକ ଯୁବକର ମୃତ ଦେହ ପଡ଼ିଥିବା ଦେଖି ଭୟରେ ବିଲଛାଡି ଗାଁକୁ ଯାଇ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମ ଲୋକେ ଘଟଣାସ୍ଥଳକୁ ଆସି ଦେଖି ଜାମଦା ଥାନାକୁ ଜଣାଇଥିଲେ। ଥାନାଧିକାରିଣୀ ଓଆଇସି ଅନିତା ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଜାରି ରଖିଛନ୍ତି।ପାରିପାର୍ଶ୍ୱିକ ଘଟଣାରୁ ସନ୍ଦେହ କରାଯାଉଛି ଯୁବକକୁ ହତ୍ୟା କରାଯାଇଥାଇପାରେ।ଯାମଦା ଥାନାଞ୍ଚଳର କଇଁପୁର ଗ୍ରାମର ପାକଣାପାଟ ପର୍ବତରେ ୩ ଦିନ ଧରି ପ୍ରସିଦ୍ଧ ଯାନ୍ତାଳ ପର୍ବ ଚାଲୁ ରହିଛି।ଆଜି ଅନ୍ତିମ ଦିନ। ମାନସିକଧାରୀ ମାନେ ପଡୋଶୀ ଝାଡଖଣ୍ଡ, ପଶ୍ଚିମବଙ୍ଗ, ଜାମସେଦପୁର ସମେତ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଆସି ନିଜ ମାନସିକ ପୂରଣ ପାଇଁ ପୂଜାର୍ଚ୍ଚନା କରା ଯାଉଥିବାର ଲକ୍ଷ୍ୟ କରାଯାଉଛି। ବାନ୍ଦଦୁମା ଗ୍ରାମରେ ମଧ୍ୟ ଗତକାଲି ରାତିସାରା ଯାତରା ଚାଲୁରହିଥିଲା। ତେଣୁ ମେଳା ଦେଖିବାକୁ ଆସି କିଛି ଅଘଟଣ ଘଟି ଥାଇପାରେ କିମ୍ବା ପଡୋଶୀ ଝାଡ଼ଖଣ୍ଡରୁ କେହି ମାରିଦେଇ ଏଠାରେ ଫିଙ୍ଗି ଦେଇ ପାରିଥାନ୍ତି ବୋଲି ସନ୍ଦେହ କରାଯାଉଛି। ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଯେନା, ଏସଡିପିଓ ଗୋକୁଳାନନ୍ଦ ସାହୁ, ଯାମଦା ଥାନାଧିକାରୀଣୀ ଅନିତା ସ୍ୱାଇଁ ଙ୍କ ସମେତ ବାରିପଦାରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରୁଛନ୍ତି।

### ଦିଲ୍ଲୀ ଶିକ୍ଷକ ସମ୍ମାନ ସମାରୋହ 'ଶିକ୍ଷକ ମହାକୁମ୍ଭ'ରେ କେନ୍ଦ୍ରମନ୍ତ୍ରୀ

## ଶିକ୍ଷକ ସମାଜ ଜ୍ଞାନର ଆଲୋକକୁ ଉଜାଗର କରନ୍ତି: ଧର୍ମେନ୍ଦ୍ର



**ନୂଆଦିଲ୍ଲୀ, ୫।୯:** ସମାଜରେ ଜ୍ଞାନର ଆଲୋକକୁ ପ୍ରଜ୍ୱଳିତ କରିବାରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନୂଆଦିଲ୍ଲୀ ଠାରେ ଆୟୋଜିତ ଦିଲ୍ଲୀ ଶିକ୍ଷକ ସମ୍ମାନ ସମାରୋହ "ଶିକ୍ଷକ ମହାକୁମ୍ଭ" ସେପରି ଭାବରେ ଗୁରୁ ଏବଂ ଶିକ୍ଷକମାନଙ୍କ ପାଇଁ ସମର୍ପିତ ଉତ୍ସବ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
ଦିଲ୍ଲୀରେ ତ୍ୟାଗରାଜ ଷ୍ଟାଡିୟମରେ ଆୟୋଜିତ ଏହି ଉତ୍ସବରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା '୨୦୪୭ ସୁଦ୍ଧା ବିକଶିତ ଭାରତ' କରିବାର ଲକ୍ଷ୍ୟ ରଖାଯାଇଛି । ଏହି ସଂକଳ୍ପକୁ ପୂରଣ କରିବା ପାଇଁ 'ଜାତୀୟ ଶିକ୍ଷା ନୀତି - ୨୦୨୦' ମଧ୍ୟ କାର୍ଯ୍ୟକାରୀ କରାଯାଇଛି । 'ବିକଶିତ ଭାରତ'ର ସ୍ୱପ୍ନ କେବଳ ଭବିଷ୍ୟତ ପିଢ଼ିଙ୍କ ଦ୍ୱାରା ସାକାର ହେବ ଯେଉଁମାନେ ଦେଶର ଗୁରୁ ଏବଂ ଶିକ୍ଷକମାନଙ୍କ ଦ୍ୱାରା ପ୍ରଦର୍ଶିତ ପଥ ଅନୁସରଣ କରିବେ । 'ବିକଶିତ, ସ୍ୱାବଲମ୍ବୀ ଏବଂ ସମୃଦ୍ଧ ଭାରତ' ଗଠନ କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଶର ଶିକ୍ଷକମାନଙ୍କୁ ଦେଇଥିବା ତିନୋଟି ପ୍ରମୁଖ ଆହ୍ୱାନ ଉପରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିଥିଲେ । ସେ କହିଥିଲେ, ସୁସ୍ଥ ଜୀବନଶୈଳୀ ପାଇଁ ଛାତ୍ରଛାତ୍ରୀମାନଙ୍କୁ କମ୍ ଖାଦ୍ୟ ତେଲ ବ୍ୟବହାର କରିବାକୁ ପ୍ରେରଣା ଦେବା । 'ଖେଲୋ ଇଣ୍ଡିଆ' ଭଳି ଅଭିଯାନ ସହିତ ପିଲାମାନଙ୍କୁ ଯୋଡ଼ି ଖେଳ ପ୍ରତି ଉତ୍ସାହିତ କରିବା । ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବାକୁ ପ୍ରେରଣା ଦେବା ପାଇଁ ସେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। 'ଗୁରୁ ଦିବସ' ଅବସରରେ 'ନିପୁଣ ସଂକଳ୍ପ' ଆରମ୍ଭ ହେବା ଅବସରରେ ଭାରତ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଦିଲ୍ଲୀ ସରକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ । 'ନିପୁଣ ଅଭିଯାନ' ମାଧ୍ୟମରେ ଦିଲ୍ଲୀ ସରକାର ଭବିଷ୍ୟତ ପିଢ଼ିଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି 'ବିକଶିତ ଭାରତ - ବିକଶିତ ଦିଲ୍ଲୀ' ସ୍ୱପ୍ନକୁ ସାକାର କରିବ ବୋଲି ସେ କହିଛନ୍ତି।
ଏହି ଅବସରରେ ଶ୍ରୀ ପ୍ରଧାନ ଭାରତର ମହାନ ଶିକ୍ଷାବିତ୍ ଏବଂ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡକ୍ଟର ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶିକ୍ଷକ ମହାକୁମ୍ଭରେ ଦିଲ୍ଲୀ ଏନସିଟିର ବିଭିନ୍ନ ସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ପ୍ରଶଂସା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜାହାଜରୁ...

ହେଉଥିଲା। ଏହି ସମୟରେ ଚୀନ୍ ନାବିକ ଝାଙ୍ଗ ତାଇ ଜାହାଜ ଶିଡ଼ି ରଶି ଖୋଲିବା ବେଳେ ତାହା ଛିଣ୍ଡିଯାଇଥିଲା। ଫଳରେ ସେ ଛିଟ୍‌କି ଯାଇ ପାଣିରେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ବାଂଲାଦେଶ ନାବିକ ଜଣଙ୍କ ପାଣିକୁ ଡେଇଁପଡ଼ିଥିଲେ। କିନ୍ତୁ ସେ ଚୀନ୍ ନାବିକଙ୍କ ପତ୍ତା ପାଇବାରେ ବିଫଳ ହୋଇଥିଲେ। ବରଂ ସେ ବୁଡ଼ି ଯାଉଥିବା ବେଳେ ତାଙ୍କ ଅନ୍ୟ ଜଣେ ନାବିକ ଉଦ୍ଧାର କରିଥିଲେ। ତେବେ ଚୀନ୍ ନାବିକଙ୍କ ପତ୍ତା ମିଳିପାରିନଥିବା ବେଳେ କୋଷ୍ଟଗାର୍ଡ, ବନ୍ଦର ମେରାଇନ ବିଭାଗ, ସିଆଇଏସଏଫ ଓ ପୁଲିସ୍ ଅଧିକାରୀମାନେ ତଲାସୀ ଅଭିଯାନକୁ ତ୍ୱରାନ୍ୱିତ କରିଛନ୍ତି। ବନ୍ଦର ଅଧ୍ୟକ୍ଷ ପିଏଲ ହାରାନ୍ଧ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରୁଥିବା ଜଣାପଡ଼ିଛି। ଏହାଛଡ଼ା ଜଣେ ବୁଡାଳି ଜରିଆରେ ନିଖୋଜ ଚୀନ୍ ନାବିକଙ୍କ ସନ୍ଧାନ ଚାଲିଛି। ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଉକ୍ତ ଜାହାଜଟି ପିଆଇସିଟି ବର୍ଥରେ ରହିଛି। ସୂଚନାଯୋଗ୍ୟ ଯେ ଉକ୍ତ ବର୍ଥରୁ ଗତ ୨୦୨୩ ନଭେମ୍ବର ୩୦ ତାରିଖରେ ୨୨୦ କୋଟି ଟଙ୍କାର କୋକେନ ଜବତ କରାଯାଇଥିଲା। ଏହି ଘଟଣା ଏବେ ବି ରହସ୍ୟମୟ ରହିଛି।

### ଟ୍ରମ୍ପ...

ଓ୍ବାରର ହୋଇଛି ଶିକାର। ବିଶେଷ କରି ମେରାଇନ ପ୍ରଡକ୍ଟ ଆମେରିକାକୁ ରପ୍ତାନୀ ଏକ ପ୍ରକାର ଅସମ୍ଭବ ହେଲାଣି। ୨୦୦୪ରେ ଓଡ଼ିଶାରୁ ଆମେରିକାକୁ ୩୬୦ କୋଟି ଟଙ୍କାର ମେରାଇନ ପ୍ରଡକ୍ଟ ଯାଉଥିବା ବେଳେ, ଏବେ ଏହା ୫ ହଜାର କୋଟିରେ ପହଞ୍ଚିଛି। ତେବେ ଟ୍ରମ୍ପଙ୍କ ଟାରିଫ ଯୋଗୁଁ ରପ୍ତାନୀ ପୂର୍ବରୁ ଏକ୍ସପୋର୍ଟର ପ୍ରଥମେ ୫୦ ପ୍ରତିଶତ ଡ୍ୟୁଟି ଦେବାକୁ ପଡ଼ିବ। ଯାହା ଓଡ଼ିଶା ଉଦ୍ୟୋଗୀଙ୍କ ପାଇଁ କଷ୍ଟକର। ଏକ୍ସପୋର୍ଟ ପ୍ରଭାବିତ ହେଲେ ଚିଙ୍ଗୁଡ଼ି ଚାଷୀ, ମତ୍ସ୍ୟଜୀବୀ, ବରଫ କଳ ମାଲିକ ଓ ଶ୍ରମିକଙ୍କ ସହ ଅନେକଙ୍କ ଉପରେ ଏହାର ପ୍ରଭାବ ପଡ଼ିବ। ଏବେ ଏହାର ବିକଳ୍ପ ଚିନ୍ତା କରାଯାଉଛି। ହେଲେ ଆମେରିକା ବ୍ୟତୀତ ୟୁରୋପୀୟ ଦେଶକୁ ରପ୍ତାନୀ କରିବା ବି ଏତେ ସହଜ ନୁହେଁ। ଭାରତରେ ଚିଙ୍ଗୁଡ଼ିର ଆଦର ବଢ଼ିଲେ ଉତ୍ପାଦିତ ଦ୍ରବ୍ୟ ବ୍ୟବହୃତ ହୋଇପାରିବ। ତେଣୁ ସେନାରେ ମେରାଇନ ପ୍ରଡକ୍ଟ ବ୍ୟବହାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି।

ଉତ୍କଳ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଟ୍ରମ୍ପ ଟାରିଫର ପ୍ରଭାବ ଓ ବିକଳ୍ପ ନେଇ କରାଯାଇଛି ଆଲୋଚନା। ମେରାଇନ ପ୍ରଡକ୍ଟ ସହ ଓଡ଼ିଶାର ହସ୍ତଶିଳ୍ପ ବି ଟାରିଫ ମାଡ଼ର ଶିକାର ହୋଇଛି। ସେହିପରି ଇସ୍ପାତ କ୍ଷେତ୍ରର ପ୍ରଭାବ ନେଇ ଚର୍ଚ୍ଚା ହେଉଥିଲେ ବି ଏହା ନଗଣ୍ୟ। ବିକଳ୍ପ ଭାବେ ପ୍ରସେସେଡ଼ ଫୁଡ ଉତ୍ପାଦନ ଉପରେ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଛି। ଏଥିପାଇଁ କେବଳ ଧାନ ନୁହେଁ, ଅତ୍ୟାଧୁନିକ ଜ୍ଞାନ କୌଶଳରେ ପନିପରିବା ଚାଷ ଜରୁରୀ। ତେବେ ଟ୍ରମ୍ପଙ୍କ ନିଷ୍ପତ୍ତି କେତେଦିନ ରହିବ, ତାକୁ ନେଇ ବି ଆଲୋଚନା ହୋଇଛି। ଅକ୍ଟୋବରରେ ପ୍ରସ୍ତାବିତ କ୍ୱାଡ଼ ସମ୍ମିଳନୀରେ କିଛି ବାଟ ବାହାରିବାର ସମ୍ଭାବନା ରହିଛି। ଅଷ୍ଟ୍ରେଲିଆ, ଜାପାନ, ଆମେରିକା ଓ ଭାରତକୁ ନେଇ ହେବ ଗୁରୁତ୍ୱପୂର୍ଣ୍ଣ ଆଲୋଚନା। ଏଥର ଭାରତ ସମ୍ମିଳନୀ ଆୟୋଜନ କରୁଥିବାରୁ ଟ୍ରମ୍ପ-ମୋଦି ସିଧାସଳଖ କଥା ହେବାର ସମ୍ଭାବନା ରହିଛି। ଟ୍ରମ୍ପ ଟାରିଫର ସମାଧାନ ନ ହେଲେ ଚାନ୍ଦୁଆ, ବାନ୍ଧକଳା, ପାଟଶାଢ଼ୀ ରପ୍ତାନୀ ବି ପ୍ରଭାବିତ ହେବ। ସାଂଘାଇ ସମ୍ମିଳନୀରେ ଚୀନ-ଭାରତ-ଋଷିଆ ଭଳି ବଡ଼ ବଡ଼ ରାଷ୍ଟ୍ର ଏକାଠି ହୋଇ ଏହା ଉପରେ ଆଲୋଚନା କରିଥିବାରୁ ଟ୍ରମ୍ପ ଟାରିଫକୁ ଟକ୍କର ଦେବା ପାଇଁ କିଛି ବାଟ ବାହାରିବାର ସମ୍ଭାବନା ରହିଛି।

### ପ୍ରହାର...

ଅବକାରୀ ଓ ପୁଲି ମଧ୍ୟରେ ତାଳମେଳ ନାହିଁ। ଏହାର ଫାଇଦା ବି ନିଶା ବେପାରୀମାନେ ନେଉଛନ୍ତି। ଖୋଦ୍ ରାଜଧାନୀର ଗଳି କନ୍ଦିରେ ବ୍ରାଉନସୁଗରଠାରୁ ଆରମ୍ଭ କରି ଗଞ୍ଜେଇ ପର୍ଯ୍ୟନ୍ତ ସବୁକିଛି ସହଜରେ ମିଳୁଥିବା ବେଳେ ନିକଟରେ ବିଦେଶରୁ ଆସୁଥିବା ପୁଳା ପୁଳା ନିଶା ସାମଗ୍ରୀ ବିମାନବନ୍ଦରରେ ଧରାପଡ଼ିଛି। ଏଭଳି ସ୍ଥିତିରେ ନିଶା ବେପାରୀଙ୍କୁ ସାବାଡ଼ କରିବା ପାଇଁ ଆଗୁଆ ପ୍ରଚାର କରି ଦଳବଳ ସହ ବାହାରିବା ଏବେ କେବଳ ନିଶା ବେପାରୀଙ୍କୁ ସୁହାଇନାହିଁ, ବରଂ ସାଧାରଣ ଲୋକଙ୍କ ମନରେ ମଧ୍ୟ 'ପ୍ରହାର'କୁ ନେଇ ପୁଳା ପୁଳା ପ୍ରଶ୍ନ ସୃଷ୍ଟି କରିଛି।

### ଛାତ୍ରଛାତ୍ରୀଙ୍କ...

କରିବାରେ ନିଶ୍ଚିତ ରୂପେ ସଫଳ ହେବ। ସେହିଭଳି ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ନୂତନ ଶିକ୍ଷାନୀତି ଲାଗୁ କରାଯାଇଛି। ନୂତନ ଶିକ୍ଷା ନୀତି ଅଧୀନରେ ଛାତ୍ରଛାତ୍ରୀମାନଙ୍କୁ ସୃଜନଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ୍ କରିକୁଲମ ଫ୍ରେମୱାର୍କ ଆରମ୍ଭ କରାଯାଉଛି। ପିଲାମାନଙ୍କ ପାଇଁ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟ ମାଧ୍ୟମରେ ଭାଷା ସମ୍ପର୍କିତ ଦକ୍ଷତା ବୃଦ୍ଧି ପାଇଁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଗତବର୍ଷଠାରୁ ଆରମ୍ଭ ହୋଇଛି। ଆଜିଠାରୁ ପଢ଼ିବା, ଗଢ଼ିବା ଓଡିଶା କାର୍ଯ୍ୟକ୍ରମ ଆରମ୍ଭ ହେଲା। ଏଥିରେ ବିଦ୍ୟାଳୟଗୁଡ଼ିକୁ ସୁନ୍ଦର ଓ ଆକର୍ଷଣୀୟ ପଠନ ସ୍ଥାନରେ ପରିଣତ କରି ସରଳ କାହାଣୀ ପୁସ୍ତକ ମାଧ୍ୟମରେ ପିଲାମାନଙ୍କର ପଢ଼ିବା ଓ ବୁଝିବା ଶକ୍ତିକୁ ବିକଶିତ କରାଯିବ। ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ୫ରୁ ୭ କୋଟି ଟଙ୍କା ଖର୍ଚ୍ଚରେ ୮୩୫ଟି ବିଦ୍ୟାଳୟ ନିର୍ମାଣ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିସହ ୩ ବର୍ଷ ମଧ୍ୟରେ ପ୍ରାଥମିକ ସ୍ତରରେ ୪୫ ହଜାର ଶିକ୍ଷକ ପଦବୀ ମଧ୍ୟ ପୂରଣ କରାଯିବ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରହିଛି। ଏବେ ଛାତ୍ରଛାତ୍ରୀଙ୍କ ପ୍ରତିଭା ଉପରେ ଆମ ସମୃଦ୍ଧ ଓଡ଼ିଶାର ଭିତ୍ତି ନିର୍ଭରଶୀଳ। ପିଲାମାନଙ୍କୁ କିପରି ଗାଇଡ୍ କରି ଭଲ ମଣିଷ କରିବେ ତାହା ଆପଣମାନେ ଭଲ ଭାବେ ଜାଣନ୍ତି। ସେସବୁ ପ୍ରତିଭାକୁ ବିକଶିତ କରିବାର ଦାୟିତ୍ୱକୁ ଆପଣମାନେ ସୁଚାରୁ ରୂପେ ତୁଲାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରି ପ୍ରଥମ ସ୍ଥାନରେ ଥିବା ଝାରସୁଗୁଡା ଜିଲ୍ଲାକୁ ୩ କୋଟି, ଦ୍ୱିତୀୟ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲାକୁ ୨ କୋଟି ଓ ତୃତୀୟ ସ୍ଥାନରେ ଥିବା ଜଗତସିଂହପୁର ଜିଲ୍ଲାକୁ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି। ସେହିଭଳି ୭୦ ଜଣ ଶିକ୍ଷକଙ୍କ ସମେତ ୩ଟି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ୩ ଜଣ ଜିଲ୍ଲା ଶିକ୍ଷାଧିକାରୀ ଓ ୧୦ ଜଣ ବ୍ଲକ ଶିକ୍ଷାଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଏଥିସହ ନିଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଅନୁସୂଚିତ ଜନଜାତି ବର୍ଗର ୨ ଜଣ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏନ୍‌ଇପି ଉପରେ ଆଧାରିତ ଓଡ଼ିଶା କରିକୁଲମ୍ ଫ୍ରେମ୍‌ୱର୍କ ଫର୍ ସ୍କୁଲ୍ ଏଜୁକେଶନ୍-୨୦୨୫ ପୁସ୍ତକ, ନିପୁଣ ଓଡ଼ିଶା ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରିବା ସହ ପଢ଼ିବା, ଗଢ଼ିବା ଓଡ଼ିଶା ଅଭିଯାନର ଶୁଭାରମ୍ଭ କରିଛନ୍ତି।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ଆମ ସମାଜରେ ଗୁରୁ ଶିଷ୍ୟର ପରମ୍ପରା ଆଦିମ କାଳରୁ ରହିଆସିଛି। ଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କୁ ବ୍ୟକ୍ତିତ୍ୱ ନିର୍ମାଣ, ଶୃଙ୍ଖଳା, ଆଦର୍ଶ ସମାଜ ନିର୍ମାଣ ଆଦି ବିଷୟରେ ଶିକ୍ଷା ଦେଇ ସେମାନଙ୍କୁ ଗଢ଼ିତୋଳିଥାନ୍ତି। ରାଜ୍ୟରେ ସର୍ବୋତ୍ତମ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଆମ ସରକାର ପ୍ରଚେଷ୍ଟା କରୁଛନ୍ତି। ଜୀବନ କୌଶଳ, ଏଆଇ, ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ଦକ୍ଷତାର ବିକାଶ କରାଯାଉଛି। ଫଳରେ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ପାଠପଢ଼ା ଶେଷ କରିବା ପରେ ଆତ୍ମନିର୍ଭର ହୋଇପାରିବେ। ରାଜ୍ୟରେ ଡ୍ରପଆଉଟ୍ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଚାଇଲ୍ଡ ଟ୍ରାକିଂ ସର୍ଭେ ମାଧ୍ୟମରେ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରାଯାଉଛି, ଯାହା ଅନ୍ୟ ରାଜ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଶିକ୍ଷା ବିଭାଗ ବଜେଟ୍‌ରେ ସର୍ବାଧିକ ୩୧ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।

### ଉତ୍ତର...

ନିଷ୍କାସନ ହୋଇପାରୁନି। ଏହାଦ୍ୱାରା ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ୪ଟି ପଞ୍ଚାୟତ ଆରଡି, ଓଳଗ, ସୁନ୍ଦରପୁର, ନାନ୍ଦପୁରରେ ଦେଖାଦେଇଛି ବନ୍ୟା ସ୍ଥିତି। ବୈତରଣୀ ଓ ସାଳନ୍ଦୀ ନଦୀର ଶାଖାନଦୀ ରେବ ଓ କପାଳୀ ଉଛୁଳିବାରୁ ଧାମନଗର ବ୍ଲକର ଦୋବଲ, ଖଡିପଦା, କର୍ପଦା, ପଧାନୀ, ସୋହଡା, ଅର୍ଜୁନପୁର, ହସନାବାଦ, ନଦୀ ଗାଁ ଆଦି ୮ଟି ପଞ୍ଚାୟତ ହୋଇଛି ଜଳବନ୍ଦୀ। ସେହିପରି ତିହିଡ଼ି ବ୍ଲକର ବୋଡକ, କାଶିପୁର, ବିଲଣା, ବାରସର ଆଦି ୫ ପଞ୍ଚାୟତରେ ବନ୍ୟା ପାଣି ପ୍ରବାହିତ ହେଉଛି। ବୈତରଣୀରେ ଏହା ହେଉଛି ତୃତୀୟ ବନ୍ୟା। ହଜାର ହଜାର ହେକ୍ଟର ଚାଷଜମିରେ ମାଡ଼ିଯାଇଛି ବନ୍ୟାପାଣି। ଆଖଣ୍ଡଳମଣି-କୁଆଖିଆ ୨୦ ନମ୍ବର ଜାତୀୟ ରାଜପଥର ବୋଡକରେ ଚାଲିଛି ୨ ଫୁଟ ପାଣି।

ସେହିପରି ଜଳକା ନଦୀର ଜଳସ୍ତର ମଧ୍ୟ ବଢୁଛି। ତେଣୁ ଏହି ନଦୀରେ ଚତୁର୍ଥ ଥର ବନ୍ୟା ଆଶଙ୍କା ଦେଖା ଦେଇଛି। ୪ ଦିନ ଧରି ବସ୍ତା ଅଞ୍ଚଳ ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ବାଲେଶ୍ୱର ବସ୍ତା ବ୍ଲକର ୧୦ଟି ପଞ୍ଚାୟତ ଓ ସଦର ବ୍ଲକର ୨ଟି ପଞ୍ଚାୟତ ପ୍ରଭାବିତ ହେବାର ଆଶଙ୍କା ଅଛି। ଏହାକୁ ନେଇ ଚିନ୍ତାରେ ଚାଷୀ। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି, ବର୍ତ୍ତମାନ ଜଳକାରେ ବନ୍ୟା ସ୍ଥିତି ନାହିଁ। ତେବେ ବୈତରଣୀ ଯୋଗୁଁ ବାଲେଶ୍ୱର ବସ୍ତା ଅଞ୍ଚଳ ପ୍ରଭାବିତ ହେବ। ଜିଲ୍ଲା ପ୍ରଶାସନକୁ ଏ ନେଇ ସଜାଗ କରାଯାଇଛି। ବୈତରଣୀର ଜଳସ୍ତର ବିପଦ ସଙ୍କେତ ତଳେ ଅଛି। ଗତକାଲି ୧୫ ବ୍ଲକରେ ୫୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି। ପଦ୍ମପୁରରେ ସର୍ବାଧିକ ୮୮ ମିଲିମିଟର ବର୍ଷା ହୋଇଛି। ମହାନଦୀରେ ଏବେ ବନ୍ୟା ସ୍ଥିତି ନାହିଁ। ସେପଟେ ହୀରାକୁଦର ଆଉ ୪ଟି ଗେଟ୍ ଖୋଲିଛି। ବର୍ତ୍ତମାନ ୨୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଗୁଣ୍ଡେରପୁରରେ ରାସ୍ତା ଉପରେ ଚାଲିଛି ମହାନଦୀ ପାଣି। ସମ୍ବଲପୁର-ସୁବର୍ଣ୍ଣପୁର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସୁରକ୍ଷା ଦୃଷ୍ଟିରୁ ଗାଡ଼ି ଚଳାଚଳ ବନ୍ଦ କରାଯାଇଛି। ସମ୍ବଲପୁର ସହରରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ନର୍ଦ୍ଦମା ପାଣି ନିଷ୍କାସିତ ହୋଇପାରୁନାହିଁ। ହୀରାକୁଦର ଅଧିକ ଗେଟ୍ ଖୋଲିଲେ ଲୋକଙ୍କ ଘରେ ପାଣି ପଶିବାର ଆଶଙ୍କା ଦେଖା ଦେଇଛି।

ମିଳିଥିବା ସୂଚନା ଅନୁସାରେ ଜଳଭଣ୍ଡାରର ଜଳପତ୍ତନ ୬୨୬.୬୨ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୩ ଲକ୍ଷ ୬୯ ହଜାର ୨୫୮ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ହାରହାରି ୩ ଲକ୍ଷ ୫୩ ହାଜର ୯୦୧ ଘନଫୁଟ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ବର୍ତ୍ତମାନ ଜଳଭଣ୍ଡାରର ସର୍ବନିମ୍ନ ଜଳସ୍ତର ୬୧୯ ଫୁଟ ଓ ସର୍ବାଧିକ ୬୨୭ ଫୁଟ ରହିବା କଥା। ସେହି ଅନୁଯାୟୀ, ସେପ୍ଟେମ୍ବର ୧୧ରେ ୬୨୯ ଫୁଟ ମଧ୍ୟରେ ଏବଂ ସେପ୍ଟେମ୍ବର ୨୧ର ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ପ୍ରାୟ ୬୩୦ ଫୁଟ ବଜାୟ ରଖିବାକୁ ହେବ ବୋଲି କହିଛନ୍ତି ହୀରାକୁଦ ମୁଖ୍ୟଯନ୍ତ୍ରୀ।

### ଗୁରୁ...

ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଯେଉଁ ଶିକ୍ଷକଶିକ୍ଷୟିତ୍ରୀମାନେ ଆଜି 'ଜାତୀୟ ଶିକ୍ଷକ ପୁରସ୍କାର'ରେ ସମ୍ମାନିତ ହୋଇଛନ୍ତି, ପିଲାମାନଙ୍କର ଜୀବନକୁ ଆଲୋକିତ କରିବା ପାଇଁ ସେମାନଙ୍କ ଆଗ୍ରହ ଓ ଇଚ୍ଛାଶକ୍ତି ବାସ୍ତବିକ ପ୍ରଶଂସନୀୟ। ବିଶେଷ ଭାବେ ଶିକ୍ଷାଦାନକୁ ଅଧିକ ଆକର୍ଷଣୀୟ ଓ ଚାପମୁକ୍ତ କରିବା ଦିଗରେ ସେମାନଙ୍କ ଅଭିନବ ଶୈଳୀ ପ୍ରେରଣାଦାୟୀ। ଜାତୀୟ ଶିକ୍ଷା ନୀତିର ଭାବନାକୁ ଆଗକୁ ବଢ଼ାଇବା ପାଇଁ ଶିକ୍ଷକମାନଙ୍କ ପ୍ରତିବଦ୍ଧତା ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ କହିବା ସହ ଭାରତ ଏହି ଶିକ୍ଷକମାନଙ୍କ ପ୍ରତିବଦ୍ଧତା ପାଇଁ ଗୌରବାନ୍ୱିତ ବୋଲି କହିଛନ୍ତି।

ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ ହୋଇଥିବା ଓଡ଼ିଶାର ବସନ୍ତ କୁମାର ରଣା ଓ ତରୁଣ କୁମାର ଦାଶଙ୍କୁ 'ଏକ୍ସ'ରେ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ। ସେ ଉଲ୍ଲେଖ କରିଛନ୍ତି ଯେ ମାଲକାନଗିରି ଓ କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ଛାତ୍ରଛାତ୍ରୀମାନଙ୍କୁ ଅଭିନବ ଶିକ୍ଷା ପ୍ରଦାନ କରିବା ଦିଗରେ ଆପଣମାନଙ୍କ ଭଳି ଶିକ୍ଷକଙ୍କ ନିଷ୍ଠା ଓ ପାଠ ପଢ଼ାଇବାର ଉଦ୍ୟମ ବେଶ୍ ପ୍ରଶଂସନୀୟ। ଆପଣମାନଙ୍କ କାର୍ଯ୍ୟ ଶିକ୍ଷା ସମାଜକୁ ସର୍ବଦା ଅନୁପ୍ରାଣିତ କରିବ। ଏହାଛଡ଼ା ଦେଶର ପୂର୍ବତନ ରାଷ୍ଟ୍ରପତି ଓ ବିଶିଷ୍ଟ ଶିକ୍ଷାବିତ୍ ଭାରତରତ୍ନ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଗୁରୁମାନେ କେବଳ ପଢ଼ିବା ଓ ପଢ଼ାଇବା ଭିତରେ ସୀମିତ ନୁହଁନ୍ତି, ବରଂ ସେମାନେ ଚିନ୍ତା କରିବାର ଦୃଷ୍ଟି, ଜୀବନ ଜୀଇଁବାର କଳା ଓ ରାଷ୍ଟ୍ର ପ୍ରତି ଦାୟିତ୍ୱର ଭାବନା ଶିକ୍ଷାଇଥାନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

### ପୁଣି...

୩୨ଟି ବୋମା ମଧ୍ୟ ରହିଛି। ଉକ୍ତ ବୋମା ଓ ବିସ୍ଫୋରକକୁ ସେମାନେ ଗାଡ଼ିରେ ରଖିଥିବା ଉକ୍ତ ମେସେଜ୍‌ରେ ଦର୍ଶାଯାଇଥିବାରୁ ଏହାକୁ ନେଇ ମୁମ୍ବାଇ ପୁଲିସ୍ ସତର୍କ ରହିବା ସହ ସମଗ୍ର ମହାନଗରୀରେ ହାଇ ଆଲର୍ଟ ଜାରି କରାଯାଇଛି ବୋଲି ଜନୈକ ଅଧିକାରୀ କହିଛନ୍ତି। ତେବେ ପ୍ରାଥମିକ ତଦନ୍ତରୁ ଏହା ଏକ ମିଛ ଧମକ ଥିଲା ବୋଲି ଜଣାପଡିଛି। ପୂର୍ବରୁ ମଧ୍ୟ ଏଭଳି ଏକ ଧମକ ଆସିଥିଲା।

ସେ କହିଛନ୍ତି ଯେ ଗଣେଶ ଉତ୍ସବର ଦଶମ ଦିନରେ ଅନନ୍ତ ଚତୁର୍ଦ୍ଦଶୀ ପାଇଁ ପୁଲିସ ସୁରକ୍ଷା ବ୍ୟବସ୍ଥା କରୁଛି। ଏହି ସମୟରେ ଟ୍ରାଫିକ୍ ପୁଲିସ କଣ୍ଟ୍ରୋଲ ରୁମକୁ ହ୍ୱାଟ୍ସଆପ୍ ହେଲ୍ପଲାଇନ୍‌ରେ ଏକ ଧମକପୂର୍ଣ୍ଣ ମେସେଜ୍ ମିଳିଥିଲା। ତେବେ କ୍ରାଇମ୍ ବ୍ରାଞ୍ଚ ଧମକପୂର୍ଣ୍ଣ ମେସେଜ୍‌ର ତଦନ୍ତ ଆରମ୍ଭ କରିଛି ଏବଂ ଆତଙ୍କବାଦ ବିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଓ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକୁ ମଧ୍ୟ ସୂଚନା ଦିଆଯାଇଛି। ଅଧିକାରୀ କହିଛନ୍ତି ଯେ ମେସେଜ୍ ପଠାଇଥିବା ବ୍ୟକ୍ତି ଏଥିରେ 'ଲସ୍କର-ଏ-ଜିହାଦି' ନାମକ ସଂଗଠନର ନାମ ଲେଖିଛନ୍ତି। ସେ ଦାବି କରିଛନ୍ତି ଯେ ୧୪ ଜଣ ଆତଙ୍କବାଦୀ ସହରରେ ପ୍ରବେଶ କରିଛନ୍ତି ଏବଂ ସେମାନେ ୩୪ଟି ଗାଡ଼ିରେ ୪ କ୍ୱିଣ୍ଟାଲ୍ ଓଜନର ଆରଡ଼ିଏକ୍ସ ରଖିଛନ୍ତି, ଯାହା ସମଗ୍ର ଦେଶକୁ ଥରାଇ ଦେବ।

### ଦିଲ୍ଲୀରୁ...

ନିଆଯାଇଛି। ଏହାଦ୍ୱାରା କୃଷକ ଓ ମଧ୍ୟବିତ୍ତବର୍ଗ ଉପକୃତ ହେବେ। ୪ଟି ଜିଏସଟି ସ୍ଲାବ ବଦଳରେ ୨ଟି ସ୍ଲାବ୍ ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ହ୍ରାସ ପାଇବ, ଯାହା ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ଆଶ୍ୱସ୍ତିର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ରାଜ୍ୟକୁ...

ଦୁର୍ଗାପୂଜା ପୂର୍ବରୁ ରାଜ୍ୟର ସମସ୍ତ ରାସ୍ତା ମରାମତି କରାଯିବ। ଲଗାଣ ବର୍ଷା କାରଣରୁ ସହରର ଅନେକ ରାସ୍ତାଘାଟ ଖାଲଖମାରେ ଭର୍ତ୍ତି ହୋଇଯାଇଛି। ଏହି ଖାଲଖମା ରାସ୍ତାକୁ ଦୁର୍ଗାପୂଜା ପୂର୍ବରୁ ମରାମତି କରାଯିବ। ସବୁ ବିଭାଗର ସହଯୋଗରେ କରାଯିବ ଏହି ମରାମତି କାର୍ଯ୍ୟ। ମୁଖ୍ୟମନ୍ତ୍ରୀ ବି ଏହା ଉପରେ ଗୁରୁତ୍ୱାରୋପ କରିଥିବା ମନ୍ତ୍ରୀ କହିବା ସହ ଧାର୍ଯ୍ୟ ସମୟ ଭିତରେ କାମ ସରିବ ବୋଲି କହିଛନ୍ତି।

## ସୁପର ଡୁପର-୭୫ ବ୍ୟାଚ ପକ୍ଷରୁ ଜୀବନ ଜ୍ୟୋତି ଆଶ୍ରମରେ ରନ୍ଧା ଖାଦ୍ୟ ବଣ୍ଟନ




**ଭୁବନେଶ୍ୱର,୫।୯ (ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ଅଶୋକନଗର ୟୁନିଟ-୨ ବିଦ୍ୟାଳୟରେ ସୁପର ଡୁଇପର-୭୫ ବ୍ୟାଚ୍ ତରଫରୁ ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଛି । ଏହି ଉପଲକ୍ଷେ ସମସ୍ତ ବନ୍ଧୁ ଏକତ୍ରିତ ହୋଇ ଅନେକ ଜନହିତକର କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ବନ୍ଧୁମିଳନ କାର୍ଯ୍ୟକ୍ରମ ଅବସରରେ ଆଜି ଖଣ୍ଡଗିରି ନିକଟସ୍ଥ ଜୀବନ ଜ୍ୟୋତି ଆଶ୍ରମକୁ ସୁପର ଡୁପର-୭୫ ବ୍ୟାଚର କେତେ ଜଣ ବନ୍ଧୁ ପରିଦର୍ଶନରେ ଯାଇଥିଲେ। ଜୀବନ ଜ୍ୟୋତି ଆଶ୍ରମରେ ରହୁଥିବା ୫୦ରୁ ଅଧିକ କୁନିକୁନି ଛାତ୍ରଛାତ୍ରୀଙ୍କ ସହ ଖୁସିଗପ କରି ସେମାନଙ୍କ ସହ ସମୟ ବିତାଇଥିଲେ। ସେଠାରେ ରହୁଥିବା କିଛି ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସହ ସ୍ୱାସ୍ଥ୍ୟ ବିଷୟରେ ଗପସପ କରିଥିଲେ। କିଛି ସମୟ ପାଇଁ ସେମାନଙ୍କ ମୁହଁରେ ହସଫୁଟିଯାଇଥିଲା। ଆଶ୍ରମରେ ରହୁଥିବା ସମସ୍ତ ଅନ୍ତେବାସୀମାନଙ୍କୁ ସୁପର ଡୁପର-୭୫ ବ୍ୟାଚର ବନ୍ଧୁମାନେ ରନ୍ଧା ଖାଦ୍ୟ ବିତରଣ କରିଥିଲେ । ଏହି ରନ୍ଧାଖାଦ୍ୟ ବିତରଣ ବ୍ୟାଚର ବନ୍ଧୁ ସମୀର ମହାନ୍ତିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା । ଉପସ୍ଥିତ ଅନ୍ୟ ସମସ୍ତ ବନ୍ଧୁମାନେ ରନ୍ଧା ଖାଦ୍ୟ ଅନ୍ତେବାସୀଙ୍କୁ ପରିବେଷଣ କରିଥିଲେ। ସୁପର ଡୁପର-୭୫ ବ୍ୟାଚ ପକ୍ଷରୁ ଜୀବନ ଜ୍ୟୋତି ଆଶ୍ରମରେ ରନ୍ଧା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ଅନ୍ତେବାସୀମାନେ କହିଥିଲେ । ସୁପର ଡୁପର ବ୍ୟାଚ-୭୫ ବ୍ୟାଚ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅନ୍ୟ କିଛି ସମାଜସେବା କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯାହା ମଧ୍ୟରେ ବୃଦ୍ଧ ଆଶ୍ରମ ଭ୍ରମଣ ଏବଂ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର ହୋଇଛି ।

## କର୍ମୀଙ୍କୁ ଅନ୍ତିମ ଦର୍ଶନ ସହ କାନ୍ଧଦେଲେ ଶିଳ୍ପ ମନ୍ତ୍ରୀ



**ପାରାଦ୍ୱୀପ,୫।୯ (ସଂଚାର ବ୍ୟୁରୋ):** ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟି, ପଙ୍କପାଳ ମଣ୍ଡଳର ପୂର୍ବତନ ସଭାପତି ପ୍ରଦୀପ୍ତ ମହାପାତ୍ର (ଟୁଟୁ ଭାଇ)ଙ୍କ ଆକସ୍ମିକ ବିୟୋଗ ଘଟିଛି ଯାହା ଅତ୍ୟନ୍ତ ଦୁଃଖଦାୟକ। ଟୁଟୁ ଭାଇ ଜଣେ ମିଷ୍ଟଭାଷୀ, ନିଷ୍ଠାବାନ ଏବଂ ଦରଦୀ ହୃଦୟର ବ୍ୟକ୍ତି ଥିଲେ। ଦଳର ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ତାଙ୍କର ବିୟୋଗ ଜଗତସିଂହପୁର ଜିଲ୍ଲା ବିଜେପି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି ପାରାଦ୍ୱୀପ ନିର୍ବାଚନ ମଣ୍ଡଳ ରମାନ୍ୟବର ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ତାଙ୍କ ବାସଭବନକୁ ଯାଇ ପାର୍ଥିବ ଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଅନ୍ତିମ ସଂସ୍କାରରେ ସାମିଲ ମଧ ହୋଇଛନ୍ତି। ଶ୍ରୀ ସ୍ୱାଇଁ ଏହି ଦୁଃଖଦଃ ସମୟରେ ମହାପ୍ରଭୁ ତାଙ୍କ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ଶୋକ ବ୍ୟକ୍ତ କରିଛନ୍ତି।

### ରାଜପଥ ସମ୍ପ୍ରସାରଣରେ ମାତ୍ରାଧିକ ଜିପସମ ବ୍ୟବହାର

# ପାରାଦୀପବାସୀଙ୍କୁ କରିଦେବ ବିକଳାଙ୍ଗ !

**ପାରାଦୀପ,୫।୯ (ସଂଚାର ବ୍ୟୁରୋ):** ଆଉ କିଛିବର୍ଷ ପରେ ବିକଳାଙ୍ଗ ହୋଇଯିବେ ପାରାଦୀପବାସୀ। ବୃଦ୍ଧି ପାଇବ ମାରାତ୍ମକ ରୋଗ। ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ମାତ୍ରାଧିକ ଜିପସମ ବ୍ୟବହାର ହେବା ଏହାର ମୁଖ୍ୟକାରଣ। ଏବେଠାରୁ ଏଭଳି ଚିନ୍ତା ପ୍ରକଟ କରିଛନ୍ତି ସ୍ଥାନୀୟ ବାସିନ୍ଦା।

ପ୍ରଦୂଷଣ ଦାଉରେ ଆଉଟୁପାଉଟୁ ହେଉଥିବା ବନ୍ଦର ନଗରୀ ପାରାଦୀପବାସୀ ଓ ଏହାର ଆଖପାଖ ଅଞ୍ଚଳରେ ଜଳ, ବାୟୁ ସବୁ ପ୍ରଦୂଷିତ। କଳକାରଖାନା ସହ ତାଳଦେଇ ଏହି ଅଞ୍ଚଳରେ ଦୀର୍ଘଦିନ ହେବ ମୁଣ୍ଡ ଟେକି ସାରିଲାଣି ପ୍ରଦୂଷଣ। ଏବେ ବୋଝ ଉପରେ ନଳିତା ବିଡା ସଦୃଶ ପାରାଦୀପ ଭୂତଳ ଜଳ ଓ ପବନକୁ ଆହୁରି ପ୍ରଦୂଷିତ କରିବାକୁ ଯାଉଛି ଜିପସମ। ଚଣ୍ଡିଖୋଲ ପାରାଦ୍ୱୀପ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଏଥିରେ ମାତ୍ରାଧିକ ଜିପସମ ବ୍ୟବହୃତ ହେବା ଓ ଭୂତମୁଣ୍ଡାଇ ଠାରୁ ଅଠରବାଙ୍କୀ



ପର୍ଯ୍ୟନ୍ତ ଏବେ ଶହ ଶହ ଟ୍ରିପ ଜିପସମ ଆସି ଅଜଡା ହେଉଥିବାରୁ ଗତ କିଛିଦିନ ଧରି ଲାଗିରହିଥିବା ବର୍ଷାରେ ରାସ୍ତା କଡରେ ପଡୁଥିବା ଜିପସମରୁ ନିର୍ଗତ କେମିକାଲ ମିଶା ପାଣି ସିଧା ମାଟି ଭେଦକରି ଭୂତଳ ଜଳରେ ମିଶୁଥିବା ଆଶଙ୍କା ପ୍ରକାଶ ପାଇଛି। ଅନେକ ଜାଗାରେ ମାଟି ଚୋରମାନେ ରାତିରେ ମାଟି ତାଡି ନେଇ ବିକ୍ରି କରୁଥିବା ଓ ସେଥିପାଇଁ ସୃଷ୍ଟି ହେଉଥିବା ଖାଲରେ ଜିପସମ ଆଣି ଖାଲ ପୋତି ଦେଉଥିବା ବେଳେ ସେହି ଖାଲରେ ସୃଷ୍ଟି ହେଉଥିବା ପାଣି ଝର ଦେଇ ମାଟି ସହ ମଧ ମିଶି ଯିବାରୁ ଜିପସମରୁ କ୍ଷରିତ କେମିକାଲ ପାଣି ଭୂତଳ ଜଳସ୍ତରକୁ ପ୍ରଦୂଷିତ କରିବାର ସମ୍ଭାବନା ଉପୁଜିଛି। ଏତେସବୁ ଘଟଣା ଦୀର୍ଘ ଏକମାସ ହେବ ଘଟି ଚାଲିଥିବା ବେଳେ କେହି ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏପଟେ ରାସ୍ତା ଉପରେ ଟ୍ରକ ଚକରେ ମିଶି ଜିପସମ ବାୟୁମଣ୍ଡଳକୁ ପ୍ରଭାବିତ କରୁଥିବା ବେଳେ ପ୍ରତିଦିନ ଚର୍ମ ରୋଗ, ଶ୍ୱାସ ରୋଗ, ଥଣ୍ଡା କାଶ, ଆଲର୍ଜି ରୋଗ ବୃଦ୍ଧି ପାଉଥିବା ଓ ଡାକ୍ତରଖାନାରେ ରୋଗୀଙ୍କ ଭିଡ ଜମୁଥିବା ଖୋଦ ଡାକ୍ତର ମଧ ସ୍ୱୀକାର କଲେଣି। ଅନେକ ସ୍ୱେଚ୍ଛାସେବୀ ସଂଗଠନ ମଧ ଏଥିପ୍ରତି ସ୍ୱର ଉଠାଇବା ଆରମ୍ଭ କରିବା ସହ ବିଭିନ୍ନ ଦପ୍ତରକୁ ଅଭିଯୋଗ ଦେଲେଣି। କିନ୍ତୁ ରାଜପଥ ପ୍ରାଧୀକରଣ ଓ ଜିଲ୍ଲା ପ୍ରଶାସନର ଏଥିନିମନ୍ତେ ତତ୍ପରତା ଦେଖିବାକୁ ମିଳୁନଥିବା ବେଳେ ଜଳ, ବାୟୁ ଓ ଶେଷରେ ଭୂତଳ ଜଳ ସ୍ତର ପ୍ରଦୂଷିତ ହେବା ଏବଂ ଏବେ ଡାକ୍ତରଖାନାରେ ରୋଗୀ ସଂଖ୍ୟା ବୃଦ୍ଧି ପାଇବା ସମସ୍ତଙ୍କ ପାଇଁ ଚିନ୍ତା ବଢ଼ାଇଛି।

## ମହାପୁରୁଷ ମହମ୍ମଦଙ୍କ ଇଦ୍-ମିଲାଦୁନ ପର୍ବ ପାଳିତ



**ବ୍ରହ୍ମପୁର,୫।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ବହୁ ପୁରାତନ ଜାମିଆ ମସଜିଦ ଠାରେ ମହାପୁରୁଷ ମହମ୍ମଦଙ୍କ ୧୫୦୦ ତମ ଇଦ୍- ମିଲାଦୁନ ପର୍ବ ବହୁ ଆଡମ୍ବରରେ ପାଳନ କରାଯାଇଛି। ପ୍ରଥମେ ଜାମିଆ ମସଜିଦ ଠାରୁ ପ୍ରଜ୍ଞାପନ ମେଢ଼ ବାହାରି ମକ୍କା ମଦିନା, ଇସ୍ଲାମିକ ପରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ସଦଭାବନା ପୂର୍ଣ୍ଣ ରାଲି ଦଲୁଆ ସାହି, ପୁରୁଣା ବସଷ୍ଟାଣ୍ଡ, ଚର୍ଚ୍ଚ ରୋଡ୍, ପିଭିଏନ ପେଟ୍ରୋଲ ପମ୍ପ, ଟେଲିଫୋନ ଭବନ ରୋଡ୍, ଆର୍ବନ ବ୍ୟାଙ୍କ ରୋଡ, ଗିରିଜା ଛକ ଆଦି ସ୍ଥାନ ଦେଇ ଖାଜା ସାହି ସ୍ଥିତ ସଭା ସ୍ଥଳରେ ପହଞ୍ଚିଥିଲା। ଜାମିଆ ମସଜିଦର ଆମାମ୍ ମେହେରାଜ ଆଲାମଙ୍କ ଦ୍ୱାରା ମହାପୁରୁଷ ମହମ୍ମଦଙ୍କ ଉପରେ ପ୍ରବଚନ ଆଶୀର୍ବାଦ ପ୍ରେରଣ କରାଯାଇଥିଲା। ଗଞ୍ଜାମ ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା ମସଜିଦ ଇମାମ ମାନେ ଏହି ଆୟୋଜନରେ ସାମିଲ ହୋଇଥିଲେ। ଏହି ସଂଯୋଜନାରେ ଇଦ୍-ମିଲା ଦୁନ ନବୀର ସଭାପତି ଆମିଲ ବେଗ, ଉପ ସଭାପତି ମହମ୍ମଦ ଇରଫାନ ଅଲ୍ଲୀ ଖାନ,ସମ୍ପାଦକ ଶାକୀର ବେଗ,ସହ ସମ୍ପାଦକ ସୁହେଲା ବେଗ, ଜାମିଆ ମସଜିଦ ସଭାପତି ଫାଇ ଜୁଲ୍ଲା ଖାନ, ଉପ ସଭାପତି ଇଲିୟାସ ଆହେମାଦ ଖାନ,ସାଧାରଣ ସମ୍ପାଦକ ଇବ୍ରାହିମ ଖାନ, ସମସ୍ତ କମିଟି ସଭ୍ୟ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ 'ଭକ୍ତିପୂତ ପ୍ରଣାମ' କାର୍ଯ୍ୟକ୍ରମ




**ନୟାଗଡ଼,୫।୯ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସଦରବ୍ଲକ ଓ ନଗରପାଳିକା ଆନୁକୁଲ୍ୟରେ ଆଜି ଅବସରପ୍ରାପ୍ତ ଶିକ୍ଷକଙ୍କୁ ଭକ୍ତିପୂତ ପ୍ରଣାମ କାର୍ଯ୍ୟକ୍ରମ ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୬ ଶହରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷକ ଓ ଅବସରପ୍ରାପ୍ତ ଅଧ୍ୟାପକ ଯୋଗ ଦେଇଥିଲେ ।

ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ପୌର ପରିଷଦ ଉପାଧକ୍ଷ ଗୁରୁପ୍ରସାଦ ଜେନା ଏବଂ ଅନେକ ନିର୍ବାଚିତ ଜନପ୍ରତିନିଧି ଗୁରୁମାନଙ୍କୁ ଉତ୍ତରୀୟ ଫୁଲ, ଚନ୍ଦନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ପୌର ପରିଷଦ ଉପାଧକ୍ଷ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅତିଥିଭାବେ ଯୋଗ ଦେଇ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ଅନନ୍ୟ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥି ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ ଗୁରୁଦିବସ ଉପରେ ମାର୍ମିକ ବକ୍ତବ୍ୟ ରଖିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ବେଦ ବାଚସ୍ପତି ବିରେନ୍ଦ୍ର କିଶୋର ତ୍ରିପାଠୀ ନୟାଗଡ଼ରେ ଏଭଳି ଗୁରୁଦିବସ ପାଳନ ସାରା ରାଜ୍ୟରେ ବିରଳ ବୋଲି କହିଥିଲେ। ନୟାଗଡ଼ ବିଧାୟକ ତାଙ୍କ ବକ୍ତବ୍ୟରେ ଯିଏ ଆମକୁ କିଛି ଦେଇଛନ୍ତି ସମାଜକୁ କିଛି ଦେଇଛନ୍ତି, ସେମାନେ ଚିର ନମସ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଉପାଧକ୍ଷ ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ବହୁ ନାରୀନେତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କବି ଗୋପୀନାଥ ସେଠୀ ସଂଯୋଜନା କରିଥିଲେ। ନୟାଗଡ଼ ନଗର ବିଜେଡି ସଭାପତି ତଥା ଅବସରପ୍ରାପ୍ତ ପୁଲିସ ଅଧିକାରୀ ଅମୂଲ୍ୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା ।

## ଗୋପ ବିକାଶର ବିନ୍ଧାଣୀ ସତ୍ୟପ୍ରିୟ ନାୟକଙ୍କ ବିୟୋଗରେ ଉପମୁଖ୍ୟମନ୍ତ୍ରୀଙ୍କ ଶୋକ



**ଗୋପ,୫।୯ (ସଂଚାର ବ୍ୟୁରୋ):** ଗୋପ ବ୍ଲକ ଅଧିନସ୍ଥ ଗଣେଶ୍ୱରପୁର ଗ୍ରାମ ପଞ୍ଚାୟତର ବନପ୍ରଭା ଗ୍ରାମର ପୂର୍ବତନ ଆଦର୍ଶ ପ୍ରଧାନ ଶିକ୍ଷକ, ସୁସଂଗଠକ, ଗୋପ ବିକାଶର ଅଗ୍ରଦୂତ, ସୁଲେଖକ ଓ ବରିଷ୍ଠ ଶିକ୍ଷାବିତ ସତ୍ୟପ୍ରିୟ ନାୟକ (୯୦) ବର୍ଷ ବୟସରେ ପବିତ୍ର ଗୁରୁଦିବସ ଅବସରରେ ନିଜ ପୈତୃକ ଗ୍ରାମ ଠାରେ ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଇହଲୀଳା ସମ୍ବରଣ କରିଛନ୍ତି।

ଆଦର୍ଶ ଶିକ୍ଷକ ସ୍ୱର୍ଗତ ନାୟକଙ୍କ ମୃତ୍ୟୁ ଖବର ପାଇ ହଜାର ହଜାର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ସଂଗଠକ, ବୁଦ୍ଧିଜୀବୀ, ଗୋପ ବିକାଶ ପରିଷଦର କର୍ମକର୍ତ୍ତା, ଗୋପ ଲୋକ ମହୋତ୍ସବ କମିଟି, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତାଙ୍କର ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗୋପ ବ୍ଲକ ଉପାଧକ୍ଷ ବନ ରଂଜନ ପଟ୍ଟନାୟକ ଏବଂ ବରିଷ୍ଠ ନେତା ଅଶ୍ୱନୀ ପଟନାୟକଙ୍କ ନେତୃତ୍ୱରେ ସ୍ୱର୍ଗତ ନାୟକଙ୍କ ଶବଧାରକୁ ଏକ ବିରାଟ ଶୋଭାଯାତ୍ରାରେ ଗୋପ ତଥା ଆଖପାଖ ଅଞ୍ଚଳ ପରିକ୍ରମା କରାଯିବା ସହ ନିଜ ପୈତୃକ ଗ୍ରାମ ବନପ୍ରଭା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ବଡପୁଅ ବାବୁଲି ମୁଖାଗ୍ନି ଦେଇଥିଲେ।

ସତ୍ୟପ୍ରିୟ ନାୟକଙ୍କ ମୃତ୍ୟୁରେ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ନିମାପଡାର ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାସ, କାକଟପୁର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ବରିଷ୍ଠ ବିଜେଡି ନେତା ସତ୍ୟବ୍ରତ ପାତ୍ର, ବରିଷ୍ଠ ବିଜେଡି ନେତା ସୁବ୍ରତ ଛାଟୋଇ, ନାରୀନେତ୍ରୀ କସ୍ତୁରୀବାଳା ସ୍ୱାଇଁ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ଗୁରୁ-ଶିଷ୍ୟ ସମ୍ପର୍କ ଅତୁଟ ଓ ଅନନ୍ୟ




**କାକଟପୁର/ଅସ୍ତରଙ୍ଗ,୫।୯ (ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୫ତାରିଖକୁ ପୂର୍ବତନ ରାଷ୍ଟ୍ରପତି, ମହାନ ଦାର୍ଶନିକ ଏବଂ ପ୍ରଣମ୍ୟ ଗୁରୁ ତଥା ମହାନ ଜନନାୟକ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଉଦେଶ୍ୟରେ ସମଗ୍ର ଦେଶରେ ପାଳନ ହେଉଛି ପବିତ୍ର ଗୁରୁ ଦିବସ। ଏହି ଅବସରରେ ପୁରୀ ଜିଲ୍ଲା କାକଟପୁର ବ୍ଲକ ପିଏମଶ୍ରୀ କାକଟପୁର ଉଚ୍ଚ ବିଦ୍ୟାଳୟରେ ମହାଆଡ଼ମ୍ବରେ ଗୁରୁ ଦିବସ ପାଳିତ ହୋଇଥିବା ବେଳେ ଅସ୍ତରଙ୍ଗ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମଧ ମହା ଆଡ଼ମ୍ବରେ ଗୁରୁଦିବସ ପାଳିତ ହୋଇଛି। ଗୁରୁଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଆଜି ବି ସତେଜ। ଗୁରୁ ଶିଷ୍ୟ ପରମ୍ପରାର ଏହି ଅନନ୍ୟ ଦିବସରେ ପ୍ରତିଟି ଗୁରୁଙ୍କୁ ପ୍ରଣାମ।

## ବରିଷ୍ଠ କଳାକାର ସଂଘ ପକ୍ଷରୁ ଗୁରୁ ପୂଜନ



**ବ୍ରହ୍ମପୁର,୫।୯ (ସଂଚାର ବ୍ୟୁରୋ):** ଗଂଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ତରଫରୁ ଗୁରୁ ଦିବସ ଅବସରରେ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗଞ୍ଜାମ କଳା ପରିଷଦ ଠାରେ ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଆଚାର୍ଯ୍ୟ ସିମାଂଚଳ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଅତିଥି ଭାବେ ସମାଜ ସେବୀ ଇଂ ସମ୍ବିତ କୁମାର ସାହୁ, ପ୍ରାକ୍ତନ ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ଡେପୁଟି ମେୟର ଇଂ ବିବେକ ରେଡି, ଇଂ ଆଶୁତୋଷ ପାତ୍ର, ସଂଘ ସଭାପତି ଡ଼ା ତିରୁପତି ସାହୁ, ଉପସଭାପତି ସଂକର୍ଷଣ ସାବତ ଓ ସହ ସଂପାଦକ ବଳଦେବ ସାହୁ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ୧୨ ଜଣ ଲୋକକଳା ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା।

## ଗୁରୁ ଦିବସରେ ଜୟଦେବ ଶିକ୍ଷକ ସମ୍ମାନ ପ୍ରଦାନ



**ବାଲିଅନ୍ତା,୫।୯ (ସଂଚାର ବ୍ୟୁରୋ):** ଆଜି ଓଡ଼ିଶାର ଅଗ୍ରଣୀ ଖବରକାଗଜ ଶାନ୍ତିସ୍ତୁପ ଏବଂ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନିର୍ମାଣ ଏକୁକେସେନାଲ ଟ୍ରଷ୍ଟ, ଉତ୍କଳ ଜୟଦେବ ଫାଉଣ୍ଡେସନ, ଗ୍ରୀନ ଜୟଦେବ ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ବାଲକାଟିଠାରେ ଥିବା ନିର୍ମାଣ କଲେଜ ଅଡିଟୋରିୟମ୍ ଜୟଦେବ ଶିକ୍ଷକ ସମ୍ମାନ-୨୦୨୫ ଅନୁଷ୍ଠିତ ହୋଇ ଯାଇଛି। ଶାନ୍ତିସ୍ତୁପ ଖବରକାଗଜର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ନବରତ୍ନ କମ୍ପାନୀ ନାଲକୋର ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଶୁତୋଷ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ନିଜର ମତବ୍ୟକ୍ତ ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ସୁଚିସ୍ମିତା ପୃଷ୍ଟି, ପରିବେଶବିତ୍ ତଥା ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ଆଦର୍ଶ ଶିକ୍ଷକ ନାରାୟଣ ବେହେରା, ବାଲକାଟି ବିଜେପି ମଣ୍ଡଳ ସଭାପତି ତଥା ସମାଜସେବୀ ବ୍ରହ୍ମାନନ୍ଦ ସ୍ୱାଇଁ, ନିର୍ମାଣ ଏକୁକେଶନଲ ଟ୍ରଷ୍ଟର ଅଧକ୍ଷ ସିଦ୍ଧେଶ୍ୱର ମହାନ୍ତି , ଉତ୍କଳ ଜୟଦେବ ଫାଉଣ୍ଡେସନର ଅଧକ୍ଷ ପ୍ରଦିପ୍ତ କୁମାର ମହାନ୍ତି, ଗ୍ରୀନ ଜୟଦେବ ଫାଉଣ୍ଡେସନର ଅଧକ୍ଷ ତଥା ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ ପ୍ରମୁଖ ନିଜ ନିଜ ଅଭିଭାଷଣରେ ଉତ୍ତମ ସମାଜ ଗଠନରେ ଗୁରୁମାନଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଞ୍ଚଳର ୧୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଜୟଦେବ ଶିକ୍ଷକ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା ।

## ସହକାରୀ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ନାଉଗାଁ,୫।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ବଛାଳୋ ସରକାରୀ ଉନ୍ନତୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଆଭାସ ଲେଙ୍କାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଛାତ୍ର ତଥା ପଞ୍ଚାୟତ ସମିତି ସଭ୍ୟ ଚନ୍ଦନ କୁମାର ଲେଙ୍କା, ସହକାରୀ ଶିକ୍ଷୟିତ୍ରୀ ମାନସୀ ସ୍ୱାଇଁ, ସୁଭ୍ରା ମଲ୍ଲିକ, ପ୍ରାପ୍ତି ମହାନ୍ତି, ଗୁଣ୍ଡିଚା ରାଣୀ ଦିଦି, ଆରତୀ ବଡ଼ିଆ, ସୁଚିତ୍ରା ସାହୁ, କଳ୍ପନା ସାହୁ, ଶୁଭସ୍ମିତା ସାମନ୍ତରାୟ, ଶିକ୍ଷକ ବାବୁରାମ ବେହେରା, ସଞ୍ଜୟ ସାମଲ ଆଦି ଯୋଗଦେଇ ଶ୍ରୀମତୀ ଲେଙ୍କାଙ୍କ ଶିକ୍ଷକତା ଜୀବନର ଗୁଣଗାନ କରିବା ସହିତ ତାଙ୍କର ପରବର୍ତ୍ତୀ ଜୀବନ ସୁଖମୟ ପାଇଁ କାମନା କରିଥିଲେ। ଶ୍ରୀମତୀ ଲେଙ୍କାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ହିଞ୍ଜିଳିର ବିଭିନ୍ନ ସ୍ଥାନରେ ଗୁରୁଦିବସ

**ହିଞ୍ଜିଳିକାଟୁ,୫।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହର ସମେତ ବ୍ଲକର ବିଭିନ୍ନ ଗ୍ରାମରେ ଗୁରୁଦିବସ ପାଳିତ ହୋଇଯାଇଛି। ଭାରତର ପ୍ରଥମ ରାଷ୍ଟପ୍ରତି ତଥା ଜ୍ଞାନ ତପସ୍ୱୀ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ୧୯୬୨ମାସିହା ସେପ୍ଟେମ୍ବର ୫ତାରିଖରେ ଜନ୍ମଦିନର ପାଳନ ଅବସରରେ ସହର ଓ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରର ଛାତ୍ରଛାତ୍ରୀ ମାନେ ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗୁରୁମାନଙ୍କୁ ବନ୍ଦାପନା କରି ପୂଜାର୍ଚ୍ଚନା କରିବା ପରେ ମିଠା ଖୁଆଇଥିଲେ । ଗୁରୁ ଦକ୍ଷିଣା ସୁରୂପ ଛାତ୍ରଛାତ୍ରୀମାନେ ନିଜ ନିଜ ଗୁରୁମାନଙ୍କୁ ବିଭିନ ପ୍ରକାରର ଉପହାର ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା ଏହି ଗୁରୁଦିବସ ପାଳନ ଅବସାରରେ ଶିକ୍ଷ୍ୟାଶ୍ରମର ଗୁରୁଜୀ ଓ ଗୁରୁମାମାନେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ ଆଦର୍ଶ ଶିକ୍ଷ୍ୟା ଓ ଶିଷ୍ୟ ହେବ ପାଇଁ ଉପଦେଶ ଦେଇଥିଲା

## ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ



**ଛତ୍ରପୁର,୫।୯ (ସଂଚାର ବ୍ୟୁରୋ):** ପବିତ୍ର ଗୁରୁଦିବସ ଅବସରରେ ଗଞ୍ଜାମ ଜିଲ୍ଲାସ୍ତରୀୟ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଛତ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଶିକ୍ଷକମାନେ ନୂତନ ପ୍ରଯୁକ୍ତି ବ୍ୟବହାରରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରାଯାଇଥିଲା। ଜିଲ୍ଲାର ୩ଜଣ ସିଆରସିସି, ୨୨ ଜଣ ପ୍ରାଥମିକ ଓ ୪୨ଜଣ ବିଷୟ ଭିତ୍ତିକ ମାଧମିକ ଶିକ୍ଷକ ମାନପତ୍ର ସହିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ପାଇଥିଲେ। ସ୍ଥାନୀୟ ଛାତ୍ରଛାତ୍ରୀ ଗୁରୁବନ୍ଦନା ଗୀତ ଦ୍ୱାରା କାର୍ଯ୍ୟକ୍ରମକୁ ଶୋଭାୟିତ କରିଥିଲେ। ସମାରୋହର ସୁପରିଚାଳନା ଏବଂ ସହଯୋଗ ପାଇଁ ବିଭିନ୍ନ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

## ସାର ଅଭାବରୁ ଗଞ୍ଜାମରେ କୃଷିକାର୍ଯ୍ୟ ପ୍ରଭାବିତ

**ସାର ଯୋଗାଣ ନାହିଁ, କଳାବଜାରୀରେ ଦୁଇଗୁଣା ଦର**

**ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ**

**ଛତ୍ରପୁର,୫।୯ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ସାର ଅଭାବ ଦେଖାଦେଇଥିବା ବେଳେ ଏହାର ସବୁଠାରୁ ଅଧିକ ପ୍ରଭାବ ଗଞ୍ଜାମ ଜିଲ୍ଲାରେ ପଡ଼ିଛି। ବିଶେଷକରି ଛତ୍ରପୁର ଓ ଗଞ୍ଜାମ ବ୍ଲକରେ ହଜାରେ କୃଷକ ବର୍ତ୍ତମାନ ଦୁର୍ଦ୍ଦଶାରେ ପହଞ୍ଚିଛନ୍ତି। ଧାନ ଓ ପ୍ରାଥମିକ ସବୁଜ ଫସଲ ପାଇଁ ଏହି ସମୟରେ ବିଭିନ୍ନ ପ୍ରକାର ସାରର ଚାହିଦା ବେଶି ରହିଥାଏ। କିନ୍ତୁ ସରକାରୀ ଗୋଦାମ ଓ ଲାଇସେନ୍ସପ୍ରାପ୍ତ ସାର ଦୋକାନରେ ସାର ଉପଲବ୍ଧ ନଥିବାରୁ ଚାଷୀମାନଙ୍କୁ ନିରାଶ ହେବାକୁ ପଡିଛି। ଏହାର ଫଳରେ ବଡ଼ ପରିମାଣରେ ଚାଷ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ବଢ଼ିଛି।

ୟୁରିଆ ସାର ମିଳୁନଥିବାରୁ ଚାଷୀମାନେ ବିକଳ୍ପ ଭାବେ ଗ୍ରୋମର ଓ ଡିଏପି ସାର ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଏହାର ସୁଯୋଗ ନେଇ କଳାବଜାରୀମାନେ ସାରକୁ ଗୋପନୀୟ ଭାବରେ ମଜୁତ କରି ଦୁଇରୁ ତିନିଗୁଣା ଦରରେ ବିକ୍ରି କରୁଥିବା ଅଭିଯୋଗ ଉଠିଛି। ଯାହା ଫଳରେ ସାଧାରଣ ଚାଷୀଙ୍କ ପରିସ୍ଥିତି ଆହୁରି ଦୁର୍ଦ୍ଦଶାରେ



ପହଞ୍ଚିଛି। ଅଭିଯୋଗ ପରେ ଚାଷୀମାନଙ୍କୁ ଆବଶ୍ୟକୀୟ ସାର ଯୋଗାଣ ନିଶ୍ଚିତ କରିବା ଓ କଳାବଜାରୀକୁ ରୋକିବା ପାଇଁ କୃଷି ବିଭାଗ ଓ ପ୍ରଶାସନ ପକ୍ଷରୁ କଡ଼ା ତତ୍ପରତା ପ୍ରକାଶ ପାଇଛି। ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର ଓ ବ୍ଲକ କୃଷି ଅଧିକାରୀ ରଶ୍ମିତା ମହାପାତ୍ରଙ୍କ ନେତୃତ୍ୱରେ ଏକ ବିଶେଷ ଟିମ ଗଠନ କରାଯାଇଥିବାବେଳେ ସୋସାଇଟି ଓ ବିଭିନ୍ନ ସାର ଦୋକାନରେ ବାରମ୍ବାର ଚଢ଼ାଉ କରାଯାଉଛି। ଚଢ଼ାଉ ସମୟରେ ଷ୍ଟକ ସହ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ କରାଯାଇଛି। ତହସିଲଦାର ସୁକାନ୍ତ ମିଶ୍ର ସମସ୍ୟାକୁ ଗୁରୁତର ନେବା ସହ କ "ଚାଷୀମାନଙ୍କୁ ଶୀଘ୍ର ସାର ଯୋଗାଇବା ପାଇଁ ଚେଷ୍ଟା ଚାଲିଛି, ଖୁବ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି।"

ଇତିମଧରେ ଚାଷୀ ସହ ବିଭିନ୍ନ ସଂଗଠନ ତରଫରୁ ତୁରନ୍ତ କଳାବଜାରୀ ରୋକିବା ସହ ପ୍ରଚୁର ପରିମାଣରେ ସାର ଯୋଗାଇବା ପାଇଁ ପ୍ରଶାସନଙ୍କୁ ଦାବୀ ପତ୍ର ଦେଇଛନ୍ତି।

## ସୁନ୍ଦର ସମାଜ ଗଠନରେ ଗୁରୁମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ




**ବ୍ରହ୍ମପୁର,୫।୯ (ସଂଚାର ବ୍ୟୁରୋ):** କଳା ଓ କଳାକାର ହିତୈଷୀ ମହାମଞ୍ଚ "ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ" ତରଫରୁ ପବିତ୍ର ଗୁରୁ ଦିବସ ଅବସରରେ ସ୍ଥାନୀୟ ଗିରି ମାର୍କେଟ୍ ଛକ ସ୍ଥିତ ପ୍ରକାଶମ୍ ହଲ୍- ଆନ୍ଧ୍ର ଭାଷା ବିବର୍ଦ୍ଧନୀ ସମାଜମ୍ ସଭା ପ୍ରକୋଷ୍ଠ ଠାରେ ରାଜ୍ୟସ୍ତରୀୟ ଗୁରୁ ପୂଜନ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ନିମନ୍ତ୍ରିତ ସାଂସ୍କୃତିକ କ୍ଷେତ୍ର ବିଶେଷ ଗୁରୁମାନଙ୍କୁ ଲୋକନାଟକ ପ୍ରଦର୍ଶନ ମାଧମରେ ଆପ୍ୟାୟିତ କରାଯାଇଥିଲା। ଏହି ଅବସରରେ ମହାସଂଘ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ନିମନ୍ତ୍ରିତ ଲୋକକଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଗୁରୁଦିବସ



**ଖୋର୍ଦ୍ଧା,୫।୯ (ସଂଚାର ବ୍ୟୁରୋ):** ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଗୁରୁଦିବସ ପାଳିତ ହୋଇ ଯାଇଛି। ବିଦ୍ୟାଳୟର ଅଧକ୍ଷ ମାଧବଚନ୍ଦ୍ର ରାଉତରାୟଙ୍କ ଅଧକ୍ଷତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଡ଼. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ଧୂପ ଓ ପୁଷ୍ପମାଲ୍ୟାର୍ପିତା କରାଯାଇଥିଲା। ପରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଦୁଇ ଜଣଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆଯାଇଥିଲା। ଏହାପରେ ପିଲାମାନେ ଗୁରୁଙ୍କୁ ପୂଜା କରି ଉତ୍ତରୀୟ ଓ କଲମ ଦେଇ ସମ୍ମାନିତ କରି ମିଠା ଖୁଆଇ ଗୁରୁଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ପରିଶେଷରେ ବିଦ୍ୟାଳୟର ଅଧକ୍ଷ ପିଲାମାନଙ୍କୁ ଟ୍ରଫି ଦେଇଥିଲେ।

ସ୍କିମାଟିକ୍ ଶିକ୍ଷକଙ୍କୁ 'ନିୟମିତ ଶିକ୍ଷକ' ମାନ୍ୟତା ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ

**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ୨୦୨୫ରେ ନିଯୁକ୍ତି ପାଇଥିବା ରାଜ୍ୟର ୧୩ ହଜାରରୁ ଉର୍ଦ୍ଧ୍ୱ ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କୁ 'ନିୟମିତ ଶିକ୍ଷକ' ଭାବେ ନିଯୁକ୍ତି ଦେବା ପାଇଁ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ରାଜ୍ୟ ଅତିଥି ଭବନଠାରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ସଦସ୍ୟସଦସ୍ୟାମାନେ ଧନ୍ୟବାଦ ଜଣାଇଛନ୍ତି। ସଂଘ ପକ୍ଷରୁ ଗୁରୁ ଦିବସ ଅବସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ କନିଷ୍ଠ ଶିକ୍ଷକ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇବା ସହ ଏହି ନିଷ୍ପତ୍ତି ସମେତ ରାଜ୍ୟରେ ପ୍ରାଥମିକ



ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଇ ସରକାର ବିଭିନ୍ନ ପଦକ୍ଷେପ ନେଉଥିବାରୁ ଏଥିପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହେବା ସହିତ ସେମାନଙ୍କୁ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଉପଦେଶ ଦେଇଥିଲେ। ଜୀବନରେ ଅନେକ ସମସ୍ୟା ଆସିବ, କିନ୍ତୁ ସମସ୍ତ ସମସ୍ୟାକୁ ସୁଯୋଗରେ ପରିଣତ କରି ଆଗକୁ ବଢ଼ିବା ପାଇଁ ମୁଖ୍ୟମନ୍ତ୍ରୀର କନିଷ୍ଠ ଶିକ୍ଷକମାନଙ୍କୁ ପରାମର୍ଶ ଦେବା ସହ ଜଣେ ଶିକ୍ଷକର ମୌଳିକ କର୍ତ୍ତବ୍ୟକୁ କଦାପି ଭୁଲିବା ଉଚିତ ନୁହେଁ ବୋଲି କହିଛନ୍ତି।

# ବବିଙ୍କ ହୋର୍ଡିଂରେ ନାହାନ୍ତି ନବୀନ; ଶଙ୍ଖ ଗାଏବ

**ଯାଜପୁର,୫।୯(ସଂଚାର ବୁରୋ):** ପ୍ରଫେଟ୍ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଯାଜପୁର ସହର ଉତ୍ସବ ମୁଖର ହୋଇଥିବା ବେଳେ ଏଠାରେ ଲାଗିଥିବା ବ୍ୟାନର ରାଜନୈତିକ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ସହରର କେତେକ ଅଞ୍ଚଳରେ ପୂର୍ବତନ ବିଧାୟକ ତଥା ବିଜେଡିର ଉପସଭାପତି ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ଅଭିନନ୍ଦନ ହୋର୍ଡିଂ ଲାଗିଛି। କିନ୍ତୁ ଏଥିରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଫଟୋ ନାହିଁ କି ଦଳର ପରିଚୟ 'ଶଙ୍ଖ' ଚିହ୍ନ ବି ନାହିଁ। ସେହିପରି ତାଙ୍କ ହୋର୍ଡିଂରେ ବିଜେଡିର ପାରମ୍ପରିକ ଚିହ୍ନ 'ଶଙ୍ଖ' ବଦଳରେ 'ତାରା' ଚିହ୍ନ ବ୍ୟବହୃତ ହୋଇଥିବା ଦେଖିବାକୁ ମିଳିଛି। ସାଧାରଣତଃ କୌଣସି ବିଜେଡି ନେତା ନିଜ




ବ୍ୟାନର୍‌ରେ ଦଳର ମୁଖ୍ୟ ନବୀନଙ୍କ ଫଟୋ ଓ ଦଳର ସ୍ୱଚ୍ଛ ପରିଚୟକୁ ସ୍ଥାନ ଦେଇଥାନ୍ତି। କିନ୍ତୁ ବବିଙ୍କ ଏହି ଭିନ୍ନ ରୂପ ଯାଜପୁର ଓ ରାଜ୍ୟର ରାଜନୈତିକ ଦୃଶ୍ୟପଟ୍ଟରେ ନୂଆ ଚର୍ଚ୍ଚା ସୃଷ୍ଟି କରାଇଛି। ଏହି ବ୍ୟତିକ୍ରମ କେବଳ ଏକ ହୋର୍ଡିଂ ଭିତରେ ସୀମିତ ନାହିଁ, ବରଂ ଏହା ଆଗାମୀ ରାଜନୈତିକ ଦୃଶ୍ୟପଟ୍ଟରେ ପରିବର୍ତ୍ତନର ସଙ୍କେତ ଦେଉଛି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି। ସହରରେ ଏହି ଉତ୍ସବ ଅବସରରେ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା ପାଇଁ ପୁଲିସ ବ୍ୟାପକ ପ୍ରସ୍ତୁତି କରିଛି। ଯାଜପୁର ଜିଲ୍ଲା ପ୍ରଶାସନ ଏହି ଉତ୍ସବକୁ ଭାଇଚାରା ଓ ଏକତାର ପର୍ବ ଭାବେ ପାଳନ କରିବାକୁ ନିବେଦନ କରିଛି। କିନ୍ତୁ ବିଜେଡି ନେତାଙ୍କ ଏଭଳି ଅବତାର ଏବେ ଦଳୀୟ ଭାଇଚାରାକୁ ଏକପ୍ରକାର ପାଣିଚିଆ କରିଦେଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଛେଣ୍ଡିପଦାରେ ଭୂସ୍ଖଳନ

# ଲଗାଣ ବର୍ଷାରେ ଧସିଲା ପାହାଡ଼, ଯାତାୟାତ ପ୍ରଭାବିତ

**ଅନୁଗୁଳ,୫।୯(ସଂଚାର ବ୍ୟୁରୋ):** ଧସିଲା ପାହାଡ଼, ଫଳତଃ ଯାତାୟାତ ପ୍ରଭାବିତ ହୋଇଛି। ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ପାତ୍ରପଡ଼ାରେ ଭୂସ୍ଖଳନ। ପାହାଡ଼ରୁ ଅତଡା ଖସି ପାତ୍ରପଡା-ହଣ୍ଡପା ରାସ୍ତା ଅବରୋଧ। ରାସ୍ତା ଉପରେ ୫ ଫୁଟର ଉଚ୍ଚ ମାଟି। ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ପାତ୍ରପଡା ଦେବୀନଗର ପାହାଡ଼ରୁ ମାଟି ଅତଡା ଖସି ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ପାତ୍ରପଡାରୁ ହଣ୍ଡପା ରାସ୍ତା ଛେଣ୍ଡିପଦା ବ୍ଲକରୁ କିଶୋରନଗର ଓ ଆଠମଲ୍ଲିକ ଅଞ୍ଚଳକୁ ସଂଯୋଗ ଏହି ରାସ୍ତାରେ ୫ ଫୁଟ ଉଚ୍ଚର ମାଟି ଅତଡ଼ା ଖସି ରାସ୍ତା ଅବରୋଧ ହୋଇଛି। ଗତ ତିନିଦିନ ଲଗାଣ ବର୍ଷାରେ ବେହାଲ ହୋଇଛି ଅନେକ ସ୍ଥାନ। ଲଗାଣ ବର୍ଷା ଯୋଗୁଁ ଦେବୀନଗର ପାହାଡ଼ ମାଟି ଅତଡା ଖସି ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟତ ବନ୍ଦ ହୋଇଯାଇଛି। ଅନ୍ୟପଟେ ଫୁଲିଛି ମାଦେଳିଆ



ନାଳ। ଏହାର ପ୍ରଭାବରେ ମାଟି ଅତଡ଼ା ଖସିଥିବା ଅନୁମାନ କରାଯାଉଛି। ତୁରନ୍ତ ରାସ୍ତାରୁ ମାଟି ବାହାର କରି ମରାମତି କାର୍ଯ୍ୟ ପାଇଁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି ସ୍ଥାନୀୟ ଲୋକେ।

# ଅସହାୟା ବୃଦ୍ଧାଙ୍କୁ ମହେଶ କର ଫାଉଣ୍ଡେସନ୍‌ର ସହାୟତା

- ଭଙ୍ଗାରୁଜା ଘରେ ଦୟନୀୟ ଅବସ୍ଥାରେ କଟୁଛି ଜୀବନ
- ସରକାରୀ ସହାୟତା ଯୋଗାଇଦେବାକୁ ଦାବି

**ଗରଦପୁର,୫।୯(ସଂଚାର ବ୍ୟୁରୋ):** ଜଣେ ୮୦ ବର୍ଷୀୟା ବୃଦ୍ଧା ଦୀର୍ଘଦିନ ବର୍ଷ ଧରି ଅତି ଅସହାୟ ଅବସ୍ଥାରେ ସମୟ ଅତିବାହିତ କରୁଛନ୍ତି। ତାଙ୍କର ନିଜର ବୋଲି କେହି ନାହାନ୍ତି । ଆର୍ଥିକ ସମ୍ବଳ ନ ଥିବା ହେତୁ ସେ ଭୋକ ଉପାସରେ ମଧ୍ୟ ଦିନ କାଟୁଛନ୍ତି। ଘର ଖଣ୍ଡେ ପାଇ ନ ଥିବାରୁ ସେ ବାଧ୍ୟ ହୋଇ ଭଙ୍ଗାଦଦର ଅବସ୍ଥାରେ ଥିବା ନଡ଼ା ଛପର ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ପାଖରେ ଧନ ନଥିବାରୁ ଦୀର୍ଘ ବର୍ଷ ହେବ ସେ ଘରକୁ ଛପର ମଧ୍ୟ କରିପାରିନାହାନ୍ତି। ଫଳରେ ଘରଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଗଲାଣି। ଏବେ ଲଗାଣ ବର୍ଷା ହେଉଥିବାରୁ ତାଙ୍କ ଘର ଭିତରେ ମଧ୍ୟ ପାଣି ପଶିଯାଇଛି। ଏଭଳି ପରିସ୍ଥିତିରେ ବୃଦ୍ଧା ଜଣଙ୍କ ଦିନରାତି ସେମିତି ସେହି ଭଙ୍ଗା କୁଡିଆରେ କାଳାତିପାତ କରୁଥିବା ଖବର ପାଇ ସହାୟତାର ହାତ ବଢ଼ାଇଛି କେନ୍ଦ୍ରାପଡ଼ା ଜିଲ୍ଲାର ମହେଶ କର ଫାଉଣ୍ଡେସନ। ଗରଦପୁର ବ୍ଲକ ଅଧୀନସ୍ଥ ସାନଅଢ଼ଙ୍ଗା ପଞ୍ଚାୟତ ଅନ୍ତର୍ଗତ କୋରୁଆ ଗ୍ରାମର ୮୦ ବର୍ଷୀୟା ବୃଦ୍ଧା ସୁଭଦ୍ରା ଦାସଙ୍କ ଚାଳ ଛପର ଘର ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ସେ ବେସାହାରା ହୋଇପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ କୌଣସି ସହାୟତା ମିଳି ନ ଥିବା ବେଳେ ଆଜି ଗୁରୁଦିବସରେ ଫାଉଣ୍ଡେସନ ପକ୍ଷରୁ ପ୍ରତିଷ୍ଠାତା ହିମାଂଶୁ ଭୂଷଣ କର(ହାପି)ଙ୍କ ନିବେଦନ କ୍ରମେ ତାଙ୍କ ଦ୍ୱାରା ଆର୍ଥିକ ସହାୟତା ସହ ବିଭିନ୍ନ ଖାଦ୍ୟ ସାମଗ୍ରୀ



ଓ ପଲିଥିନ ପରିବାରକୁ ଯୋଗାଇ ଦିଆଯାଇଛି। ସୁଭଦ୍ରାଙ୍କ ନିକଟରେ ଜିଲ୍ଲା ପ୍ରତିଭା ପୂଜା ସମ୍ମାନ ସଭାପତି ପ୍ରଦୀପ ସାହୁ, ସମାଜସେବୀ ଶ୍ରୀକାନ୍ତ ନାୟକ, ତପନ କୁମାର ନାୟକ ପ୍ରମୁଖ ପହଞ୍ଚି ସହାୟତା ଯୋଗାଇଦେବା ସହ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ସକାଶେ ସେମାନେ ଦାବି କରିଛନ୍ତି।

# ନକଲି ସୁନା ଦେଖାଇ ୧୬ ଲକ୍ଷ ଲୁଟ, ଜଣେ ଅଟକ

**ନୀଳଗିରି,୫।୯(ସଂଚାର ବ୍ୟୁରୋ):** ସୁନା ବିସ୍କୁଟ ଦେବାକୁ କହି ଠକେଇ। ନକଲି ସୁନା ଦେଖାଇ ଫସାଇଲେ। ବିଶ୍ୱାସ ଜନ୍ମାଇ ଗଞ୍ଜାମର ଜଣେ ବେପାରୀଙ୍କଠାରୁ ୧୬ ଲକ୍ଷ ଲୁଟିଲେ। ବାଲେଶ୍ୱର ନୀଳଗିରି ଅଞ୍ଚଳରେ ଏଭଳି ଠକେଇ ହୋଇଛି। ଅଭିଯୋଗ ପରେ ଥାନାରେ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ନକଲି ସୁନା କାରବାର ପଛରେ ରହିଛି ବଡ଼ ର୍‍ୟାକେଟ। ସୂଚନାନୁସାରେ, ଗତ ମାସ ଅଗଷ୍ଟ ୫ ତାରିଖରେ ବ୍ରହ୍ମପୁର ଜିଲ୍ଲା ବୈଦନାଥପୁରର ଯୁବକ କୃଷ୍ଣ ନାୟକ ଜଣେ ବନ୍ଧୁଙ୍କ ସହାୟତାରେ କମ ଦରରେ ସୁନା କିଣିବା ପାଇଁ ବାଲେଶ୍ୱରକୁ ଆସିଥିଲେ। ପ୍ରଥମେ ୬ ହଜାର ଟଙ୍କା ଦେଇ ସୁନା ସାମ୍ପଲ ନେଇ ଘରକୁ ଯାଇଥିଲେ। ପୁଣିଥରେ ଅଗଷ୍ଟ ୧୫ ତାରିଖରେ ୧୬ ଲକ୍ଷ ଟଙ୍କା ଦେଇ ୨୦୦ ଗ୍ରାମ ସୁନା କିଣିବା ପାଇଁ ବାଲେଶ୍ୱରକୁ ଆସିଥିଲେ। ନକଲି ସୁନା ଆଣି ନିଜକୁ ସୁନା ବେପାରୀ ସଜେଇଥିବା ଲୁଟେରାମାନେ କପ୍ତିପଦା ନିକଟରେ କୃଷ୍ଣଙ୍କୁ ଛୁରା ମାଡ କରି ସମସ୍ତ ଟଙ୍କା ଲୁଟି ନେଇଥିଲେ। କୃଷ୍ଣ ବରହମପୁର ଥାନାରେ ଅଭିଯୋଗ କରିବା ପରେ ନୀଳଗିରି ପୁଲିସ ଓ ବରହମପୁର ପୋଲିସ ଜଣେ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି। ଘଟଣାରେ ଆଉ କିଏ କିଏ ସାମିଲ ରହିଛନ୍ତି ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ଗ୍ୟାଙ୍ଗର ଚେର ନୀଳଗିରିରୁ କେନ୍ଦ୍ରାପଡ଼ା ଯାଏ ଲମ୍ବିଛି।

# ଚଢ଼ିଗଲା ୧୪ ଚକିଆ ଟ୍ରକ, ଚାଲିଗଲା ବୃଦ୍ଧାଙ୍କ ଜୀବନ

**ଆଠଗଡ଼,୫।୯(ସଂଚାର ବ୍ୟୁରୋ):** ଚଢିଗଲା ଟ୍ରକ, ଚାଲିଗଲା ଜୀବନ। ଟାଙ୍ଗୀ ଚୌଦ୍ୱାର ବ୍ଲକ କଖଡି ବଜାର ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଜଣେ ବୃଦ୍ଧା ମହିଳାଙ୍କ ଉପରେ ଚଢ଼ିଗଲା



୧୪ ଚକିଆ ଟ୍ରକ। ଘଟଣା ସ୍ଥଳରେ ହିଁ ବୃଦ୍ଧାଙ୍କ ମୃତ ହୋଇଛି। ମୃତକ ମାଳତୀ ସାହୁ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ଗାଡ଼ିକୁ ଭଙ୍ଗାରୁଜା କରିଛନ୍ତି। ରାସ୍ତା ଅବରୋଧ କରି ଧାରଣାରେ ବସି ରହିଛନ୍ତି। ଏବେବି ଟ୍ରକ ଚକା ତଳେ ଚାପି ହୋଇରହିଛନ୍ତି ବୃଦ୍ଧା। ଘଟଣା ସ୍ଥଳରେ ଚୌଦ୍ୱାର ପୋଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

- ଜଙ୍ଗଲରେ ମାଟିତଳେ ପୋତିଥିଲେ ମଦ

# ୧୯୯୫ ଲିଟର ଜବତ କଲା ଅବକାରୀ ବିଭାଗ

**ଆଠଗଡ଼,୫।୯(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ଖୁଣ୍ଟୁଣି ଥାନା ଡାଲୁଅ ଓ ଖଣ୍ଡୁଆଳି ଜଙ୍ଗଲରେ ଅବକାରୀ ବିଭାଗ ପକ୍ଷରୁ ଗତକାଲି ଏକ ବଡ଼ ଧରଣର ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ମାଟି ତଳୁ ବିପୁଳ ପରିମାଣର ଦେଶୀମଦ ଜବତ କରାଯାଇଛି। ମାଟି ତଳୁ ୧୯୯୫ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ୨୧ ହଜାର ୩୫ ଲିଟର ପୋଚ ନଷ୍ଟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ଆଗାମୀ ଦିନରେ ଏଭଳି ଚଢ଼ାଉ ମଧ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

- ପାର୍ବଣ ପାଇଁ ପୁରୀ ପୁଲିସର ସ୍ୱତନ୍ତ୍ର ଅଭିଯାନ

# ୭ ଦୁର୍ଦ୍ଧାନ୍ତ ଅପରାଧୀ ଓ ମଦୁଆ ଗିରଫ



**ପୁରୀ,୫।୯(ସଂଚାର ବ୍ୟୁରୋ):** ଆଗାମୀ ପାର୍ବଣ ଋତୁରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଓ ସୁରୁଖୁରୁରେ ପୂଜା ସମ୍ପନ୍ନ କରିବା ସକାଶେ ପୁରୀ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ପର୍ଯ୍ୟଟନ ନଗରୀକୁ ଅପରାଧମୁକ୍ତ କରିବା ପାଇଁ ଜୋରଦାର ଚଢ଼ାଉ କରାଯାଇଛି। ନୂତନ ଭାବେ ଯୋଗଦେଇଥିବା ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ଅପରାଧ ଦମନ ପାଇଁ ଏବେ ଆକ୍ଟିଭ ମୁଡରେ ସମସ୍ତ ଥାନାଧିକାରୀ। ଅପରାଧ ଦମନ ପାଇଁ ୭ ଜଣ ଦୁର୍ଦ୍ଧାନ୍ତ ଅପରାଧୀ ଓ ଜଣେ ନାବାଳକଙ୍କୁ ଗିରଫ କରାଯାଇଛି। ପୁଲିସ୍ ଟାର୍ଗେଟରେ ବାଇକ୍ ଚୋରଠାରୁ ଆରମ୍ଭ କରି ଡ୍ରଗ୍ସ ବ୍ୟବସାୟୀ ପର୍ଯ୍ୟନ୍ତ ସମସ୍ତେ ରହିଛନ୍ତି। ପର୍ଯ୍ୟଟନ ନଗରୀରେ ଦୌରାତ୍ମ୍ୟ କରୁଥିବା ୫୨ ଜଣ ମଦୁଆଙ୍କୁ ମଧ୍ୟ ପୁରୀ ପୁଲିସ୍ ପକ୍ଷରୁ ଗିରଫ କରାଯାଇଛି। ଚେକିଂ ସମୟରେ ସାର୍ବଜନୀନ ସ୍ଥାନରେ ମଦପାନ କରିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଛି। ପୁରୀର ସମୁଦ୍ରତଟ, ବଡ଼ଦାଣ୍ଡ, ବସଷ୍ଟାଣ୍ଡ, ବଜାର ଓ ବିଭିନ୍ନ ଆବାସିକ ଅଞ୍ଚଳରେ ସମ୍ପୂର୍ଣ୍ଣ ସର୍ଭେଲାନ୍ସ, ଚଢ଼ାଉ କରାଯିବା ସହ ପାଟ୍ରୋଲିଂ ମଧ୍ୟ କରାଯାଉଛି। ଏହି କ୍ରମରେ ସମୁଦ୍ରକୂଳ ପୁଲିସ୍ ଷ୍ଟେସନ୍ ଅଞ୍ଚଳରୁ ୧୧, କୁମ୍ଭାରପଡା ପୁଲିସ୍ ଷ୍ଟେସନ ଅଞ୍ଚଳରୁ ୮, ବଳିଆପଣ୍ଡା ପୁଲିସ୍ ଷ୍ଟେସନ୍ ଅଞ୍ଚଳରୁ ୫, ଟାଉନ୍ ପୁଲିସ୍ ଷ୍ଟେସନ୍- ୬, ତାଳବଣିଆ ପୁଲିସ୍ ଷ୍ଟେସନ୍-୧୦, ବାସେଳିସାହି ପୁଲିସ୍ ଷ୍ଟେସନ୍- ୪ ଓ ପିସିଆର୍- ୫ ଜଣ ନିୟମ ଉଲ୍ଲଂଘନକାରୀଙ୍କୁ କାବୁ କରିଥିବା ଜଣାପଡ଼ିଛି।

ଆରମ୍ଭ ହେଲା ଅପେରସନ ପ୍ରହାର

# ଶିକ୍ଷାନୁଷ୍ଠାନ ଅଞ୍ଚଳରେ ନିଶାଦ୍ରବ୍ୟ ବିକ୍ରି ଉପରେ ଲାଗିବ ରୋକ

**ବାଲିଗୁଡ଼ା,୫।୯(ସଂଚାର ବ୍ୟୁରୋ):** ଶିକ୍ଷାନୁଷ୍ଠାନ ଅଞ୍ଚଳରେ ଆଉ ବିକ୍ରି ହୋଇପାରିବନି କୌଣସି ନିଶାଦ୍ରବ୍ୟ। ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଅଞ୍ଚଳର ୧୦୦ ମିଟର ପରିଧି ମଧ୍ୟରେ ନିଶାଦ୍ରବ୍ୟ ବିକ୍ରି ଉପରେ ଲାଗିଛି ବ୍ରେକ। ରାଜ୍ୟ ପୋଲିସ ନିର୍ଦ୍ଦେଶକ କଡାକଡି ଭାବେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏକ ଅଭିଯାନ ଆରମ୍ଭ କରିଛନ୍ତି। ନିଶାଦ୍ରବ୍ୟ ବିକ୍ରି ଉପରେ ରୋକ ଲଗେଇବାକୁ ନେଇ ଆରମ୍ଭ ହୋଇଛି ଅପେରସନ ପ୍ରହାର। ଏହି ଅଭିଯାନ ମାଧ୍ୟମରେ ରାଜ୍ୟର କୌଣସି ବି ଶିକ୍ଷାନୁଷ୍ଠାନ ଅଞ୍ଚଳ ପାଖରେ ଥିବା ଦୋକାନରେ ବିକ୍ରି ହୋଇପାରିବନି ନିଶା ଦ୍ରବ୍ୟ। ଶିକ୍ଷାନୁଷ୍ଠାନ ଏରିଆର ଶହେ ମିଟର ପରିଧି ମଧ୍ୟରେ କୌଣସି ଦୋକାନରେ ସିଗାରେଟ, ତମାଖୁ ଭଳି କିଛି ବି ନିଶା ଦ୍ରବ୍ୟ ରଖିପାରିବେନି କି ବିକ୍ରି କରିପାରିବେନି ଦୋକାନୀ। ଏଥିରେ କୌଣସି ବ୍ୟତିକ୍ରମ ହେଲେ ଅପରସନ ପ୍ରହାର ମାଧ୍ୟମରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ନିର୍ଦ୍ଦଶ ଦେଇଛନ୍ତି ଡିଜି। କନ୍ଧମାଳ ଜିଲ୍ଲା ବାଲିଗୁଡା ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରେସନ ପ୍ରହାର ଅଭିଯାନ। ପୁଲିସ୍ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିଧି ମଧ୍ୟରେ ନିଶାଦ୍ରବ୍ୟ ବିକ୍ରି କରୁଥିବା ଦୋକାନୀ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।



ବାଲିଗୁଡା ଏସଡ଼ିପିଓ ରମେନ୍ଦ୍ର ପ୍ରସାଦଙ୍କ ନେତୃତ୍ୱରେ ପୁଲିସ ଟିମ ଚଢ଼ାଉ କରି ବିପୁଳ ପରିମାଣରେ ନିଶାଦ୍ରବ୍ୟ ଜବତ କରାଯାଇଛି। କଲେଜ ଛକ ନିକଟରେ ଓ ଗୁଳିମରାପଦା ସାହିରେ ଥିବା ୫ଟି ଦୋକାନରୁ ମୋଟ ୪୦୫ କେଜି ସିଗାରେଟ ଓ ତମାଖୁ ଦ୍ରବ୍ୟ ଜବତ କରାଯାଇଛି। ଅପେରସନ ପ୍ରହାର ଅଭିଯାନରେ ବାଲିଗୁଡା ଥାନା ଅଧିକାରୀ ସମ୍ବିତ ସ୍ୱାଇଁଙ୍କ ସମେତ ସ୍ୱତନ୍ତ୍ର ସ୍କ୍ୱାଡ୍ ସାମିଲ ହୋଇଥିଲେ। ତେବେ ୫ ଜଣ ଦୋକାନୀଙ୍କ ନାଁରେ ନିଶାଦ୍ରବ୍ୟ ବିକ୍ରି କରିବା ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ମାମଲା ରୁଜୁ ହୋଇଛି। ତେବେ ଶିକ୍ଷାନୁଷ୍ଠାନ ଅଞ୍ଚଳ ବ୍ୟତୀତ ଅନ୍ୟ ସ୍ଥାନରେ ଥିବା ଦୋକାନୀ ଯଦି ୧୮ ବର୍ଷରୁ କମ ଯୁବକ ଯୁବତୀଙ୍କୁ ନିଶାଦ୍ରବ୍ୟ ବିକ୍ରି କରନ୍ତି ତେବେ ସେହି ଦୋକାନୀ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କହିଛନ୍ତି ବାଲିଗୁଡା ଏସଡିପିଓ ରମେନ୍ଦ୍ର ପ୍ରସାଦ। ରାଜ୍ୟରେ ଥିବା ଶିକ୍ଷାନୁଷ୍ଠାନ ଅଞ୍ଚଳରେ ନିଶାଦ୍ରବ୍ୟ ବିକ୍ରି ପରେ ଶିକ୍ଷାର ଭୌତିକ ପରିବେଶ ନଷ୍ଟ ହେଉଥିବା ବେଳେ ଯୁବପିଢ଼ି ମଧ୍ୟ ପଥଭ୍ରଷ୍ଟ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଆରମ୍ଭ ହୋଇଛି ଅପେରସନ ପ୍ରହାର ଅଭିଯାନ। ଯାହା ଫଳରେ ନିଶାଦ୍ରବ୍ୟ କାରବାରରେ ରୋକ ଲାଗିବା ସହ ଶିକ୍ଷାନୁଷ୍ଠାନ ଅଞ୍ଚଳରେ ଉତ୍ତମ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ବ୍ୟକ୍ତ ହୋଇଛି।

- ଶିକ୍ଷା ଉଦ୍ୟୋଗୀଙ୍କୁ ସଶକ୍ତ କରିବ ଓକେସିଏଲ

# ନୂତନ କେନ୍ଦ୍ର ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ଆଜି ପବିତ୍ର ଗୁରୁ ଦିବସ ଅବସରରେ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ (ଓକେସିଏଲ) ଏହାର ପ୍ରମୁଖ ପଦକ୍ଷେପ ନୂତନ କେନ୍ଦ୍ର ପଞ୍ଜୀକରଣ ପ୍ରକ୍ରିୟା ୨୦୨୬ (ଏନସିଆର-୨୦୨୬) ଆରମ୍ଭ କରିଛି। ଏହାକୁ ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥାଲ ଉନ୍ମୋଚନ କରିଛନ୍ତି। ଡକ୍ଟର ପୁଥାଲ ଏନସିଆର ୨୦୨୬କୁ ଓକେସିଏଲ ସହ ସଂଯୋଗ କରିବା ଓ ଓଡ଼ିଶାର ଡିଜିଟାଲ ଶିକ୍ଷା ଏବଂ ସଶକ୍ତିକରଣ ମିଶନରେ ଯୋଗଦାନ ପାଇଁ କହିଛନ୍ତି। ଉଭୟ ବିଦ୍ୟମାନ ଓ ଆକାଂକ୍ଷୀ ଶିକ୍ଷା ଉଦ୍ୟୋଗୀମାନଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ହେବ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଓକେସିଏଲ ଅଧିକୃତ ଶିକ୍ଷା କେନ୍ଦ୍ରମାନେ କେବଳ ନୂତନ ରାଜସ୍ୱ ସୁଯୋଗରୁ ଲାଭବାନ ହେବେ ନାହିଁ ବରଂ ଶିକ୍ଷା, ନିଯୁକ୍ତି ଏବଂ ଡିଜିଟାଲ ସାକ୍ଷରତା ପ୍ରସାରରେ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିବେ।



ସାରା ଓଡ଼ିଶାରେ ପୂର୍ବରୁ ସକ୍ରିୟ ଥିବା ୭୭୪ରୁ ଅଧିକ ଅଧିକୃତ ଶିକ୍ଷା କେନ୍ଦ୍ର ସହ ଓକେସିଏଲ ଚଳିତ ବର୍ଷ ୧ ହଜାର ନୂତନ କେନ୍ଦ୍ରକୁ ସାମିଲ କରି ଏହାର ନେଟୱାର୍କ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ଏହି କେନ୍ଦ୍ରଗୁଡ଼ିକ ଓକେସିଏଲଠାରୁ ନିରନ୍ତର ତାଲିମ, ମାର୍କେଟିଂ ଓ କାର୍ଯ୍ୟକ୍ଷମ ସହାୟତା ପାଇବା ସହ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ଦକ୍ଷତା-ଆଧାରିତ କମ୍ପ୍ୟୁଟର ପାଠ୍ୟକ୍ରମ ପ୍ରସାର ଦିଗରେ କାର୍ଯ୍ୟ କରିବେ ବୋଲି ଡକ୍ଟର ପୁଥାଲ୍ କହିଛନ୍ତି।

# ସାପକାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର, ୫।୯ (ସଂଚାର ବ୍ୟୁରୋ) :** ଦୁଇ ମାସ ତଳେ ବିବାହ କରିଥିବା ମନ୍ମଥ କୁମାର ଭୂୟାଁ ନାମକ ଯୁବକଙ୍କ ସର୍ପ ଦଂଶନରେ ମୃତ୍ୟୁ ଘଟିଛି । ମନ୍ମଥ ବିଲକୁ କାମ କରିବାକୁ ଯାଇଥିବା ବେଳେ ସର୍ପ ଦଂଶନ କରିଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ଦିଗପହଣ୍ଡି ମେଡିକାଲ ଓ ପରେ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏମକେସିଜି ଡାକ୍ତରମାନେ ଭୂୟାଁଙ୍କ ମୃତଦେହ ପୋଷ୍ଟମର୍ଟମ ପରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲେ । ସ୍ଥାନୀୟ ବାସିନ୍ଦା ମୃତ ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଏବଂ ଭୂୟାଁଙ୍କ ପତ୍ନୀଙ୍କ ପ୍ରତି ବିଶେଷ ସହଯୋଗ ଦେବାକୁ ଦାବି କରିଛନ୍ତି ।

# ସୁନ୍ଦରପଦା-ଜଟଣୀ ରାସ୍ତାର ସ୍ଥିତି ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

**ଭୁବନେଶ୍ୱର,୫।୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିରନ୍ତର ଉଦ୍ୟମ ଫଳରେ ଓଡ଼ିଶା ଆଜି ଦ୍ରୁତ ପ୍ରଗତି ପଥରେ ଆଗେଇ ଚାଲିଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ରାଜ୍ୟ ସରକାର ରଖିଥିବା ବେଳେ ଏଥିପାଇଁ ଉନ୍ନତ ଭିତ୍ତିଭୂମି ଓ ସୁଦୃଢ଼ ଯୋଗାଯୋଗ ବ୍ୟବସ୍ଥା ନିତାନ୍ତ ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଆଜି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୁନ୍ଦରପଦାଠାରୁ ଜଟଣୀ ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଧାରଣ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ରାସ୍ତା ନିର୍ମାଣ କାର୍ଯ୍ୟ କିପରି ଶୀଘ୍ର ଶେଷ ହେବ, ସେଥିନେଇ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ, ଠିକାସଂସ୍ଥା ଓ ଅଞ୍ଚଳବାସୀଙ୍କ ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆଲୋଚନା ମଧ୍ୟ କରିଛନ୍ତି। ମୋଟ ସାଢ଼େ ୧୩ କିମି ଦୀର୍ଘ ଏହି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଚାରି ଲେନବିଶିଷ୍ଟ କରିବା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବା ସକାଶେ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିର୍ମାଣାଧୀନ ରାସ୍ତାର ପ୍ରଶସ୍ତିକରଣ ସମୟରେ ଉପୁଜୁଥିବା ସମସ୍ୟା ଯେପରିକି ଡ୍ରେନେଜ୍, ସ୍ୱେରେଜ୍, ଇଲେକ୍‌ଟ୍ରିଫିକେସନ୍ ୟୁଟିଲିଟି ଆଦିର ସମାଧାନ



ଶୀଘ୍ର କରିବାକୁ ମନ୍ତ୍ରୀ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ତା'ଛଡ଼ା ଆସନ୍ତା ନଭେମ୍ବର ଶେଷ ସୁଦ୍ଧା ପୂରା

**ନଭେମ୍ବର ଶେଷ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ**

ରାସ୍ତାର ନିର୍ମାଣ କାର୍ଯ୍ୟ ସାରିବାକୁ ସେ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି ସମୀକ୍ଷା ସମୟରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ସହ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ମୁଖ୍ୟ ଯନ୍ତ୍ରୀ ରାସ୍ତା-୨ ଧ୍ୟାନଚାନ୍ଦ ନାୟକ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ (ଭୁବନେଶ୍ୱର) ମନୋଜ ମହାନନ୍ଦ, ଅଧ୍ୟକ୍ଷଣ ଯନ୍ତ୍ରୀ ସଚିନ ସାହୁଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଓ ଠିକା ସଂସ୍ଥାର କାର୍ଯ୍ୟନିର୍ବାହୀ ପ୍ରମୁଖ ଉପସ୍ଥିତ ଥିଲେ।

ଫୁଲୁଛି ହୀରାକୁଦ

# ଚଳିତ ବର୍ଷ ଖୋଲିବ ସର୍ବାଧିକ ୨୪ ଗେଟ୍

**ସମ୍ବଲପୁର,୫।୯(ସଂଚାର ବ୍ୟୁରୋ):** ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ଶୁକ୍ରବାର ଅଧିକ ୪ଟି ସ୍ଲୁଇସ୍ ଖୋଲାଯାଇ ମୋଟ ୨୦ଟି ସ୍ଲୁଇସ ଗେଟ୍‌ରେ ଜଳଭଣ୍ଡାରରୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଗତକାଲି ୩ଟି ପର୍ଯ୍ୟାୟରେ ଅଧିକ ୧୦ଟି ସ୍ଲୁଇସ ଗେଟ୍ ଖୋଲାଯାଇ ମୋଟ୍ ୧୬ଟି ସ୍ଲୁଇସ୍ ଗେଟ୍‌ରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଥିଲା। ମାତ୍ର ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ଆଶଙ୍କାକୁ ଦୃଷ୍ଟିରେ ରଖି ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ସକାଳେ ପ୍ରଥମ ପର୍ଯ୍ୟାୟରେ ୪ଟି ସ୍ଲୁଇସ୍ ଗେଟ୍ ଖୋଲିବା ଫଳରେ ମୋଟ୍ ୨୦ଟି ସ୍ଲୁଇସ୍ ଗେଟ୍‌ରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ସେହିପରି ଆଜି ଶୁକ୍ରବାର ଅପରାହ୍ନରେ ପୁଣିଥରେ ଦ୍ୱିତୀୟ ପର୍ଯ୍ୟାୟରେ ଜଳଭଣ୍ଡାରର ଆହୁରି ୪ଟି ସ୍ଲୁଇସ୍ ଗେଟ୍ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଫଳରେ ଚଳିତ ବର୍ଷ ହୀରାକୁଦ ଜଳଭଣ୍ଡାରର ସର୍ବାଧିକ ୨୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯିବ। ଅନ୍ୟପକ୍ଷରେ ଶୁକ୍ରବାର ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ଜଳଭଣ୍ଡାରର ଜଳପତ୍ତନ ୬୨୬.୬୨ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ୩ ଲକ୍ଷ ୬୯ ହଜାର ୨୫୮ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ହାରହାରି ୩ ଲକ୍ଷ ୫୩ ହଜାର ୯୦୧ ଘନଫୁଟ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ସେଥିମଧ୍ୟରେ



୨୯ଟି ସ୍ଲୁଇସ ଗେଟ୍ ଜରିଆରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୩ ଲକ୍ଷ ୨୩ ହାଜର ୬୬୦ ଘନଫୁଟ, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୨୫,୯୯୩ ଘନଫୁଟ, ଶିଳ୍ପସଂସ୍ଥା ପାଇଁ ୨୧୪ ଘନଫୁଟ ଓ ଜଳସେଚନ ପାଇଁ ବରଗଡ଼ କେନାଲରେ ୩୩୨୩, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୮୧ ଘନଫୁଟ ଜଳ ମିଶି ମୋଟ୍ ୪୦୩୪ ଘନଫୁଟ ଜଳ ନିଷ୍କାସନ କରାଯାଉଛି।

ଏନେଇ ବୁର୍ଲାସ୍ଥିତ ହୀରାକୁଦ ନଦୀବନ୍ଧ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ଅବବାହିକା ପ୍ରବନ୍ଧକ ଇଂ. ସୁଶୀଲ ବେହେରା କହିଛନ୍ତି ଯେ ଆଗକୁ ଆବଶ୍ୟକ ସ୍ଥଳେ ଜଳଭଣ୍ଡାରର ୨୪ଟି ପର୍ଯ୍ୟନ୍ତ ସ୍ଲୁଇସ୍ ଗେଟ୍ ଗେଟ୍ ଖୋଲାଯାଇପାରିବ। ଏହାଦ୍ୱାର ମହାନଦୀ ତଳମୁଣ୍ଡରେ ବନ୍ୟାଜନିତ ବିପଦର ଆଶଙ୍କା ନାହିଁ। ବର୍ତ୍ତମାନ ଜଳଭଣ୍ଡାରର ସର୍ବନିମ୍ନ ଜଳସ୍ତର ୬୧୯ ଫୁଟ ଓ ସର୍ବାଧିକ ୬୨୭ ଫୁଟ ରହିବା କଥା। ସେହି ଅନୁଯାୟୀ, ଆସନ୍ତା ୧୧ରେ ୬୨୯ ଫୁଟ ମଧ୍ୟରେ ଓ ୨୧ର ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ପ୍ରାୟ ୬୩୦ ଫୁଟ୍ ବଜାୟ ରଖିବାକୁ ହେବ ବୋଲି ସେ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




### ଜିଏସଟି ରିହାତି ପରେ କେନ୍ଦ୍ର ସରକାରଙ୍କ ବଡ଼ ନିଷ୍ପତ୍ତି

# ଟ୍ରମ୍ପଙ୍କ ଟାରିଫକୁ ମାତ୍ ଦେବେ ମୋଦି

ନୂଆଦିଲ୍ଲୀ, ୫।୯: ଦ୍ରବ୍ୟ ଏବଂ ସେବା (ଜିଏସଟି)ର ଏକୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ କେନ୍ଦ୍ର ସରକାର ଏବେ ଆମେରିକାର ୫୦% ଟାରିଫରୁ ପ୍ରଭାବିତ ରପ୍ତାନିକାରୀଙ୍କ ପାଇଁ ରିହାତି ପଦକ୍ଷେପ ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ ହୋଇଥିବା ୫୦% ଟାରିଫ, ଯେଉଁଥିରେ ରୁଷିଆରୁ ତୈଳ କିଣିବା ପାଇଁ ୨୫% ଜରିମାନା ମଧ ଅନ୍ତର୍ଭୁକ୍ତ, ଏହା ଦ୍ୱାରା ପ୍ରଭାବିତ କ୍ଷେତ୍ରଗୁଡ଼ିକ ପାଇଁ ଶୀଘ୍ର କିଛି ଲକ୍ଷ୍ୟଭିତ୍ତିକ ଯୋଜନା ଘୋଷଣା ହୋଇପାରେ ବୋଲି ସୂତ୍ରରୁ ଜଣାପଡିଛି। ପ୍ରଭାବିତ ମୁଖ୍ୟ ଶିଳ୍ପଗୁଡ଼ିକ ମଧରେ ଟେକ୍ସଟାଇଲ ଓ ପୋଷାକ, ରତ୍ନ ଓ ଅଳଙ୍କାର ଅନ୍ତର୍ଭୁକ୍ତ, ଯେଉଁଠାରେ ରପ୍ତାନିକାରୀମାନେ ବିଶ୍ୱ ବଜାରରେ ପ୍ରତିଯୋଗିତା ଜାରି ରଖିବା ପାଇଁ ସଂଘର୍ଷ କରୁଛନ୍ତି। ଏହା ବ୍ୟତୀତ ଚର୍ମ ଓ ଜୋତା, ରାସାୟନିକ, ଇଞ୍ଜିନିୟରିଂ ସାମଗ୍ରୀ, କୃଷି ଓ ସାମୁଦ୍ରିକ ଉତ୍ପାଦ ରପ୍ତାନିକାରୀମାନେ ମଧ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ଛୋଟ ରପ୍ତାନିକାରୀଙ୍କ ଆର୍ଥିକ ସଙ୍କଟର ସମାଧାନ। କାର୍ଯ୍ୟକାରୀ ପୁଞ୍ଜି ଉପରେ ଚାପ ହ୍ରାସ। ଦୁର୍ବଳ




ରପ୍ତାନି-ସମ୍ପର୍କିତ କ୍ଷେତ୍ରରେ ନିଯୁକ୍ତି ସୁରକ୍ଷା। ନୂଆ ବଜାର ଖୋଜା ସମୟରେ ନିରବଚ୍ଛିନ୍ନ ଉତ୍ପାଦନ ସୁନିଶ୍ଚିତ କରିବା

ରିପୋର୍ଟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର କୋଭିଡ-୧୯ ମହାମାରୀ ସମୟରେ ଏମଏସଏମଇଙ୍କୁ ପ୍ରଦାନ କରାଯାଇଥିବା ମଡେଲର ଆଧାରରେ ଏକ ରିହାତି ପ୍ୟାକେଜ ଉପରେ କାର୍ଯ୍ୟ କରୁଛନ୍ତି। ଏହା ସହିତ, କେନ୍ଦ୍ରୀୟ ବଜେଟରେ ଘୋଷିତ ରପ୍ତାନି ପ୍ରୋତ୍ସାହନ ମିଶନକୁ କାର୍ଯ୍ୟକାରୀ କରି ଭାରତର ବୈଶ୍ୱିକ ବାଣିଜ୍ୟ ବୃଦ୍ଧି ପାଇଁ ଉଦ୍ୟମ ଜାରି ରହିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ଆମେରିକାକୁ ଭାରତର ରପ୍ତାନି ୨୧.୬୪% ବୃଦ୍ଧି ପାଇ ୩୩.୫୩ ବିଲିୟନ ଡଲାରରେ ପହଞ୍ଚିଛି। ୨୦୨୪-୨୫ରେ ଏହା ୮୬.୫ ବିଲିୟନ ଡଲାର ଥିଲା, ଯାହାର ପ୍ରାୟ ଅଧା ଅଂଶ ୫୦% ଶୁଳ୍କର ପରିସର ବାହାରେ ରହିଛି। ଆମେରିକା ୨୦୨୪-୨୫ରେ ଭାରତର ୪୩୭.୪୨ ବିଲିୟନ ଡଲାରର ମୋଟ ରପ୍ତାନିର ପ୍ରାୟ ୨୦% ଅଂଶ ରହିଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୭,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୮,୬୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୭,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୮,୬୫୦ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୭,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୮ ହଜାର ୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୭,୭୭୦ ଟଙ୍କା ଓ ୨୨ କ୍ୟାରେଟ୍ ୯୮, ୮୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୭,୬୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୮ ହଜାର ୬୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୦୭,୬୨୦ ଓ ୯୮ ହଜାର ୬୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୬,୦୦୦ ଟଙ୍କା ହୋଇଛି।

## ଅନୁଗୁଳରେ ଖୋଲିଲା ଶ୍ରୀଲେଦର୍ସର ନୂଆ ଶୋ’ରୁମ

ଅନୁଗୁଳ, ୫।୯ (ସଂଚାର ବ୍ୟୁରୋ): ଦୀର୍ଘ ୭୦ ବର୍ଷର ପୁରାତନ ଫୁଟୱେୟାର ତଥା ଜୋତା ଶିଳ୍ପ ବ୍ୟବସାୟରେ ଏକ ନିର୍ଭରଯୋଗ୍ୟ ବ୍ରାଣ୍ଡ ଭାବେ ପରିଚିତ ଶ୍ରୀଲେଦର୍ସ, ଅନୁଗୋଳସ୍ଥିତ ହେମସୁରପଡ଼ାଠାରେ ଖୋଲିଛି ନୂତନ ଶୋ’ରୁମ। ଏଠାରେ ଓଡ଼ିଶାର ଗ୍ରାହକଙ୍କ ପାଇଁ ରହିଛି ଉତ୍ତମ ମାନର, ଆରାମଦାୟକ ତଥା ଷ୍ଟାଇଲିସ୍ ସାମଗ୍ରୀ। ଏହି ନୂତନ ଶୋ’ରୁମରେ ବିଶ୍ୱସ୍ତରୀୟ ଜୋତା, ଚମଡ଼ାରେ ନିର୍ମିତ ବ୍ୟାଗ୍, ଟ୍ରାଭେଲ ବ୍ୟାଗ୍, ସ୍ପୋର୍ଟ ଜୋତା, ଆକ୍ଟିଭ୍ ୱେର୍ ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ହେବ।

ଦେଶବାସୀଙ୍କୁ ଅପେକ୍ଷାକୃତ ସ୍ୱଳ୍ପ ମୂଲ୍ୟରେ ଆରାମଦାୟକ ଜୋତା ଯୋଗାଇଦେବା ପାଇଁ ୧୯୫୨ରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୁରେଶ ଚନ୍ଦ୍ର ଦେ, ‘ଶ୍ରୀଲେଦର୍ସ’ ବ୍ୟବସାୟ ଆରମ୍ଭ କରିଥିଲେ। ୭୦ ବର୍ଷ ପୁରାତନ ଏହି ବ୍ରାଣ୍ଡ ଜୋତା ବଜାରରେ ଗୁଣାତ୍ମକ ଉତ୍ପାଦ ଏବଂ ଗ୍ରାହକ ସନ୍ତୁଷ୍ଟୀକରଣ କ୍ଷେତ୍ରରେ ନିଜର ପ୍ରତିଷ୍ଠା ବଜାୟ ରଖିଛି। ଏହି ପରିପ୍ରେକ୍ଷୀରେ ଶ୍ରୀଲେଦର୍ସର ଅଂଶୀଦାର ଶେଖର ଦେ କହିଛନ୍ତି ଯେ ‘ପ୍ରତ୍ୟେକ ନୂତନ ଉତ୍ପାଦର ଗୁଣବତ୍ତା ଏବଂ ଗ୍ରାହକଙ୍କ ଗ୍ରହଣୀୟତା ବିଷୟରେ ନିଶ୍ଚିତ ହେବା ପରେ ହିଁ ଆମେ ଏହାକୁ ଆମର ଅନ୍ୟାନ୍ୟ ଫ୍ରାଞ୍ଚାଇଜ୍‌ରେ ବଣ୍ଟନ କରୁ।’ ସମସ୍ତ ବର୍ଗର ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଜୋତା,




ବ୍ୟାଗ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ଚମଡ଼ା ସାମଗ୍ରୀ ଯୋଗାଇବାରେ ‘ଶ୍ରୀଲେଦର୍ସ’ ଜୋତା ବଜାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ‘ଏସ୍‌ଏଲ୍ ପ୍ରିମିୟମ’ ହେଉଛି ଏହାର ଏକ ନୂତନ ବର୍ଗ, ଯାହାକୁ ଗ୍ରାହକମାନଙ୍କଠାରୁ ବେଶ୍ ଭଲ ଫିଡ୍‌ବ୍ୟାକ୍ ମିଳିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରାଣ୍ଡର ଭବିଷ୍ୟତ ବିଷୟରେ ଅଭିବ୍ୟକ୍ତି ପ୍ରକାଶ କରି ପରିବାରର ତୃତୀୟ ପିଢି ତଥା ଅଂଶୀଦାର ସୁଶାନ୍ତୋ ଦେ କହିଛନ୍ତି ଯେ, ବର୍ତ୍ତମାନ ଆମେ କ୍ରୀଡ଼ାଭିତ୍ତିକ ଜୋତା ଉତ୍ପାଦନ ଉପରେ ଧ୍ୟାନକେନ୍ଦ୍ରିତ କରିବାକୁ ଚାହୁଁଛୁ। ଜୋତାର ଗୁଣବତ୍ତା ବିଶ୍ୱସ୍ତରୀୟ ହେବା ସହ ଏହାର ମୂଲ୍ୟ ଗ୍ରାହକଙ୍କୁ ସୁହାଇଲା ଭଳି ହେବ। ଏହି ସମସ୍ତ କ୍ରୀଡ଼ାଭିତ୍ତିକ ଜୋତା, ସ୍ପୋର୍ଟ୍ସ ୱେର୍ ଓ ଆକ୍ଟିଭ୍ ୱେର୍, ଏସ୍‌ଏଲ୍ ସ୍ପୋର୍ଟ୍ସ ବ୍ରାଣ୍ଡରେ ବିକ୍ରି ହୋଇଥାଏ। ଗତ ଏକ ବର୍ଷ ମଧରେ ‘ଶ୍ରୀଲେଦର୍ସ’ ପୂର୍ବ ଓ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟ ଯଥା ଝାଡ଼ଖଣ୍ଡ, ବିହାର, ଓଡ଼ିଶା ଆଦି ସ୍ଥାନରେ ପ୍ରାୟ ୧୦ରୁ ଅଧିକ ଷ୍ଟୋର ସଫଳତାର ସହ ପରିଚାଳନା କରୁଛି। ଆଞ୍ଚଳିକ ଷ୍ଟୋର ପ୍ରତିଷ୍ଠା, ଦେଶ ବ୍ୟାପୀ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବାର ଆମ ପ୍ରୟାସକୁ ସମୃଦ୍ଧ କରିବାରେ ସହାୟକ ହେବ। ସାମ୍ବାଦିକ ସମ୍ମିଳନୀରେ ଶ୍ରୀଲେଦର୍ସ ଫ୍ରାଞ୍ଚାଇଜ୍ ଡେଭେଲପମେଣ୍ଟ ମୁଖ୍ୟ ରକି ଦେ’ଙ୍କ ସମେତ ଶ୍ରୀଲେଦର୍ସ ମାର୍କେଟିଂ ମୁଖ୍ୟ ସୌରଭ ବିଶ୍ୱାସ, ଅନୁଗୋଳ ଫ୍ରାଞ୍ଚାଇଜି ମାଲିକ ଜିତେନ୍ଦ୍ର କୁମାର ସାହୁ, ମହେନ୍ଦ୍ର କୁମାର ସାହୁ ଏବଂ କୋମଳ ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ। ଦେଶର ସମସ୍ତ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ନୂତନ ଷ୍ଟୋର ଖୋଲିବା ପାଇଁ ଶ୍ରୀଲେଦର୍ସର ଯୋଜନା ରହିଥିବା ବେଳେ ଫ୍ରାଞ୍ଚାଇଜ୍ ଭାଗିଦାରୀକୁ ମଜଭୁତ କରିବା ଦିଗରେ ଏହା କାର୍ଯ୍ୟ କରୁଛି। ଗ୍ରାହକଙ୍କ ବିଶ୍ୱସ୍ତତା ପାଇଁ ବେଶ୍ ଗର୍ବିତ ଥିବା ଏହି ବ୍ରାଣ୍ଡ ଗତ ୩ ପିଢ଼ି ଧରି ନିଜର ଗ୍ରାହକଙ୍କ ସହ ଏହି ସଂଯୋଗ ବଜାୟ ରଖିପାରିଛି।

## ୩ଡି ଗ୍ଲାସ୍ ପ୍ରକଳ୍ପର ଶିଳାନ୍ୟାସ ଶୀଘ୍ର

ଭୁବନେଶ୍ୱର, ୫।୯: ଚଳିତ ବର୍ଷ ଭୁବନେଶ୍ୱରର ଇନ୍‌ଫୋ ଭ୍ୟାଲିରେ ୩ଡି ଗ୍ଲାସ୍ ସଲ୍ୟୁସନ୍ସ ପ୍ରକଳ୍ପର ଶିଳାନ୍ୟାସ ହେବ। ସେଥିରେ ବିଶ୍ୱର ଅଗ୍ରଣୀ ଚିପ୍ ନିର୍ମାତା ଇଣ୍ଟେଲ୍‌ର ସିଇଓ ଲିପ୍-ବୁ ଟାନ୍ ଯୋଗ ଦେବେ। ନୂଆଦିଲ୍ଲୀରେ ଅନୁଷ୍ଠିତ ସେମିକନ୍ ଇଣ୍ଡିଆ ୨୦୨୫ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି କମ୍ପାନି ଅଧିକାରୀମାନେ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ସେହି ଅବସରରେ ଇଣ୍ଟେଲ୍‌ର ସିଇଓ ଭାରତ ଆସିପାରନ୍ତି ବୋଲି ଅବଗତ କରାଯାଇଥିଲା। ଗତକାଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ ରାଜ୍ୟର ଦୁଇ ସେମିକଣ୍ଡକ୍ଟର ପ୍ରକଳ୍ପର ଶିଳାନ୍ୟାସ କିଛି ମାସ ଭିତରେ ହେବାକୁ ଯାଉଛି। ଆସନ୍ତା ମାସରେ ସିକ୍‌ସେମ୍‌ର ସିଲିକନ୍ କାର୍ବାଇଡ୍ ପ୍ରକଳ୍ପର ଶିଳାନ୍ୟାସ ହେବ। ତା’ର କିଛି ମାସ ପରେ ୩ଡି ଗ୍ଲାସ୍ ପ୍ରକଳ୍ପର ଭୂମିପୂଜା ହେବାର ସମ୍ଭାବନା ରହିଛି। ୩ଡି ଗ୍ଲାସ୍ ପ୍ରକଳ୍ପରେ ୧୯୪୩ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଆର୍‌ଆଇଆର୍ ଇଲେକ୍ଟ୍ରୋନିକ୍ସ ମଧ୍ୟ ୬୧୮ କୋଟି ଟଙ୍କା ନିବେଶରେ ଏହାର ପ୍ରକଳ୍ପ ସ୍ଥାପନ କରିବ। ଏହି ପ୍ରକଳ୍ପରୁ ଆସନ୍ତା ବର୍ଷ ଉତ୍ପାଦନ ଆରମ୍ଭ ହେବା ଆଶା କରାଯାଉଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ .୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୨ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ପାର୍ବଣରେ ଜିନିଷ ଚାହିଦା ବଢ଼ିବ

ନୂଆଦିଲ୍ଲୀ, ୫।୯: ଦେଶରେ ଜିଏସ୍‌ଟି ୨.୦ କାର୍ଯ୍ୟକାରୀ ହେବା ପରେ ପ୍ରାରମ୍ଭିକ କିଛିମାସ ପାଇଁ ଏ ବାବଦ ରାଜସ୍ୱ କମିବ। କିନ୍ତୁ ଟିକସ ହ୍ରାସ କାରଣରୁ ପାର୍ବଣରେ ଲୋକଙ୍କ ଚାହିଦା ବୃଦ୍ଧି ପାଇବ। ଏଥିଯୋଗୁ ବିକ୍ରି ମଧ୍ୟ ବଢ଼ିବ ବୋଲି କେନ୍ଦ୍ରୀୟ ପରୋକ୍ଷ କର ବୋର୍ଡ (ସିବିଆଇସି) ମୁଖ୍ୟ ସଞ୍ଜୟ କୁମାର ଅଗରୱାଲ କହିଛନ୍ତି। ଏଥିସହିତ ଦେଶରେ ନୂଆ ଜିଏସ୍‌ଟି ବ୍ୟବସ୍ଥା ଯେଭଳି ସୁରୁଖୁରୁରେ କାର୍ଯ୍ୟକାରୀ ହେବ ତାହା ଉପରେ ଜିଏସ୍‌ଟି ବିଭାଗ କାର୍ଯ୍ୟ କରୁଛି। ସୂଚନା ପ୍ରଯୁକ୍ତି ବ୍ୟବସ୍ଥାରେ ଏଥିପାଇଁ ଆବଶ୍ୟକ ପରିବର୍ତ୍ତନ ଲାଗି ଶିଳ୍ପ ଓ ଅନ୍ୟ ଅଂଶୀଦାରମାନଙ୍କ ସହ ମିଶି କାର୍ଯ୍ୟ ଚାଲିଛି ବୋଲି ଶ୍ରୀ ଅଗରୱାଲ କହିଛନ୍ତି। ବିନା ଅସୁବିଧାରେ ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ସେ ଦୃଢ଼ୋକ୍ତି ବାଢ଼ିଛନ୍ତି। ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନ ପାଇଁ ଶିଳ୍ପ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ନିକଟରେ ଦୁଇ ସପ୍ତାହର ସମୟ ରହିଛି ବୋଲି ସେ କହିଛନ୍ତି। ନୂଆ ବ୍ୟବସ୍ଥାରେ ଦୁଇଟି ପ୍ରଧାନ ହାର ବା ୫ ଏବଂ ୧୮ ପ୍ରତିଶତରେ ଜିଏସ୍‌ଟି ଆଦାୟ ହେବ। ଏହାବ୍ୟତୀତ ହାନିକାରକ ଏବଂ ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ୪୦ ପ୍ରତିଶତର ଏକ ନୂଆ ହାରରେ ଜିଏସ୍‌ଟି ଆଦାୟ କରାଯିବ। ଜିଏସ୍‌ଟି ହାରରେ ସଂଶୋଧନ ଦ୍ୱାରା ରାଜକୋଷକୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ହେବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। କିନ୍ତୁ ସରକାରଙ୍କ ଆକଳନ ଅନୁଯାୟୀ ରାଜସ୍ୱ ହ୍ରାସ ୪୮ ହଜାର କୋଟି ଟଙ୍କାରେ ରହିବ। ଜିଏସ୍‌ଟି ହ୍ରାସ ଫଳରେ ଲୋକଙ୍କ ଖର୍ଚ୍ଚ ବଢ଼ିବ ଏବଂ ମୁଦ୍ରାସ୍ଫୀତି ହ୍ରାସ ପାଇବ। ସିଟି ପକ୍ଷରୁ କରାଯାଇଥିବା ଆକଳନ ଅନୁସାରେ ଯଦି ଜିଏସ୍‌ଟି ହ୍ରାସର ଲାଭ ଗ୍ରାହକଙ୍କ ନିକଟରେ ପହଞ୍ଚେ ତା’ହେଲେ ଖୁଚୁରା ମୁଦ୍ରାସ୍ଫୀତି ପ୍ରାୟ ୧.୧ ପ୍ରତିଶତ କମିବ।

### ରେଲୱେ କର୍ମଚାରୀଙ୍କ ପାଇଁ ଖୁସି ଖବର

## ଏସବିଆଇରେ ଆକାଉଣ୍ଟ ଥିଲେ ମିଳିବ ୧ କୋଟିର ଦୁର୍ଘଟଣା ବୀମା

ନୂଆଦିଲ୍ଲୀ, ୫।୯: ରେଲୱେ କର୍ମଚାରୀଙ୍କୁ ବଡ଼ ଆଶ୍ୱସ୍ତି। ଯଦି ଆପଣ ରେଳବାଇରେ ଚାକିରି କରୁଛନ୍ତି ଆଉ ଆପଣଙ୍କ ଦରମା ଆକାଉଣ୍ଟ ଏସବିଆଇରେ ଅଛି, ତେବେ ଆପଣଙ୍କୁ ମିଳିବ ବଡ଼ ଫାଇଦା। ହଁ ଆଜ୍ଞା ରେଲୱେରେ କାମ କରୁଥିବା ଲକ୍ଷ ଲକ୍ଷ କର୍ମଚାରୀଙ୍କ ପାଇଁ ଖୁସି ଖବର। ଭାରତୀୟ ରେଳବାଇ ନିଜ କର୍ମଚାରୀମାନଙ୍କ ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛି। ଏବେ ଯେଉଁ କର୍ମଚାରୀମାନଙ୍କର ଦରମା ଆକାଉଣ୍ଟ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ)ରେ ଅଛି ସେମାନଙ୍କୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ମୃତ୍ୟୁ ବୀମା କଭରେଜ୍ ମିଳିବ। ଏହି ସେବା ପାଇଁ କୌଣସି ଅତିରିକ୍ତ ପ୍ରିମିୟମ୍ ଦେବାକୁ ପଡିବ ନାହିଁ କିମ୍ବା ଡାକ୍ତରୀ ପରୀକ୍ଷା ଆବଶ୍ୟକ ହେବ ନାହିଁ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ରେଳବାଇ ଏବଂ ଏସବିଆଇ ମଧରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏବେ ପର୍ଯ୍ୟନ୍ତ ରେଳବାଇ କର୍ମଚାରୀମାନଙ୍କୁ ବହୁତ କମ୍ କଭରେଜ୍ ମିଳୁଥିଲା। ମିଳିଥିବା ସୂଚନା ଅନୁଯାୟୀ, ଗ୍ରୁପ୍ ଏ, ବି ଏବଂ ‘ସି’ କର୍ମଚାରୀମାନେ ୧.୨୦ ଲକ୍ଷ, ୬୦ ହଜାର ଏବଂ ୩୦ ହଜାର ଟଙ୍କା କଭର ପାଉଥିଲେ। ବର୍ତ୍ତମାନ ହୋଇଥିବା ବୁଝାମଣାପତ୍ର ପରେ ୧ କୋଟି ଟଙ୍କାକୁ ବୃଦ୍ଧି ପାଇବ ଦୁର୍ଘଟଣାଜନିତ ମୃତ୍ୟୁ ବୀମା କଭରେଜ୍। ଏହା ବ୍ୟତୀତ ଏସବିଆଇ ବ୍ୟାଙ୍କରେ ଦରମା ଆକାଉଣ୍ଟ ଥିବା ରେଳ କର୍ମଚାରୀମାନଙ୍କୁ ୮୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ଦୁର୍ଘଟଣା କଭର ରାଶି ପ୍ରଦାନ କରୁଛି। ଏହି ଚୁକ୍ତିନାମା ଅନୁଯାୟୀ, ରେଳ କର୍ମଚାରୀମାନେ କୌଣସି ପ୍ରିମିୟମ୍ ପ୍ରଦାନ ନକରି କିମ୍ବା ଡାକ୍ତରୀ ପରୀକ୍ଷା ନକରି ୧୦ ଲକ୍ଷ ଟଙ୍କାର ନାଚୁରାଲ ଡେଥ୍ କଭର ମଧ୍ୟ ପାଇବେ।

## ବାଇକ୍, କାର୍ ଦାମ୍ କମିବ

ନୂଆଦିଲ୍ଲୀ, ୫।୯: ଜିଏସ୍‌ଟି ହ୍ରାସ ଫଳରେ ଦେଶରେ ବାଇକ୍ ଓ କାର୍ ଆଦି ଦାମ୍ କମିଯିବ। ଛୋଟ କାର ଏବଂ କମ୍ ଦାମ୍‌ର ବାଇକ୍ ଦର କମ୍ ହେବ। ପେଟ୍ରୋଲ, ଏଲ୍‌ପିଜି ଓ ସିଏନ୍‌ଜି କାର୍ ଯେଉଁଗୁଡ଼ିକରେ ୧୨୦୦ ସିସିରୁ କମ୍ ଇଞ୍ଜିନ ଲାଗିଛି ଏବଂ ୧୫୦୦ ସିସି କ୍ଷମତା ପର୍ଯ୍ୟନ୍ତ ଡିଜେଲ କାର୍ ଉପରେ ଆସନ୍ତା ୨୨ ତାରିଖରୁ ୧୮ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯିବ। ବର୍ତ୍ତମାନ ଏହା ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଆଦାୟ ହେଉଛି। ତେବେ ଏହି ଗାଡ଼ିଗୁଡ଼ିକର ଲମ୍ବ ୪୦୦୦ ମିଲିମିଟରରୁ ଅଧିକ ହୋଇ ନଥିବା ଆବଶ୍ୟକ। ଅନ୍ୟପକ୍ଷରେ ବଡ଼ କାର୍ ଉପରେ ଏବେ ୨୮ ପ୍ରତିଶତ ଜିଏସ୍‌ଟି ସହିତ ୧୭ରୁ ୨୨ ପ୍ରତିଶତ କ୍ଷତିପୂରଣ ସେସ୍ ଆଦାୟ କରାଯାଉଛି। ଏଥିଯୋଗୁ ମୋଟ ଟିକସ ପ୍ରଭାବ ପାଖାପାଖି ୫୦ ପ୍ରତିଶତ ରହୁଛି। ନୂଆ ବ୍ୟବସ୍ଥାରେ ଫ୍ଲାଟ୍ ୪୦ ପ୍ରତିଶତ ଟିକସ ଲାଗୁ ହେବ। ଅର୍ଥାତ୍ କ୍ଷତିପୂରଣ ବାବଦରେ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ। ତେଣୁ ବଡ଼ କାର୍‌ର ଦାମ ମଧ କମିବା ଆଶା କରାଯାଉଛି।

## ସରକାରୀ କାର୍ଯ୍ୟାଳୟରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ବ୍ୟବହାର ବାଧ୍ୟତାମୂଳକ




ଭୁବନେଶ୍ୱର, ୫।୯ (ସଂଚାର ବ୍ୟୁରୋ): ଭାରତ ସଂଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)ର ପୂର୍ବ ସ୍ଥିତି ଫେରାଇ ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାର ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କକୁ ମଜବୁତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଣିକି ସରକାରୀ କାର୍ଯ୍ୟାଳୟରେ ବିଏସ୍‌ଏନ୍‌ଏଲ୍ ନେଟୱାର୍କ ବ୍ୟବହାର ବାଧ୍ୟତାମୂଳକ ବୋଲି କହିଛନ୍ତି। ଏନେଇ କଡ଼ା ନିର୍ଦ୍ଦେଶନାମା ମଧ ଜାରି କରିଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ସବୁ ବିଭାଗକୁ ଚିଠି ଲେଖିଛି। ଏହି ଆଧାରରେ ଏଣିକି ସମସ୍ତ ସରକାରୀ ପ୍ରତିଷ୍ଠାନରେ ବିଏସ୍‌ଏନ୍‌ଏଲ୍ ଇଣ୍ଟରନେଟ, ବ୍ରଡ଼ ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ, ଲିଜ୍ ଲାଇନ୍ ସେବା ବ୍ୟବହାର ହେବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ସମବାୟ ବିଭାଗ ଏନେଇ ନିର୍ଦ୍ଦେଶାବଳୀ ଜାରି କରିଛି। ରାଜ୍ୟର ସମସ୍ତ ଡିଆରସିଏସ୍, ଏଆରସିଏସ୍‌ଙ୍କୁ ସମବାୟ ନିର୍ଦ୍ଦେଶକଙ୍କ ଚିଠି ଜାରି ହୋଇଛି। ଯେଉଁଠାରେ ଏପରି ସେବା ଉପଲବ୍ଧ ଏବଂ ବୈଷୟିକ ଭାବରେ ସମ୍ଭବ, ସେଠାରେ ଇଣ୍ଟରନେଟ୍, ବ୍ରଡବ୍ୟାଣ୍ଡ, ଲ୍ୟାଣ୍ଡଲାଇନ୍ ଏବଂ ଲିଜ୍ ଲାଇନ ସଂଯୋଗ ପାଇଁ ବିଏସ୍‌ଏନ୍‌ଏଲ୍ ସେବାର ବ୍ୟବହାର ସୁନିଶ୍ଚିତ କରିବେ। ତୁରନ୍ତ ସମୀକ୍ଷା ସହ ଚାଲୁଥିବା ସେବାରେ ବାଧା ସୃଷ୍ଟି ନକରି ବିଏସ୍‌ଏନ୍‌ଏଲ୍ ସେବା ହସ୍ତାନ୍ତର କରିବେ। ଆସନ୍ତା ୩୦ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବେ। ବିଏସ୍‌ଏନ୍‌ଏଲ୍‌ର ବ୍ୟବହାର ନେଇ ଡିଆରସିଏସ୍ ଏବଂ ଏଆରସିଏସ୍ ସେମାନଙ୍କ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଜାରି କରିବେ।

## ଶସ୍ତା ହେବ ପେଟ୍ରୋଲ ଡିଜେଲ ?

ନୂଆଦିଲ୍ଲୀ,୫।୯: ଜିଏସଟି ସ୍ଲାବରେ ସଂସ୍କାର ପରେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ସରକାର ସର୍ବଦା ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ କରନ୍ତି। ସେ କହିଛନ୍ତି ଯେ ଏହି ନବରାତ୍ରିର ପ୍ରଥମ ଦିନରୁ, କମ ହାର ଯୋଗୁ ଜନସାଧାରଣ ଅଧିକ ସାମଗ୍ରୀ କିଣିପାରିବେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୁଧବାର (୩ ସେପ୍ଟେମ୍ବର ୨୦୨୫) ସ୍ପଷ୍ଟ କରିଛନ୍ତି ଯେ ଏବେ କେବଳ ଦୁଇଟି ଜିଏସଟି ସ୍ଲାବ ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ରହିବ, ଯେତେବେଳେ କ୍ଷତିକାରକ ଏବଂ ସୁପର ଲଗଜରୀ ସାମଗ୍ରୀ ଉପରେ ଏକ ସ୍ୱତନ୍ତ୍ର ୪୦ ପ୍ରତିଶତ ଟିକସ ଲାଗୁ ହେବ। ଏହି ସଂସ୍କାର ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ‘ସାଧାରଣ ଲୋକଙ୍କୁ ଧ୍ୟାନରେ ରଖି ଏହି ସଂସ୍କାର କରାଯାଇଛି। ସାଧାରଣ ଲୋକଙ୍କ ଦୈନନ୍ଦିନ ବ୍ୟବହାର ଉପରେ ଲାଗୁ ହୋଇଥିବା ପ୍ରତ୍ୟେକ ଟିକସର ସମୀକ୍ଷା କରାଯାଇଛି ଏବଂ ଅଧିକାଂଶ କ୍ଷେତ୍ରରେ ଦରକୁ ବ୍ୟାପକ ଭାବରେ ହ୍ରାସ କରାଯାଇଛି। ଏହା ଚାଷୀ ଏବଂ କୃଷି କ୍ଷେତ୍ର ସହିତ ସ୍ୱାସ୍ଥ୍ୟ କ୍ଷେତ୍ରକୁ ମଧ୍ୟ ଲାଭଦାୟକ ହେବ। ଇଣ୍ଡିଆ ଟୁଡେର ଏକ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶୁକ୍ରବାର (୫ ସେପ୍ଟେମ୍ବର ୨୦୨୫) କହିଥିଲେ ଯେ ୩୦୦ ରୁ ଅଧିକ ସାମଗ୍ରୀ ଏବଂ ସେବାର ଦର ହ୍ରାସ ହେବାକୁ ଯାଉଛି। ଏହି ସମୟରେ, ସେ ପେଟ୍ରୋଲ ଏବଂ ଡିଜେଲକୁ GST ପରିସରକୁ ଆଣିବା ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ସେ କହିଛନ୍ତି, ‘GSTର ଏହି ପ୍ରସ୍ତାବରେ ପେଟ୍ରୋଲ ଏବଂ ଡିଜେଲକୁ ଅନ୍ତର୍ଭୁକ୍ତ କରାଯାଇ ନଥିଲା।’ ‘ଜିଏସଟି ପ୍ରଚଳନ କରିବା ସମୟରେ, ଆମେ ଏକ ଆଇନଗତ ବ୍ୟବସ୍ଥା କରିଥିଲୁ ଯେ ଯଦି ରାଜ୍ୟଗୁଡ଼ିକ ହାର ଉପରେ ସହମତ ହୁଅନ୍ତି, ତେବେ ପେଟ୍ରୋଲ ଏବଂ ଡିଜେଲକୁ ମଧ୍ୟ ଜିଏସଟି ପରିସରକୁ ଅଣାଯାଇପାରିବ।’କେନ୍ଦ୍ର ଏବଂ ରାଜ୍ୟ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଟିକସ ଆଦାୟ କରନ୍ତି। ପ୍ରତ୍ୟେକ ରାଜ୍ୟ ଏହା ଉପରେ ଭିନ୍ନ ଭିନ୍ନ ଟିକସ ଲଗାଏ, କାରଣ ରାଜ୍ୟ ଭିନ୍ନ ଭିନ୍ନ ବିକ୍ରୟ କର କିମ୍ବା ଭାଟ ପରିମାଣ ଲାଗୁ କରେ। ଯଦି ଏଗୁଡ଼ିକ ଜିଏସ୍ଟି ପରିସରକୁ ଆସେ, ତେବେ ରାଜ୍ୟଗୁଡ଼ିକ ସେମାନଙ୍କର ଟିକସ ଗଠନ ଉପରେ ନିୟନ୍ତ୍ରଣ ହରାଇବେ। ଯଦିଓ ପେଟ୍ରୋଲ ଏବଂ ଡିଜେଲକୁ ସର୍ବାଧିକ ୪୦ ପ୍ରତିଶତ ଜିଏସଟି ସ୍ଲାବରେ ଅଣାଯାଏ, ତେବେ ଏହାର ମୂଲ୍ୟ ବର୍ତ୍ତମାନର ହାର ତୁଳନାରେ ହ୍ରାସ ପାଇବ। ୫୦ ପ୍ରତିଶତରୁ ଅଧିକ ଟିକସ ପେଟ୍ରୋଲ ଏବଂ ଡିଜେଲ ଉପରେ ଯାଏ।

## ପରଟା,ପପ୍‌କର୍ନ ଦ୍ୱନ୍ଦ୍ୱ ଦୂର ହେଲା

ନୂଆଦିଲ୍ଲୀ, ୫।୯: ପରଟା ଓ ପପ୍‌କର୍ନ ଉପରେ ଆଦାୟ ହେଉଥିବା ଜିଏସ୍‌ଟିରେ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ଗତକାଲି ୫୬ତମ ଜିଏସ୍‌ଟି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଲୁଣ ଏବଂ ମସଲା ଏବଂ ଏପରିକି କାରାମେଲ୍ ମିଶିଥିବା ପପ୍‌କର୍ନ ଖୋଲାରେ କିମ୍ବା ପ୍ୟାକେଟ୍‌ରେ ବିକ୍ରି ହେଲେ ତାହା ଉପରେ ୫ ପ୍ରତିଶତ ଜିଏସ୍‌ଟି ଆଦାୟ ହେବ। ପୂର୍ବରୁ ଲୁଣ ଏବଂ ମସଲା ମିଶିଥିବା ପପ୍‌କର୍ନ ଖୋଲାରେ ବିକ୍ରି ହେଲେ ୫ ପ୍ରତିଶତ ଏବଂ ପ୍ୟାକେଟ୍‌ରେ ବିକ୍ରି ହେଲେ ୧୨ ପ୍ରତିଶତ ଜିଏସ୍‌ଟି ଆଦାୟ ହେଉଥିଲା। କାରାମେଲ୍ ପପ୍‌କର୍ନ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଉଥିଲା। ସେହିଭଳି ଫ୍ରୋଜେନ୍ ପରଟା ଉପରେ ଆଦାୟ କରାଯାଉଥିବା ଜିଏସ୍‌ଟିକୁ ନେଇ ରହିଥିବା ଦ୍ୱନ୍ଦ୍ୱ ମଧ୍ୟ ଦୂର ହୋଇଛି। ପୂର୍ବରୁ ସାଧାରଣ ରୁଟି ଉପରେ ୫ ପ୍ରତିଶତ ଏବଂ ପରଟା ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଉଥିଲା। ଏଥିଯୋଗୁ ଗ୍ରାହକମାନେ ଅସୁବିଧାରେ ପଡୁଥିଲେ।



## ଥମୁନି ସାର ସଂକଟ; କଳାବଜାରୀ ଯୋଗୁଁ ଚାଷ ପ୍ରଭାବିତ

**ବରଗଡ଼,୫।୯(ସଂଚାର ବ୍ୟୁରୋ):** ଥମୁନି ସାର ସଂକଟ । ସବୁଠି ସାର କଳାବଜାରୀ ଅଭିଯୋଗ । ବରଗଡ଼ ଜିଲ୍ଲାରେ ସାର କଳାବଜାରୀ ଯୋଗୁଁ ପ୍ରଭାବିତ ହୋଇଛି ଚାଷ । ବରଗଡ଼ ଜିଲ୍ଲାରେ ରାସାୟନିକ ସାର ଡିଏପି ପରେ ଏବେ ୟୁରିଆ ସାର ସଙ୍କଟ ଏବଂ କଳାବଜାରୀ ଫଳରେ ଚାଷ ପ୍ରଭାବିତ ହେଉଛି । କଳାହାଣ୍ଡିରେ ସାର ପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି । ଲୋକମାନେ ସାର ପାଇଁ ରାତିରୁ ଲାଇନ୍ ଲଗାଇଛନ୍ତି । ସେହିପରି ସୋନପୁର ଜିଲ୍ଲାରେ ଚାଷୀ ମାନେ ରାସ୍ତାରୋକ କରିଛନ୍ତି । ସେପଟେ ଲ୍ୟାମ୍ପସରେ ସାର ଦୁର୍ନୀତି । ଖୋଲୁଛି ଦୁର୍ନୀତିର ଲମ୍ବା ତାଲିକା । ମାଲକାନଗିରି ମାଥିଲି ସଦରରେ ବିଭିନ୍ନ ଅନିୟମିତତା ଏବଂ ସାର ଦୁର୍ନୀତି ଉପରେ ତଦନ୍ତ କରିବ ସମବାୟ ବିଭାଗ । ଆଜି ମାଥିଲି କେସିସି ବ୍ୟାଙ୍କ ଅଧିକାରୀ ମନୋଜ କୁମାର ମଣ୍ଡଳ ସାର ତଦନ୍ତ କରିଛନ୍ତି । ଲ୍ୟାମ୍ପସର ସଭାପତିଙ୍କ ସ୍ୱାମୀ ତଥା ଡାଇରେକ୍ଟର ଏବଂ ଉପ ସଭାପତିଙ୍କ ସ୍ୱାମୀ ଡାଇରେକ୍ଟର ଆଗୁଆ ୟୁରିଆ ସାର ବକେୟା ନେଇଥିବା ଘଟଣାର ତଦନ୍ତ ହୋଇଛି । ଏପଟେ ମାଥିଲି ୫ ହଜାର ୪ ଶହ ୧୫ କୁଇଣ୍ଟାଲ ସାର ଦିଆଯାଇଛି ।

### ପ୍ରଗତିର ପ୍ରୟୋଗଶାଳାରେ ବିକାଶ ବାଟବଣା

# ୫୭ ବର୍ଷର ପରେ ବି ମିଳିନି ମୌଳିକ ସୁବିଧା



**ଧର୍ମଶାଳା,୫।୯(ସଂଚାର ବ୍ୟୁରୋ):** ବ୍ଲକ ହରିଦାସପୁର ପଞ୍ଚାୟତର ଆଦିବାସୀ ସାହି ଆଳିଜଙ୍ଗା। ଗାଁରେ ବିକାଶ ତ' ଛାଡ଼ ମୌଳିକ ସୁବିଧା ପାଇଁ ଚାଲିଛି ପ୍ରତିଦିନ ସଂଘର୍ଷ। ପାଣି ପାଇଁ ଅନ୍ୟ ଗାଁକୁ ଚାଲ, ନହେଲେ ପୋଖରୀ ପାଣି ପିଅ। କାରଣ ଗାଁରେ ଥିବା ଏକମାତ୍ର ନଳକୂପରୁ ବାହାରୁଛି ଦୂଷିତ ପାଣି। ପକ୍କା ଘର ଖଣ୍ଡିଏ ବି ନାହିଁ । କିଏ ଘର ଉପରେ ଜରିପାଲ ପକେଇଛି ତ' ଆଉ କାହା ଘର ଉପରେ ଘାସ ଉଠିଗଲାଣି। ଆବାସ ଯୋଜନା ସାତ ସପନ । ଏ ଅବସ୍ଥା ପାଇଁ ଦିବଙ୍ଗତ ବିଧାୟକ କଳ୍ପତରୁ ଦାସ ଓ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଦୋଷ ଦେଇଛନ୍ତି ଗ୍ରାମବାସୀ ।

୫୭ ବର୍ଷ ତଳେ କିଛି ଶ୍ରମିକ ଶ୍ରେଣୀର ଲୋକ କାମଧନ୍ଦା ଅନ୍ୱେଷଣରେ ଆସି ଆଳିଜଙ୍ଗାରେ ରହୁଛନ୍ତି। ସମୟକ୍ରମେ ଏମାନଙ୍କ ସଂଖ୍ୟା ବଢ଼ିଛି। ଗାଁରେ ରହୁଥିବା ୬୦ଟି ପରିବାରକୁ ଭୋଟର ତାଲିକାରେ ବି ସାମିଲ କରାଯାଇଛି । ହେଲେ ଆଜିଯାଏଁ ଏମାନଙ୍କୁ ଘର ପଟ୍ଟା ଖଣ୍ଡେ ମିଳିନି । ଖାଲି ସେତିକିରେ ଦୁଃଖ ସରୁନି, ଗାଁରୁ ବିଦ୍ୟୁତ୍ ସଂଯୋଗ ବି କଟିଯାଇଛି। ଅନ୍ଧାରରେ ଜୀବନ କାଟୁଛନ୍ତି ପରିବାର। ଏସବୁ ଦେଖି ପ୍ରଶ୍ନ ଉଠୁଛି, ଅବହେଳିତ ଆଦିବାସୀଙ୍କ ଦୁଃଖ କିଏ ବୁଝିବ? ସରକାର ଏଇ ନିରୀହ ଆଦିବାସୀଙ୍କ ସମସ୍ୟାର ସମାଧାନ ପାଇଁ ସରକାର ତତ୍ପରତା ଦେଖାଇବାର ରହିଛି ଆବଶ୍ୟକତା ।

## କଣାସରେ ଗୁରୁ ଦିବସ ପାଳିତ



**କଣାସ,୫।୯(ସଂଚାର ବ୍ୟୁରୋ):** ଆଜି ସାରା ରାଜ୍ୟରେ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକିଷ୍ଣଙ୍କ ଜନ୍ମ ଦିବସ ତଥା ଗୁରୁ ଦିବସ ପାଳନ କରାଯାଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ ପ୍ରତ୍ୟେକ ବିଦ୍ୟାଳୟ, ମହାବିଦ୍ୟାଳୟ, ଶିକ୍ଷାକେନ୍ଦ୍ର ମାନଙ୍କରେ ଗୁରୁଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ଡ. ସର୍ବପଲ୍ଲୀ ରାଧାକିଷ୍ଣଙ୍କ ଫଟୋ ଚିତ୍ରରେ ପ୍ରଥମେ ପୁଷ୍ପମାଲ୍ୟ, ଦୂପ, ଦୀପ ଦେଇ ପୂଜା ଅର୍ଚ୍ଚନା କରିବାପରେ ନିଜ ବିଦ୍ୟାଳୟର ଗୁରୁଜି ଗୁରୁମାଆ ମାନଙ୍କୁ ବସାଇ ପଦ ଧୌତ କରି ଫୁଲ, ଚନ୍ଦନ ଦେଇ ପୂଜା ଅର୍ଚ୍ଚନା କରିଥିଲେ। କଣାସ ଠାରେ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀମାନେ ପାରମ୍ପାରିକ ରିତୀରେ ଡ. ସର୍ବପଲ୍ଲୀ ରାଧାକିଷ୍ଣଙ୍କ ତୈଳଚିତ୍ରରେ ମାଲ୍ୟାଅର୍ପଣ କରି ତାଙ୍କ ପ୍ରତି ଶ୍ରଦ୍ଧା ଅଞ୍ଜଳି ଜଣାଇଥିଲେ। ପରେ ପରେ ଛାତ୍ରୀମାନେ ଗୁରୁପୂଜନ କରି ଗୁରୁବନ୍ଦନା ଗାନ କରିଥିଲେ। ଛାତ୍ରୀମାନେ ଓ ଶିକ୍ଷୟିତ୍ରୀଗଣ ଡ. ସର୍ବପଲ୍ଲୀ ରାଧାକିଷ୍ଣଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷୟିତ୍ରୀଗଣ ମହ୍ୱାନ ଗୁରୁପରମ୍ପରା ସମ୍ପର୍କରେ ଆଲୋକପାତ କରି ଗୁରୁ ଶିଶ୍ୟଙ୍କ ଆର୍ଦ୍ଦଶରେ ଅନୁପ୍ରାଣିତ ହେବାପାଇଁ ଛାତ୍ରୀମାନଙ୍କୁ ପରାର୍ମଶ ଦେଇଥିଲେ।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଫୁଲବାଣୀ,୫।୯(ସଂଚାର ବ୍ୟୁରୋ):** ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ କାର୍ଯ୍ୟାଳୟ ରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତ୍ରିଲୋଚନ ଖମାରି ଙ୍କୁ ଫିରିଙ୍ଗିଆ ବ୍ଲକ ତରଫରୁ ଅବସର କାଳିନ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଛି। ନିଜ ଘର ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରାମ ଗଡ଼ ଏବଂ ୩୮ ବର୍ଷ ଚାକିରୀ କାଳରେ ପ୍ରଥମେ ବୌଦ୍ଧ ଜିଲ୍ଲାର କଣ୍ଟା ମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତରେ ୧୯୮୮ ମସିହାରେ ନିଜର ଚାକିରୀ ଜୀବନ ଆରମ୍ଭ କରିଥିଲେ ଓ ପରେ କନ୍ଧମାଳ ଜିଲ୍ଲାକୁ ବଦଳି ହୋଇଥିଲା। କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି, ବାଲିଗୁଡା, କେ ନୂଆଗାଁ, ଖଜୁରୀ ପଡ଼ା ଓ ଫିରିଙ୍ଗିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବରେ ନିଜ ଦାୟିତ୍ୱ କୁ ତୁଲାଇଥିଲେ। ଚାକିରୀ ଜୀବନ ର ଶେଷ ଚାକିରୀ ଫିରିଙ୍ଗିଆ ବ୍ଲକ ର ପବିଙ୍ଗିଆ ପଞ୍ଚାୟତ ରେ ଚଳିତ ଅଗଷ୍ଟ ୩୧ ତାରିଖ ରେ ଚାକିରୀ କାଳ ସମାପ୍ତି ହୋଇଛି। ଚାକିରୀ ସମୟରେ କାର୍ଯ୍ୟ କରିଥିବା ପଞ୍ଚାୟତ ରେ ବିନା ସମସ୍ୟା ରେ ଜନସାଧାରଣ ଙ୍କ ସହ ସୁ ସମ୍ପର୍କ ସ୍ଥାପନ କରି ଶାନ୍ତି ର ସହ ଚାକିରୀ କାଳ ସାରିଥିବା କହିଛନ୍ତି ଖମାରି। ଚାକିରୀ କାଳ ସରିବା ପରେ ଫିରିଙ୍ଗିଆ ବ୍ଲକ ତରଫରୁ ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ସଭା ଗୃହ ରେ ଆଜି ଏକ ବୈଠକ ଆୟୋଜନ କରିବା ସହ ବିଭିନ୍ନ ଉପହାର ଏବଂ ଉତ୍ତରୀୟ ଦେଇ ଅବସର କାଳିନ ସମ୍ବର୍ଦ୍ଧନା ଦିଆ ଯାଇଛି। ଏହି ଅବସରରେ ଫିରିଙ୍ଗିଆ ଗୋଷ୍ଠୀ ଉର୍ଣ୍ଣୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ଏ ପି ଓ ସୁମନ୍ତ ଉଠାଣ ସିଂ, ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ଜେନା, ପିଇଓ ଚକ୍ରଧର ମହାରଣା କନିଷ୍ଠ ଯନ୍ତ୍ରୀ ସୁମନ୍ତ ଭୋଇ, ଲୀନ୍ମୟ ସ୍ୱାଇଁ, ଙ୍କ ସହ ପ୍ରତ୍ୟେକ ୨୪ ଟି ପଞ୍ଚାୟତ ର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏ ଡି ଇ ଓ, ଏବଂ ବ୍ଲକ କାର୍ଯ୍ୟାଳୟ ରେ କାର୍ଯ୍ୟରତ କର୍ମଚାରୀ ଉପସ୍ଥିତ ଥିଲେ ।

## ନିଆରା ଢଙ୍ଗରେ ଗୁରୁପୂଜନ ଉତ୍ସବ ପାଳିତ



**ସୁବର୍ଣ୍ଣପୁର,୫।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର କୋଶଳ ଉଚ୍ଚ ବିଦ୍ୟାଳୟରେ ଏକ ଅଭିନବ ଭାବରେ ଗୁରୁପୂଜନ ଉତ୍ସବ ପରିପାଳିତ ହୋଇଯାଇଛି। ପାଖାପାଖି ୬ ଟି ଜିଲ୍ଲାରୁ ସୁନାମଧନ୍ୟ ପ୍ରାୟ ୧୫ ଜଣ ଅବସରପ୍ରାପ୍ତ ଓ କର୍ମରତ ଶିକ୍ଷକମାନଙ୍କୁ କୋଶଳ ଉଚ୍ଚ ବିଦ୍ୟାଳୟ ତରଫରୁ ନିଆରା ଢଙ୍ଗରେ ପୂଜନ କରାଯାଇ ଶ୍ରେଷ୍ଠ ଗୁରୁ ସମ୍ମାନ -୨୦୨୫ ରେ ସମ୍ମାନିତ କରାଯାଇଥିଲା। ଇତ୍ୟବସରରେ ସୁବର୍ଣ୍ଣପୁର ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନାରାୟଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବାବେଳେ ସ୍ୱତନ୍ତ୍ର ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମାଝୀ ଓ ଉପ-ଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ ଯୋଗ ଦେଇ ଗୁରୁଦିବସ ତାତ୍ପର୍ଯ୍ୟ କହିବା ସାଙ୍ଗେ ଗୁରୁଙ୍କ ପରି ଜଣେ ମହାନ ସଂସ୍କାରକ ଓ ସୁମାନବ ହେବାକୁ ଭାଷଣ ମାଧ୍ୟମରେ କହିଥିଲେ। ସମ୍ମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ରାଉତ ଓ ବିଦ୍ୟାଳୟ ଗଠନର ପ୍ରାଣ ପ୍ରତିଷ୍ଠାତା ଓ ଅବସର ପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଯୋଗଦେଇ ଉତ୍ତମ ମାନବ ହେବାର ଦିଶା ନିର୍ଦ୍ଦେଶ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ



**ନବରଙ୍ଗପୁର,୫।୯(ସଂଚାର ବ୍ୟୁରୋ):** ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମଓରୋହ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ କାର୍ଯ୍ୟକ୍ରମ ରେ ମାନ୍ୟବର ବିଧାୟକ, ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ। ପାଳକା ରବୀନ୍ଦ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ, ଡକ୍ଟର ମଳୟ ରଞ୍ଜନ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ, ଡ ଓଁକାର ପଟ୍ଟନାୟକ, ପ୍ରିନ୍ସିପାଲ, ଜିଲ୍ଲା ଶିକ୍ଷକ ଓ ଶିକ୍ଷା ପ୍ରତିଷ୍ଠାନ, ପ୍ରକାଶ ମେହେର ଓ ଶ୍ରୀ ପ୍ରକାଶ ଚନ୍ଦ୍ର ମହାଳିକ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଶ୍ରୀ ସୁଦୀପ୍ତ କୁମାର ଦାସ, ପ୍ରଧାନ ଶିକ୍ଷକ, ଚିତ୍ତରଞ୍ଜନ ପଟ୍ଟନାୟକ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅତିଥି ଭାବେ ଯୋଗଦେଇଥିଲେ। ପ୍ରକାଶ ଚନ୍ଦ୍ର ମହାଳିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଧାୟକ ମାଝୀ ନବରଙ୍ଗପୁର ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ନିଆ ଯାଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ ଓ ଦେଶ ଗଠନରେ ଶିକ୍ଷକ ମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ ଓ ନବରଙ୍ଗପୁର ଜିଲ୍ଲା ଡ୍ରପ ଆଉଟ ପାଇଁ ଯେଉଁ ଦୁର୍ନାମ ଅଛି ତାହାକୁ ସମସ୍ତେ ମିଶି ଦୁର କରିବାକୁ ଆହ୍ୱାନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶିକ୍ଷାବିଭାଗ ଦ୍ୱାରା ପ୍ରସ୍ତୁତ ସ୍ପାର୍କ, ଶିକ୍ଷା ସେତୁ, ଲକ୍ଷ୍ୟ, ସୁପର ୧୦୦, ଗୋଣ୍ଡି ଓ ଭତ୍ରା ଭାଷାରେ ପ୍ରସ୍ତୁତ ଭିଡିଓ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମ ରେ ୧୪ ଜଣ ମାଧ୍ୟମିକ ଶିକ୍ଷକ, ୧୦ ଜଣ ପ୍ରାଥମିକ ଶିକ୍ଷକ ଓ ୧ ଜଣ ସି ଆର ସି ସି, ୩୮ ଜଣ ମାଧ୍ୟମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମାନଙ୍କୁ ଗତ ମାଟ୍ରିକ ପରୀକ୍ଷା ରେ ଶତ ପ୍ରତିଶତ ଫଳ ପାଇଁ ସମ୍ମାନୀତ କରାଯାଇଥିଲା।

## ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟଘାଟ



**କଳାହାଣ୍ଡି,୫।୯ (ସଂଚାର ବ୍ୟୁରୋ):** ଧର୍ମଗଡ଼ ବ୍ଲକ ତାଲପଦର ଗ୍ରାମ୍ୟ କମିଟି ଆୟୋଜିତରେ ତାଲପଦର ଠାରେ ଅବସର ପ୍ରାପ୍ତ ଶିକ୍ଷକ ନାରାୟଣ ସାହୁଙ୍କ ସଭାପତିତ୍ୱରେ ହଳଦିଆ ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ। କାର୍ଯ୍ୟକ୍ରମରେ ଧର୍ମଗଡ଼ ଉପଖଣ୍ଡର ଧର୍ମଗଡ଼, ଜୁନାଗଡ଼, କଲମପୁର, ଜୟପାଟଣା ସମେତ କୋକସରା ବ୍ଲକ ର ସ୍ୱଜାତିର ଭାଇ ବନ୍ଧୁ ଏକତ୍ର ସମିଳାଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ କୁଳଦେବୀ ମାଁ ଚଣ୍ଡୀସମଲେଶ୍ୱରୀ ଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ନୀଳମଣି ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ଉପସଭାପତି ମୂରଲୀଧର ସାହୁ, ଯୁଗ୍ମ ସମ୍ପାଦକ ଆଶ୍ୱିନ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଦୀପଚାନ୍ଦ ସାହୁ, ଜିଲ୍ଲା ଉପସଭାପତି ତଥା କଲମପୁର ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଜୟପାଟଣା ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଧର୍ମଗଡ଼ ବ୍ଲକ ସଭାପତି ବସନ୍ତ କୁମାର ସାହୁ, ସମ୍ପାଦକ ବେଣୁଧର ସାହୁ, ଧର୍ମଗଡ଼ ବ୍ଲକ ସାଂଗଠାନିକ ସଭାପତି ଗିରିଧାରୀ ସାହୁ, କାଳିଆ ଗଞ୍ଜନ ସାହୁ, ବିରଞ୍ଚି ନାରାୟଣ ସାହୁ, ଅବସର ପ୍ରାପ୍ତ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, କୋକସରା ବ୍ଲକ ସଭାପତି ଗୌସୀଙ୍ଗ ସାହୁ, ଗୌରଚନ୍ଦ୍ର ସାହୁ, ଛବିଲାଲ ସାହୁ, ଅଞ୍ଚଳ ଉପସଭାପତି ତୁମୁରା ଉପେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ବ୍ଲକ ଉପଦେଷ୍ଟା କମିଟିର ସଦସ୍ୟ ବୁଦ୍ଧିଆ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କାଳିଆ ଗଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ଦିବସ



**ବୋରିଗୁମ୍ମା,୫।୯(ସଂଚାର ବ୍ୟୁରୋ):** ବୋରିଗୁମ୍ମା ଏବଂ କୁମୁଲି ମିଳିତ ରେ ୧୭ ଟି କ୍ଲଷ୍ଟର ରୁ ୧୭ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଙ୍କୁ ସର୍ବପଲ୍ଲୀ ଗୁରୁ ସମ୍ମାନ ରେ ସମ୍ମାନୀତ କରାଯାଇଥିଲା। ମଞ୍ଚାସୀନ ଅତିଥି ମାନେ ହେଲେ ସଭାପତି ବିଜୟ କୁମାର ଷଡଙ୍ଗୀ, ମୁଖ୍ୟ ଅତିଥି ଜଗନ୍ନାଥ ସାମନ୍ତରାୟ ପରିଚାଳକ, ମୁଖ୍ୟବ୍ୟକ୍ତା ସୁବାଷ ଚନ୍ଦ୍ର ମାଝୀ ଏବିଇଓ ସମ୍ମାନୀତ ଅତିଥି ସି.ଏଚ.ନାଗେଶ୍ୱର ରାଓ, ମୃତ୍ୟୁଞ୍ଜୟ ପଣ୍ଡା, ପ୍ରଫୁଲ୍ଲ ନାୟକ, ମହେନ୍ଦ୍ର ଶତପଥି, ରମାକାନ୍ତ ମହାପାତ୍ର, ଅନୀଲ ଦେବତା ଥିଲେ। ସସ୍ମିତା ରଥ ଉପସ୍ଥାପନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଏନ୍.କାମେଶ୍ୱର ରାଓ ଏବଂ ମୁନୁ ସାହୁ ପରିଚାଳନା କରିଥିଲେ। ବୋରିଗୁମ୍ମା ବ୍ଲକ୍ ର ୧୭ ଗୋଟି କ୍ଲଷ୍ଟର ରୁ ୧୭ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଙ୍କୁ ବ୍ଲକ୍ ସ୍ତରୀୟ ଗୁରୁ ସମ୍ମାନ ରେ ସମ୍ମାନୀତ କରାଯାଇଥିଲା। ନୂଆଗାଁ କ୍ଲଷ୍ଟର୍ର ତ୍ରିନାଥ ସାହୁ, ବିଜାପୁର କ୍ଲଷ୍ଟର ର ବସନ୍ତ କୁମାରୀ ପାତ୍ର, ସର୍ଗିଗୁଡା କ୍ଲଷ୍ଟର ର ଏମ.ସତ୍ୟ ନାରାୟଣ ଆଚାରୀ, ବୋରିଗୁମ୍ମା କ୍ଲଷ୍ଟର ର ମହେନ୍ଦ୍ର କୁମାର ତ୍ରିପାଠୀ, ମହୁଲି କ୍ଲଷ୍ଟର୍ର ଶିବରାମ ପୂଜାରୀ, ବି ସିଂହପୁର କ୍ଲଷ୍ଟର ର ନବୀନ ଚନ୍ଦ୍ର ନାୟକ, କେନ୍ଦୁ ଗୁଡା କ୍ଲଷ୍ଟର ର ଗୋବିନ୍ଦ ଗରଡା, ଚଲାଣଗୁଡା ର ଉମାଶଙ୍କର ହାଲବା ଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ରମାକାନ୍ତ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗଡ଼ଦେଉଳିଆ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଗୁରୁ ପୂଜନ କାର୍ଯ୍ୟକ୍ରମ



**ବୈଶିଙ୍ଗା,୫।୯(ସଂଚାର ବ୍ୟୁରୋ):** ପୂର୍ବ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରୀଷ୍ଣନ ଙ୍କ ଜନ୍ମଦିବସ କୁ ସାରା ଦେଶରେ ଶିକ୍ଷକ ଦିବସ ଭାବେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ସ୍କୁଲ କଲେଜ ସମେତ ବିଭିନ୍ନ ଅନୁଷ୍ଠାନ ମଧ୍ୟ ଏହି ଦିବସ କୁ ପାଳନ କରିଥାନ୍ତି। ବରିଷ୍ଠ ତଥା ଅବସର ପ୍ରାପ୍ତ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ସମ୍ମାନୀତ କରିବା ପାଇଁ ବୈଶିଙ୍ଗା ଥାନା ଅଧିନ ଗଡ଼ଦେଉଳିଆ ସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ଏକ ଅଭିନବ ପ୍ରୟାସ କରାଯାଉଥିଲା। ଶୁକ୍ରବାର ଅପରାହ୍ନ ରେ ବ୍ୟାଙ୍କ ପରିସରରେ ଏଥିପାଇଁ ଏକ ଉତ୍ସବର ଆୟୋଜନ କରାଯାଇଥିଲା ବ୍ୟାଙ୍କର ଚିଫ୍ ମ୍ୟାନେଜର ଗୋବର୍ଦ୍ଧନ ଦାସ ଏବଂ ବ୍ରାଞ୍ଚ ମ୍ୟାନେଜର ବିବେକାନନ୍ଦ ବେହେରା ଉପସ୍ଥିତ ରହି ପେନସନ ଭୋଗୀ ମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଶ୍ରୀନଅରରେ ଗଜପତି ମହାରାଜାଙ୍କୁ ଭେଟିଦେଲେ ପୁସ୍ତକ



**କଣାସ,୫।୯(ସଂଚାର ବ୍ୟୁରୋ):** ଶ୍ରୀଜଗନ୍ନାଥଙ୍କ ଆଦ୍ୟସେବକ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କୁ ପୁରୀ ଶ୍ରୀନଅରରେ ସାକ୍ଷାତ୍ କରି କଣାସ ଅଞ୍ଚଳର ସାରସ୍ୱତ ସାଧକ କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ ସ୍ୱରଚିତ ତିନୋଟି ନୂତନ ପୁସ୍ତକ ଓ ପୂର୍ବରୁ ପ୍ରକାଶିତ ପୁସ୍ତକମାନ ପ୍ରଦାନ କରିଥିଲେ। ଶ୍ରୀନଅରରେ ଅନୁଷ୍ଠିତ ସୁନିଆଁ ନୀତିକାନ୍ତି ପରେ ଶ୍ରୀ ଗଜପତି ମହାରାଜଙ୍କୁ ଭେଟି ନିଜ ପୁସ୍ତକ ପ୍ରଦାନ ସମୟରେ ନେବଳ ଦାସ ମଠ ମହନ୍ତ ଡ ରାମ ଚରଣ ଦାସ, ବଳରାମ କୋଟ ମଠ ମହନ୍ତ ରଘୁବିର୍ ଦାସ, ଝାଞ୍ଜପିଟା ମଠାଧୀଶ ସଚ୍ଚିଦାନନ୍ଦ ଦାସଙ୍କ ସମେତ ବହୁ ସାଧୁସନ୍ଥ, ଶ୍ରୀମନ୍ଦିର ସେବାୟତ, ପଣ୍ଡିତ ଦେବିପ୍ରସାଦ ରାଜଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉ କି ଶ୍ରୀ ଶ୍ରୀଚନ୍ଦନ ତିନିଦଶନ୍ଧି ଧରି ପ୍ରବଚନ, ଧାରା ବିବରଣୀ ଓ ସାହିତ୍ୟ ସର୍ଜନାରେ ନିମଗ୍ନ ରହି ଏକୋଇଶି ଖଣ୍ଡ ପୁସ୍ତକ ରଚନା କରିଛନ୍ତି। ଶିକ୍ଷାମନ୍ତ୍ରୀ ଓ ରାଜ୍ୟପାଳଙ୍କ ଠାରୁ ଗୁରୁବ୍ରହ୍ମା ସମ୍ମାନ ମଧ୍ୟ ଗ୍ରହଣ କରିଥିଲେ।

## ରାଇକମା ଆଶ୍ରମ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ

**ବୈଶିଙ୍ଗା,୫।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ଆଶ୍ରମ ବିଦ୍ୟାଳୟରେ ପୂର୍ବ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଜନ୍ମ ଦିବସରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁପୂଜନ ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍, ଚିତ୍ରାଙ୍କନ, ବକ୍ତୃତା, ଅଭିନୟ (ଅନନ୍ୟଶିଷ୍ୟଶ୍ରେଷ୍ଠ ଆରୁଣିଉପାଖ୍ୟାନ) ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଗଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ସହିତ ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ପୋଖରୀରେ ବୁଡି ବୃଦ୍ଧା ମହିଳା ମୃତ



**ବୈଶିଙ୍ଗା, ୫।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ କଦଳିଆ ଗ୍ରାମରେ ଶୁକ୍ରବାର ସକାଳେ ଜନୈକା ବୃଦ୍ଧା ମହିଳାଙ୍କ ଗ୍ରାମ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ଜଣାଯାଇଛି। ଖବରରୁ ପ୍ରକାଶ କଦଳିଆ ଗ୍ରାମର ସ୍ୱର୍ଗତ ଚେମା ଦତ୍ତ ଙ୍କ ବିଧବା ପତ୍ନୀ ଗୁନ୍ଦମଣୀ ଦତ୍ତ (୭୨) ଶୁକ୍ରବାର ଭୋର ସମୟରେ ବାହାରକୁ ପାଇଖାନା ଯାଇ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ପାଣି ଅଧିକ ଥିବାରୁ ଗୋଡ ଖସିଯିବା ଯୋଗୁଁ ବୁଡି ଯାଇଥିବା ଅନୁମାନ କରାଯାଏ।ସକାଳ ହେବା ପରେ ବହୁ ଖୋଜାଖୋଜି କରିବାପରେ ପୋଖରୀରେ ଭାସୁ ଥିବାର ଦେଖା ଯାଇଥିଲା।

ପରିବାର ଲୋକ ତଥା ଗ୍ରାମବାସୀଙ୍କ ସହାୟତା ରେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନିଆଯିବା ପରେ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ।ତାଙ୍କର ମରଶରୀର ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନ ରେ ଆଣି ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ଓ ଏ ନେଇ ବୈଶିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଗୁରୁ ଦିବସ ପାଳିତ



**ବାଲିପାଟଣା,୫।୯(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନ ତୁରିନ୍ତିରା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ଆଜି ପବିତ୍ର ଗୁରୁଦିବସ ପାଳନ କରାଯାଇଛି। ସୂଚନାଯୋଗ୍ୟ ଯେ ୧୯୬୨ ମସିହା ସେପ୍ଟେମ୍ବର ମାସ ପାଞ୍ଚ ତାରିଖ ଠାରୁ ଭାରତର ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଏହି ଗୁରୁଦିବସ ପରମ୍ପରା ପ୍ରଚଳିତ ହୋଇଆସୁଛି। ଯେହେତୁ ଗୁରୁ ମାନେ ହେଉଛନ୍ତି ମାର୍ଗଦର୍ଶକ ଏବଂ ଭବିଷ୍ୟତ ଗଠନରେ ଗୁରୁଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସେଥିପାଇଁ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ତଥା ଦାର୍ଶନିକ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ତାଙ୍କର ଜନ୍ମଦିବସ କୁ ସମସ୍ତ ଗୁରୁ ମାନଙ୍କ ପାଇଁ ସମର୍ପିତ କରି ଯାଇଛନ୍ତି। ଏହି ଅବସରରେ ଆଜି ବିଦ୍ୟାଳୟର ଅଧ୍ୟକ୍ଷା ରତ୍ନପ୍ରଭା ତ୍ରିପାଠୀ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଛାତ୍ରଛାତ୍ରୀ ମାନେ ଗୁରୁ ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ସମସ୍ତ ଗୁରୁଜୀ ଗୁରୁମା ମାନେ ପିଲାମାନଙ୍କୁ ଅନେକ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ। ସାମୁହିକ ଭାବରେ ଛାତ୍ରଛାତ୍ରୀ ମାନେ ଗୁରୁବନ୍ଦନା ଗାନ କରିବା ସହିତ ଗୁରୁଜୀ ଗୁରୁମା ମାନଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ। ଆଜିର କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବନ୍ଧାହେଲେ ୨ ମହିଳା, ୬୦ ଲିଟର ଦେଶୀମଦ ଜବତ

**ଦିଗପହଣ୍ଡି,୫।୯(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ମମତା ଦଳେଇଙ୍କୁ ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା ଶୁକ୍ରବାର ସକାଳେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ତାଙ୍କ ନିକଟରୁ ୪୦ ଲିଟର ଅପମିଶ୍ରିତ ଦେଶୀମଦ ଜବତ କରାଯାଇଛି।

ଅବକାରୀ ମାମଲା ନଂ.୪୦/୨୫-୨୬ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି।

## ନାବାଳିକା ଅସଦାଚରଣ ମାମଲା: ଜେଲ ଗଲା ଅଭିଯୁକ୍ତ

**ବାଲିଅନ୍ତା,୫।୯(ସଂଚାର ବ୍ୟୁରୋ):** ନାବାଳିକା ଅସଦାଚରଣ ମାମଲାରେ ଆଜି ବାଲିଅନ୍ତା ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲା ବାଲିଅନ୍ତା ଥାନା ଅଧୀନ ଅଲାରପୁର ଗ୍ରାମର ରାଜ କିଶୋର ସେଠୀ ( ୩୨ )। ତେବେ କୋର୍ଟରେ ରାଜ କିଶୋର ଜାମିନ ନାମଞ୍ଜୁର ହୋଇଯିବାରୁ ଝାରପଡା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନାବାଳିକା ପୀଡ଼ିତାଙ୍କ ଲିଖିତ ରିପୋର୍ଟ ଆଧାରରେ ବର୍ତ୍ତମାନର ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ସମୟରେ, ଅଭିଯୁକ୍ତ ରାଜ କିଶୋର ସେଠିକୁ ଗିରଫ କରାଯାଇ ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ତା ୦୩.୦୯.୨୦୨୫ ଦିନ ପ୍ରାୟ ୧୧.୩୦ ସମୟରେ, ନାବାଳିକା ପୀଡ଼ିତା କଲେଜ ଯାଉଥିବା ସମୟରେ, ଅଭିଯୁକ୍ତ ତାଙ୍କୁ ରାସ୍ତାରେ ଭୁଲ ଭାବରେ ଅଟକାଇଥିଲେ, ଅଶ୍ଳୀଳ ଭାଷାରେ ଦୁର୍ବ୍ୟବହାର କରିଥିଲେ, ତାଙ୍କୁ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ, ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ଏବଂ ଅସଦାଚରଣ କରିଥିଲେ। ସେ ନାବାଳିକା ପୀଡ଼ିତା ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଧମକ ମଧ୍ୟ ଦେଇଥିଲେ। ତଦନ୍ତ ସମୟରେ, ନାବାଳିକା ପୀଡ଼ିତା ଏକ ଚିଠି ଏବଂ କିଛି ଫଟୋଗ୍ରାଫ୍ ଉପସ୍ଥାପନ କରିଥିଲେ, ଯାହାକୁ ପ୍ରମାଣ ସ୍ୱରୂପ ଜବତ କରାଯାଇଥିଲା। ତଦନ୍ତରୁ, ଏହା ନିଶ୍ଚିତ ହୋଇଛି ଯେ ଅଭିଯୁକ୍ତ ଜଣକ ନାବାଳିକା ପୀଡ଼ିତାଙ୍କ ସମ୍ପର୍କୀୟ ଏବଂ ପରିବାରର ବାରମ୍ବାର ଆପତ୍ତି ସତ୍ତ୍ୱେ ତାଙ୍କୁ ବାରମ୍ବାର ଅନୁସରଣ କରି ଧମକ ଦେଉଥିଲେ।




# ଖଜୁରୀ ଖାଇବାର ଫାଇଦା




ଯଦି ଆପଣ ଡ଼ାଏଟରେ ମିଠା ଅନ୍ତର୍ଭୂକ୍ତ କରିବାକୁ ଚାହୁଁଛନ୍ତି ତେବେ ଏଥିରେ କିଛି ଭୁଲ ନାହିଁ। ଏହା ପରିବର୍ତ୍ତେ, ଆପଣ ଶକ୍ତି ପାଇବେ ଏବଂ ଫିଟ ଅନୁଭବ କରିବେ। ଯଦି ଆପଣ ଖଜୁର ଖାଇବାକୁ ପସନ୍ଦ କରନ୍ତି। ତେବେ ଏହା ଆପଣଙ୍କ ପାଇଁ ଅଧିକ ଖୁସି ଖବର। ଖଜୁର ଉଭୟ ଶରୀର ଏବଂ ମନ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ଆପଣ ଜାଣନ୍ତି କି, ଗୋଟିଏ ସପ୍ତାହ ପାଇଁ ପ୍ରତିଦିନ ତିନିଟି ଖଜୁର ଖାଇ ଆପଣ ଅନେକ ରୋଗ ଦୂର କରିପାରିବେ। ଆସନ୍ତୁ ଜାଣିବା ପ୍ରତିଦିନ ଖଜୁର ଖାଇବାର ଉପକାର। ଖଜୁରରେ କୋଲନ କର୍କଟ ହେବାର ଆଶଙ୍କା କମଥାଏ। ହଜମ ପାଇଁ ଖଜୁର ଭଲ ବୋଲି ବିବେଚନା କରାଯାଏ। ପ୍ରତିଦିନ ଖଜୁରୀ ଖାଇବା ପେଟକୁ ଠିକ ରଖେ ଏବଂ କ୍ଷତିକାରକ ଜୀବାଣୁ ମଧରେ ଦୂରରେ ରୁହନ୍ତି। ହଜମ ପ୍ରକ୍ରିୟା ଠିକ ଭାବରେ ପରିଚାଳିତ ହେଲେ କୋଲନ କର୍କଟ ହେବାର ଆଶଙ୍କା କମିଯାଏ। ଖଜୁରୀ ସବୁବେଳେ ଶକ୍ତି ଦେଇଥାଏ। ଖଜୁରୀ ଗୁଡ଼ିକରେ ପ୍ରାକୃତିକଚିନି, ଗ୍ଲୁକୋଜ, ଫ୍ରୁକଟୋଜ ଏବଂ ସୁକ୍ରୋଜ ଥାଏ। ଯାହାକି ଆପଣ ଯେତେବେଳେ ଆବଶ୍ୟକ କରନ୍ତି ଯେତେବେଳେ ଆବଶ୍ୟକ କରନ୍ତି ତୁରନ୍ତ ଶକ୍ତି ପ୍ରଦାନ କରନ୍ତି। ଖଜୁରୀ ଗୁଡ଼ିକରେ ଫାଇବର, ପୋଟାସିୟମ, ମାଗ୍ନେସିୟମ, ଭିଟାମିନ ଏବଂ ଆଣ୍ଟିଅକ୍ସିଡ଼ାଣ୍ଟ ଥାଏ ଯାହା ଶକ୍ତି ସ୍ତର ବଜାୟ ରଖେ। ଡ଼ାଇଜେସନରେ ଉନ୍ନତି ଆଣିଥାଏ। ଯଦି ତୁମେ ତୁମର ହଜମ ପ୍ରକ୍ରିୟାକୁ ଭଲ ରଖିବାକୁ ଚାହଁଛ, ତେବେ ଖଜୁରୀ ଖାଇବା ତୁମ ପାଇଁ ଏକ ଉତ୍ତମ ବିକଳ୍ପ। ଆପଣ କେବଳ ଗୋଟିଏ କପ ଖଜୁରୀରେ ୧୨ଗ୍ରାମ ଫାଇବର ପାଇବେ, ଯାହା ଆପଣଙ୍କର ନିୟମିତ ଖାଦ୍ୟରେ ୪୮ପ୍ରତିଶତ ଅଟେ। ଖଜୁରୀ ଗୁଡ଼ିକରେ ଭିଟାମିନ ବି୬ଥାଏ। ଯାହା ଶରୀରକୁ ସେରୋଟୋନିନ ଏବଂ ନୋରପାଇଫ୍ରିନ ତିଆରି କରିବାରେ ସାହାର୍ଯ୍ୟ କରି ଥାଏ। ସେରୋଟୋନିନ ମନୋବଳକୁ ନିୟନ୍ତ୍ରଣ କରିଥାଏ ଏବଂ ନୋରପାଇଫ୍ରିନ ଶରୀରକୁ ଚାପକୁ ସାମ୍ନା କରିବାରେ ସାହାଯ୍ୟ କରିଥାଏ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଭିଟାମିନ ବି ୬ର ଅନବତି ମଧ ଅବସାଦର କାରଣ ହୋଇପାରେ।



# ପୁରୁଷଙ୍କ ତ୍ୱଚା ପାଇଁ କମଳା ଚୋପା ଫେସପ୍ୟାକ୍

ଯୁବତୀମାନେ ନିଜକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଯୁବକମାନେ ଏହି କ୍ଷେତ୍ରରେ ନିଜର ସମୟ କମ୍ ଦେଇଥାନ୍ତି। କିନ୍ତୁ ଆଜିକାଲିର ଯୁବକ ନିଜକୁ ଷ୍ଟାଇଲିଶ ଏବଂ ସୁନ୍ଦର କରିବା ପାଇଁ କିଛି ମାତ୍ରାରେ ଏଥିପତି ସମୟ ଦେବାକୁ ଆରମ୍ଭ କଲେଣି। ଯୁବତୀମାନଙ୍କ ତ୍ୱଚା ତୁଳନାରେ ଯୁବକଙ୍କ ସ୍କିନ ଟାଇପ ଅଲଗା ଅଲଗା ହୋଇଥାଏ। ଯଦି ଯୁବକମାନେ ନିଜର ତ୍ୱଚାକୁ ସୁନ୍ଦର କରିବାକୁ ଚାହୁଁଛନ୍ତି, ତେବେ କମଳା ଚୋପାର ଫେସପ୍ୟାକ ସର୍ବୋତ୍ତମ ରହିଥାଏ। କମଳା ଚୋପାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଯୋଗୁଁ ସ୍କିନ ପୋରର୍ସ ଖୋଲିଯାଇଥାଏ। ଏହାକୁ ପୁରୁଷମାନେ ବ୍ୟବହାର କରିବା ଯୋଗୁଁ ତ୍ୱଚା ଉଜ୍ୱଳ ହୋଇଥାଏ। ତେବେ ଆସନ୍ତୁ ଜାଣିବା କିପରି କରିବା ବ୍ୟବହାର କିଛି କମଳା ଚୋପା, ଦହି ଏକ ବଡ ଚାମଚ ଆଣିବେ। ସର୍ବପ୍ରଥମେ କମଳା ଚୋପାକୁ ଭଲଭାବେ ପେଷ୍ଟ କରି ଦିଅନ୍ତୁ। ଏବେ ଏଥିରେ ଦହି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରିଦିଅନ୍ତୁ। ଏହାକୁ ମୁହଁରେ ୧୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ଛାଡିଦିଅନ୍ତୁ। ଏହା ହାଲକା ଭାବେ ଶୁଖିଗଲା ପରେ ମୁହଁକୁ ପାଣିରେ ଧୋଇଦିଅନ୍ତୁ। ଧୋଇବା ସାରିବା ପରେ ଆପଣ ନିଶ୍ଚିତ ଫରକ ଅନୁଭବ କରିପାରିବେ।

# ସୁସ୍ଥ ଜୀବନର କିଛି ଟିପ୍ସ୍



ଯେ କୌଣସି ସଂକ୍ରାମକ ରୋଗରୁ ବର୍ତ୍ତିବା ପାଇଁ ଶରୀରର ରୋଗପ୍ରତିରୋଧକ ଶକ୍ତି ଭଲ ଥିବା ଜରୁରୀ। କେତୋଟି ସହଜ ତଥା ସରଳ ଉପାୟରେ ପ୍ରତ୍ୟେକ ବୟସର ଲୋକ ନିଜ ସ୍ୱାସ୍ଥ୍ୟକୁ ନିରୋଗ ରଖିପାରିବେ।

- ସକାଳୁ ୫-୭ ମିନିଟ ଧ୍ୟାନ କରିବା ସହ ଯୋଗାଭ୍ୟାସ କରିବା ସ୍ୱାସ୍ଥ୍ୟ ପାଇଁ ହିତକାରୀ। ଛାତ ଉପରେ କିମ୍ବା ବାଲକୋନିରେ ୨୦-୨୫ ମିନିଟ୍ ଚଲାବୁଲା କରନ୍ତୁ, ଯେଉଁଠାରେ ସୂର୍ଯ୍ୟକିରଣ ବିଚ୍ଛୁରିତ ହୋଇପଡୁଥିବ।
- ରାତିରୁ ପାଣିରେ ୪-୫ଟି କିସ୍ମିଶ୍ ବତୁରାଇ ରଖନ୍ତୁ। ସକାଳୁ ଉଠି ପ୍ରଥମେ ଖାଲିପେଟରେ ସେହି ବତୁରା କିସ୍ମିଶ୍ ଖାଇ ପରେ ଅନ୍ୟ କାମ କରିବା ଉଚିତ। ଏଥିରେ ଥିବା ପଲିଫେନୋଲିକ୍ ଫାଇଟୋନ୍ୟୁଟ୍ରିଏଣ୍ଟସ୍ ଶରୀରକୁ ଥଣ୍ଡା, ସର୍ଦି ରୋଗ ସହ ଅନ୍ୟାନ୍ୟ ସଂକ୍ରମିତ ରୋଗରୁ ରକ୍ଷା କରେ।
- ସକାଳବେଳା ଚା' ପିଇବା ଅଭ୍ୟାସ ଥିଲେ, ସେଥିରେ ଅଦା ରସ ନିଶ୍ଚିତ ଭାବେ ମିଶାଇ ପିଅନ୍ତୁ। ଅଦା ରସ ଚା'ର ସ୍ୱାଦ ବଢ଼ାଇବା ସହ ଆମ ଶରୀରକୁ ଶକ୍ତି ଯୋଗାଇଥାଏ। ଭିଟାମିନ୍ ସି, ମ୍ୟାଗ୍ନେସିୟମ୍ ଭରପୂର ଅଦା ଚା' ନିୟମିତ ପିଇ ଏକ ସୁସ୍ଥ ଜୀବନଶୈଳୀ ଅତିବାହିତ କରନ୍ତୁ।
- ବଜାରର ବିଭିନ୍ନ ପ୍ରକାର ରିଫାଇନ୍ ତେଲ ବ୍ୟବହାର ବନ୍ଦ କରି ଶୁଦ୍ଧ ଦେଶୀ ଘିଅ, ସୋରିଷ ତେଲ ଓ ନଡ଼ିଆ ତେଲ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡାକ୍ତରୀଦଳଙ୍କ ମତରେ ଭାରତୀୟ ଲୋକଙ୍କ ରୋଗପ୍ରତିରୋଧକ ଶକ୍ତି ଉତ୍ତମ ହେବା ପଛର ଅନ୍ୟତମ ମୁଖ୍ୟ କାରଣ ହେଲା, ସେମାନେ ରିଫାଇନ ତେଲର କମ ବ୍ୟବହାର କରନ୍ତି।
- ପ୍ରତ୍ୟେକ ବ୍ୟଞ୍ଜନରେ ରସୁଣ ବଟା ବ୍ୟବହାର କରନ୍ତୁ, ଯୁବପିଢ଼ି ଓ ବୟସ୍କଙ୍କର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ରସୁଣ ମହୌଷଧି ପରି କାମ କରେ।
- ଥଣ୍ଡା ପାଣି ପିଇବାର ଅଭ୍ୟାସ ବନ୍ଦ କରନ୍ତୁ। ନିୟମିତ ଉଷୁମ ପାଣି ପିଅନ୍ତୁ। ଏହା ଦ୍ୱାରା ହଜମ ସଠିକ ରୂପେ ହେବା ସହ ଛାଡା ସଫା ହେବ ଓ ନିରୋଗୀ ରହିବେ।



# ଓଜନ ହ୍ରାସ କରେ କେଶର

ଭାରତୀୟ ଖାଦ୍ୟରେ ବ୍ୟବହୃତ ହେଉଥିବା ମସଲା ଗୁଡିକୁ ମଧ୍ୟରୁ ଗୋଟିଏ ହେଉଛି କେଶର ବା ସାଫ୍ରୋନ୍। ଏହା ମହଙ୍ଗା ହୋଇଥିଲେ ମଧ ଅନେକ ଔଷଧୀୟ ଗୁଣରେ ଭରପୂର। ଏଥିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥିବାରୁ କ୍ଷୀରରେ ମିଶାଇ ରୋଗୀ ଓ ଗର୍ଭବତୀଙ୍କୁ ପିଇବାକୁ ଦିଆଯାଇଥାଏ। କେଶର କେବଳ ଖାଦ୍ୟର ସ୍ୱାଦକୁ ବଢ଼ାଇ ନଥାଏ, ଏଥିରେ ଥିବା ପୋଷାକତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ତା'ହେଲେ ଆସନ୍ତୁ ଜାଣିବା କେଶରେ କଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି।

- ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଇଲେ ଭୋକ କମ୍ ଲାଗିଥାଏ। ଯଦି ଆପଣ ଅଧିକ ଓଜନକୁ ନେଇ ଚିନ୍ତାରେ ଅଛନ୍ତି, ତା'ହେଲେ ଦୈନନ୍ଦିନ ଡାଏଟରେ କେଶରକୁ ସାମିଲ କରନ୍ତୁ। ଏହାଦ୍ୱାରା ଓଜନ କମ୍ ହୋଇଥାଏ।
- କେଶର ଶରୀରରେ ହରମୋନକୁ ନିୟନ୍ତ୍ରଣ କରେ। ଯେଉଁ ମହିଳାଙ୍କର ଋତୁସ୍ରାବ ଜନିତ ସମସ୍ୟା ରହିଛି, ସେମାନଙ୍କୁ କେଶର ଖାଇବାକୁ ଦିଅନ୍ତୁ। କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ। କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ।
- ଜ୍ୱର, ଥଣ୍ଡା ଓ କାଶର ଚିକିତ୍ସା ପାଇଁ ମଧ କେଶରକୁ ବ୍ୟବହାର କରାଯାଇଥାଏ।
- ଗବେଷଣା ଅନୁସାରେ କେଶର ହାର୍ଟ ପାଇଁ ଭଲ। ତେଣୁ କେଶର ଖାଇଲେ ହାର୍ଟ ଆଟାକର ଆଶଙ୍କା କମ୍ ରହିଥାଏ।
- କେଶରରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଆଖିର ଦୃଷ୍ଟିଶକ୍ତି ବଢ଼ାଇଥାଏ।



# ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିଥାଏ ଅଳସୀ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ପ୍ରାୟତଃ ସମସ୍ତଙ୍କର ଉଚ୍ଚ ରକ୍ତଚାପ ସମସ୍ୟା ଦେଖିବାକୁ ମିଳିଥାଏ। ଏପରି ସମସ୍ୟା ହେଲେ ଧମନୀରେ ରକ୍ତର ଚାପ ବଢ଼ିଯାଏ। ଯଦି ଆପଣ ଏହି ସମସ୍ୟାର ଚିକିତ୍ସା ନକରାନ୍ତି, ତେବେ ହାର୍ଟ ଆଟାକ, ଷ୍ଟ୍ରୋକ ଏବଂ କିଡନୀ ଫେଲ ହେବାର ଆଶଙ୍କର ରହିଥାଏ। ଯଦି ଆପଣଙ୍କ ରକ୍ତଚାପ ଲଗାତାର ଭାବେ ୧୨୦/୮୦ରୁ ଅଧିକ ରହିଥାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଉଚ୍ଚ ରକ୍ତଚାପକୁ କମ୍ କରିବାକୁ ହେଲେ ଆପଣ ଅନେକ କଥାକୁ ଧ୍ୟାନ ଦେବାକୁ ହେବ। ଯଦି ଆପଣ ଜଙ୍କ ଫୁଡ୍, ମଦ୍ୟପାନ, ସ୍ମୋକିଂ କରୁଛନ୍ତି, ତେବେ ତୁରନ୍ତ ଏହି ଜିନିଷରୁ ଦୂରେଇ ରୁହନ୍ତୁ। କିନ୍ତୁ ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଅଳସୀ ଅର୍ଥାତ ଖାଇବା ଆରମ୍ଭ କରନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ ଫାଇଦାଯୁକ୍ତ। ଏହା ଅନେକ ରୋଗ ପାଇଁ ରାମବାଣ ହୋଇଥାଏ।

ଏହାକୁ ଖାଇବା ସମୟରେ ଚୋବାଇ ଖାଇବା ଉଚିତ୍। ଅନେକ ଲୋକ ଏହାକୁ ଭିଜାଇ ଖାଇବାକୁ ପସନ୍ଦ କରିଥାଏ। ଆପଣ ଯଦି ଚାହିଁବେ ଏହାକୁ ଗୁଣ୍ଡ କରି ପାଉଡର କରି ଖାଇପାରିବେ। ଏହା ବ୍ଲଡପ୍ରେସରକୁ କଣ୍ଟ୍ରୋଲ କରି ହାର୍ଟକୁ ସୁସ୍ଥ ରଖିଥାଏ। ଛଅମାସ ପର୍ଯ୍ୟନ୍ତ ପ୍ରତିଦିନ ଅଳସୀ ଖାଇବା ଉଚିତ୍। ଫଳରେ ହାର୍ଟଆଟାକ ହେବାର ୧୦ ପ୍ରତିଶତ ଆଶଙ୍କା କମ୍ ହୋଇଯାଇଥାଏ।

ଅଳସୀ ପୋଟାସିୟମ, ଓମେଗା ୩, ଫାଇବର ଭରପୂର ମାତ୍ରାରେ ରହିଥାଏ। ପୋଟାସିୟମ ୟୁରିନରେ ଥିବା ଅତିରିକ୍ତ ସୋଡିୟମକୁ ବାହାର କରିବାରେ କିଡନୀର ସାହାଯ୍ୟ କରିଥାଏ। ୧୦୦ ଗ୍ରାମ ଅଳସୀରେ ୮୧୩ ମିଲିଗ୍ରାମ ପୋଟାସିୟମ ରହିଥାଏ। ରକ୍ତ ଧମନୀ କୋଷିକାକୁ ମଜବୁତ କରିଥାଏ ଫାଇବର। ଯାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ଏଥିରେ ଥିବା ଆଲଫା ଲିନୋଲେନିକା ଏସିଡ ଏବଂ ଲିଗନାନ ଉଚ୍ଚ ରକ୍ତଚାପକୁ କଣ୍ଟ୍ରୋଲରେ ରଖିଥାଏ। ଯାହା। ପାଚନ ତନ୍ତ୍ର ଏବଂ ଡାଇବେଟିଜ ଜନିତ ରୋଗ ଆଶଙ୍କା କମ୍ କରିଥାଏ।

# ପ୍ରସ୍ତୁତ କରନ୍ତୁ କଞ୍ଚାଲଙ୍କା ଆଚାର



ଆବଶ୍ୟକୀୟ ସାମଗ୍ରୀ : କଞ୍ଚାଲଙ୍କା -୨୫୦ ଗ୍ରାମ, ଧନିଆ- ୧ଚାମଚ, ମଧୁରୀ-୧ଚାମଚ, ସୋରିଷ-୧ଚାମଚ, ମେଥି-୧ଚାମଚ, ହଳଦୀ ଅଧା ଚାମଚ, ହେଙ୍ଗୁ ଅଳ୍ପ, ଆମଚୁର ପାଉଡର-୨ଚାମଚ, ଭିନେଗାର-୧ଚାମଚ, ସୋରିଷ ତେଲ-୨ଚାମଚ, ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତ ପ୍ରଣାଳୀ : ଏହି ସ୍ୱାଦିଷ୍ଟ ଆଚାର ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ କଞ୍ଚାଲଙ୍କାକୁ ଧୋଇ ମଝିରୁ ଅଧା କାଟି ଶୁଖାଇ ଦିଅନ୍ତୁ। ତାପରେ ଏକ କଡେଇରେ ମଧୁରୀ, ମେଥୀ, ସୋରିଷ ଏବଂ ଧନିଆ ମିଶାଇ ଭାଜି ତାକୁ ଅଳ୍ପ ପେଶୀ ଦିଅନ୍ତୁ। ବର୍ତ୍ତମାନ ସମସ୍ତ ମସଲାକୁ ଉକ୍ତ ଲଙ୍କାରେ ମିଶାଇ ଦିଅନ୍ତୁ। ଏହିସବୁ ମସଲା ସହିତ ସେଥିରେ ହଳଦୀ, ଆମଚୁର ପାଉଡର ଏବଂ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏକ କଡେଇରେ ତେଲ ଗରମ କରି ସେଥିରେ ହେଙ୍ଗୁ ଏବଂ ସମସ୍ତ ଲଙ୍କା ମସଲା ପକାଇ ଘୋଡାଇ ଦିଅନ୍ତୁ। ବର୍ତ୍ତମାନ ଗ୍ୟାସ ବନ୍ଦ କରି ତିନିରୁ ଚାରି ମିନିଟ ପର୍ଯ୍ୟନ୍ତ ଘୋଡାଇ ଛାଡି ଦିଅନ୍ତୁ। ଏବେ ଏହାକୁ ଓହ୍ଲାଇ ଥଣ୍ଡା କରି ଏଥିରେ କିଛି ଭିନେଗାର ମିଶାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କ ସ୍ୱାଦିଷ୍ଟ ଲଙ୍କା ଆଚାର।

## ଖାଉଟି ସୁରକ୍ଷା ରାଜ୍ୟ ଉପସଭାପତିଙ୍କ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ



**କନ୍ଧମାଳ,୫।୯(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ୍ ଅଧୀନରେ ଥିବା ସୁଡ୍ରେଜୁ ପଞ୍ଚାୟତ ନିକଟସ୍ଥ ଭେଟଖୋଲ୍ ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଖାଉଟି ସୁରକ୍ଷା ରାଜ୍ୟ ଉପସଭାପତି ତଥା ପ୍ରିହମ୍ ଚାରିଟେବୁଲ୍ ଟ୍ରଷ୍ଟ ର ଅଧ୍ୟକ୍ଷ କୁନା ଦିଗାଲ ପରିଦର୍ଶନ କରିଥିଲେ। ଉକ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମେହେର ଏବଂ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କିଛି ଅଭିଭାବକ ମାନଙ୍କ ସହିତ ବିଦ୍ୟାଳୟ ର ପରିବେଶ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନ ଜାତି ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ ରାଜ୍ୟ ସରକାର ଙ୍କ ନିକଟରୁ ଆସୁଥିବା ସମସ୍ତ ସୁବିଧା କିପରି ସୂଚାରୁରୂପେ ପାଇପାରିବେ ସେନେଇଁ ଆଲୋଚନା କରିଥିଲେ। ତା ସହିତ ବିଦ୍ୟାଳୟ ରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ କିଛି ପାଠ ପଚାରିବା ସହିତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଛାତ୍ର ଛାତ୍ରୀ ମାନଙ୍କୁ କିପରି ଢଙ୍ଗରେ ପାଠ ପଢ଼ଉଛନ୍ତି ସେ ଉପରେ ପଚାରିବୁଝିଥିଲେ। ଛାତ୍ର ଛାତ୍ରୀ ମାନେ ଅତି ସୁନ୍ଦର ଭାବେ ଶୃଙ୍ଖଳାର ସହିତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆମକୁ ଶିକ୍ଷାଦାନ କରୁଥିବା କହିବା ସହିତ ଆମେ ମଧ୍ୟ ଶୃଙ୍ଖଳିତ ଭାବେ ଶିକ୍ଷା ଉପାର୍ଜନ କରୁଥିବା କହିଥିଲେ। ଏହି ବିଦ୍ୟାଳୟ ରେ ଖଜୁରୀପଡ଼ା ପଞ୍ଚାୟତ ସମିତି ତରଫରୁ ସ୍କୁଲ ଗୃହ ନିର୍ମାଣ ନିମନ୍ତେ ସରକାର ଅର୍ଥ ବ୍ୟୟ କରିଛନ୍ତି କିନ୍ତୁ ସେଇ ଅର୍ଥ ବ୍ୟୟ ରେ ସ୍କୁଲ ଗୃହ ନିର୍ମାଣ ହେବାରେ ବିଳମ୍ବ ହେଉଥିବାରୁ ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ବିଦ୍ୟାଳୟ ରେ ଖାଇବା ନିମନ୍ତେ ଡାଇନିଂ ହଲ୍ ନ ଥିବାରୁ ଛାତ୍ର ଛାତ୍ରୀ ମାନେ କିଏତ ସ୍କୁଲ ବାରଣ୍ଡା ରେ ଖାଉଛନ୍ତି ତ ଆଉ କିଏ ଗଛ ତଳେ ବସି ଖାଉଥିବା ଦେଖିଥିଲେ ଶ୍ରୀ ଦିଗାଲ।

**ସରକାରଙ୍କୁ ସହଯୋଗ କରୁଥିବା ସାମ୍ବାଦିକଙ୍କ ନାମରେ ଜାଗା ମାଫିଆ କରିଛନ୍ତି ମିଥ୍ୟା ମାମଲା**

# ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ତହସିଲଦାର

**କନ୍ଧମାଳ,୫।୯(ସଂଚାର ବ୍ୟୁରୋ):** ଓଡ଼ିଶାରେ ରାଜସ୍ୱ ମନ୍ତ୍ରୀ ଙ୍କ ଜବରଦଖଲ ଉଛେଦ ନିର୍ଦ୍ଦେଶ କୁ ଖଜୁରୀପଡ଼ା ତହସିଲଦାର ଅବମାନନା କରୁଥିବା ଚର୍ଚ୍ଚା ହେଉଛି। କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ୍ ନିକଟସ୍ଥ ବନ୍ଧ ଛକ ନିକଟରେ ଥିବା ଏକ ପରିବାର ବର୍ଗ ଯେକି ନିଜକୁ ରେପୁଟେର୍ଡ ଲେଡି ବଲି କହିବା ସହିତ ଖଜୁରୀପଡ଼ା ମାର୍କେଟ୍ ରେ ମୋର ଭଲ ନା ଅଛି ବଲି ଗର୍ବର ସହିତ କହୁଥିବା ବହୁ ଚର୍ଚ୍ଚିତ ରେପୁଟେର୍ଡ ଶ୍ରୀ ଚନ୍ଦନ ପଟ୍ଟନାୟକ ଙ୍କ ସ୍ତ୍ରୀ ସଞ୍ଜୁକ୍ତା ପଟ୍ଟନାୟକ। ଯାହାରକି ଫୋଟ ସ୍ଟୁଡ଼ିଓ, ଲକ୍ଷେ ତାଙ୍କର ଡ୍ରନ୍ କ୍ୟାମେରା, ଦାମୀ ମୋବାଇଲ୍, ଲୁଗା ଦୋକାନ୍, ଚାରି ଚକିଆ ଗାଡ଼ି ଏବଂ ଦୁଇ ଚକିଆ ଗାଡ଼ି ଥାଇ ମଧ୍ୟ ଖଜୁରୀପଡ଼ା ରେ ଥିବା ବିଜେଡି ସରକାର ର ପୂର୍ବତନ ଖାଦ୍ୟ ଯୋଗାଣ ଅଧିକାରୀ ଏବଂ ଗୋଷ୍ଠି ଉନ୍ନୟନ ଅଧିକାରୀ ଙ୍କୁ ମିଥ୍ୟା ତଥ୍ୟ ଦେଇ ରାସନ କାର୍ଡ ହାତେଇ ଥିଲେ। ଯେଉଁ ରାସନ କାର୍ଡ ର ନମ୍ବର (୧୬୦୬୦୯୧୧୯୯୪) ଆପଣ ମାନେ ନିଜେ ଦେଖି ପାରୁଥିବେ। ଦର୍ଶକ ବନ୍ଧୁ ଆପଣ ମାନେ ନିଜେ ଚିନ୍ତା କରନ୍ତୁ ଯେଉଁ ପରିବାର ରେ ଏତେ ସବୁ ସୁବିଧା ଅଛି ପରିବାର ଲୋକେ



ନିଜେ ସ୍ବୀକାର୍ କରୁଛନ୍ତି ଜେ ଆମେ ଏମିତି ରେପୁଟେର୍ଡ ଲୋକ, ମାର୍କେଟ୍ ରେ ଆମର ଭେଲୁ ଅଧିକ ଅଛି, ତାହେଲେ ରାସନ କାର୍ଡ ହାତେଇଥିଲେ କାହିଁକି ? ଖାଦ୍ୟମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଙ୍କ କହିବା କଥା ବା ତାଙ୍କର ନିର୍ଦ୍ଦେଶ ଥିଲା କି ଏପ୍ରିଲ ୧୫ ତାରିଖ ସୁଦ୍ଧା ଫିଜିକାଲି ରାସନ କାର୍ଡ ସର୍ଭେ କାମ ସରିବ ତାପରେ ନୂତନ ହିତାଧିକାରୀ ରାସନ କାର୍ଡ ପାଇବେ। ତାହା ମଧ୍ୟ ଲାଗୁ ହେଇ ଗରିବ ନିରୀହ ଅସହାୟ ଜନ ସାଧାରଣ ଲୋକଙ୍କୁ ନୂତନ ରାସନ କାର୍ଡ ଯୋଗାଇ ଦିଆ ଯାଉଅଛି। ଖାଉଟି ସୁରକ୍ଷା ରାଜ୍ୟ ଉପ ସଭାପତି କୁନା ଦିଗାଲ ଙ୍କ ନିକଟକୁ ଏ ବାବଦରେ ଅଭିଯୋଗ ଆସିବାରୁ ଶ୍ରୀ ଦିଗାଲ ଜିଲ୍ଲା ଖାଦ୍ୟଯୋଗାଣ ଅଧିକାରୀ ଙ୍କୁ ପଚାରି ବୁଝିଥିଲେ କି ଏହା କେତେ ଦୂର ସତ୍ୟ। ସତ୍ୟ। ପୂର୍ବତନ ଜିଲ୍ଲା ଅଧିକାରୀ ଜଣଙ୍କ ଏବାବଦରେ ମୋ ନଜର କୁ ଖବର ଆସିଲେ ତଦନ୍ତ କରି କାର୍ଡ କଟାଯିବ ବଲି ଉତ୍ତର ରଖିଥିଲେ। ଏହାପରେ ଖଜୁରୀପଡ଼ା ପଞ୍ଚାୟତ ରେ ପ୍ରଶାସନ ତରଫରୁ ତନାଘନା ପ୍ରକ୍ରିୟା ଆରମ୍ଭ ହେଇ ପ୍ରାୟ ୩୮ ଅଯୋଗ୍ୟ ପରିବାର ଙ୍କର ରାସନ କାର୍ଡ କାଟିଥିଲେ। ଗରିବ ନିରୀହ ଅସହାୟ ଲୋକେ ଏପଟେ ରାସନ କାର୍ଡଟେ ପାଇବା ନିମନ୍ତେ ଡହଳ ବିକଳ ହେଉଥିବା ବେଳେ ଧନୀ ହାତେଇ ଥିଲେ ରାସନ କାର୍ଡ। ଏକଥା ଆମେ କହୁନୁ ଦର୍ଶକ ବନ୍ଧୁ.. ଯାହାକି ପୂର୍ବ ନିୟୁଜ୍ ରେ ଆପଣ ମାନେ ନିଶ୍ଚିନ୍ତ ଦେଖି ଥିବେ ଏବଂ ଶୁଣି ଥିବେ ଏହି ପଟ୍ଟନାୟକ ପରିବାର ବା ସଞ୍ଜୁକ୍ତା ପଟ୍ଟନାୟକ ଏବଂ ତାଙ୍କ ସ୍ୱାମୀ ନିଜେ କହିଛନ୍ତି କି ଆମେ ରେପୁଟେର୍ଡ ଲୋକ, ଖଜୁରୀପଡ଼ା ରେ ହଉ କି ବାହାରେ ଆମର ବହୁତ୍ ସାରି ନା ରହିଅଛନ୍ତି। ଏତେ ସବୁ ଜଦି ତାଙ୍କର ଅଛି ତାହେଲେ ସରକାରୀ ଜମି ଉପରେ ପ୍ରବେଶ ଦଣ୍ଡ ନିୟ ବୋର୍ଡ ଲାଗିଥିବା ସତ୍ତ୍ୱେ ସେଠାରେ କପଡ଼ା ଘୋଡ଼େଇ ଜବରଦଖଲ କରିଛନ୍ତି କାହିଁକି ? ସରକାରୀ ଜମି ଜବରଦଖଲ କରି ଅନେକ ଗରିବ ନିରହ ଙ୍କ ସମେତ ଅନେକ ଧନୀଶାଳୀ ଲୋକେ ମଧ୍ୟ କବ୍ଜା କରିଥିବା ସରକାର ଙ୍କ ତଦନ୍ତ ରିପୋର୍ଟ ରୁ ଜଣାପଡ଼ିଛି।

## ରାଷ୍ଟ୍ରୀୟ ସମ୍ମିଳନୀରେ ଭାଗନେଲେ ସାଂସଦଙ୍କ ପ୍ରତିନିଧି

**ନୀଳଗିରି,୫।୯(ସଂଚାର ବ୍ୟୁରୋ):** ଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନରେ ମିନିଷ୍ଟ୍ରି ଅଫ ଷ୍ଟାଟିଷ୍ଟିକ୍ସ ଏଣ୍ଡ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେସନ, ଏବଂ ପାର୍ଲିଆମେଣ୍ଟାରି ଅଫେୟାର୍ସ ମନ୍ତ୍ରାଳୟ, ଭାରତ ସରକାର ଙ୍କ ଦ୍ୱାରା ଆୟୋଜିତ ଏକ ରାଷ୍ଟ୍ରୀୟ ସମ୍ମିଳନୀ ରେ ତଥା ପ୍ରଶିକ୍ଷଣ କର୍ମଶାଳା ରେ ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ପ୍ରତିନିଧି ଭାବେ ଶ୍ରୀ ଚନ୍ଦ୍ରବିନ୍ଦୁ ଦାସ ଯୋଗ ଦେଇ ବିଭିନ୍ନ ବିଷୟ ରେ ସକରାତ୍ମକ ମତ ପ୍ରକାଶ କରିବା ସହ, ସାଂସଦ ମାନଙ୍କୁ ପ୍ରତି ବର୍ଷ ୫ କୋଟି ଟଙ୍କା ଲୋକାଲ ଏରିଆ ଡେଭଲପମେଣ୍ଟ ଫଣ୍ଡ ଭାବେ ମିନିଷ୍ଟ୍ରି ଅଫ ଷ୍ଟାଟିଷ୍ଟିକ୍ସ ଏଣ୍ଡ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେସନ ଦ୍ୱାରା ଅନୁମୋଦନ କରାଯାଏ ମାତ୍ର ପ୍ରତିବର୍ଷ ସେଥିରୁ ୧୦ ଲକ୍ଷ ଟଙ୍କା ଆକସ୍ମିକତା ନାମ ରେ କଟିଯାଏ ଏବଂ ଜଣେ ସାଂସଦ ଙ୍କ ର ନିଜର ପାଞ୍ଚ ବର୍ଷ ର କାର୍ଯ୍ୟକାଳ ଭିତରେ ମୋଟ ୫୦ ଲକ୍ଷ ଟଙ୍କା କଟି ଯାଏ। ଦେଶର ସମସ୍ତ ଲୋକ ସଭା ଓ ରାଜ୍ୟ ସଭା ସାଂସଦ ଙ୍କର ସଂଖ୍ୟା ହେଉଛି ୭୯୦ ଜଣ।

## ବିଶ୍ୱରୂପା ସାହିତ୍ୟ ପତ୍ରିକା ପକ୍ଷରୁ ଗୁରୁପୂଜନ ଓ ସମ୍ବର୍ଦ୍ଧନା ସମାରୋହ

**ଦଶରଥପୁର,୫।୯(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଲକ୍ଷ୍ମୀପୁର ଗ୍ରାମ ପଦ୍ମାଳୟା ଭବନ ଠାରେ ପ୍ରତିବର୍ଷ ଭଳି ଏବର୍ଷ ବିଶ୍ୱରୂପା ସାହିତ୍ୟ ପତ୍ରିକା ପକ୍ଷରୁ ଆୟୋଜିତ ଗୁରୁପୂଜନ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱରୂପା ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ସଭାପତି ବିଶିଷ୍ଟ ଶିକ୍ଷାବିତ ତଥା ଆଇନଜୀବୀ ବୈକୁଣ୍ଠନାଥ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗୁରୁପୂଜନ ଓ ସମ୍ବର୍ଦ୍ଧନା ସମାରୋହରେ ଶିକ୍ଷାବିତ ମଧୁସୂଦନ ପୃଷ୍ଟି ପ୍ରଦୀପ ପ୍ରଜ୍ୱଳନ କରି ସଭାଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉକ୍ତ ସମାରୋହରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ଉମେଶ ଚନ୍ଦ୍ର ସାମଲ, ମୁଖ୍ୟ ବକ୍ତାଭାବେ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣୀ ମଲ୍ଲିକ, ସମ୍ମାନିତ ଅତିଥିଭାବେ ସାମ୍ବାଦିକ ଦିପ୍ତୀରଞ୍ଜନ ନାୟକ, ତ୍ରିଲୋଚନ ମାଝୀ, ଗଣନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱରୂପା ସାହିତ୍ୟ ପତ୍ରିକାର ସମ୍ପାଦକ ପ୍ରତାପ କୁମାର ପଣ୍ଡା ସଭା ପରିଚାଳନା କରିଥିବାବେଳେ ଛାତ୍ର ଛାତ୍ରୀ ସତୀଶ କୁମାର ପରିଡା, କେଶରି ପରିଡା, ପୁଷ୍ପରାଣୀ ପରିଡାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନକଲି ସୁନାଇଟା ଠକେଇ ଘଟଣା, ୫ ଅଟକ

ନୀଳଗିରି, ୦୫/୦୯ :- ନୀଳଗିରିରେ ନକଲି ସୁନା ଇଟା କାରବାର ଘଟଣାରେ ନୀଳଗିରି ପୋଲିସ ଓ ବରହମପୁର ପୋଲିସ ମିଳିତ ଭାବେ ଚଢ଼ାଉକରି ଏହାର ମୁଖ୍ୟ କରପୁରଦାର ନିଳଗିରି ଏନ.ଏ.ସି ବାଣପୁର ଗ୍ରାମର ବିଷ୍ଣୁ ମହାନ୍ତି ଙ୍କୁ ଅଟକ କରି ତଦନ୍ତ କରୁଥିବା ବେଳେ ମହାନ୍ତି ଙ୍କ ସମେତ ୪ ଜଣକୁ ଅଟକ କରିଛି ଏବଂ ଦୁଇଟି ବାଇକ୍, ୪ଟି ମୋବାଇଲ୍ ସହ ନଗଦ ତିନି ଲକ୍ଷ ଅଣାଅଶି ହଜାର ଟଙ୍କା ଜବତ କରାଯାଇଛି। ଏହି ଗୃପ ଅତି ଚତୁରତାର ସହ ହୋଲ୍ କରିଥିବା ସ୍ଥାନରେ ଗ୍ରାଇଡିଂ କରି ଅସଲି ସୁନାକୁ ଦେଖାଇ ନକଲି ସୁନା ବେପାର କରୁଥିଲା ବେଳେ ଗଞ୍ଜାମ ଜିଲ୍ଲାର ବୈଦ୍ଯନାଥପୁର ଥାନା ଅନ୍ତର୍ଗତ ସେବକନଗର ଗ୍ରାମର କୃଷ୍ଣ ନାୟକଙ୍କୁ ନୀଳଗିରି ର ବିଷ୍ଣୁ ମହାନ୍ତି କମ୍ ଦରରେ ସୁନା ଦେବ କହି ଯୋଗାଯୋଗ କରିଥିଲା। ଯୋଜନା ଅନୁସାରେ କୃଷ୍ଣ ନାୟକ ନୀଳଗିରି ବରହମପୁର ଥାନା ଅନ୍ତର୍ଗତ ତେଲିପାଲ ଅଞ୍ଚଳରେ ପହଞ୍ଚି ଥିଲା। ବିଷ୍ଣୁ ମହାନ୍ତି ସହ ତାର ସମସ୍ତ ସହଯୋଗୀ ଉପସ୍ଥିତିରେ ଷୋହଳ ଲକ୍ଷ ଟଙ୍କା ସୁନା ଦେବା କହି ନେଇ ଆସିଥିଲେ। ମାତ୍ର ନକଲି ସୁନା କୁ ନଦେଇ କୃଷ୍ଣ ନାୟକ ଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ କୃଷ୍ଣ ନାୟକ ଆହତ ଅବସ୍ଥାରେ ନିଜ ଗ୍ରାମକୁ ଯାଇ ନିକଟସ୍ଥ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ପରେ ଠକେଇକୁ ନେଇ ଗତ ସେପ୍ଟେମ୍ବର ୧ ରେ କୃଷ୍ଣ ନାୟକ ଏ ସମ୍ପର୍କରେ ନୀଳଗିରି ବରହମପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୧୨/୨୫) ରୁଜୁ କରି ଖୋଳତାଡ଼ ଆର ଆରମ୍ଭ କରିଥିଲା। ତଦନ୍ତରେ ମୁଖ୍ୟ ନୀଳଗିରି ବାଣପୁର ଗ୍ରାମର ବିଷ୍ଣୁ ମହାନ୍ତିଙ୍କୁ ଅଟକ କଲାପରେ ରାକେଟର ପର୍ଦ୍ଦାଫାଶ ହୋଇଥିଲା।

## ଜିଲ୍ଲା ସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ



**ସୁନ୍ଦରଗଡ଼,୫।୯(ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସୁନ୍ଦରଗଡ଼ ତରଫରୁ ସ୍ଥାନୀୟ ସଂସ୍କୃତି ଭବନ ପ୍ରେକ୍ଷାଳୟ ରେ ସେପ୍ଟେମ୍ବର ୫ ତାରିଖ ଜିଲ୍ଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ସମାରୋହ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଡ଼ା.ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଓଡିଶା ବିଧାନ ସଭାର ଉପ- ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ଲିପିକା ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଯୋଗଦାନ କରି ଗୁରୁଦିବସର ମହନୀୟତା ଉପରେ ଆଲୋକପାତ କରିଥିଲେ ଏବଂ ଶିଶୁର ଉତ୍ତମ ଚରିତ୍ର ଗଠନରେ ଶିକ୍ଷକଙ୍କ ଅତୁଳନୀୟ ଅବଦାନ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ଼ା. ମହାପାତ୍ର ନିଜର ଛାତ୍ର ଜୀବନ ସମୟରେ ଶିକ୍ଷକଙ୍କୁ ନେଇ ନିଜର ଅନୁଭୂତି ବାଣ୍ଟି ଥିଲେ ଏବଂ ପୌରାଣିକ ଯୁଗର ଗୁରୁ ମାନଙ୍କ ଉପରେ ମଧ୍ୟ ଆଲୋକପାତ କରିଥିଲେ। ସେହିଭଳି ସେ କହିଥିଲେ ଯେ, ଗୁରୁ ସର୍ବଦା ନମସ୍ୟ,ଗୁରୁ ବା ଶିକ୍ଷକ ଜଣେ ଛାତ୍ରକୁ ଦିଗଦର୍ଶନ ଦେଇଥାନ୍ତି ଏବଂ ଛାତ୍ରକୁ ଉତ୍ତମ ଭାବେ ଗଢ଼ି ଥାଆନ୍ତି । ପ୍ରଯୁକ୍ତି ବିଦ୍ୟା କିମ୍ବା କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷା କ୍ଷେତ୍ରରେ ସହାୟକ ହୋଇପାରେ କିନ୍ତୁ କଦାପି ଗୁରୁଙ୍କ ବିକଳ୍ପ ନୁହେଁ । ଗୁରୁଙ୍କ ଆଦର୍ଶ ସର୍ବଦା ଅନୁକରଣୀୟ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଭୋଇ ନିଜ ବକ୍ତବ୍ୟ ରଖି କହିଥିଲେ ଯେ, ଉତ୍ତମ ଶିକ୍ଷକ ବା ଗୁରୁଙ୍କ ଦିଗଦର୍ଶନ ବିନା ସମାଜ ଆଗକୁ ବଢ଼ି ପାରେନି।

## ଅମାନବିୟ ଷଣ୍ଢ ପେଟରେ ତେଣ୍ଟା ଭୁଷିଦେଲେ



**କୋରେଇ,୫।୯(ସଂଚାର ବ୍ୟୁରୋ):** କୋରେଇ ବ୍ଲକ୍ ଅନ୍ତର୍ଗତ ବନ୍ଧାଳ ଗ୍ରାମ ପଞ୍ଚାୟତର ଏକ ଅସାମାଜିକ ବ୍ୟକ୍ତି ଏକ ଷଣ୍ଢ ପିଠିରେ ଏକ ମୁନିଆ ଲୁହା ରଡ଼ର ତେଅଣ୍ଟା ଫୁଟାଇ ଷଣ୍ଢଟିକୁ ମରଣାତ୍ମକ ଆକ୍ରମଣ କରି ଲହୁଲୁହାଣ କରି ଦେଇଛି। ଖବରର ସୂଚନା ମୁତାବକ ବନ୍ଧାଳ ଗ୍ରାମ ପଞ୍ଚାୟତର ସନାତନ ଜେନା ନାମକ ଜଣେ ବ୍ୟକ୍ତି ତାଙ୍କର ବିଲରେ ଏକ ଷଣ୍ଢ ବାରମ୍ବାର ଧାନ ଖାଇବାରୁ ଆକ୍ରୋଶ ମୂଳକ ଭାବେ ଷଣ୍ଢଟିକୁ ରାଗି ଯାଇ ଏକ ଲୁହା ତେଅଣ୍ଟା ସାହାଯ୍ୟରେ ତାର ପିଠିକୁ ଭୁସି ଦେଇଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ସ୍ଥାନୀୟ ସରପଞ୍ଚ ବିଷ୍ଣୁ ରଥ ଓ ଗ୍ରାମବାସୀଙ୍କ ସହଯୋଗରେ କୋରେଇ ପଶୁ ଚିକିତ୍ସା ଅଧିକାରୀଙ୍କୁ ଖବର ଦିଆଯାଇଥିଲା। ସଙ୍ଗେ ସଙ୍ଗେ ପଶୁ ଚିକିତ୍ସା ଟିମ ଆସି ଷଣ୍ଢ ଦେହରେ ପଶିଥିବା ମୁନିଆ ଲୁହାର ତେଅଣ୍ଟାକୁ କଟର ସାହାଯ୍ୟରେ କାଟି ବାହାର କରିବା ସହିତ ତାକୁ ଚିକିତ୍ସା କରିଥିଲେ। ଗ୍ରାମବାସିଙ୍କ ସମସ୍ତ ସହଯୋଗରେ ଷଣ୍ଢଟି ଆଜି ତାର ନୂଆ ଜୀବନ ଫେରିପାଇଥିବା ଦେଖିବାକୁ ମିଳିଥିଲା। ଏଥି ସହିତ ଗ୍ରାମବାସୀଙ୍କ ତରଫରୁ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ନେବାପାଇଁ କୋରେଇ ଥାନାର ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଅଛି।

## ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ



**ବେତନଟୀ,୫।୯(ସଂଚାର ବ୍ୟୁରୋ):** ଉତ୍ତମ ଶିକ୍ଷକ ହିଁ ଉତ୍ତମ ଛାତ୍ର ସୃଷ୍ଟି କରିଥାଏ। ଆଞ୍ଚଳିକ ଗୁରୁପୂଜନ କମିଟି, ବେତନଟୀ ତରଫରୁ ବେତନଟୀର ଧର୍ମଶାଳାରେ ୨୦ତମ ଗୁରୁପୂଜନ ସମାରୋହରେ ବକ୍ତାଗଣ ଏହା ପ୍ରକାଶ କରିଛନ୍ତି। ପବିତ୍ର ଗୁରୁଦିବସ ଅବସରରେ ବେତନଟୀ ଆଞ୍ଚଳିକ ଗୁରୁପୂଜନ କମିଟିର ସଭାପତି ପ୍ରକାଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଂଶତମ ଉତ୍ସବରେ ବେତନଟୀ ଓ ବଡ଼ସାହି ବ୍ଲକରୁ ୧୧୫ ଜଣ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏଥିରେ ଯୋଗଦାନ କରିଥିଲେ। ସଂପାଦକ ଅରୁଣ କୁମାର ଓତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ, ପ୍ରାରମ୍ଭିକ ସୂଚନା ଓ ସଂଯୋଜନା କରିଥିଲେ। ଅତିଥି ପରିଚୟ ଓ ମାନପତ୍ର ପଠନ କମିଟିର ସଦସ୍ୟ ସଚ୍ଚିଦାନନ୍ଦ ମହାନ୍ତି କରିଥିଲାବେଳେ ପରିଚାଳନାରେ ସହଯୋଗ ସନ୍ତୋଷ କୁମାର ଖଣ୍ଡା ଓ କମଳଲୋଚନ କର କରି ଥିଲେ। ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାଏକଙ୍କ ଦ୍ୱାରା ୨୦୦୬ ମସିହାରେ ପ୍ରତିଷ୍ଠିତ ଏହି ଗୁରୁପୂଜନ କାର୍ଯ୍ୟକ୍ରମରେ ଉତ୍ତମ ଶିକ୍ଷକ ହୋଇପାରିବେ. କିନ୍ତୁ ଉତ୍ତମ ଗୁରୁ ହେବା କଷ୍ଟକର ବୋଲି ବିଶିଷ୍ଟ ପ୍ରବାଚକ ଭାଗବତ ପଣ୍ଡା ସଭାରେ ମତବ୍ୟକ୍ତ କରିଥିଲେ। ବଡସାହି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଗୁରୁଙ୍କ ଦିଗ ଦର୍ଶନ ବିନା ସଂସାରରେ ଚଳିବା କଷ୍ଟକର ବୋଲି ବ୍ୟକ୍ତ କରିଥିଲେ। ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମ୍ୟାନେଜର ପଙ୍କଜିନୀ ସେଠୀ ଗୁରୁଙ୍କ ସ୍ଥାନ ସର୍ବଦା ଶୀର୍ଷରେ ବୋଲି କହିଥିଲେ।

## ଦିବ୍ୟ ଉର୍ଯ୍ୟା ଯୋଗ ସେବା ସମିତି ପକ୍ଷରୁ ପ୍ରତିଷ୍ଠା ଦିବସ ଓ ନୂଆଁ ଖାଇ ଭେଟ ଘାଟ ପାଳନ



**ସୁବର୍ଣ୍ଣପୁର,୫।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ସ୍ମାର୍ଟ୍ ପାର୍କ ଠାରେ ଦିବ୍ୟ ଉର୍ଯ୍ୟା ଯୋଗ ସେବା ସମିତି ପକ୍ଷରୁ ଅନୁଷ୍ଠାନ ର ପ୍ରତିଷ୍ଠା ଦିବସ ଓ ନୂଆଁ ଖାଇ ଭେଟ ଘାଟ କାର୍ଯ୍ୟ କ୍ରମ ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱୀକୃତି ପାଇଥିବା ଅନୁଷ୍ଠାନ ର ପଞ୍ଜିକରଣ ପତ୍ର କୁ ଜିଲ୍ଲାପାଳ ଙ୍କ ଦ୍ୱାରା ଉନ୍ମୋଚନ କରଯାଇଥିଲା। ଏହି ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ ନୃପ ରାଜ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦେହ ମନ ଓ ନିଜ ସହିତ ଯୋଡ଼ି ହେଲେ ଈଶ୍ୱର ଙ୍କ ସହ ଆପେ ଯୋଡ଼ି ହୋଇ ପରିବା ବୋଲି ମତ ରଖି ଥିଲେ। ଓ ଯୋଗାଭ୍ୟାସ ମାଧ୍ୟମରେ ସହର ତଥା ଗାଁ ଗାଁ ରେ ଯୋଗ ର ପ୍ରଚାର ପ୍ରସାର କରାଇବା ଅନୁଷ୍ଠାନ ର ଏହି ସାମୁହିକ ପ୍ରୟାସ କୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବରେ ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝୀ, ଏ ଡି ଏମ୍ ଓ ଡ଼ା. ଦୁର୍ଗା ଦତ୍ତ ଦାଶ, ଜିଲ୍ଲା ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତ, ଯୋଗ ସେବା ସମିତି ର ସଭାପତି ଗୋପାଳ ନେଗି ଯୋଗ ଦେଇ ଯୋଗ ଅଭ୍ୟାସ ଜାରି ରଖି ରୋଗ ରୁ ମୁକ୍ତି ପାଇବା ପାଇଁ ସଂକଳ୍ପ ନେଇ ଥିଲେ ଓ ପ୍ରତି ଘରେ ଏ ବାର୍ତ୍ତା ପହଞ୍ଚାଇବାକୁ ପରାମର୍ଶ କରିଥିଲେ। ସମସ୍ତ ଅତିଥି ମା ସୁରେଶ୍ୱରୀ ଓ ସର୍ବ ପଲ୍ଲୀ ରାଧା କ୍ରିଷ୍ଣନ ଙ୍କ ଫଟୋ ଚିତ୍ର ରେ ଧୂପ ଦୀପ ପୁଷ୍ପ ଅର୍ପଣ କରି ଥିବା ବେଳେ ସଙ୍ଗୀତକାର ପୁରନ୍ଦର ଠେଲା ଓ ମନୋରଂଜନ ତ୍ରୀପାଠୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧ୍ୟାପକ ମଦନ ସୁନ୍ଦର କ୍ଷେତି ଓ ମିସ୍ ଇତିଶ୍ରୀ ଡ଼ାଙ୍ଗ ସଭା ସଂଯୋଜନା କରିଥିଲେ।

## ବିଭିନ୍ନ ସ୍ଥାନରେ ଗୁରୁଦିବସ ପାଳିତ



**ଦଶରଥପୁର,୫।୯(ସଂଚାର ବ୍ୟୁରୋ):** ପୁର ପଲ୍ଲୀରେ ଆଜି ଡଃ ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଜନ୍ମ ଦିବସକୁ ଗୁରୁଦିବସ ଭାବେ ପାଳନ କରାଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ନୋଡାଲ ଉ.ପ୍ରା ବିଦ୍ୟାଳୟରେ ଗୁରୁଦିବସ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଖଗେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟପ୍ରକାଶ ନାୟକ, ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଉତ୍କଳ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ସ୍ନେହାଞ୍ଜଳି ଯେନା, ସୁଜାତା ସାହୁ ଓ ପରିଚାଳନା କମିଟିର ସଭ୍ୟ ସଭ୍ୟା ମାନେ ଯୋଗ ଦେଇଥିଲେ। ପ୍ରଥମେ ଭାରତର ପୂର୍ବତନ ରାଷ୍ଟ୍ରପତି ଡଃ ରାଧାକ୍ରୀଷ୍ଣନଙ୍କ ପ୍ରତିମୂର୍ତ୍ତିରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଥିଲା। ଗୁରୁ ହିଁ ମଣିଷ ତିଆରି କାରଖାନାର ପ୍ରକୃତ କାରିଗର ତାଙ୍କ ପାଦପଦ୍ମରେ ଯେଉଁ ଶିଷ୍ୟ ନିଜକୁ ସମର୍ପି ଦେଇଛି ସେ ହିଁ ପ୍ରକୃତ ଶିଷ୍ୟ ଆଉ ସେମିତି ଛାତ୍ରଛାତ୍ରୀ ନିଶ୍ଚିତ ଭଲ ମଣିଷ ହୋଇପାରିବ ବୋଲି ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକ ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟ ମାନଙ୍କ ବକ୍ତବ୍ୟ ପରେ ଛାତ୍ରଛାତ୍ରୀ ମାନେ ଗୁରୁ ଓ ଗୁରୁମା ମାନଙ୍କୁ ପୁଷ୍ପମାଲ୍ୟ, ଚନ୍ଦନ, ସିନ୍ଦୁର ଲଗାଇ ପୂଜା କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ଖୁଆଇ ଆଶୀର୍ବାଦ କାମନା କରିଥିଲେ।ସେହିପରି ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଗୁରୁଦିବସ ବେଶ ଧୁମ ଧାମରେ ପାଳିତ ହୋଇଯାଇଥିବା ଦେଖିବା ପାଇଁ ମିଳିଛି।

## ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ଗୁରୁ ଦିବସ ପାଳିତ

**ନବରଙ୍ଗପୁର,୫।୯(ସଂଚାର ବ୍ୟୁରୋ):** ରିଖ ଶୁକ୍ରବାର ଦିନ ମେଦ୍ରୀସାହି ସ୍ଥିତ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିର ଠାରେ ମହା ସମାରୋହରେ ବିଶିଷ୍ଟ ଶିକ୍ଷାବିତ୍, ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ଗୁରୁ ଦିବସ ରୂପେ ପାଳନ କରାଯାଇଥିଲା । ସଭା ଆରମ୍ଭରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫୋଟ ଚିତ୍ର ସାମନାରେ ମୁଖ୍ୟ ଅତିଥି ଧୂପ, ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ମୁଖ୍ୟ ଅତିଥି କ୍ରୀଡ଼ା ସଂଘର ସମ୍ପାଦକ, କିନ୍ନର ସଂଘର ସଭାପତି ତଥା ଜଣେ ସୁବକ୍ତା ଲେଖକ ଓ ଟେଲି ଫିଲ୍ମର ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇ ଆଜିର ଦିନର ମହତ୍ତ୍ୱ ବିଷୟରେ ଶିଶୁ ମାନଙ୍କୁ ବହୁତ ପ୍ରକାର ଉପଦେଶ ଦେଇ ମାର୍ଗ ଦର୍ଶନ କରିଥିଲେ । ଗୁରୁ ହେଉଛନ୍ତି ଅନ୍ଧାରରୁ ଆଲୋକର ମାର୍ଗ ଦେଖାଇଥାନ୍ତି ଓ ରାସ୍ତା ସଦୃଶ୍ୟ ରାସ୍ତାରେ ଅନେକ ଯାତ୍ରୀ ଯାତ୍ରା କରନ୍ତି କିନ୍ତୁ ରାସ୍ତା ନିଜ ଜାଗାରେ ରହିଥାଏ ସେହିପରି ଗୁରୁ ମଧ୍ୟ ଅନେକ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ କଲାପରେ ସେମାନେ ଆଗକୁ ବାଢ଼ନ୍ତି ବା ସଫଳତାରେ ପହଞ୍ଚନ୍ତି ।

## ବିପଦସଙ୍କୁଳ ବ୍ରିଟିଶ ଅମଳ ପୋଲ

● ରକ୍ଷଣାବେକ୍ଷଣ ଅଭାବରୁ ଘାରୁଛି ଭୁଶୁଡ଼ିବା ଭୟ



**ବୈପାରୀଗୁଡ଼ା, ୫।୯(ସଂଚାର ବ୍ୟୁରୋ):** ବିପଦକୁ ଡାକୁଛି କୋଲାବ ବ୍ରିଜ୍। ରକ୍ଷଣାବେକ୍ଷଣ ଅଭାବରୁ ପୋଲର ଅବସ୍ଥା ଏମିତି ହୋଇଛି ଯେ କେତେବେଳେ କ'ଣ ଅଘଟଣ ଘଟିବ କହିହେଉନାହିଁ, ଯାହାକୁ ନେଇ ଏକାଠି ହୋଇଛନ୍ତି ବ୍ରିଜ୍ ସୁରକ୍ଷା ମଞ୍ଚ। କୋଲାବ ବ୍ରିଜ୍। ୧୯୩୧ ମସିହାରେ ବ୍ରିଟିଶ ଅମଳରେ ଲୁହାରେ ନିର୍ମିତ ହୋଇଥିଲା ଏହି ବ୍ରିଜ୍ । ରକ୍ଷଣାବେକ୍ଷଣ ଅଭାବରୁ ଏହା ଶୋଚନୀୟ ହୋଇପଡ଼ିଛି। ପୋଲ ସାରା ଖାଲଖମା । କେତବେଳେ କ'ଣ ଘଟିବ ତାହା କହିହେବନି। ପ୍ରଶାସନର ଏହା ଉପରେ ନଜର ଥାଇ ମଧ୍ୟ ସୁରକ୍ଷା ଦିଗରେ ଧ୍ୟାନ ଦିଆଯାଉନଥିବା ଅଭିଯୋଗ ଆସିଛି । ବୈପାରିଗୁଡ଼ା ଓ ଲମତାପୁଟ ବ୍ଲକର କିଛି ଯୁବକ ଏକ ସଂଗଠନ ଗଠନ କରି ପୋଲର ସୁରକ୍ଷା ପାଇଁ ଆଗେଇ ଆସିଛନ୍ତି ।

ଏକତ୍ରିତ ହୋଇ ଆୟୋଜନ କରିଛନ୍ତି ବ୍ରିଜ୍ ବଞ୍ଚାଅ ରାଲି । କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର, ମାଛକୁଣ୍ଡ ଜଳପ୍ରପାତ ଭଳି ସ୍ଥାନକୁ ଏହି ପୋଲ ଦେଇ ପର୍ଯ୍ୟଟକ ଆସିଥାନ୍ତି। ପ୍ରତିଦିନ ହଜାର ହଜାର ଯାନବାହନ ଚଳାଚଳ କରିଥାଏ। ତେଣୁ ଏହାର ସୁରକ୍ଷା ପାଇଁ ଆହ୍ୱାନ ଦେଇଛନ୍ତି କୋଲାବ ବ୍ରିଜ୍ ସୁରକ୍ଷା ମଞ୍ଚ । ରାଞ୍ଚି ବିଜୟଓ୍ବାଡ଼ା ୩୨୬ ନମ୍ବର ଜାତୀୟ ରାଜପଥର ମେରୁଦଣ୍ଡ ହେଉଛି କୋଲାବ ବ୍ରିଜ୍। ଏହା ଭୁଶୁଡ଼ିଲେ ମାଲକାନଗିରି ସମେତ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଏବଂ ତେଲେଙ୍ଗାନା ରାଜ୍ୟକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିବ ।

● ନୀଳଗିରି ବଉଳଗଡ଼ିଆ ରାସ୍ତା ମରଣଯନ୍ତା

## ବାରମ୍ବାର ଦାବି ହୋଇଥିଲେବି କେହି ଧ୍ୟାନ ଦେଉନାହାନ୍ତି



**ନୀଳଗିରି,୫।୯(ସଂଚାର ବ୍ୟୁରୋ):** ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡ଼ିଆ (ପି.ଡବ୍ଲ୍ୟୁ.ଡି) ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଯୋଗ କରୁଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ ପିଠକୁ। ସେମାନେ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର, କୁଲଡିହା ବୁଲିବାକୁ ଆସିବାବେଳେ ପଞ୍ଚଲିଙ୍ଗେଶ୍ୱର ପିଠକୁ ଆସିବାକୁ ଭୁଲନ୍ତି ନାହିଁ। ମାତ୍ର ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ପାଇଁ ସରକାର ଉଦାସୀନ ରହିବା ପରିତାପର ବିଷୟ। ନୀଳଗିରି ବଉଳଗଡ଼ିଆ ରାସ୍ତା ଅବସ୍ଥା ଏବେ ବେହାଲ୍ ହୋଇ ପଡ଼ିଛି। ଦୈନିକ ଉକ୍ତ ରାସ୍ତା ଦେଇ ବଡ଼ ବଡ଼ ଭାରିଯାନ ଯିବାଆସିବା କରିବା ସହ ବାରିପଦା ରୁ ଭୁବନେଶ୍ୱର ବହୁ ଲୋକ ଯାତାୟତ କରନ୍ତି। ରାସ୍ତା ମରଣଯନ୍ତା ପାଲଟିଥିବା ଫଳରେ ଉକ୍ତ ରାସ୍ତାଉପରେ ନିର୍ଭର କରି ଯାତାୟାତ କରୁଥିବା ସାଧାରଣ ଲୋକ, ଛୋଟବଡ଼ ଯାନବାହାନ, ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ଦୁର୍ଘଟଣାରେ ବହୁ ଲୋକ ଶିକାର ହେଉଛନ୍ତି। ମାତ୍ର ରାସ୍ତାର ଦୂରାବସ୍ଥା ପାଇଁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ସୂଚନା ଅନୁଯାୟୀ ୨୦୨୩ ମସିହା ମାର୍ଚ୍ଚ ମାସ ୧୬ ତାରିଖରେ ୨୮ କୋଟି ୪୧ ଲକ୍ଷ ୫୦ ହଜାରଟଙ୍କା ଉକ୍ତ ରାସ୍ତାପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁରପ୍ରାପ୍ତ ହୋଇ କାର୍ଯ୍ୟାଦେଶ ମିଳିଥିଲା।